# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଜୁନ୍ ୧୮/୨୦୧୯ (୧୬ ପୃଷ୍ଠା) | Sambalpur, Tuesday, June 18 / 2019 | ★★

୧୫ଶ ଭାଗ ୧୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଟାଇଟଲ୍ ସଙ୍ଗରେ ଶ୍ରେୟା**

ଆଗାମୀ ଫିଲ୍ମ 'ହମେ ତୁମ୍‌ସେ ପ୍ୟାର୍ କିତ୍‌ନା' ପାଇଁ ଏକ ଲଭ୍‌ସଙ୍ଗ୍ ଗାଇଛନ୍ତି ସୋନୁ ନିଗମଙ୍କ ସହିତ ଗାୟିକା ଶ୍ରେୟା ଘୋଷାଲ। **୦୨**

୦୨

**୧୪** **ସାଇ ହୋପ୍‌ଙ୍କ ଦୃଢ଼ ବ୍ୟାଟିଂ**

ଆଇସିସି ବିଶ୍ୱକପର ଟଣ୍ଟନଠାରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ମ୍ୟାଚରେ ୯୬ ରନ କରି ୱେଷ୍ଟଇଣ୍ଡିଜର ବୃହତ ସ୍କୋରରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ସାଇ ହୋପ୍।





ହାତୀବେଶରେ ସଜ୍ଜିତ ହୋଇଛନ୍ତି ଶ୍ରୀଜୀଉ।

# ହାତୀବେଶରେ ମହାପ୍ରଭୁ

**ପୁରୀ ଅଫିସ,୧୭।୬**

- ଦର୍ଶନ କଲେ ଲକ୍ଷାଧିକ ଭକ୍ତ
- ସଅଳ ହେଲା ନୀତିକାନ୍ତି
- ଅଣସରରେ ଚତୁର୍ଦ୍ଧାବିଗ୍ରହ
- ବାତ୍ୟା, ଖରା ପ୍ରଭାବରୁ କମିଲେ ଭକ୍ତ

ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଦୁର୍ଲ୍ଲଭ ହାତୀବେଶରେ ଦର୍ଶନ ଦେଇଛନ୍ତି ଦାରୁଦିଅଁ। ସ୍ନାନବେଦିରେ ମହାପ୍ରଭୁଙ୍କ ଗଜାନନ ବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି ଲକ୍ଷାଧିକ ଭକ୍ତ। ସ୍ନାନମଣ୍ଡପରେ ୧୦୮ ଗଡୁ ଅଭିମନ୍ତ୍ରିତ ଜଳରେ ସ୍ନାନ କରି ବିଳମ୍ବିତ ରାତିରେ ଅଣସର ଗୃହକୁ ବିଜେ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ମହାପ୍ରଭୁଙ୍କ ଏହି ସ୍ନାନଯାତ୍ରା ଲାଗି ସୋମବାର ଚଳଚଞ୍ଚଳ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର। ତେବେ ପ୍ରବଳ ଖରା ଓ ବାତ୍ୟାର ପ୍ରଭାବ ଯୋଗୁ ବିଗତ ବର୍ଷଗୁଡ଼ିକ ଅପେକ୍ଷା ଚଳିତବର୍ଷ ଭକ୍ତଙ୍କ ସଂଖ୍ୟା କମ୍ ରହିଥିଲା। ଅନ୍ୟପକ୍ଷରେ ସଅଳ ନୀତିକାନ୍ତି ଯୋଗୁ ସୁରୁଖୁରରେ ସରିଛି ରଥଯାତ୍ରାର ଏହି ଆଦ୍ୟପର୍ବ।

ରବିବାର ସେନାପଟା ଲାଗି ଶେଷ ପାଇଁ ପୂର୍ବାହ୍ନ ସାଢେ ୧୦ଟା ସମୟ ନିର୍ଘଣ୍ଟ ହୋଇଥିବାବେଳେ ଏହା ଅପରାହ୍ନ ସାଢେ ୧ଟାରେ ସରିଥିଲା। ଚତୁର୍ଦ୍ଦଶୀରେ ଅଧିକ ନୀତି ଯୋଗୁ କେତେକ ନୀତି ଏପରି କି ପହୁଡ଼ ସମ୍ଭବ ହୋଇପାରି ନ ଥିଲା। କିନ୍ତୁ ମହାପ୍ରଭୁଙ୍କ ସ୍ନାନଯାତ୍ରା ପାଇଁ ସମସ୍ତେ ନିଜକୁ ପ୍ରସ୍ତୁତ କରିଥିଲେ। ସୋମବାର ଭୋର ୫ଟା ୧୦ରେ ମଙ୍ଗଳାର୍ପଣ ନୀତି ପରେ ୫ଟା ୨୦ରେ ବାଜିଥିଲା ବିଜେ କାହାଳୀ। ଏହାପରେ ଆରମ୍ଭ ହୋଇଥିଲା ପହଣ୍ଡି ବିଜେ। ଧାଡ଼ି ପହଣ୍ଡିରେ ପ୍ରଥମେ ଶ୍ରୀସୁଦର୍ଶନ, ତା'ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ନାନମଣ୍ଡପକୁ ବିଜେ କରିଥିଲେ। ପହଣ୍ଡି ସକାଳ ୭ଟା ୪୦ରେ ଶେଷ ହୋଇଥିଲା। ମଦନମୋହନଙ୍କୁ ୮ଟା ୨୨ରେ ମହାଜନ ସେବକ ସ୍ନାନମଣ୍ଡପକୁ ବିଜେ କରାଇଥିଲେ। ସକାଳ ୭ଟାରେ ମଙ୍ଗଳ ଆଳତି ନୀତି ନିର୍ଘଣ୍ଟ ହୋଇଥିଲାବେଳେ ୮ଟା ୪୫ରେ ଏହା ସମ୍ପନ୍ନ ହୋଇଥିଲା। ମଇଲମ, ତଡ଼ପଲାଗି, ଅଧରପୋଛା ନୀତି ସରି ପୂର୍ବାହ୍ନ ୧୦ଟାରେ ଅବକାଶ ନୀତି ହୋଇଥିଲା। ଏହାପରେ ରୋଷହୋମ, ସୂର୍ଯ୍ୟପୂଜା ବଢି

☞ପୃଷ୍ଠା-୪

## ଆରମ୍ଭ ହେଲା ସଂସଦର ବଜେଟ ଅଧିବେଶନ

# ପ୍ରଥମ ଦିନରେ ଶପଥଗ୍ରହଣ

**ନୂଆଦିଲ୍ଲୀ,୧୭।୬**

- ବୀରେନ୍ଦ୍ର କୁମାର କାମଚଳା ବାଚସ୍ପତି
- ୧୯ରେ ବାଚସ୍ପତି ନିର୍ବାଚନ
- ୨୦ରେ ରାଷ୍ଟ୍ରପତିଙ୍କ ଅଭିଭାଷଣ
- ସଂସ୍କୃତରେ ଶପଥପାଠ କଲେ ପ୍ରତାପ ଷଡ଼ଙ୍ଗୀ



ସପ୍ତଦଶ ଲୋକ ସଭାର ପ୍ରଥମ (ବଜେଟ) ଅଧିବେଶନ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ନୂଆ ଲୋକ ସଭାର ସଦସ୍ୟମାନେ ଏହି ଅବସରରେ ଶପଥଗ୍ରହଣ କରିଛନ୍ତି। ଶପଥଗ୍ରହଣ ଲାଗି ମୋଦିଙ୍କ ନାମ ଡକାଯିବା ପରେ ଏନ୍‌ଡିଏ ସଦସ୍ୟମାନେ ଗୃହରେ 'ମୋଦି ମୋଦି' ଓ 'ଭାରତ ମାତା କି ଜୟ' ସ୍ଲୋଗାନ ଦେବା ସହ ଡେସ୍କ ବାଡ଼େଇ ତାଙ୍କୁ ସ୍ୱାଗତ କରିଥିଲେ। କାମଚଳା ବାଚସ୍ପତିଭାବେ ବୀରେନ୍ଦ୍ର କୁମାର ପ୍ରଥମେ ପଦଭାର ଗ୍ରହଣ କରି ନବନିର୍ବାଚିତ ସଦସ୍ୟଙ୍କୁ ଶପଥପାଠ କରାଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଶପଥଗ୍ରହଣ କରିଥିଲେ। ପରେ ଲୋକ ସଭାର ଅନ୍ୟ ସଦସ୍ୟମାନଙ୍କୁ କାମଚଳା ବାଚସ୍ପତି ଶପଥଗ୍ରହଣ କରାଇଥିଲେ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସାମାନ୍ୟ ବିଳମ୍ବରେ ଗୃହରେ ପହଞ୍ଚିଥିବାବେଳେ ଇଂଲିଶରେ ଶପଥଗ୍ରହଣ କରିଥିଲେ। ଅମେଠିରୁ ରାହୁଲଙ୍କୁ ପରାଜିତ କରିଥିବା ସ୍ମୃତି ଇରାନି ଶପଥପାଠ କଲାବେଳେ ଲମ୍ବା କରତାଳି ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ଅନ୍ୟମାନେ ଡେସ୍କ ବାଡେଇ ତାଙ୍କୁ ସ୍ୱାଗତ କରିଥିଲେ। ପଶ୍ଚିମବଙ୍ଗରୁ କେନ୍ଦ୍ରମନ୍ତ୍ରୀ ହୋଇଥିବା ବାବୁଲ ସୁପ୍ରିୟୋ ଓ ଦେବଶ୍ରୀ ଚୌଧୁରୀଙ୍କୁ ଶପଥଗ୍ରହଣ ଲାଗି ଡକାଯିବା ପରେ ଭାଜପା ସାଂସଦମାନେ 'ଜୟ ଶ୍ରୀରାମ' ସ୍ଲୋଗାନ୍ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ। ସଦସ୍ୟମାନେ ବିଭିନ୍ନ ବେଶଭୂଷାରେ ଆସିଥିବାବେଳେ ବିଭିନ୍ନ ଭାଷାରେ ଶପଥପାଠ କରିଥିଲେ। କେତେକେ ହିନ୍ଦୀ, ସଂସ୍କୃତ ଓ ଇଂଲିଶ ଭାଷାରେ ଶପଥଗ୍ରହଣ କରିଥିବାବେଳେ ଆଉ କେତେକେ ଆଞ୍ଚଳିକ ଭାଷାରେ ଶପଥ ନେଇଥିଲେ। ଓଡ଼ିଶାର ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ସଂସ୍କୃତରେ ଶପଥପାଠ କରିଥିବା ଦେଖିବାକୁ ମିଳିଥିଲା। ନବନିର୍ବାଚିତ ସାଂସଦଙ୍କ ଶପଥଗ୍ରହଣ ସମାରୋହ ଦୁଇଦିନ ଧରି ଚାଲିବ।

ଜୁନ୍ ୧୯ରେ ଲୋକ ସଭା ବାଚସ୍ପତି ପଦ ଲାଗି ନିର୍ବାଚନ କରାଯିବ। ୨୦ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସଂସଦର ମିଳିତ ଅଧିବେଶନରେ ଉଦ୍‌ବୋଧନ ଦେବେ। ଏହାପରେ ବଜେଟ ନେଇ ଆଲୋଚନା କରାଯିବ। ସରକାର ତିନି ତଲାକ୍ ବିଲ୍ ସହ ଅନ୍ୟ ପ୍ରମୁଖ ଏଜେଣ୍ଡା ସମ୍ପର୍କରେ ଆଲୋଚନା କରିବାର ମଧ୍ୟ ସମ୍ଭାବନା ରହିଛି।

ବଜେଟ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ବିରୋଧୀ ଦଳଙ୍କ ସହଯୋଗ କାମନା କରିଛନ୍ତି। ଦେଶର ହିତ ଲାଗି ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି। ସଂଖ୍ୟାକୁ ନେଇ ଚିନ୍ତା କରିବାର ଆବଶ୍ୟକତା ନାହିଁ, ଆପଣମାନଙ୍କ ପ୍ରତ୍ୟେକ କଥା ସରକାର ଲାଗି ଗୁରୁତ୍ୱପୂର୍ଣ୍ଣ ବୋଲି

ପ୍ରଧାନମନ୍ତ୍ରୀ କହିଛନ୍ତି। ସଂସଦ ଚଳାଇବାରେ ବିରୋଧୀଙ୍କ ପ୍ରମୁଖ ଭୂମିକା ରହିଆସିଛି ବୋଲି ସେ ପ୍ରକାଶ କରିଛନ୍ତି। ଦଳମତ ନିର୍ବିଶେଷରେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଆଗାମୀ ୫ ବର୍ଷ ସଂସଦର ଗରିମା ରକ୍ଷା ଲାଗି ପ୍ରୟାସ କରିବାକୁ ସେ ଅନୁରୋଧ କରିଛନ୍ତି।

**ଆଜିର ସମ୍ପାଦକୀୟ**

**ପିମ୍ପୁଡ଼ି ଦଳିଦେଲୁ**

**ଆଜିର ମନ୍ତବ୍ୟ**

"ବିରୋଧୀ ଦଳ ସଂଖ୍ୟାକୁ ନେଇ ଚିନ୍ତା କରନ୍ତୁନାହିଁ, ସେମାନଙ୍କର ପ୍ରତିଟି ଶବ୍ଦ ମୂଲ୍ୟବାନ।"

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ୧.୩୫ ଲକ୍ଷ କୋଟି ଟପିପାରେ ରାଜ୍ୟ ବଜେଟ୍

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

- ପର୍ଯ୍ୟଟନ, ବିପର୍ଯ୍ୟୟ ପ୍ରଶମନ, କ୍ଷୁଦ୍ର ଜଳସେଚନଗୁଡ଼ିକୁ ଅଗ୍ରାଧିକାର ଦେବାକୁ ଅର୍ଥ ବିଶେଷଜ୍ଞଙ୍କ ପରାମର୍ଶ

ଆସନ୍ତା ୨୮ ତାରିଖରେ ବିଧାନସଭାରେ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ବଜେଟ ଉପସ୍ଥାପନ କରାଯିବ। ଏ ନେଇ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି। ଆସନ୍ତା ବଜେଟ ୧ ଲକ୍ଷ ୩୫ ହଜାର କୋଟି ଟଙ୍କାକୁ ଟପିଯିବ ବୋଲି ଅନୁମାନ କରାଯାଇଛି। ବଜେଟକୁ କିପରି ଲୋକାଭିମୁଖୀ କରିହେବ ସେନେଇ ଅର୍ଥ ବିଭାଗ ପକ୍ଷରୁ ବିଭିନ୍ନ ବର୍ଗର ଲୋକମାନଙ୍କ ନିକଟରୁ ଜୁନ୍ ୪ରୁ ୧୫ ତାରିଖ ମଧ୍ୟରେ ମତାମତ ଲୋଡ଼ା ଯାଇଥିଲା। ହ୍ୱାଟସ୍‌ଆପ୍, ଇ-ମେଲ ଏବଂ ଏସ୍‌ଏମ୍‌ଏସ୍ ମାଧ୍ୟମରେ ମତାମତ ଦେବାକୁ ଅନୁରୋଧ କରାଯାଇଥିଲା। ମତାମତଗୁଡ଼ିକୁ ତର୍ଜମା କରାଯାଉଛି। ବଜେଟ ଉପସ୍ଥାପନ ପୂର୍ବରୁ ସୋମବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରାକ୍ ବଜେଟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଅର୍ଥମନ୍ତ୍ରୀ, ଅର୍ଥ ସଚିବ, ବିଶିଷ୍ଟ ଅର୍ଥନୀତିଜ୍ଞ, ଅର୍ଥନୈତିକ ଅନୁଷ୍ଠାନ, ରିଜର୍ଭ ବ୍ୟାଙ୍କ, ନାବାର୍ଡ, କୃଷି, ଶିଳ୍ପ, ବାଣିଜ୍ୟ ଏବଂ ବିଭିନ୍ନ ଶ୍ରମିକ ସଂଗଠନର ପ୍ରତିନିଧିମାନେ ଯୋଗଦେଇ ନିଜର ମତାମତ ଦେଇଛନ୍ତି। ବଜେଟର ରୂପରେଖ ପ୍ରସ୍ତୁତି କରିବାକୁ ବିଭିନ୍ନ ବର୍ଗର ଲୋକମାନଙ୍କଠାରୁ ମତାମତ ଲୋଡ଼ାଯାଇଥିଲା। ସେ ସବୁ ବିଭାଗୀୟ ଅଧିକାରୀମାନେ ସଂଗ୍ରହ କରିଛନ୍ତି। ବଜେଟ ପ୍ରସ୍ତୁତି ସମୟରେ ସମସ୍ତ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଏକ ଜନକଲ୍ୟାଣକାରୀ ବଜେଟ ପ୍ରସ୍ତୁତ କରାଯିବ ବୋଲି ଅର୍ଥମନ୍ତ୍ରୀ

☞ପୃଷ୍ଠା-୪

- ମଣ୍ଡିରୁ ଧାନ ଉଠୁନି, ତାତିଲେ ଚାଷୀ

# ଏକକାଳୀନ ୪ ସ୍ଥାନରେ ରାସ୍ତାରୋକୋ

**ନୂଆପଡା ଅଫିସ,୧୭।୬**

**୭ ଘଣ୍ଟା ଜାତୀୟ ରାଜପଥ ଅବରୋଧ**



ଖରିଆରରୋଡ (ଗୋତମା) ନିକଟରେ ଚାଷୀମାନେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି ।

ଆଗକୁ ବର୍ଷାଋତୁ । ଏବେ କାଳବୈଶାଖୀ ବର୍ଷାରେ ଭିଜୁଛି ମଣ୍ଡିରେ ପଡ଼ିଥିବା ଧାନ । ସେଥିରୁ ବହୁ ବସ୍ତା ଓଦା ହୋଇଛି। ଧାନ ଗଜା ହେବାରେ ଲାଗିଛି। ମିଲର୍ସମାନେ କଟନିଛଟନି ଦାବିରେ ମଣ୍ଡିରୁ ଧାନ ଉଠାଉନାହାନ୍ତି । ଏଭଳି ସ୍ଥିତିରେ ବିଭିନ୍ନ ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡିରହିଛି। ଚାଷୀମାନେ ବାରମ୍ବାର ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି । ଶେଷରେ ସୋମବାର ରାସ୍ତାକୁ ଓହ୍ଲାଇଛନ୍ତି ଚାଷୀ। ଏକକାଳୀନ ନୂଆପଡ଼ା ଜିଲାର ଖରିଆରରୋଡ, ତରବୋଡ, ଜଡାମୁଣ୍ଡା ଏବଂ ବେଲଟୁକୁରୀଠାରେ ଚାଷୀମାନେ ଜାତୀୟ ରାଜପଥରେ ଧାନବସ୍ତା ରଖି ଦୀର୍ଘ ୭ ଘଣ୍ଟା ଧରି ଅବରୋଧ କରିଥିଲେ। ଚାଷୀ ଅସନ୍ତୋଷ ଉଗ୍ରରୂପ ନେଇଥିଲା। ଏଥିଯୋଗୁ ଜିଲାବ୍ୟାପୀ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ପ୍ରଶାସନ ହସ୍ତକ୍ଷେପ ପରେ ଏହି ବିବାଦର ସମାଧାନ ହୋଇଛି। ଧାନ ଉଠାଣ ଆରମ୍ଭ ହୋଇଛି।

ଗତ ମାସ ୨୦ ତାରିଖଠାରୁ ରବି ଧାନକିଣା ସକାଶେ ମଣ୍ଡି ଆରମ୍ଭ ହୋଇଥିଲା। କିନ୍ତୁ ମିଲର୍ସମାନେ ନିଜ ମର୍ଜିରେ ମଣ୍ଡିକୁ ଯାଉଥିବାରୁ ଧାନକିଣା ବାଧାପ୍ରାପ୍ତ ହୋଇଛି। ଫଳରେ ମଣ୍ଡିରେ ଧାନସବୁ ପଡିରହିଛି । ଜିଲାର ଡୁମେରପାଣି ମଣ୍ଡିରେ ୬ ହଜାର ବସ୍ତା ଧାନ ପଡିରହିଥିବାବେଳେ ବେଲଟୁକୁରୀରେ ୪ ହଜାର ବସ୍ତା, ତରବୋଡ ଓ ଜଡାମୁଣ୍ଡା ମଣ୍ଡିରେ ୫ ହଜାର ବସ୍ତା

☞ପୃଷ୍ଠା-୪








NECC NATIONAL EGG CO-ORDINATION COMMITTEE | 17.06.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 112 | 173 | 183 |
| CTC | 112 | 173 | 183 |
| DKL | 112 | 173 | 183 |
| BDK | 112 | 173 | 183 |
| BLS | 112 | 173 | 183 |
| ANG | 112 | 173 | 183 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers





" ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଡାକ୍ତର ଓ କର୍ମଚାରୀମାନଙ୍କ ସୁରକ୍ଷା ଲାଗି କେନ୍ଦ୍ରୀୟ ଆଇନ ପ୍ରଣୟନ ପ୍ରସଙ୍ଗର ପୁନର୍ବିଚାର କରିବେ ସରକାର ।

- ହର୍ଷ ବର୍ଦ୍ଧନ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ



ପାର୍ଲାମେଣ୍ଟ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି ।



ଲୋକ ସଭାର କାମଚଳା ବାଚସ୍ପତି ବୀରେନ୍ଦ୍ର କୁମାର ଗୃହରେ ଅଧ୍ୟକ୍ଷତା କରୁଛନ୍ତି ।



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଲୋକ ସଭା ସଦସ୍ୟ ଭାବେ ଶପଥ ନେଉଛନ୍ତି ।

## ସଂକ୍ଷେପରେ

### ଏମ୍ସ ଡାକ୍ତରଙ୍କୁ ମାଡ଼

**ନୂଆଦିଲ୍ଲୀ,୧୭।୬(ପି.ଟି.):** ପଶ୍ଚିମବଙ୍ଗରେ ଦୁଇ ଜଣ ଡାକ୍ତରଙ୍କୁ ମାଡ଼ ଘଟଣା ପ୍ରତିବାଦରେ ଦେଶବ୍ୟାପୀ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇବା ସହ ସୋମବାର କାର୍ଯ୍ୟବନ୍ଦ କରିଥିବାବେଳେ ଦିଲ୍ଲୀର ଏମ୍ସ ଟ୍ରମା ସେଣ୍ଟର ଆଶୁ ଚିକିତ୍ସା ୱାର୍ଡରେ ଜଣେ ଜୁନିୟର ଡାକ୍ତରଙ୍କୁ ମାଡ଼ ହୋଇଛି। ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ରୋଗୀଙ୍କ ସମ୍ପର୍କୀୟମାନେ ଜୁନିୟର ଡାକ୍ତରଙ୍କ ସହ ପାଟିତୁଣ୍ଡ କରିବା ପରେ ମାଡ଼ ମାରିଥିଲେ। ଏହାର ପ୍ରତିବାଦରେ ଟ୍ରମା ସେଣ୍ଟର ପରିସରରେ ଉକ୍ତ ଡାକ୍ତରଙ୍କ ସହକର୍ମୀମାନେ ଧର୍ମଘଟରେ ବସିଥିଲେ। ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ସେମାନେ କାର୍ଯ୍ୟ ବନ୍ଦ କରିଛନ୍ତି। ବହିର୍ବିଭାଗ ରୋଗୀ ସେବା, ନିୟମିତ ଅପରେଶନ ଥିଏଟର ଏବଂ ୱାର୍ଡ ପରିଦର୍ଶନ ବନ୍ଦ ରହିଥିବା ଏମ୍ସ ଆବାସିକ ଡାକ୍ତର ସଂଘ (ଆରଡିଏ) ପକ୍ଷରୁ କୁହାଯାଇଛି।

### ଏନ୍‌କାଉଣ୍ଟର ବେଳେ ମେଜର ଶହୀଦ

**ଶ୍ରୀନଗର,୧୭।୬(ପି.ଟି.):** ଦକ୍ଷିଣ କଶ୍ମୀରରେ ସୋମବାର ଆତଙ୍କବାଦୀଙ୍କ ସହ ଏନ୍‌କାଉଣ୍ଟର ବେଳେ ଜଣେ ସେନା ମେଜର ଶହୀଦ ହୋଇଛନ୍ତି। ଏହି ଗୁଳିବିନିମୟ ବେଳେ ଅନ୍ୟ ଜଣେ ସେନା ଅଧିକାରୀ ଓ ୨ ଯବାନ ଆହତ ହୋଇଥିବା ଜଣାପଡ଼ିଛି। ଅନନ୍ତନାଗ ଜିଲାର ଅଚାବଲ ଅଞ୍ଚଳରେ ଆତଙ୍କବାଦୀ ଓ ସୁରକ୍ଷାବଳ ମଧ୍ୟରେ ଏନ୍‌କାଉଣ୍ଟର ହୋଇଥିଲା। ଆହତ ଅଧିକାରୀ ଓ ଯବାନଙ୍କୁ ଶ୍ରୀନଗରସ୍ଥିତ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଚାବଲ ଅଞ୍ଚଳର ବିଦୁରା ଗ୍ରାମରେ ଆତଙ୍କବାଦୀମାନେ ଆତ୍ମଗୋପନ କରିଥିବା ଗୋଇନ୍ଦା ସୂଚନା ଆଧାରରେ ସୋମବାର ସକାଳେ ରାଷ୍ଟ୍ରୀୟ ରାଇଫଲ୍ସ ବାହିନୀର ଯବାନ ଏବଂ ରାଜ୍ୟ ପୋଲିସର ସ୍ୱତନ୍ତ୍ର ଅପରେଶନ୍ ଗ୍ରୁପ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରିଯାଇ ତଲାସୀ ଅଭିଯାନ ଆରମ୍ଭ କରିଥିଲେ। ତେବେ ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଗୁଳି ଚଳାଇବାରୁ ସୁରକ୍ଷା ବାହିନୀ ଏହାର ଜବାବ ଦେଇଥିଲା। ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ଜବତ ହୋଇଥିବାବେଳେ ପରିଚୟ ମିଳିନାହିଁ।

### ନାଇଜେରିଆରେ ବିସ୍ଫୋରଣ: ୩୦ ମୃତ

**କାନୋ,୧୭।୬(ଏଏଫ୍‌ପି):** ନାଇଜେରିଆର ଉତ୍ତର-ପୂର୍ବ ଭାଗରେ ୩ ଆତ୍ମଘାତୀ ବିସ୍ଫୋରଣରେ ୩୦ ଜଣଙ୍କ ମୃତ୍ୟୁ ଘଟିବା ସହିତ ୪୦ ଆହତ ହୋଇଛନ୍ତି। ଏହି ଆକ୍ରମଣ ପାଇଁ କୌଣସି ଗୋଷ୍ଠୀ ନିଜକୁ ଦାୟୀ କରି ନ ଥିଲେ ହେଁ ବୋକୋ ହାରାମ ଜିହାଦୀ ଗ୍ରୁପ୍ ଦ୍ୱାରା ଏହା କରାଯାଇଥିବା ସୂଚନା ମିଳୁଛି। ବୋର୍ନୋ ଷ୍ଟେଟ୍ କ୍ୟାପିଟାଲ ମାଇଡୁଗୁରିଠାରୁ ୩୮ କିଲୋମିଟର ଦୂର କୋଣ୍ଡୁଗାଠାରେ ଫୁଟବଲ୍‌ପ୍ରେମୀମାନେ ଟିଭିରେ ମ୍ୟାଚ୍ ଦେଖୁଥିବାବେଳେ ଆତ୍ମଘାତୀ ବିସ୍ଫୋରଣ ଘଟାଯାଇଥିଲା। ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବା ଆଶଙ୍କା ରହିଛି। ଜଣେ ଆତ୍ମଘାତୀ ହଲ୍ ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରିବାବେଳେ ହଲ୍‌ର ମାଲିକ ଅଟକାଇବାରୁ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଆତ୍ମଘାତୀ ଜଣକ ବିସ୍ଫୋରଣରେ ନିଜକୁ ଉଡାଇ ଦେଇଥିଲେ। ଅନ୍ୟ ଦୁଇଜଣ ଆତ୍ମଘାତୀ ଏକ ଟି ଷ୍ଟଲ୍ ନିକଟବର୍ତ୍ତୀ ଜନଗହଳି ମଧ୍ୟରେ ବିସ୍ଫୋରଣ ଘଟାଇଥିଲେ। ଫୁଟବଲ୍ ଖେଳ ଦେଖୁଥିବା ହଲ୍ ବାହାରେ ଅଧିକାଂଶ ଲୋକଙ୍କ ମୃତ୍ୟୁ ଘଟିଥିଲା। ଚଳିତ ବର୍ଷ ଏପ୍ରିଲରେ ବୋକୋ ହାରାମ୍ ଗୋଷ୍ଠୀ ପକ୍ଷରୁ ଶେଷଥର ଲାଗି ଆତ୍ମଘାତୀ ଆକ୍ରମଣ କରାଯାଇଥିଲା। ଦୁଇଜଣ ମହିଳା ଆତ୍ମଘାତୀ ଗାରିସନ୍ ସହରରେ ବିସ୍ଫୋରଣ ଘଟାଇବାରୁ ଦୁଇ ସୈନ୍ୟଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ଜଣେ ଆହତ ହୋଇଥିଲେ।

### [ଇତିହାସର ଆଇନାରେ]

### ଜୁନ୍ ୧୮ର ପ୍ରମୁଖ ଘଟଣା

୧୯୬୫ ଜୁନ ୧୮ରେ ଆମେରିକା ଏହାର ବି-୫୨ ବମ୍ବର୍ସ ବ୍ୟବହାର କରି ସାଉଥ୍ ଭିଏତନାମ୍‌ରେ ନ୍ୟାଶନାଲ ଲିବରେଶନ୍ ଫ୍ରଣ୍ଟ ଗରିଲା ଫାଇଟର୍ସଙ୍କ ଉପରେ ଆକ୍ରମଣ କରିଥିଲା। ବୋଇଂ ବି-୫୨ ଷ୍ଟ୍ରାଟୋଫୋର୍ଟ୍ରେସ ହେଉଛି ଏକ ଆମେରିକୀୟ ଦୂରଗାମୀ ସବ୍‌ସୋନିକ୍ ଜେଟ୍‌ଚାଳିତ ଲକ୍ଷ୍ୟଭେଦୀ ବୋମାବର୍ଷୀ ବିମାନ।

୨୦୦୯ ଜୁନ୍ ୧୮ରେ ନାସା ଦ୍ୱାରା ଏକ ରୋବୋଟିକ୍ ସ୍ପେସ୍‌କ୍ରାଫ୍ଟ ଲୁନାର ରିକନାଇସାନ୍ସ ଅର୍ବିଟର (ଏଲ୍‌ଆରଓ) ଲଞ୍ଚ୍ କରାଯାଇଥିଲା। ବର୍ତ୍ତମାନ ଏଲ୍‌ଆରଓ ଚନ୍ଦ୍ରକୁ ପରିକ୍ରମା କରି ତଥ୍ୟ ସଂଗ୍ରହ କରୁଛି।

# ଡାକ୍ତରଙ୍କ ଧର୍ମଘଟରୁ ସ୍ୱାସ୍ଥ୍ୟସେବା ପ୍ରଭାବିତ

**ନୂଆଦିଲ୍ଲୀ,୧୭।୬(ପି.ଟି.)**

ଭାରତୀୟ ମେଡିକାଲ ସଂଘ (ଆଇଏମ୍ଏ) ଡାକରାରେ ସୋମବାର ଦେଶବ୍ୟାପୀ ଡାକ୍ତର ଧର୍ମଘଟ ଯୋଗୁ ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲଗୁଡିକରେ ସ୍ୱାସ୍ଥ୍ୟସେବା ପ୍ରଭାବିତ ହୋଇଛି। ପଶ୍ଚିମବଙ୍ଗରେ ଡାକ୍ତରଙ୍କୁ ଆକ୍ରମଣ ଘଟଣାରେ ସପ୍ତାହେ ହେଲା ଆନ୍ଦୋଳନ ଚାଲିଥିବାବେଳେ ଏହାକୁ ସମର୍ଥନ ଜଣାଇ ବିଭିନ୍ନ ରାଜ୍ୟରେ ସୋମବାର ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ। ଫଳରେ ଜରୁରୀ ସ୍ୱାସ୍ଥ୍ୟସେବାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ସେବା ବନ୍ଦ ରହିଥିଲା। ଦିଲ୍ଲୀ ଏମ୍ସର ଡାକ୍ତରମାନେ ଧର୍ମଘଟରେ ସାମିଲ ହେବା ସହ ପ୍ରତିବାଦ ଶୋଭାଯାତ୍ରା ବାହାର କରିଥିଲେ। ଏହା ବ୍ୟତୀତ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲ, ଲେଡି ହରଡିଙ୍ଗେ ମେଡିକାଲ କଲେଜ ହସ୍ପିଟାଲ, ଆର୍‌ଏମ୍‌ଏଲ୍ ହସ୍ପିଟାଲ, ଜିଟିବି ହସ୍ପିଟାଲ, ଡ. ବାବାସାହେବ ଆମ୍ବେଦକର ହସ୍ପିଟାଲ, ସଞ୍ଜୟ ଗାନ୍ଧୀ ମେମୋରିଆଲ ହସ୍ପିଟାଲ, ଦୀନଦୟାଲ ଉପାଧ୍ୟାୟ ହସ୍ପିଟାଲର ଡାକ୍ତରମାନେ ଧର୍ମଘଟରେ ସାମିଲ ହୋଇଥିଲେ। ଉତ୍ତରପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ହରିୟାଣା, ବିହାର, ଓଡିଶା, ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶ, ଛତିଶଗଡ, କେରଳ ସମେତ ପ୍ରାୟ ସବୁ ରାଜ୍ୟରେ ଡାକ୍ତର ଧର୍ମଘଟ ଯୋଗୁ ରୋଗୀ ଚିକିତ୍ସା ବାଧାପ୍ରାପ୍ତ ହୋଇଥିଲା। ଲୁଧିଆନା, ପଟିଆଲା ଭଟିଣ୍ଡା, ହିସାର, ଫରିଦାବାଦ, ଗୁରଗାଓଁ ଓ ଚଣ୍ଡିଗଡରେ ଡାକ୍ତରମାନେ ପ୍ରତିବାଦ ଶୋଭାଯାତ୍ରା ବାହାର କରିଥିଲେ। ତାମିଲନାଡୁରେ ଡାକ୍ତରମାନେ ଏକ ମାନବ ଶୃଙ୍ଖଳ କରିବା ସହ କଳାବ୍ୟାଜ୍ ଓ ହେଲମେଟ୍ ପିନ୍ଧି ଆନ୍ଦୋଳନରେ ସାମିଲ ହୋଇଥିଲେ। ଡାକ୍ତରଙ୍କ ଧର୍ମଘଟ ଯୋଗୁ ଚିକିତ୍ସା ସେବା ପାଇ ନ ପାରି ହଜାର ହଜାର ରୋଗୀ ଫେରିଯାଇଥିଲେ।




ଜମ୍ମୁର ସରକାରୀ ମେଡ଼ିକାଲ କଲେଜ ଡାକ୍ତର ଓ କର୍ମଚାରୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ନଡ୍ଡା ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ

**ନୂଆଦିଲ୍ଲୀ,୧୭।୬**



ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା (୫୮)ଙ୍କୁ ଭାଜପାର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି। ସୋମବାର ଦଳର ସଂସଦୀୟ ବୋର୍ଡ ବୈଠକ ବସି ନଡ୍ଡାଙ୍କୁ ଏହି ଗୁରୁଦାୟିତ୍ୱ ଅର୍ପଣ କରାଯାଇଛି। ମୋଦି କ୍ୟାବିନେଟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଦାୟିତ୍ୱ ନେଇଥିବା ଅମିତ ଶାହ ଭାଜପା ଅଧ୍ୟକ୍ଷ ଭାବେ କାର୍ଯ୍ୟ ଜାରି ରଖିବେ। ଚଳିତ ବର୍ଷ ଶେଷଭାଗରେ ହେବାକୁ ଥିବା ମହାରାଷ୍ଟ୍ର, ହରିୟାଣା ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଦାୟିତ୍ୱ ମଧ୍ୟ ଦଳ ତରଫରୁ ସେ ବୁଝିବେ। ଅମିତ ଶାହଙ୍କ ନେତୃତ୍ୱରେ ଦଳ ବହୁ ନିର୍ବାଚନ ଜିଣିଆସିଛି। କିନ୍ତୁ ମୋଦି ତାଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଦାୟିତ୍ୱ ଦେବା ପରେ ଦଳର ଅଧ୍ୟକ୍ଷ ପଦ ଅନ୍ୟ କାହାକୁ ଦେବା ଉଚିତ ବୋଲି ସେ କହିଥିଲେ। ଶାହଙ୍କୁ ସହଯୋଗ କରିବା ଲାଗି ନଡ୍ଡାଙ୍କୁ ଭାଜପାର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ପଦରେ ଅବସ୍ଥାପିତ କରାଯାଇଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ତଥା ଦଳର ବରିଷ୍ଠ ସଦସ୍ୟ ରାଜନାଥ ସିଂ ପ୍ରକାଶ କରିଛନ୍ତି। ହିମାଚଳ ପ୍ରଦେଶର ବ୍ରାହ୍ମଣ ସମାଜ ନେତା ନଡ୍ଡା ଆର୍‌ଏସ୍‌ଏସ୍ ଓ ଭାଜପା ଆଦର୍ଶରେ ଅନୁପ୍ରାଣିତ। ଏହାସହ ତାଙ୍କର ନିର୍ମଳ ଭାବମୂର୍ତ୍ତି ରହିଆସିଛି। ମୋଦି ସରକାର (ପ୍ରଥମ ପାଳି)ରେ ସେ ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଗୁରୁଦାୟିତ୍ୱ ତୁଲାଇଥିଲେ।

■ ମମତାଙ୍କ ସହ ଡାକ୍ତରଙ୍କ ଆଲୋଚନା

# ସୁରକ୍ଷା ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

**କୋଲକାତା,୧୭।୬(ପି.ଟି.)**

**ହସ୍ପିଟାଲରେ ନିଯୁକ୍ତ ହେବେ ନୋଡାଲ ଅଫିସର**

ପଶ୍ଚିମବଙ୍ଗରେ ୨ ଜଣ ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ ପ୍ରତିବାଦରେ ସପ୍ତାହେ ହେଲା ଆନ୍ଦୋଳନ ଜାରି ରହିଥିବାବେଳେ ସୋମବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେମାନଙ୍କ ପାଇଁ ନୂଆ ସୁରକ୍ଷା ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମମତାଙ୍କ ସହ ଆଲୋଚନା ପରେ ଡାକ୍ତରମାନେ ଆନ୍ଦୋଳନ ପ୍ରତ୍ୟାହାର କରିନେଇଛନ୍ତି। ରାଜ୍ୟ ସଚିବାଳୟରେ ମୁଖ୍ୟମନ୍ତ୍ରୀ ଆନ୍ଦୋଳନରତ ଡାକ୍ତରମାନଙ୍କ ପ୍ରତିନିଧିଙ୍କୁ ଭେଟି ସୁରକ୍ଷା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ରାଜ୍ୟର ସମସ୍ତ ସରକାରୀ ହସ୍ପିଟାଲରେ ଡାକ୍ତରମାନଙ୍କ ସୁରକ୍ଷା ଲାଗି ନୋଡାଲ ଅଫିସର ନିଯୁକ୍ତ କରିବାକୁ ସେ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମମତା ଗଣମାଧ୍ୟମ ସମ୍ମୁଖରେ ଆଲୋଚନା ପାଇଁ ରାଜି ହୋଇଥିଲେ। କୌଣସି ଆନ୍ଦୋଳନରତ ଡାକ୍ତରଙ୍କ ବିରୋଧରେ ମାମଲା ରୁଜୁ ହେବନି ବୋଲି ମମତା ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ ସନ୍ତୁଷ୍ଟ ବୋଲି ଡାକ୍ତରମାନଙ୍କର ଜଣେ ପ୍ରତିନିଧି ଗଣମାଧ୍ୟମକୁ କହିଛନ୍ତି। ଏନ୍‌ଆର୍‌ଏସ୍ ମେଡିକାଲ କଲେଜ ଓ ହସ୍ପିଟାଲଠାରେ ଆନ୍ଦୋଳନ ପ୍ରତ୍ୟାହାର ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା କରାଯାଇଛି। ଉକ୍ତ ହସ୍ପିଟାଲରେ ସୋମବାର ରାତିରେ ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ତାଙ୍କର ସମ୍ପର୍କୀୟମାନେ ଦୁଇଜଣ ଜୁନିୟର ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦରେ ଏବଂ ଡାକ୍ତରମାନଙ୍କ ସୁରକ୍ଷା ଦାବି କରି ସେଠାରେ ସପ୍ତାହେ ହେଲା ଆନ୍ଦୋଳନ ଜାରି ରହିବା ଫଳରେ ରୋଗୀସେବା ବାଧାପ୍ରାପ୍ତ ହୋଇଥିଲା। କାର୍ଯ୍ୟରେ ତୁରନ୍ତ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ମମତାଙ୍କ ଚେତାବନୀକୁ ଡାକ୍ତରମାନେ ଗ୍ରହଣ କରି ନ ଥିଲେ। ପଶ୍ଚିମବଙ୍ଗ ଡାକ୍ତରଙ୍କ ସମର୍ଥନରେ ଭାରତୀୟ ମେଡିକାଲ ସଂଘ ଏବଂ ବିଭିନ୍ନ ସଂଗଠନ ବାହାରିବା ପରେ ମମତ ମୁଣ୍ଡ ନୁଆଁଇଥିଲେ। ସେ ଡାକ୍ତରମାନଙ୍କ ସମସ୍ତ ଦାବି ପୂରଣ କରିବେ ବୋଲି କହିବା ପରେ ସୋମବାର ଆଲୋଚନା ପାଇଁ ଜୁନିୟର ଡାକ୍ତର ସଂଘ ରାଜି ହୋଇଥିଲା।

## ଡାକ୍ତରଙ୍କ ସୁରକ୍ଷା ନେଇ ସୁପ୍ରିମକୋର୍ଟରେ ଶୁଣାଣି ଆଜି

**ନୂଆଦିଲ୍ଲୀ,୧୭।୬**

ଡାକ୍ତରଙ୍କ ସୁରକ୍ଷା ନେଇ କରାଯାଇଥିବା ଆବେଦନର ଶୁଣାଣି ସୁପ୍ରିମକୋର୍ଟରେ ମଙ୍ଗଳବାର କରାଯିବ। ବିଚାରପତି ଦୀପକ ଗୁପ୍ତା ଓ ବିଚାରପତି ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଏଥିଲାଗି ରାଜି ହୋଇଛନ୍ତି। ଆବେଦନକାରୀଙ୍କ ଓକିଲ ଏ.ଏ. ଶ୍ରୀବାସ୍ତବ ମାମଲାର ତ୍ୱରିତ ଶୁଣାଣି ଲାଗି ଅନୁରୋଧ କରିଥିଲେ। ପଶ୍ଚିମବଙ୍ଗରେ ଡାକ୍ତରଙ୍କୁ ମାଡ଼ ପ୍ରତିବାଦରେ ଆନ୍ଦୋଳନ କରାଯାଇଥିବାବେଳେ ଶୁକ୍ରବାର ଏହି ଆବେଦନ କରାଯାଇଥିଲା। ସବୁ ସରକାରୀ ଡାକ୍ତରଖାନାରେ ସୁରକ୍ଷା କର୍ମୀ ନିଯୁକ୍ତ କରିବା ଲାଗି ଆବେଦନକାରୀ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ପଶ୍ଚିମବଙ୍ଗ ସରକାରଙ୍କଠାରୁ ନିର୍ଦ୍ଦେଶନାମା ଦାବି କରିଛନ୍ତି। ଡାକ୍ତରଙ୍କ ଆନ୍ଦୋଳନ ଯୋଗୁ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଛି।

# ପୁଲ୍‌ୱାମାରେ ପୁଣି ଆତଙ୍କବାଦୀ ଆକ୍ରମଣ



**ଶ୍ରୀନଗର,୧୭।୬(ଆଇଏଏନ୍‌ଏସ୍)**

■ ୪ ଯବାନ ଆହତ

■ କାସ୍‌ପର ଯାନ କ୍ଷତିଗ୍ରସ୍ତ

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ଆତଙ୍କବାଦୀମାନେ ପୁଣି ଥରେ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରିଛନ୍ତି। ସେମାନଙ୍କ ଆକ୍ରମଣରେ ୪ ଜଣ ଯବାନ ଆହତ ହୋଇଛନ୍ତି। ସୋମବାର ୪୪ ରାଷ୍ଟ୍ରୀୟ ରାଇଫଲ୍ସର ଗାଡ଼ିଗୁଡିକୁ ଆତଙ୍କବାଦୀମାନେ ଟାର୍ଗେଟ କରି ଆଇଇଡି (ଉନ୍ନତ ମାନର ବିସ୍ଫୋରକ)ରେ ଆକ୍ରମଣ କରିଥିଲେ। ଅରିହାଲ-ଲସିପୋରା ରାସ୍ତା ଦେଇ ଯବାନମାନଙ୍କ ଯାନ ଯାଉଥିବାବେଳେ ଅରିହାଲ ଗ୍ରାମ ନିକଟରେ ଆଇଇଡି ବିସ୍ଫୋରଣ ହୋଇଥିଲା ବୋଲି ପୋଲିସ କହିଛି। ବିସ୍ଫୋରଣରେ ସେନାର ବୁଲେଟ ଓ ଲ୍ୟାଣ୍ଡମାଇନ୍ ନିରୋଧୀ କାସ୍‌ପର ଯାନ କ୍ଷତିଗ୍ରସ୍ତ ହୋଇଛି। ଏହା ପରେ ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ହୋଇଥିଲା। ଲ୍ୟାଣ୍ଡମାଇନ ଆକ୍ରମଣରୁ ଅନ୍ୟ ଗାଡ଼ିଗୁଡିକୁ ସୁରକ୍ଷା ଦେବା ଲାଗି କାସ୍‌ପର ଯାନ ଆଗରେ ଯାଇଥାଏ। ତେବେ ବିସ୍ଫୋରକ ଏତେ ଶକ୍ତିଶାଳୀ ଥିଲା ଯେ ତାହା କାସ୍‌ପର ଯାନକୁ ମଧ୍ୟ କ୍ଷତିଗ୍ରସ୍ତ କରିଦେଇଛି। ସେନା ଉକ୍ତ ଅଞ୍ଚଳକୁ ଘେରାବନ୍ଦୀ କରିଛି। ଗତ ଫେବୃୟାରୀ ୧୪ରେ ସିଆରପିଏଫର ଏକ ବସ୍‌କୁ ଆତଙ୍କବାଦୀ ଆତ୍ମଘାତୀ ବିସ୍ଫୋରରଣରେ ଉଡାଇ ଦେଇଥିଲେ। ଏଥିରେ ୪୦ରୁ ଊର୍ଦ୍ଧ୍ୱ ଯବାନ ଶହୀଦ ହୋଇଥିଲେ। ଉକ୍ତ ଆକ୍ରମଣସ୍ଥଳଠାରୁ ୨୭ କିଲୋମିଟର ଦୂରରେ ସୋମବାର ବିସ୍ଫୋରଣ ହୋଇଛି।



# ସଲମାନ୍ ଦୋଷମୁକ୍ତ

**ଜାଲ୍ ସତ୍ୟପାଠ ମାମଲା**

**ଯୋଧପୁର,୧୭।୬(ଆଇଏଏନ୍‌ଏସ୍):** ଅଦାଲତରେ ମିଥ୍ୟା ସତ୍ୟପାଠ ଦାଖଲ ମାମଲାରେ ସ୍ଥାନୀୟ ଅଦାଲତ ସୋମବାର ଅଭିନେତା ସଲମାନ୍ ଖାନ୍‌ଙ୍କୁ ଦୋଷମୁକ୍ତ କରିଛନ୍ତି। ୨୦୦୬ରେ ରାଜସ୍ଥାନ ସରକାର ତାଙ୍କ ବିରୋଧରେ କରିଥିବା ଆବେଦନକୁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅଙ୍କିତ ରମନ୍ ଖାରଜ କରିଦେଇଛନ୍ତି। ୧୯୯୮ରେ 'ହମ୍ ସାଥ୍ ସାଥ୍ ହେଁ' ଫିଲ୍ମ ଶୁଟିଂ ବେଳେ କୃଷ୍ଣସାର ମୃଗ ଶିକାର ବେଳେ ପାଖରେ ମାରଣାସ୍ତ୍ର ରଖିଥିଲେ। ଏହାର ଲାଇସେନ୍ସ ରେନ୍ୟୁଆଲ୍ କରିବାକୁ ଦିଆଯାଇଥିଲେ ହେଁ ତାହା ହଜିଯାଇଛି ବୋଲି କୋର୍ଟରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିଲେ।

## ଆମେରିକାରେ ୪ ଭାରତୀୟଙ୍କୁ ହତ୍ୟା ସନ୍ଦେହ

**ୱାଶିଂଟନ,୧୭।୬(ପି.ଟି.)-** ଆମେରିକାରେ ରହୁଥିବା ଜଣେ ଭାରତୀୟ ସୂଚନା ପ୍ରଯୁକ୍ତି ପେସାଦାର ଓ ତାଙ୍କ ପରିବାରର ୩ ଜଣଙ୍କ ମୃତଦେହ ସେମାନଙ୍କ ଘରୁ ଉଦ୍ଧାର କରାଯାଇଛି। ସମସ୍ତଙ୍କ ଦେହରେ ଗୁଳି ଚିହ୍ନ ରହିଥିବାରୁ ସେମାନଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।

■ ବିହାରରେ ଅଂଶୁଘାତ ମୃତ୍ୟୁ ସଂଖ୍ୟା ୧୧୭

# ଗୟାରେ ୧୪୪ ଧାରା ଜାରି

**ନୂଆଦିଲ୍ଲୀ,୧୭।୬**

■ ସରକାରୀ ସ୍କୁଲ ୨୨ ଯାଏ ବନ୍ଦ ନିର୍ଦ୍ଦେଶ

■ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ସହାୟତା

ମୌସୁମୀର ଲୁଚକାଳି ଖେଳ ସହ ଦେଶର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମଲହରି ଜାରି ରହିଛି। ଦିଲ୍ଲୀ, ମଧ୍ୟପ୍ରଦେଶ, ରାଜସ୍ଥାନ, ଓଡ଼ିଶା, ବିହାର ଆଦି ରାଜ୍ୟଗୁଡ଼ିକରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଜନଜୀବନ ଦୁର୍ବିଷହ ହୋଇପଡ଼ିଛି। ବିହାରରେ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିବାବେଳେ ଗୟା ଜିଲାରେ ସୋମବାର ୧୪୪ ଧାରା ଜାରି କରାଯାଇଛି। ଜଲାପାଳ ଅଭିଷେକ ସିଂ ଲୋକଙ୍କୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଘରଭିତରେ ରହିବା ଲାଗି ପରାମର୍ଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସମୟରେ ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ମନରେଗା କାର୍ଯ୍ୟ ପୂର୍ବାହ୍ନ ୧୦.୩୦ ପରେ ବନ୍ଦ ରଖାଯିବ ଓ କୌଣସି ସଭାସମିତି ଖୋଲାରେ କରାଯାଇ ପାରିବ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସବୁ ସରକାରୀ ବିଦ୍ୟାଳୟକୁ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ପ୍ରକାଶଥାଉ କି, ଗ୍ରୀଷ୍ମପ୍ରବାହ ଯୋଗୁ ଏପର୍ଯ୍ୟନ୍ତ ବିହାରରେ ଏଥିଯୋଗୁ ୧୧୭ ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ଗତ ୪୮ ଘଣ୍ଟା ମଧ୍ୟରେ ମୁଙ୍ଗେରରେ ୫ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଔରଙ୍ଗାବାଦରେ ରୌଦ୍ରତାପଜନିତ ମୃତ୍ୟୁସଂଖ୍ୟା ୬୦ରେ ପହଞ୍ଚିଥିବାବେଳେ ଗୟାରେ ୩୫, ନୱାଡ଼ାରେ ୭, ନାଳନ୍ଦାରେ ୬, କଇମୁରରେ ୨, ସମସ୍ତିପୁର ଓ ଆରାରେ ଜଣେ ଲେଖାଏ ପ୍ରାଣ ହରାଇଥିବା ଜଣାପଡ଼ିଛି।

ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏଭଳି ମୃତ୍ୟୁକୁ ନେଇ ଦୁଃଖପ୍ରକାଶ କରିଥିବାବେଳେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଏଭଳି ମୃତ୍ୟୁ ଦୁର୍ଭାଗ୍ୟଜନକ ବୋଲି କହି ତାତି କମିବା ପର୍ଯ୍ୟନ୍ତ ଲୋକମାନେ ଘରୁ ନ ବାହାରିବା ଲାଗି ପରାମର୍ଶ ଦେଇଛନ୍ତି।

## 'ହମେ ତୁମ୍‌ସେ ପ୍ୟାର୍ କିତ୍‌ନା'

# ଟାଇଟଲ୍ ସଙ୍ଗ୍‌ରେ ଶ୍ରେୟା, ସୋନୁ

**ମୁମ୍ବାଇ:** ଆଗାମୀ ଫିଲ୍ମ 'ହମେ ତୁମ୍‌ସେ ପ୍ୟାର୍ କିତ୍‌ନା' ପାଇଁ ଏକ ଲଭ୍ ସଙ୍ଗ୍ ଗାଇଛନ୍ତି ଗାୟିକା ଶ୍ରେୟା ଘୋଷାଲ ଏବଂ ସୋନୁ ନିଗମ। 'ଡୁବି ଡୁବି' ଏବଂ 'ଦିଲ୍ ଡୁବା' ଭଳି ଫିଲ୍ମଗୀତ ଗାଇ ଶ୍ରୋତାଙ୍କୁ ମୁଗ୍ଧ କରିବା ପରେ ଦୁହେଁ ଏକ ଟାଇଟଲ୍ ସଙ୍ଗ୍ ଏକାଠି ଗାଇଛନ୍ତି। କରନ୍‌ବୀର ବୋହରାଙ୍କ ଅଭିନୀତ 'ହମେ ତୁମ୍‌ସେ ପ୍ୟାର କିତ୍‌ନା'ର ଟାଇଟଲ ସଙ୍ଗ୍‌ରେ ଉଭୟେ ସ୍ୱର ଦେଇଛନ୍ତି। ଶ୍ରେୟା ପ୍ରଥମ ଥର ପାଇଁ ଏକ ରିକ୍ରିଏଟେଡ ସଙ୍ଗ୍ ଗାଇଛନ୍ତି। ଏ ସଂକ୍ରାନ୍ତରେ କରନ୍‌ବୀର କହନ୍ତି, ଶ୍ରେୟା ଆମ ଟାଇଟଲ୍ ଗୀତ ଗାଇଥିବାରୁ ଅଧିକ ଖୁସି ଅନୁଭବ କରୁଛି। ଶ୍ରେୟାଙ୍କ ଜୀବନରେ ଏହି ଗୀତ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ବହନ କରେ, କାରଣ ସେ ପ୍ରଥମ ଥର ପାଇଁ 'ହମେ ତୁମ୍‌ସେ ପ୍ୟାର କିତ୍‌ନା' ଟାଇଟଲ୍ ସଙ୍ଗ୍‌କୁ ମଞ୍ଚରେ ଗାଉଛନ୍ତି। ଜୁନ୍ ୧୭ରେ ଏହି ଟାଇଟଲ୍ ଟ୍ରାକ୍ ରିଲିଜ ହେବାକୁ ଯାଉଛି। ଉକ୍ତ ଗୀତକୁ ୧୯୮୧ରେ 'କୁଦରତ' ଫିଲ୍ମରେ କିଶୋର କୁମାର ହିଁ ଗାଇଥିଲେ।

ଲଳିତ ମୋହନଙ୍କ ନିର୍ଦ୍ଦେଶିତ ଏବଂ ମହେନ୍ଦ୍ର ବୋହ୍‌ରା ଓ ବେଲ୍‌ଭି ପ୍ରଡକ୍‌ସନ୍ସ ଦ୍ୱାରା ପ୍ରସ୍ତୁତ 'ହମେ ତୁମ୍‌ସେ ପ୍ୟାର କିତ୍‌ନା' ଜୁନ୍ ୨୮ରେ ରିଲିଜ ହେବାକୁ ଯାଉଛି।







> ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
> - ଆଇନଷ୍ଟାଇନ୍






## ■ବିଚାରପତି ଚୟନ ପ୍ରକ୍ରିୟା ପ୍ରସଙ୍ଗ

# ହାଇକୋର୍ଟ ଖୋଲିବା ଦିନରେ ଆନ୍ଦୋଳନ

■ ୨୬ ତାରିଖ ପର୍ଯ୍ୟନ୍ତ ୩ କୋର୍ଟ ବର୍ଜନ କରାଯିବ

■ ପ୍ରଧାନମନ୍ତ୍ରୀଙ୍କୁ ଭେଟିବ ସ୍ୱତନ୍ତ୍ର ଟିମ୍

**କଟକ ଅଫିସ,୧୭।୬**

ଦୀର୍ଘ ୧ ମାସର ଗ୍ରୀଷ୍ମ ଅବକାଶ ପରେ ସୋମବାର ହାଇକୋର୍ଟ ଖୋଲିଥିଲା। ହେଲେ ପ୍ରଥମ ଦିନରୁ ହିଁ ଓକିଲମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ହାଇକୋର୍ଟ ବାର୍ ବାହାରୁ ବିଚାରପତି ଚୟନ ପ୍ରକ୍ରିୟାକୁ ନେଇ ହାଇକୋର୍ଟ ବାର୍ ପକ୍ଷରୁ ୩ଟି କୋର୍ଟକୁ ବର୍ଜନ କରାଯାଇଛି। ଏହି ଆନ୍ଦୋଳନ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ୨୬ ତାରିଖ ମଧ୍ୟରେ ହାଇକୋର୍ଟ ବାର୍‌ର ଏକ ପ୍ରତିନିଧିମଣ୍ଡଳୀ ପ୍ରଧାନମନ୍ତ୍ରୀ, ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଓ କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ଭେଟିବା ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଏହାପରେ ପୁନର୍ବାର ବାର୍‌ର ସାଧାରଣ ପରିଷଦ ବୈଠକ ଡକାଯାଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ସୋମବାର ହାଇକୋର୍ଟ ବାର୍ ପରିସରରେ ଆୟୋଜିତ ସାଧାରଣ ପରିଷଦ ବୈଠକରେ ବାର୍ ସଭାପତି ଗୋପାଳକୃଷ୍ଣ ମହାନ୍ତି କହିଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଇତିମଧ୍ୟରେ ଏକ ସ୍ୱୀକୃତିପତ୍ର (ଆକ୍‌ନଲେଜମେଣ୍ଟ) ମିଳିଥିବା ସଭାପତି ମହାନ୍ତି କହିଛନ୍ତି। ସୂଚନାଥାଉ କି, ହାଇକୋର୍ଟ ବାର୍‌ରେ ନିୟମିତ ପ୍ରାକ୍ଟିସ କରୁ ନ ଥିବା କିମ୍ବା ମକଦ୍ଦମା ପରିଚାଳନା କରୁ ନ ଥିବା ବ୍ୟକ୍ତିବିଶେଷଙ୍କୁ ହାଇକୋର୍ଟ କଲେଜିୟମ ବିଚାରପତି ଭାବେ ଚୟନ କରିଛି। ହାଇକୋର୍ଟରେ ଅନେକ ବିଚକ୍ଷଣ ଓ ବରିଷ୍ଠ ଓକିଲମାନେ ଥିବାବେଳେ ବାହାର ବ୍ୟକ୍ତିଙ୍କୁ ବିଚାରପତି ଚୟନ କରାଯିବାକୁ ହାଇକୋର୍ଟ ବାର୍ ବିରୋଧ କରିଛି। କଲେଜିୟମର ଏଭଳି ନିଷ୍ପତ୍ତିକୁ ବିରୋଧ କରି ହାଇକୋର୍ଟ ବାର୍ ଆସୋସିଏଶନ ଆନ୍ଦୋଳନକୁ ଓହ୍ଲାଇଛି। ସୂଚନାଥାଉ କି, ଓଡ଼ିଶା ହାଇକୋର୍ଟରେ ୨୭ ଜଣ ବିଚାରପତିଙ୍କ ସ୍ଥାନରେ ୧୪ ଜଣ କାର୍ଯ୍ୟ କରୁଛନ୍ତି। ଯଦ୍ୱାରା ୧ ଲକ୍ଷ ୭ହଜାର ମାମଲା ବିଚାର ଅପେକ୍ଷାରେ ରହିଛି। କେବଳ ସେତିକି ନୁହେଁ ବିଚାରପତିଙ୍କ ଅଭାବ ଯୋଗୁ ନ୍ୟାୟିକ ପ୍ରକ୍ରିୟାରେ ସ୍ଥାଣୁତା ଦେଖାଦେଇଛି। ଗତ ୩ ବର୍ଷ ଧରି ବିଚାରପତି ନିଯୁକ୍ତି ପାଇଁ ବାର୍ ଆସୋସିଏଶନ ବାରମ୍ବାର ଦାବି ଓ ପ୍ରତିବାଦ ଜଣାଇ ଆସିଛି। ଏଭଳି ସ୍ଥିତିରେ ହାଇକୋର୍ଟ କଲେଜିୟମ୍ ପକ୍ଷରୁ କେତେଜଣ ଆଇନଜୀବୀ ଏବଂ ଜିଲାଜଜ୍‌ଙ୍କ ନାମକୁ ହାଇକୋର୍ଟ ବିଚାରପତି ନିମନ୍ତେ ସୁପାରିସ କରାଯାଇଛି। ଜଣେ ଆଇନଜୀବୀ ବିଚାରପତି ହେବା ପୂର୍ବରୁ ଅତି କମ୍‌ରେ ୧୦ ବର୍ଷ ନିୟମିତ ଭାବେ ପ୍ରାକ୍ଟିସ କରିଥିବା ଆବଶ୍ୟକ। କିନ୍ତୁ ଏଭଳି ବ୍ୟକ୍ତିଙ୍କ ନାମ ସୁପାରିସ କରାଯାଇଛି, ଯେଉଁମାନେ ୪ ବର୍ଷ ମଧ୍ୟରେ ମାତ୍ର ୪ଟି ମାମଲା ପରିଚାଳନା କରିଥିବା ହାଇକୋର୍ଟ ବାର୍ ପକ୍ଷରୁ କୁହାଯାଇଛି। ଏପରି କି ଯେଉଁମାନଙ୍କ ନାମ ସୁପାରିସ ହୋଇଥିବା ଶୁଣାଯାଉଛି, ସେମାନଙ୍କ ମଧ୍ୟରୁ ଜଣେ ହାଇକୋର୍ଟରେ ପ୍ରାକ୍ଟିସ କରୁ ନ ଥିବା ଅଭିଯୋଗ ହୋଇଛି। ତେଣୁ କଲେଜିୟମର ଏଭଳି ସୁପାରିସକୁ ବାତିଲ କରିବାକୁ ସଭାପତି ମହାନ୍ତି କହିଛନ୍ତି।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ବାରିପଦା ଅଫିସ,୧୭।୬**

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ ରାସଗୋବିନ୍ଦପୁର ରେଞ୍ଜର ଡାଙ୍ଗରବିଲା ଗ୍ରାମରେ ଜଣେ ବୃଦ୍ଧଙ୍କୁ ସୋମବାର ହାତୀ ଦଳି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହରିଆ ସୋରେନ ବୋଲି ଜଣାପଡିଛି। ସୋମବାର ସକାଳେ ସେ ଜଙ୍ଗଲକୁ ଯାଇଥିବା ବେଳେ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ଏକ ହାତୀ ତାଙ୍କୁ ପାଦରେ ଦଳିଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ହାତୀପଲକୁ ଘଉଡାଇ ତାଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଗ୍ରାମରେ ଗତ କିଛିଦିନ ହେଲା ହାତୀ ଆତଙ୍କ ଲାଗି ରହିଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।








ଅଳ୍ପ ବୟସରେ ଯଦି ଜଣେ ଉଦୀୟମାନ ଯୁବକ ମରିଗଲା, ତେବେ ଜାଣିବ ଯେ ସେ ଈଶ୍ୱରଙ୍କର ଅତି ପ୍ରିୟ ଥିଲା ଓ ଈଶ୍ୱରଙ୍କ ଡାକରାରେ ଚାଲିଗଲା।
- ମେନାଣ୍ଡର


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଆୟୁଷ
ପରିବାରବର୍ଗ



ପୂଜା
ପରିବାରବର୍ଗ



ଶୁଭ୍ରାଂଶୁ ଶେଖର
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୨ରେ ଲଘୁଚାପ ସମ୍ଭାବନା

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପାଇଁ ପାଗ ଅନୁକୂଳ ହେଲାଣି। ଆସନ୍ତା ୪/୫ ଦିନ ପରେ ମୌସୁମୀ ରାଜ୍ୟକୁ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମୌସୁମୀକୁ ରାଜ୍ୟକୁ ଟାଣି ଆଣିବାକୁ ଉତ୍ତର ବଙ୍ଗୋପସାଗରରେ ମଧ୍ୟ ଏକ ଲଘୁଚାପ ଦାନା ବାନ୍ଧୁଛି। ଆସନ୍ତା ୨୨ ତାରିଖ ବେଳକୁ ଏହା ଅବପାତ ରୂପ ନେବାର ସମ୍ଭାବନା ରହିଛି। ଏଥିସହିତ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଉପରେ ମଧ୍ୟ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏ ସବୁ ସଙ୍କେତ ମୌସୁମୀ ଆଗମନକୁ ସୂଚାଉଛି ବୋଲି ପାଣିପାଗ ବିଭାଗ କହୁଛି। ଆସନ୍ତା ୨୦ ତାରିଖ ସୁଦ୍ଧା ମୌସୁମୀ ଦକ୍ଷିଣ ଓଡ଼ିଶାର କିଛି ଅଂଶକୁ ଛୁଇଁବା ସମ୍ଭାବନା ରହିଛି। ୨୩ ଓ ୨୪ ତାରିଖ ମଧ୍ୟରେ ସମ୍ପୂର୍ଣ୍ଣ ଓଡ଼ିଶାରେ ମୌସୁମୀ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ କେରଳରେ ପ୍ରବଳ ବର୍ଷା ହେବ। ଏହାପରେ ମୌସୁମୀ ଧୀରେ ଧୀରେ ଆଗକୁ ବଢ଼ିବ। ଆରବ ସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ବାୟୁ' ପ୍ରଭାବରେ ମୌସୁମୀ ଓଡ଼ିଶାକୁ ପ୍ରବେଶ କରିବାରେ ବିଳମ୍ବ ହୋଇଛି ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶକ ଏଚ୍.ଆର୍. ବିଶ୍ୱାସ କହିଛନ୍ତି। ନିର୍ଦ୍ଧାରିତ ସମୟ(ଜୁନ୍ ୧୦)ରେ ମୌସୁମୀ ଆସିପାରୁ ନ ଥିବାରୁ ଚାଷକାର୍ଯ୍ୟ ମଧ୍ୟ ବିଳମ୍ବ ହେଲାଣି। ଚାଷୀମାନେ ବର୍ଷାକୁ ଅନାଇ ହତାଶ ହେଲେଣି। ମୌସୁମୀ ଆସିବା ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୪୮ ଘଣ୍ଟା ମଧ୍ୟରେ କଟକରେ ୧୪.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୧.୧, ପୁରୀ ୦.୨, ଝାରସୁଗୁଡା ୨.୮, ସମ୍ବଲପୁର ୧.୦, ସୁନ୍ଦରଗଡ ୮.୦, ହୀରାକୁଦ ୩.୬, ଭବାନୀପାଟଣା ୧୯, ବଲାଙ୍ଗୀର ୩, କୋରାପୁଟ ୧୭, ଟିଟିଲାଗଡ ୧୮, ମାଲକାନଗିରି ୫ ଏବଂ ସୋନପୁରରେ ୧.୬ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହାଛଡ଼ା ଏହି ସମୟରେ ଉପକୂଳ ଜିଲା ସମେତ କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ ଓ ବୌଦ୍ଧ ଜିଲାରେ ଘଡ଼ଘଡ଼ି ସହ ଝଡ଼ତୋଫାନ ହେବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ବର୍ଷା ଓ ମେଘୁଆ ପାଗ ହେଉଥିବାରୁ ରାଜ୍ୟରେ ଗତ କିଛିଦିନ ଧରି ଲାଗି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମରୁ ଆଶ୍ୱସ୍ତି ମିଳିଛି। ରାଜ୍ୟର ସମସ୍ତ ଅଞ୍ଚଳରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍ସିୟସ ତଳକୁ ଖସିଯାଇଛି। ସୁନ୍ଦରଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲିରେ ୩୮.୪, ପାରାଦୀପ ୩୭, ବାରିପଦା ୩୭.୮, ଝାରସୁଗୁଡା ୩୮.୪, ଏବଂ ତାଳଚେର ୩୮.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

**କିଛି ତଥ୍ୟ**

ଚଳିତ ବର୍ଷର ବର୍ତ୍ତମାନ ସମୟ ସୁଦ୍ଧା ଦେଶର କୃଷକମାନେ ୮.୨୨ ନିୟୁତ ହେକ୍ଟର ଜମିରେ ଖରିଫ ଚାଷ କରିଛନ୍ତି। ଏହା ଗତ ବର୍ଷ ସମାନ ସମୟ ତୁଳନାରେ ୯% କମ୍ । **-କୃଷି ମନ୍ତ୍ରଣାଳୟ**

# ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ



ଶ୍ରୀବଳଦେବଜୀଉଙ୍କୁ ସ୍ନାନମଣ୍ଡପରୁ ମୁଖ୍ୟମନ୍ତ୍ରୀ ଦର୍ଶନ ସାରି ଫେରୁଛନ୍ତି।

## ମନ୍ଦିରର ବିଭିନ୍ନ ପ୍ରକଳ୍ପ ପାଇଁ ୨ କୋଟି ଟଙ୍କା ମଞ୍ଜୁର

**କେନ୍ଦ୍ରାପଡା ଅଫିସ,୧୭।୬**

କେନ୍ଦ୍ରାପଡା ଜିଲା ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କୁ ସୋମବାର ସ୍ନାନମଣ୍ଡପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦର୍ଶନ କରିଛନ୍ତି। ଶ୍ରୀଜୀଉଙ୍କ ଦର୍ଶନ ପରେ ମନ୍ଦିରର ଉନ୍ନତୀକରଣ ପାଇଁ ସେ ୨ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରିଥିବା ପ୍ରକାଶ କରିଛନ୍ତି । ଅପରାହ୍ନ ୫ଟା୮ରେ ସହରର ଇଚ୍ଛାପୁରସ୍ଥିତ ମାଉସୀମା ମନ୍ଦିର ନିକଟରେ ସେ ହେଲିକପ୍ଟରରୁ ଓହ୍ଲାଇଥିଲେ। ସେଠାରୁ ମନ୍ଦିର ଯାଇ ସ୍ନାନମଣ୍ଡପରେ ଶ୍ରୀଜୀଉଙ୍କ ଗଜବଦନ ବେଶ ଦର୍ଶନ କରିଥିଲେ । ପରେ ମନ୍ଦିର ବାହାରକୁ ଆସି ଗଣମାଧ୍ୟମକୁ ପ୍ରକାଶ କରି କହିଥିଲେ, ମନ୍ଦିର ମଧ୍ୟରେ ଥିବା ଝୁଲଣ ମଣ୍ଡପର ପୁନରୁଦ୍ଧାର, ସାନ୍ତସାହିଠାରେ ଶ୍ରୀ ବଳଦେବଜୀଉ କଲ୍ୟାଣମଣ୍ଡପ, ମନ୍ଦିରର ଉତ୍ତର ପାର୍ଶ୍ୱରେ ପ୍ରାଚୀର ନିର୍ମାଣ, ବିବାହ ମଣ୍ଡପ ନିକଟରେ ଶୌଚାଳୟ ନିର୍ମାଣ, ଗଭୀର ନଳକୂପ ଏବଂ ଓଭରହେଡ ଟ୍ୟାଙ୍କ ଜରିଆରେ ୨୪ ଘଣ୍ଟିଆ ଜଳ ଯୋଗାଣ ଆଦି ପ୍ରକଳ୍ପ କାର୍ଯ୍ୟ ହେବ । ଏହାପରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଭୁବନେଶ୍ୱର ଫେରି ଯାଇଥିଲେ। ତାଙ୍କର ଏହି ଗସ୍ତ ସମୟରେ ଏମପି ଅନୁଭବ ମହାନ୍ତି, ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କ ସମେତ ବହୁ ବିଧାୟକ ଓ ମନ୍ତ୍ରୀ ସାମିଲ ହୋଇଥିଲେ । ତାଙ୍କର ଏହି ଗସ୍ତ ସମୟରେ କେନ୍ଦ୍ରାପଡା, ପାଟକୁରା ଓ ମହାକାଳପଡାର ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ ।

# ୫୦୦ ଏଏସ୍‌ଓ ନିଯୁକ୍ତିକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୫୦୦ ସଫଳ ପ୍ରାର୍ଥୀଙ୍କୁ ରାଜ୍ୟ ସଚିବାଳୟରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପଦବୀରେ ନିଯୁକ୍ତି ପାଇଁ ଅନୁମୋଦନ ମିଳିଛି। ଓପିଏସ୍‌ସିର ସୁପାରିସ କ୍ରମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅନୁମୋଦନ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ଜାନୁୟାରୀ ୨୦ରେ ଖାଲିପଡ଼ିଥିବା ଏହି ୫୦୦ ପଦବୀ ପାଇଁ ପରୀକ୍ଷା ହୋଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ହାତୀବେଶରେ...

ପୂର୍ବାହ୍ନ ୧୦ଟା ୫୫ରେ ସ୍ନାନମଣ୍ଡପରେ ଠାକୁରଙ୍କ ବେଶ ସରିଥିଲା। ପ୍ରାତଃରେ ସୁନା ଗୋସାଇଁ ସୁନା କୂଅରୁ ୧୦୮ ଗଡୁ ଜଳ ଆଣି ଜଳଗୃହରେ ରଖିଥିଲେ। ସେଥିରେ ଚନ୍ଦନ, କର୍ପୂର, ଅଗରୁ, ସୁଗନ୍ଧିତ ପୁଷ୍ପ ପକାଯାଇ ଅଧିବାସ କରାଯାଇଥିଲା। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ମଧ୍ୟରେ ଜଳବିଜେ, ଜଳପୂଜା ଏବଂ ସ୍ନାନ ଲାଗି ନୀତି ନିର୍ଦ୍ଧିଷ୍ଟ ହୋଇଥିଲା। ମଧ୍ୟାହ୍ନ ୧୨ଟାରୁ ଗରାବଡୁ ସେବକମାନେ ବାଘମୁହାଁ ବାନ୍ଧି ଅଧିବାସ ଜଳ ସ୍ନାନବେଦିକୁ ବିଜେ କରାଇଥିଲେ। ସାଢେ ୧୨ଟା ମଧ୍ୟରେ ୧୦୮ ଗଡୁ ଜଳ ବିଜେ ହୋଇଥିଲା। ୧୨ଟା ୪୦ରେ ଜଳପୂଜା ବସି ଅପରାହ୍ନ ୧ଟା ୧୦ରେ ସରିଥିଲା। ଅପରାହ୍ନ ୧ଟା ୨୦ରେ ଜୟ ଜଗନ୍ନାଥ ଧ୍ୱନିରେ କମ୍ପି ଉଠିଥିଲା ବଡ଼ଦାଣ୍ଡ। ହରିବୋଲ, ହୁଳହୁଳିରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ସ୍ନାନ। ରୂପା ପିଙ୍ଗଣରେ ପୂଜା ହୋଇଥିବା ସୁବାସିତ ଜଳରେ ଠାକୁରଙ୍କୁ ସ୍ନାନ କରାଇଥିଲେ ପୂଜାପଣ୍ଡା ସାମନ୍ତ। ପ୍ରତ୍ୟହ ବିମ୍ବସ୍ନାନ କରୁଥିବା ଦାରୁଦିଅଁ ସ୍ନାନବେଦିରେ କରିଥିଲେ ପ୍ରତ୍ୟକ୍ଷ ସ୍ନାନ। ଶ୍ରୀବଳଭଦ୍ର ୩୩ ଗଡୁ, ଦେବୀ ସୁଭଦ୍ରା ୨୨ଗଡୁ, ଶ୍ରୀଜଗନ୍ନାଥ ୩୫ ଗଡୁ ଏବଂ ଶ୍ରୀସୁଦର୍ଶନ ୧୮ ଗଡୁ ଜଳରେ ସ୍ନାନ କରିଥିଲେ। ଅପରାହ୍ନ ୨ଟା ୪୦ରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା ନୀତି ନିମନ୍ତେ ସ୍ନାନମଣ୍ଡପକୁ ବିଜେ କରିଥିଲେ। ୩ଟା ୧୦ରେ ଛେରାପହଁରା ନୀତି ସରିଥିଲା। ଅପରାହ୍ନ ୩ଟା ୩୫ରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ହାତୀବେଶ (ଗଜାନନ ବେଶ)ରେ ସଜ୍ଜିତ କରିଥିଲେ। ନୀତି ନିର୍ଘଣ୍ଟର ୩୦ମିନିଟ୍ ପୂର୍ବରୁ ଅର୍ଥାତ ଅପରାହ୍ନ ୪ଟା ୩୦ରେ ଏହି ବେଶ ସରିଥିଲା। ହାତୀବେଶ ଥାଇ ଘଣ୍ଟଛତା ସକାଳ ଧୂପ ହୋଇଥିଲା। ଦେବସ୍ନାନ ପୂର୍ଣ୍ଣିମାରେ ଠାକୁରଙ୍କ ପାଖରେ ଏହି ଗୋଟିଏ ଥର ହିଁ ଭୋଗ ହୋଇଥାଏ। ସନ୍ଧ୍ୟା ୭.୧୦ରୁ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିଲା। ଏହା ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ରାତିରେ ହାତୀବେଶ ଓଲାଗି ହୋଇଥିଲା। ସୋମବାର ସକାଳୁ ପହଣ୍ଡି ଦର୍ଶନ ଲାଗି ଟିକେଟ ନେଇଥିବା ଶ୍ରଦ୍ଧାଳୁମାନେ ଦକ୍ଷିଣଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ପହଣ୍ଡି ସମୟରେ କୀର୍ତ୍ତନ ଚକଡ଼ା ବ୍ୟାରିକେଡ ବାହାରେ ରହି ସେମାନେ ପହଣ୍ଡି ଦର୍ଶନ କରିଥିଲେ। ସ୍ନାନବେଦିରେ ଚତୁର୍ଦ୍ଧାବିଗ୍ରହଙ୍କ ମଙ୍ଗଳ ଆଳତି ନୀତି ସରିବା ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତମାନେ ସିଂହଦ୍ୱାର ଦେଇ ଯାଇ ସ୍ନାନବେଦି ତଳ ର୍ୟାମ୍ପରେ ରହି ଦର୍ଶନ କରି ଉତ୍ତର ଦ୍ୱାର ଦେଇ ବାହାରକୁ ବାହାରିଥିଲେ।

### ଆଜିଠୁ ପଟିଦିଅଁଙ୍କ ଦର୍ଶନ

ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ସ୍ନାନମଣ୍ଡପରେ କରିଛନ୍ତି ସ୍ନାନ। ୧୦୮ ଗଡୁ ଅଭିମନ୍ତ୍ରିତ ଜଳରେ ସ୍ନାନକରି ଜ୍ୱରରେ ପୀଡ଼ିତ ହୋଇ ଚତୁର୍ଦ୍ଧାବିଗ୍ରହ ଏବେ ଅଣସର ଘରେ। ମଙ୍ଗଳବାରଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଅଣସର ବିଧି। ବିଭିନ୍ନ ଉପଚାରରେ ବିଶ୍ୱନିୟନ୍ତାଙ୍କ ସେବା କରିବେ ଦଇତାପତି ସେବକ। ଏହି ସମୟରେ ରତ୍ନସିଂହାସନରେ ଦାରୁଦିଅଁଙ୍କ ଦର୍ଶନ ମିଳିବନି। ଅଣସର ଟାଟିରେ ରହି ଭକ୍ତଙ୍କୁ ଦର୍ଶନ ଦେବେ ପଟିଦିଅଁ।

## ୧.୩୫ ଲକ୍ଷ...

ପୂଜାରୀ କହିଛନ୍ତି। ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଛନ୍ତି ଯେ, ରାଜସ୍ୱ କାହିଁକି କମୁଛି। ଏହାକୁ କିପରି ବଢ଼ାଯାଇପାରିବ। ବଜେଟ ଖର୍ଚ୍ଚ କିଭଳି ବଢ଼ାଯାଇପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଛି। ପର୍ଯ୍ୟଟନ, ବିପର୍ଯ୍ୟୟ ପ୍ରଶମନ, କ୍ଷୁଦ୍ର ଜଳସେଚନଗୁଡିକୁ ଆସନ୍ତା ବଜେଟରେ ଅଗ୍ରାଧିକାରୀ ଦେବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟ ସରକାର ବିପର୍ଯ୍ୟୟ ପରିଚାଳନା ପାଇଁ ଆଗାମୀ ବର୍ଷଗୁଡିକ ନିମନ୍ତେ ସ୍ୱତନ୍ତ୍ର ପ୍ୟାକେଜ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ବୈଠକରେ ଅର୍ଥନୀତିଜ୍ଞମାନେ ପରାମର୍ଶ ଦେଇଛନ୍ତି। ଆସନ୍ତା ବଜେଟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଆଦି ଭିତ୍ତିଭୂମି ପାଇଁ ଅଧିକ ଅର୍ଥ ବ୍ୟୟ କରିବା ଉପରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ ମତ ଦେଇଛନ୍ତି। ଏହାଛଡ଼ା ଶ୍ରମିକମାନଙ୍କର ମଜୁରୀ ମଧ୍ୟ ବଢ଼ିବା ଦରକାର ବୋଲି ସେ କହିଛନ୍ତି। ବୈଠକରେ ପୂର୍ବତନ ଅର୍ଥମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ, ପୂର୍ବତନ ପ୍ରଶାସନିକ ଅଧିକାରୀ ଅର୍ଦ୍ଧେନ୍ଦୁ ଶେଖର ଷଡ଼ଙ୍ଗୀ, ରବି ନାରାୟଣ ସେନାପତି, କେ.ସି. ବଡୁ, ଶ୍ରମିକ ନେତା ସୌରୀବନ୍ଧୁ କର, ଅର୍ଥନୀତିଜ୍ଞ ନଟବର ଖୁଣ୍ଟିଆ, ପ୍ରଫେସର ଏସ୍.ଏସ୍. ରଥ, ୟୁନିସେଫ୍‌ର ସୌମେନ ରାୟ, ସିଓ୍ୱାଇଏସ୍‌ଡିର ବସନ୍ତ ନାୟକ, ୟୁସିସିଆଇର କିଶୋର ମହାନ୍ତି, ରିଜର୍ଭ ବ୍ୟାଙ୍କର ଡିଜିଏମ୍ ଡି.ପାତ୍ର, ନାବାର୍ଡର ସିଜିଏମ୍ ଏ. ଚନ୍ଦ୍ରଶେଖର, ଅର୍ଥନୀତି ସାମ୍ବାଦିକ ଦିଲୀପ ବିଶୋୟୀ, କୃଷକ ସଂଗଠକ ସୀମାଚଳ ନାହାକ, କେଶବ ଚନ୍ଦ୍ର ପାତ୍ର, ବ୍ୟବସାୟୀ ମହାସଂଘର ସୁଧାକର ପଣ୍ଡା ଏବଂ ଶକ୍ତିଶଙ୍କର ପଣ୍ଡା ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ।

## ଏକକାଳୀନ..

ଧାନ ପଡିରହିଛି । ଏ ନେଇ ଚାଷୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଶେଷରେ ସୋମବାର ସକାଳେ ଆନ୍ଦୋଳନକୁ ଓହ୍ଲାଇଥିଲେ । ପୂର୍ବାହ୍ନ ୧୦ଟାରୁ ଡୁମେରପାଣିର ଚାଷୀମାନେ ୫/୬ଟି ଟ୍ରାକ୍ଟରରେ ଧାନ ଭର୍ତ୍ତି କରି ଆଣି ଗୋତମା ଛକ ନିକଟରେ ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ପ୍ରମୋଦ କୁମାର ସାହୁ, ମନୋଜ କୁମାର ସାହୁ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଦୀର୍ଘ ୪ ଘଣ୍ଟା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଖଣ୍ଡୁରାମ ନାଏକ ଆନ୍ଦୋଳନସ୍ଥଳକୁ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ । ତୁରନ୍ତ ଧାନ କିଣାଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଚାଷୀମାନେ ଶାନ୍ତ ହୋଇଥିଲେ । ସେହିଭଳି ବେଲଗୁଡୁରୀ ବଖରମାଲ ନିକଟରେ ଚାଷୀମାନେ ପୂର୍ବାହ୍ନ ୯ଟାରୁ ଆନ୍ଦୋଳନ କରିଥିଲେ । ୧ଟାବେଳେ ପ୍ରଶାସନ ତରଫରୁ ଧାନକିଣା ଯିବାକୁ ନିର୍ଦ୍ଦେଶ ମିଳିବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ । ସେଠାରେ କୃଷକ ନେତା ତୁଙ୍ଗନ ଚନ୍ଦ୍ରକାର, ରୋଶନ ଚନ୍ଦ୍ରକାର, ଚନ୍ଦ୍ରଶେଖର ଚନ୍ଦ୍ରକାର ପ୍ରମୁଖ ନେତୃତ୍ୱ ନେଇଥିଲେ । ଜଡାମୁଣ୍ଡା ଛକ ନିକଟରେ ସେଠିକାର ଚାଷୀମାନେ ଜାତୀୟ ରାଜପଥକୁ ଧାନ ବସ୍ତା ରଖି ଅବରୋଧ କରିଥିଲେ। ହେମନ୍ତ କୁମାର କର, ଯଦୁମଣି ପାଣିଗ୍ରାହୀ, ହୋମସିଂ ମାଝି, ବିରାଟ ବାଗ ପ୍ରମୁଖ ଉକ୍ତ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଦୀର୍ଘ ୭ଘଣ୍ଟା ଧରି ରାସ୍ତା ଜାମ ହେବା ପରେ ପ୍ରଶାସନ ତରଫରୁ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ନାଏକ ଅପରାହ୍ନ ୪ଟାବେଳେ ଆନ୍ଦୋଳନସ୍ଥଳକୁ ଆସି ଧାନ ଉଠାଇବାକୁ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ହଟିଥିଲେ। ସେହିଭଳି ତରବୋଡ ନିକଟରେ ହୋଇଥିବା ଆନ୍ଦୋଳନସ୍ଥଳକୁ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ନାଏକ ପହଞ୍ଚି ଧାନଉଠିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ଥମିଥିଲା। ଏଥିରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ଅର୍ଜୁନ ଜଗତ, ସୁଶୀଳ ସୋନୀ, ବ୍ୟାସନାରାୟଣ ଅହୀର ପ୍ରମୁଖ ନେତୃତ୍ୱ ନେଇଥିଲେ । ଆଗାମୀ ଦିନରେ ଜିଲାର ସମସ୍ତ ଚାଷୀଙ୍କ ଧାନ ନ ଉଠିଲେ ଆନ୍ଦୋଳନ ଉଗ୍ରରୂପ ନେବ ବୋଲି ପ୍ରସନ୍ନ ପାଢୀ ଚେତାବନୀ ଦେଇଛନ୍ତି। ଏହା ଉପରେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ନାଏକଙ୍କୁ ପଚାରିବାରେ ଆଗକୁ ଆଉ ସମସ୍ୟା ହେବନାହିଁ । ଏହା ଉପରେ ସେ ଜିଲାପାଳଙ୍କୁ ଜଣାଇବେ ବୋଲି କହିଛନ୍ତି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କର୍ମକ୍ଷେତ୍ରର ପ୍ରତ୍ୟେକ ପରିସ୍ଥିତିକୁ କୌଶଳରେ ସଜାଡ଼ିନେବେ। କିନ୍ତୁ କୌଣସି ବନ୍ଧୁଙ୍କୁ ଟଙ୍କା ପଇସା ଦେଇ ଫେରିପାଇବା କମ୍ ସମ୍ଭାବନାକୁ ଦେଖି ମାନସିକ ଚିନ୍ତା ବଢ଼ିଯିବ। କ୍ରମଶଃ ଦୂରେଇଯାଉଥିବା କୌଣସି ଆତ୍ମୀୟଙ୍କ ପାଇଁ ମନ ଛଟପଟ ହେବ। ହାତରୁ ଖାଇ ପର ପାଇଁ ଖଟିବେ ଓ ପରେ ଅନୁତାପ କରିବେ।

**ବୃଷ** ବହୁଦିନ ହେଲା ଯାହା ପାଇବାକୁ ଚେଷ୍ଟାକରି ପାଇ ନ ଥିଲେ ଆଜି ତାହା ପାଇବାରେ ଅସୁବିଧା ହେବନାହିଁ । ଇଚ୍ଛା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ଦାୟିତ୍ୱ ହାତକୁ ନେବାକୁ ବାଧ୍ୟ ହେବେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରେ ଉନ୍ନତମାନର ଫଳ ପାଇବେ। ପୁରାତନ ରୋଗର ପ୍ରାଦୁର୍ଭାବ ବଢ଼ିବା କାରଣରୁ ମାନସିକ ଦୁର୍ବଳତା ଅନୁଭବ କରିପାରନ୍ତି।

**ମିଥୁନ** ଭୁଲ୍ ବୁଝାମଣା କାରଣରୁ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବଢ଼ାଇବା ସକାଶେ ଚେଷ୍ଟାକଲେ ମଧ୍ୟ ସେମାନେ ଆପଣଙ୍କୁ ଅସ୍ୱୀକାର କରିବେ । କର୍ମକ୍ଷେତ୍ରରେ ପ୍ରଶାସନିକ କିମ୍ବା ପରିଚାଳନାଗତ ତ୍ରୁଟିକୁ ସୁଧାରିବାକୁ ପ୍ରସ୍ତୁତି ଆରମ୍ଭ କରିବେ। ସାଧାରଣ କଥାକୁ ନେଇ ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ଗତି କରିବେ। ଆଜିର ଯାତ୍ରା,ବାଣିଜ୍ୟ,ବ୍ୟବସାୟାଦି ମନ୍ଦ ହେବନାହିଁ।

**କର୍କଟ** ଆନୁଷ୍ଠାନିକ କାମରେ କୌଣସି ବିଶିଷ୍ଟ ବ୍ୟକ୍ତିମାନଙ୍କ ଅନୁକମ୍ପା ଲାଭକରି ମନ କଥାକୁ ପ୍ରକାଶ କରିପାରନ୍ତି। ଅଭାବ ନ ଥିଲେ ମଧ୍ୟ ଖୋଲା ମନନେଇ ଖର୍ଚ୍ଚରୁ ଦୂରେଇ ରହିବା ପାଇଁ ଚେଷ୍ଟିତ ହୋଇପାରନ୍ତି। କେତେକ ପରିସ୍ଥିତିରେ ନିଜ ଲୋକଙ୍କୁ ସନ୍ଦେହ କରିବା ଭଳି ପରିସ୍ଥିତି ସୃଷ୍ଟି ହେବ। ପାରିବାରିକ ସ୍ତରରେ ସମସ୍ୟା ସୃଷ୍ଟି ହୋଇପାରେ।

**ସିଂହ** ପରିସ୍ଥିତିର ତାଡ଼ନାରେ କଠିନ ପରିଶ୍ରମଜନିତ କାରଣରୁ ଅପରାହ୍ନରେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ। ସନ୍ତାନମାନଙ୍କର କିଛି ରହିଥିବା ସମସ୍ୟାର ସମାଧାନ ସକାଶେ ବ୍ୟସ୍ତତା ବଢ଼ିପାରେ। ଆର୍ଥିକ ଅନଟନ ରହିଥିଲେ ମଧ୍ୟ କାମ କରି ବିଭିନ୍ନ ବର୍ଗର ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଶଂସିତ ହେବେ।

**କନ୍ୟା** ଦୀର୍ଘଦିନର କଳ୍ପନାପ୍ରସୂତ ନୂତନ କାମଟି ପାଇଁ ପ୍ରସ୍ତୁତି ଜୋର୍‌ସୋରରେ ଆରମ୍ଭ କରିବାକୁ ମନସ୍ଥ କରିବେ। ପରିସ୍ଥିତିର ସାମ୍ନା କରିବାକୁ ଯାଇ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବାକୁ ବାଧ୍ୟ ହେବେ। ପରିବାରରେ ପିଲାଙ୍କ ପାଇଁ ଜଞ୍ଜାଳ କ୍ରମଶଃ ବୃଦ୍ଧି ପାଇବା ହେତୁ ସାମୟିକ ଦୁଶ୍ଚିନ୍ତାଗ୍ରସ୍ତ ହେବେ।

**ତୁଳା** କଠିନ ଶ୍ରମ ଓ ଭ୍ରମଣଜନିତ ସାମୟିକ ଶାରୀରିକ ଅସୁସ୍ଥତା ହେତୁ ମନ ବିଚଳିତ ରହିପାରେ। ବ୍ୟବସାୟ କ୍ଷେତ୍ରରେ କିଛି ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବା ସମ୍ଭାବନା ରହିଛି। କଚେରି ମାମଲାରେ ସମସ୍ୟା କ୍ରମଶଃ ବୃଦ୍ଧି ପାଇବାକୁ ନେଇ ଚିନ୍ତିତ ରହିପାରନ୍ତି। ଶତ୍ରୁତା ହଠାତ୍ ପ୍ରଶମିତ ନ ହୋଇପାରେ, କିନ୍ତୁ କିଛି ସମୟ ପାଇଁ ମଳିନ ରହିବ।

**ବିଛା** ବହୁ କାମ ଅସମ୍ପୂର୍ଣ୍ଣ ରହିବା କାରଣରୁ ବିଚଳିତବୋଧ କରିପାରନ୍ତି। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ପାଖ ପଡ଼ୋଶୀଙ୍କ ସହ ଆଲୋଚନା କଲେ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ସବୁକଥାରେ ହଁ ଭରିବେ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତାକରି ବ୍ୟସ୍ତତା ଅନୁଭବ କରିପାରନ୍ତି।

**ଧନୁ** ସକାଳୁ ସକାଳୁ ହଠାତ୍ କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ । ପରିବାରରେ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହୋଇପାରନ୍ତି। ସନ୍ତାନଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଓ ଅମନଯୋଗୀ ସ୍ୱଭାବରେ ପରିବର୍ତ୍ତନ ପାଇଁ ଯଥାସାଧ୍ୟ ଚେଷ୍ଟା କରିପାରନ୍ତି। ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ଅପେକ୍ଷାକରି ବିରକ୍ତି ଅନୁଭବ କରିବେ।

**ମକର** ଆଜିର ପ୍ରତ୍ୟୁଷ ଯାତ୍ରା, ସଭାସମିତି, ନୂତନ କର୍ମାରମ୍ଭ ବିନା ବାଧାବିଘ୍ନରେ ସମାପନ ହେବ। କର୍ମକ୍ଷେତ୍ରରେ କିଛି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ବ୍ୟବସାୟ କ୍ଷେତ୍ରରେ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ଅନ୍ୟମାନଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଜନହିତକର କାର୍ଯ୍ୟରେ ନିଜକୁ ଲଗାଇପାରନ୍ତି।

**କୁମ୍ଭ** ବନ୍ଧୁମାନଙ୍କ ନିକଟରୁ କିଛି ଖରାପ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାକୁ ପଡ଼ିପାରେ। ରୋଗଣା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ କିଛିଟା ଆଶ୍ୱସ୍ତି ଅନୁଭବ କରିବେ। ବ୍ୟୟ ବୃଦ୍ଧି କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ରହି ପାରନ୍ତି। ବହୁ ବିଳମ୍ବରେ ହେଲେ ମଧ୍ୟ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହୋଇପାରିବ।

**ମୀନ** ଆଜି କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଖୁସି ରହିବେ। ବିବାଦୀୟ କ୍ଷେତ୍ର କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ । ପରିବାରର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ଏଣୁ ସରକାରୀସ୍ତରରୁ ଋଣ ଆଣିବା ସକାଶେ ମନ ବଳାଇପାରନ୍ତି। ପରୋକ୍ଷ ଭାବେ ଶତ୍ରୁ କେହି ଅସୁବିଧାରେ ପକାଇପାରନ୍ତି।

ଆଜି ଆଷାଢ଼ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ମଙ୍ଗଳବାର, ଜୁନ୍ ୧୮ ତାରିଖ, ଅନ୍ତର୍ଜାତୀୟ ବଣଭୋଜି ଦିବସ, ରାଶି ନକ୍ଷତ୍ର-ଦିବା ଘ୧୨।୩୪ମି. ଗତେ ପୂର୍ବାଷାଢ଼ା/ଧନୁ, ମକର ରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୮।୨୮ମି. ଗତେ ଘ୧୦।୦୭ମି. ମଧ୍ୟେ, ଘ୧୧।୪୬ମି. ଗତେ ଘ୧୨।୨୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୦୭ମି. ଗତେ ଘ୧୧।୪୬ମି. ମଧ୍ୟେ, ଘ୩।୪୦ମି. ଗତେ ଘ୫।୦୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୩।୦୬ମି. ଗତେ ଘ୪।୧୫ମି. ମଧ୍ୟେ ରାହୁକାଳ।


## CLASSIFIED NEW TARIFF

w.e.f. 18.06.2019

| | |
|---|---|
| All Edition | ₹25/- Per Word (Min. 10 Words) |
| Bold | ₹100/- Extra |
| Box | ₹100/- Extra |
| Bold + Box | ₹150/- Extra |
| Top Booking | 50% Extra |
| Repeat | 50% Discount |
| For Long Term Booking | 5 + 3 Free, 10 + 5 Free |
| Birthday / Thread Ceremony / Marriage | ₹200/- (B/W), ₹400/- (Color) |
| Obituary | ₹500/- (B/W), ₹1000/- (Color) |
| P.HD Award | ₹2000/- |
| Legal Notice/Personal Notice | ₹25/- Per Word |

(N.B.: 5% Extra GST, As per Govt. norms)

For Clarification Please Contact:
CLASSIFIED STATION nearest you OR
E-mail: classifieddharitri@gmail.com | Telephone: 0674-2548348/2549302

N.B.: For special occassion like Raja, Durga Puja, Rakhi etc., Staff is empowered to publish an advertisement in Classified Page and give discount of ₹5/- (Five) per word for special wishes.

classifieds Everyday 0674-2580101, 2549302

real estate

**SALE**

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରେ 4.5K.m କମ୍ପ୍ଲେକ୍ସ ପାଖରେ ସ୍ଥିତିବାନ ଜାଗା ଡ଼ି. 90,000 ବିକ୍ରି। Contact: 8908492594. D-12707

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66903

Bhubaneswar Patia new Railway station ଠାରେ ସ୍ଥିତିବାନ demarcated plot sqft 500/-, 700/-. 9938501324, 7064471511. D-66706

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**40th Marriage Anniversary**



**Indiramani Patnaik
Purnachandra Patnaik**
The good times and the bad times of 40 year have withstood the true test of time, every year growing with each other and growing closer together.
**Happy Anniversary!**
Congratulations both on 40th spent together. May your life continue to be filled with love, laughter and happiness.
D-66603

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୦୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

**ଜନ୍ମଦିନ ଶୁଭେଚ୍ଛା**



**ସୁଚିତ୍ରା ବିଶ୍ୱାଳ (ପୂଜା)**
ଗ୍ରାମ- ଚଅଁରପୁର,
ଜିଲ୍ଲା- ଜଗତସିଂହପୁର
ଆଜି ପବିତ୍ର ଜନ୍ମଦିନ ଅବସରରେ ମୁଁ ତୁମର ଶୁଭକାମନା କରୁଛି । ଭଗବାନ ତୁମର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ମାମା, ଦିଦି, ପପୁ, ଟିକି, ପିଙ୍କି, ତନୁ, ସାଲୁ, ଅନୁ, ଟୁଇଙ୍କିଲ୍, ରୁପା, ମୁନି।
ଧ-୧୩୦୦୯

**ଜନ୍ମଦିନ ଶୁଭେଚ୍ଛା**



**ଆୟୁଷ ପଟ୍ଟନାୟକ**
ବଡ଼ଗଡ଼, ଭୁବନେଶ୍ୱର
ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ:
ବାପା, ମା, ଭାଇ, ଭଉଣୀ, ଦାଦା, ଖୁଡ଼ୀ, ମାମୁ, ମାଇଁ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୩୦୦୮



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା

## ସଂକ୍ଷେପରେ

### ସମଲେଇ ମନ୍ଦିରରେ ହେବ ଲାଇଟ୍, ସାଉଣ୍ଡ ଶୋ

ସମ୍ବଲପୁର,୧୭ ।୬ (ବ୍ୟୁରୋ): ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା'ସମଲେଇ ମନ୍ଦିର ପରିସରରେ ଲାଇଟ୍ ଓ ସାଉଣ୍ଡ ଶୋ କରାଯିବ। ଏଥିପାଇଁ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ କୋଟି ୪୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨ କୋଟି ଟଙ୍କା ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଲାଇଟ୍ ଓ ସାଉଣ୍ଡ ଶୋରେ ସମଲେଇ ମନ୍ଦିରର ଇତିହାସ, ପରମ୍ପରା, ପୂଜାବିଧି, ନୂଆଁଖାଇ, ଦଶହରା, ନବରାତ୍ର ଭଳି ବିଭିନ୍ନ ପର୍ବପର୍ବାଣୀ, ସମ୍ବଲପୁରର ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳଗୁଡ଼ିକ ଉପରେ ମଧ ସୂଚନା ଦିଆଯିବ, ଯାହା ଭକ୍ତ ତଥା ପର୍ଯ୍ୟଟକ ଜାଣିପାରିବେ। ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ୍ କୁମାର ବାବୁ ଏହି ସୂଚନା ଦେଇଛନ୍ତି।

# ଲୋକ ସଭାରେ ଶପଥ ନେଲେ ଓଡ଼ିଶାର ୧୬ ଏମ୍‌ପି

ଭୁବନେଶ୍ୱର, ୧୭।୬(ବ୍ୟୁରୋ)

- ଆଜି ଶପଥ ନେବେ ବାକି ୫ ଏମ୍‌ପି
- ପ୍ରତାପ ସଂସ୍କୃତ, ଚନ୍ଦ୍ରାଣୀ ସାନ୍ତାଳୀ ଭାଷାରେ ନେଲେ ଶପଥ

ସପ୍ତଦଶ ଲୋକ ସଭାର ପ୍ରଥମ ଅଧିବେଶନ ସୋମବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ନବନିର୍ବାଚିତ ସଦସ୍ୟମାନଙ୍କ ଶପଥ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୃହର ନେତାଭାବେ ଶପଥ ନେଇଥିଲେ। ଏହାପରେ ଅନ୍ୟ ସଦସ୍ୟମାନେ ଶପଥ ନେଇଛନ୍ତି। ଓଡ଼ିଶାରୁ ନିର୍ବାଚିତ ହୋଇଯାଇଥିବା ଏମ୍‌ପିମାନେ ମଧ ଶପଥ ଗ୍ରହଣ କରିଛନ୍ତି। ବାଲେଶ୍ୱର ଲୋକ ସଭା ଆସନରୁ ଏମ୍‌ପି ହୋଇଥିବା ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ସଂସ୍କୃତରେ ଶପଥ ନେଇଛନ୍ତି। ଲୋକ ସଭାର ଅସ୍ଥାୟୀ ବାଚସ୍ପତି ବୀରେନ୍ଦ୍ର କୁମାର ସଦସ୍ୟମାନଙ୍କୁ ଶପଥ ପାଠ କରାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବରିଷ୍ଠ ନେତା ତଥା ଏମ୍‌ପି ଭର୍ତ୍ତୃହରି ମହତାବ ଓଡ଼ିଆରେ ଶପଥ ଗ୍ରହଣ କରିଛନ୍ତି। ସେହିପରି କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲିକ, ପୁରୀ ଏମ୍‌ପି ପିନାକୀ ମିଶ୍ର, ଆସ୍କା ଏମ୍‌ପି ପ୍ରମିଳା ବିଶୋୟୀ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓଡ଼ିଆରେ ଶପଥ ନେଇଛନ୍ତି। ଚନ୍ଦ୍ରାଣୀ ମୁର୍ମୁ ସାନ୍ତାଳୀ ଭାଷାରେ ଶପଥ ନେଇଛନ୍ତି। ସେହିପରି ଭାଜପା ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ବସନ୍ତ ପଣ୍ଡା, ଅପରାଜିତା ଷଡ଼ଙ୍ଗୀ ମଧ ଶପଥ ଗ୍ରହଣ କରିଛନ୍ତି। ସେହିପରି ଓଡ଼ିଶାରୁ ନିର୍ବାଚିତ ହୋଇଥିବା ଏକମାତ୍ର କଂଗ୍ରେସ ଏମ୍‌ପି ସପ୍ତଗିରି ଉଲ୍ଲାକା ଇଂରାଜୀରେ ଶପଥ ଗ୍ରହଣ କରିଛନ୍ତି। ଓଡ଼ିଶାର ୨୧ ଏମ୍‌ପିଙ୍କ ମଧ୍ୟରୁ ୫ଜଣ ଶପଥ ଗ୍ରହଣ କରିନାହାନ୍ତି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂ ଦେଓ, ମୟୂରଭଞ୍ଜ ଏମ୍‌ପି ବିଶ୍ୱେଶ୍ୱର ଟୁଡୁ, ସମ୍ବଲପୁର ଏମ୍‌ପି ନିତୀଶ ଗଙ୍ଗଦେବ ଏବଂ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ମଙ୍ଗଳବାର ଶପଥ ନେବେ ବୋଲି ଜଣାପଡ଼ିଛି।

## ଆଜି କ'ଣ କେଉଁଠି

**ଲୋଇସିଂହା**

- ବିଧାୟକଙ୍କ ସମୀକ୍ଷା ବୈଠକ, ଆଗଲପୁର ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

**ପୁରୁଣାକଟକ**

- କୁଲତା ସମାଜର ବାର୍ଷିକ ଅଧିବେଶନ, ଲୁଣିବାହାଲ, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**

- ଜିଲାସ୍ତରୀୟ ଆର୍ଥିକ ସର୍ଭେକ୍ଷଣ ତାଲିମ ଶିବିର, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୦ଟା।

**ରାଉରକେଲା**

- ଓଡ଼ିଶୀ ନୃତ୍ୟ କର୍ମଶାଳାର ଉଦ୍‌ଯାପନୀ ସମାରୋହ, ମ୍ୟୁଜିକ ସର୍କଲ, ଛେଣ୍ଡ ହିଲ୍ ଭ୍ୟୁ, ସନ୍ଧ୍ୟା ୬ଟା।

# ୨୧ରେ ବାହାରିପାରେ ଯୁକ୍ତ୨ କଳା, ବାଣିଜ୍ୟ ପରୀକ୍ଷା ଫଳ

ଭୁବନେଶ୍ୱର,୧୭।୬(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା ଏବଂ ବାଣିଜ୍ୟ ପରୀକ୍ଷା ଫଳ ଆସନ୍ତା ୨୧ତାରିଖରେ ପ୍ରକାଶ ପାଇପାରେ। ଫଳ ପ୍ରକାଶନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଯଦି ସବୁ ଠିକ୍ ଚାଲେ, ତେବେ ଫଳ ପ୍ରକାଶ କରିବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ପରୀକ୍ଷା ଫଳ ପ୍ରକାଶ ପାଇଁ ସବୁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ରହିଛି। ନିର୍ଭୁଲ ଭାବେ କିପରି ଫଳ ପ୍ରକାଶନ ହେବ, ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ପ୍ରଥମେ ନିର୍ବାଚନ ପରେ ବାତ୍ୟା, ଇ-ମୂଲ୍ୟାୟନ ପାଇଁ ଯାନ୍ତ୍ରିକ ତ୍ରୁଟି, ଅଧ୍ୟାପକଙ୍କ ଅନୁପସ୍ଥିତି ଏ ସବୁ କାରଣ ପାଇଁ ଫଳ ପ୍ରକାଶନ ବିଳମ୍ବ ହେଉଛି ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଏ ନେଇ ଉପ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ଦାଶ କହିଛନ୍ତି, ତୃତୀୟ ସପ୍ତାହ ସୁଦ୍ଧା କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇବ। ସେପଟେ ରେଜଲ୍ଟ ବାହାରି ପାରୁ ନ ଥିବାରୁ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ପାଇଁ ଆବେଦନ କରିପାରୁ ନାହାନ୍ତି। ପାଖାପାଖି ସାଢ଼େ ୩ଲକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଏବେ ସରକାରଙ୍କ ହାତରେ ରହିଛି। ସୂଚନାଯୋଗ୍ୟ, ଚଳିତବର୍ଷ ୨ଲକ୍ଷ ୩୫ହଜାର ୧୮୩ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ବାଣିଜ୍ୟରେ ୨୮ହଜାର ପରୀକ୍ଷା ଦେଇଛନ୍ତି।

# ରାଜ୍ୟରେ ଖୋଲିବ ଆଉ ୩ ସାଇବର ଥାନା

ଭୁବନେଶ୍ୱର,୧୭।୬(ବ୍ୟୁରୋ)

- ଭୁବନେଶ୍ୱର ସାଇବର ଥାନାରେ ଲାବ୍ ସହ ପ୍ରଶିକ୍ଷଣ କେନ୍ଦ୍ର
- ସାଇବର ଅପରାଧରୁ ଶିଶୁଙ୍କୁ ମୁକ୍ତ କରିବା ବଡ଼ ଚ୍ୟାଲେଞ୍ଜ: ଡିଜିପି
- ପରିବାର ଲୋକେ ସତର୍କ ରହିବା ସହ ସଚେତନ ହେବାକୁ ପରାମର୍ଶ

ଗତ କିଛିବର୍ଷ ହେବ ବଢ଼ି ଚାଲିଛି ସାଇବର ଅପରାଧ। କେବଳ ଓଡ଼ିଶା ନୁହେଁ, ଦେଶ ପାଇଁ ଏହା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ରାଜ୍ୟରେ ସାଇବର ଅପରାଧ ରୋକିବାକୁ ଆଉ ୩ ସାଇବର ଥାନା ଖୋଲିବ। ବର୍ତ୍ତମାନ କଟକ, ବ୍ରହ୍ମପୁର, ରାଉରକେଲା ଓ ସମ୍ବଲପୁରରେ ସାଇବର ଥାନା ରହିଛି। ଏବେ ଭୁବନେଶ୍ୱର, ବାଲେଶ୍ୱର ଓ କୋରାପୁଟରେ ଖୁବ୍‌ଶୀଘ୍ର ସାଇବର ଥାନା ଖୋଲିବାକୁ ଯାଉଛି। ଭୁବନେଶ୍ୱର ସାଇବର ଥାନାରେ ଫରେନ୍‌ସିକ୍ ଲ୍ୟାବ୍ ସହ ଟ୍ରେନିଂ ସେଣ୍ଟର ରହିବ। ଏହାଦ୍ୱାରା ସାଇବର ଅପରାଧର ତଦନ୍ତ ପାଇଁ ଆବଶ୍ୟକ ପରୀକ୍ଷାନିରୀକ୍ଷା ପାଇଁ ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବନି। ଏଠାରୁ ରାଜ୍ୟ ପୋଲିସ ଆବଶ୍ୟକ ପ୍ରଶିକ୍ଷଣ ନେଇ ସାଇବର ଅପରାଧ ରୋକିବାକୁ ଦକ୍ଷତା ଅର୍ଜନ କରିପାରିବେ ବୋଲି ପୋଲିସ ଡିଜି ଡା. ଆର୍.ପି. ଶର୍ମା କହିଛନ୍ତି।

ସୋମବାର ପୋଲିସ ଭବନଠାରେ କ୍ରାଇମବ୍ରାଞ୍ଚ ଓ ୟୁନିସେଫ୍ ପକ୍ଷରୁ ଆରମ୍ଭ ହୋଇଥିବା ସାଇବର ଅପରାଧ ସଂକ୍ରାନ୍ତ ଚାରିଦିନିଆ ରାଜ୍ୟସ୍ତରୀୟ କର୍ମଶାଳାକୁ ଉଦ୍‌ଘାଟନ କରି ଡିଜିପି ଶର୍ମା କହିଲେ, ଆତଙ୍କବାଦୀମାନେ ଇଣ୍ଟରନେଟ୍ ମାଧ୍ୟମରେ ଆକ୍ରମଣ କରୁଥିବାବେଳେ ୱେବ୍‌ସାଇଟ୍ ହ୍ୟାକିଂ, ଭିଡିଓ ଭାଇରାଲ ଓ କୋଟି କୋଟି ଟଙ୍କା ଠକେଇ ଘଟଣା ବଢ଼ି ଚାଲିଛି। ତେବେ ସାଇବର ଅପରାଧ ସହ ନିରୀହ ନାବାଳକ ଓ ନାବାଳିକା ଯୋଡ଼ିହେବା ସବୁଠୁ ଉଦ୍‌ବେଗର ବିଷୟ ହୋଇଛି। ସେମାନଙ୍କୁ ଅପରାଧୀମାନେ ଫସାଇବା ସହ ନାନା ନିର୍ଯାତନା ଦେଉଥିବାର ଅନେକ ଘଟଣା ନଜରକୁ ଆସିଛି। ସାଇବର ଅପରାଧରୁ ଶିଶୁଙ୍କୁ ମୁକ୍ତ କରିବା ବର୍ତ୍ତମାନ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏଥିପାଇଁ ପିତାମାତା ଓ ପରିବାର ଲୋକେ ମଧ ସଚେତନ ହେବା ଆବଶ୍ୟକ ବୋଲି ଡିଜିପି କହିଛନ୍ତି। ଏହି ଅବସରରେ ସାଇବର ଅପରାଧର ଫରେନ୍‌ସିକ୍ ତଦନ୍ତ ଓ ଆପରାଧିକ ରେକର୍ଡ ଉପରେ ସିଆଇଡି ଦ୍ୱାରା ପ୍ରସ୍ତୁତ ଏକ ବୁକ୍‌ଲେଟ୍ ଉନ୍ମୋଚିତ ହୋଇଥିଲା।

ୟୁନିସେଫ୍‌ର ଓଡ଼ିଶା ମୁଖ୍ୟ ଡ. ମୋନିକା ନେଲଶନ୍ କହିଲେ, ଇଣ୍ଟରନେଟ୍ ଜରିଆରେ ସାଇବର ଅପରାଧୀମାନେ ନିରୀହ ଶିଶୁମାନଙ୍କୁ ଟାର୍ଗେଟ କରୁଛନ୍ତି। ଏଭଳି ଅପରାଧରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାକୁ ରାଜ୍ୟ ପୋଲିସକୁ ସାଇବର ଅପରାଧ ଉପରେ ଦକ୍ଷତା ଆଣିବାକୁ ପଡ଼ିବ। ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡ଼ିଶା ପୋଲିସକୁ ୟୁନିସେଫ୍ ସମ୍ପୂର୍ଣ୍ଣ ସାହଯୋଗର ହାତ ବଢାଇବ ବୋଲି ସେ କହିଥିଲେ। ଅତିରିକ୍ତ ଡିଜିପି ସନ୍ତୋଷ ଉପାଧ୍ୟାୟ କହିଲେ, ଦିଲ୍ଲୀରୁ ଆସିଥିବା ଦକ୍ଷ ପ୍ରଶିକ୍ଷକମାନେ ପୋଲିସ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେବେ। ପ୍ରଥମ ଦୁଇଦିନ ୧୩୦ ଜଣ ଏବଂ ଶେଷ ଦୁଇ ଦିନ ଅନ୍ୟ ୧୩୦ ଜଣ ପୋଲିସ ଅଧିକାରୀ ଟ୍ରେନିଂ ନେବେ। ଶେଷରେ ଦୁଇବ୍ୟାଚ୍‌ର ପରୀକ୍ଷା ହେବ ଓ ଶ୍ରେଷ୍ଠ ୩ ଅଧିକାରୀଙ୍କୁ ଅଧିକ ପ୍ରଶିକ୍ଷଣ ପାଇଁ ଦେଶବାହାରକୁ ପଠାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବିଗତ ୪ବର୍ଷରେ ହୋଇଥିବା ସାଇବର ଅପରାଧ ସଂକ୍ରାନ୍ତରେ ସେ ସୂଚନା ଦେଇଥିଲେ। କ୍ରାଇମବ୍ରାଞ୍ଚ ଏସ୍‌ପି ସନ୍ଦୀପ ମାଡକେର ପରିଚାଳନା ଓ ଆଇଜିପି ଅରୁଣ ବୋଥ୍ରା ଧନ୍ୟବାଦ ଦେଇଥିଲେ।




## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅଜିତ୍ କୁମାର ବରାଇ(ପିଣ୍ଟୁ)
ରଙ୍ଗାଢିପା, ନ୍ୟୁ- କଲୋନି, ସୁନ୍ଦରଗଡ଼
ଆବିର୍ଭାବ: ୨୯।୦୧।୧୯୭୩
ତିରୋଧାନ: ୨୯।୦୬।୨୦୧୮

ଚାହୁଁ ଚାହୁଁ ଏକବର୍ଷ ବିତିଗଲା ତୋର ଅବର୍ତ୍ତମାନରେ ତୋର ଧର୍ମ, କର୍ମ, ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠାକୁ ପାଥେୟକରି ଆମେମାନେ କାଳାତିପାତ କରୁଛୁ। ତୋର ଅନୁପସ୍ଥିତି ସର୍ବଦା ହୃଦୟରେ ଏକ ଶୂନ୍ୟତା ସୃଷ୍ଟିକରେ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁପାଦେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:**
ବାପା, ମାଆ, ଭାଇ, ଭଉଣୀ, ଭାଉଜ, ଆଶୁ, ସୁମି, ବରାଇ ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।

ଧ-୧୩୦୧୫

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୋପବନ୍ଧୁ ପ୍ରଧାନ
ଆବିର୍ଭାବ: ୦୩।୧୧।୧୯୫୦
ତିରୋଧାନ: ୦୭।୦୬।୨୦୧୯

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।

ତୁମର ନୀତି, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାର ଓ ଅତୁଟ ସ୍ନେହ, ଶ୍ରଦ୍ଧା, ଦିଗ୍‌ଦର୍ଶନ ସର୍ବଦା ଆମ ପରିବାର ପାଇଁ ପ୍ରେରଣାର ଉତ୍ସହୋଇ ରହିଥାଉ। ତୁମେ ସ୍ଥୂଳ ଶରୀରରେ ଆମ ଗହଣରେ ନଥିଲେ ମଧ ତୁମ ସ୍ମୃତି ଆମ ପାଇଁ ସଦା ଜୀବନ୍ତ। ଆଜିର ପୁଣ୍ୟ ତିଥିରେ ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଧ-୧୩୦୧୨

# ଦୀଘା ମୁହାଣରେ ବୁଡ଼ିଲା ଟ୍ରଲର

ଭୋଗରାଇ, ୧୭।୬ (ଡି.ଏନ.ଏ.)

ବାଲେଶ୍ୱର ଜିଲା ସୀମାନ୍ତ ଦୀଘା ସମୁଦ୍ର ମୁହାଣରେ ଏକ ମାଛମରା ଟ୍ରଲର ସୋମବାର ସକାଳେ ବୁଡ଼ିଯାଇଥିଲା। ମା' ଦୁର୍ଗା ନାମକ ଏହି ଟ୍ରଲର ଗଭୀର ସମୁଦ୍ର ମଧ୍ୟକୁ ଗତ ଶୁକ୍ରବାର ମାଛ ମାରିବାକୁ ଯାଇଥିଲା। ସମୁଦ୍ରରୁ ମାଛ ମାରି ଫେରୁଥିବା ବେଳେ ଦୀଘା ସମୁଦ୍ର ମୁହାଣ ବାଲିଚଡରେ ଧକ୍କା ଦେବାରୁ ଟ୍ରଲର ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏହି ଟ୍ରଲରରେ ଥିବା ୧୨ଜଣ ମତ୍ସ୍ୟଜୀବୀ ଜୀବନକୁ ବାଜି ଲଗାଇ ପହଁରି କୂଳରେ ଲାଗିଥିଲେ। ସେମାନଙ୍କୁ ଅନ୍ୟ ମତ୍ସ୍ୟଜୀବୀ ମାନେ ଉଦ୍ଧାର କରି ଦୀଘା ଜେନେରାଲ ହସ୍‌ପିଟାଲକୁ ନେଇଥିଲେ।

### ଭାଜପାର ନୂତନ ସଦସ୍ୟତା ଅଭିଯାନ ପ୍ରସଙ୍ଗ

# ଅନନ୍ତ ପ୍ରଭାରୀ, ଶାରଦା ସହପ୍ରଭାରୀ ନିଯୁକ୍ତ

ଭୁବନେଶ୍ୱର, ୧୭।୬(ବ୍ୟୁରୋ)

ଓଡ଼ିଶାରେ ଭାଜପାର ନୂଆ ସଦ୍ୟସତା ଅଭିଯାନ ଆଗକୁ ନେବା ଏବଂ ନୂଆ ସଦସ୍ୟମାନଙ୍କୁ ଦଳରେ ସାମିଲ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଷ୍ଟ୍ରୀୟ ଉପସଭାପତି ତଥା ସଦସ୍ୟତା କେନ୍ଦ୍ରୀୟ ପ୍ରଭାରୀ ଶିବରାଜ ସିଂ ଚୌହାନଙ୍କ ଅନୁମୋଦନକ୍ରମେ ପୂର୍ବତନ ଏମ୍‌ପି ଅନନ୍ତ ନାୟକଙ୍କୁ ଓଡିଶାର ସଦ୍ୟସତା ଅଭିଯାନର ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି। ସେହିପରି ରାଜ୍ୟ ଭାଜପାର ପୂର୍ବତନ ସଙ୍ଗଠନ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀଙ୍କୁ ସଦସ୍ୟତା ଅଭିଯାନର ସହ ପ୍ରଭାରୀ ଭାବେ ନିଯୁକ୍ତି ଦିଆଯାଇଛି। ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ଏନେଇ ସୂଚନା ଦେଇଛନ୍ତି। ଦଳର ସମ୍ବିଧାନ ଅନୁଯାୟୀ ପ୍ରତ୍ୟେକ ୩ବର୍ଷରେ ଥରେ ନୂତନ ସଭ୍ୟ ସଂଗ୍ରହ କରାଯାଇଥାଏ। ସଭ୍ୟ ସଂଗ୍ରହ ଅଭିଯାନ ପରେ ସଦସ୍ୟତା ଆଧାରରେ ଦଳର ପୁନର୍ବିନ୍ୟାସ ହେବାସହ ନୂତନ ଦାୟିତ୍ୱ ବଣ୍ଟନ କରାଯାଏ। ବର୍ତ୍ତମାନ ଭାଜପାରେ ଓଡିଶାର ସଭ୍ୟ ସଂଖ୍ୟା ୩୬ ଲକ୍ଷ ରହିଛି। ଚଳିତବର୍ଷ ଏଥିରେ ଆଉ ୨୫ ପ୍ରତିଶତ ନୂତନ ସଭ୍ୟଙ୍କୁ ଦଳରେ ସାମିଲ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।


## CLASSIFIED DISPLAY

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଝାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

**AARYAN GURUKUL**
HIGHER SECONDARY SCHOOL
ADMISSION OPEN - 2019
For +2 & +3 (Science & Commerce)
+2 Result- 2019 (98%)
CORPORATE OFFICE: Room No. - 2, BDA Complex, New Bus Stand, Berhampur - 1
CAMPUS: Bhumishree, Bhabinipur Berhampur - 761001
Contact: 7440077777, 8984099999, 9238388888, 8260054321, 8895050505, 7008020601

**ADMISSION OPEN**
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
Estd.2000
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

**MORE SPACE • SAME PRICE**
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable


## ODISHA JOINT ENTRANCE EXAMINATION-2019 (OJEE - 2019)

No. OJEE2019/264 Dt. 17/06/2019

### TENTATIVE SCHEDULE FOR COUNSELING AND ADMISSION FOR MBBS / BDS COURSES 2019-20

| Activity | Date |
|---|---|
| Registration and Online Application | 20-06-2019 12:00 NOON to 25-06-2019 11:59PM |
| Publication of list of Registered Candidates | 26-06-2019 |
| Document Verification at Nodal Centres | 26-06-2019 to 29-06-2019 (10:00AM to 5:00PM) |
| Medical Board for Physically Challenged Candidates | 26-06-2019 and 27-06-2019 |
| Ex-Service Man Board for ES Candidates | 21-06-2019 and 28-06-2019 |
| Publication of State Merit List | 01-07-2019 |
| Choice Filling and Locking | 01-07-2019 11:00AM to 02-07-2019 11:59PM |
| 1st Round Allotment Publication and Down loading of Provisional Allotment Letter | 04-07-2019 |
| Provisional Admission (1st Round) at OJEE CELL, Gandamunda, Bhubaneswar. | 05-07-2019 to 09-07-2019 (10.00 AM to 05.00 PM) |
| Joining Allotted Institutions | By 12.07.2019 5.00 PM |
| Vacant Seat display (including returned All India Quota seats) | 24-07-2019 |
| Choice filling and Choice locking | 24-07-2019 10.00 AM to 25-07-2019 11.59 PM |
| 2nd Round Allotment and Downloading Provisional Allotment cum Admission Letter | 26-07-2019 |
| 2nd Round Provisional Admission at OJEE CELL, Gandamunda, Bhubaneswar. | 27-07-2019 to 30-07-2019 (10.00 AM to 05.00 PM) |
| Withdrawal (Resignation) from Admission (no resignation is allowed after this date) | 31.07.2019 (10.00 AM to 05.00 PM) |
| Joining Allotted Institutions | 03.08.2019 |
| A Spot Counselling and Admission may be done if vacancy arises due to any reason after 2nd round counselling Admission Venue : OJEE Cell, Gandamunda, Bhubaneswar | 04.08.2019 to 08.08.2019 (10.00 AM to 5.00 PM) |
| Last date of Joining Allotted Institutions | 12-08-2019 |
| Transfer of vacant seats to Private Medical College for final mop up admission | 13.08.2019 after 5.00 PM |
| Last date of joining in private institutions | 18-08-2019 |

Mail id of OJEE2019: www.odishaojee@gmail.com
Website : ojee.nic.in, odishajee.com

NB: The candidates who have taken admission in 1st or 2nd round of counselling (All India / State) are not eligible to participate in Spot counselling. (As per MCI and Hon'ble Apex Court directives)

Sd/-
CHAIRMAN, OJEE

ମାତଃ ଦୁର୍ଗେ ! ଜୀବନ ସଂଗ୍ରାମରେ , ଭାରତ ସଂଗ୍ରାମରେ ତୋର ପ୍ରେରିତ ଯୋଦ୍ଧା ଆମ୍ଭେମାନେ। ଦିଅ ମା ! ମନେ ପ୍ରାଣେ ଅସୁରର ଶକ୍ତି- ଅସୁରର ଉଦ୍ୟମ। ଦିଅ ମା, ହୃଦୟରେ ବୁଦ୍ଧିରେ ଦେବ ଚରିତ୍ର, ଦିବ୍ୟଜ୍ଞାନ !! -ଶ୍ରୀଅରବିନ୍ଦ

# ପିଣ୍ଡୁଡ଼ି ଦଳିଦେଲୁ

ଇଂଲଣ୍ଡର ମାଞ୍ଚେଷ୍ଟରଠାରେ ୧୬ ଜୁନ୍‌ରେ ହୋଇଥିବା ବିଶ୍ୱକପ୍ କ୍ରିକେଟ୍‌ର ଏକ ମ୍ୟାଚରେ ପାକିସ୍ତାନକୁ ଭାରତ ୮୯ ରନ୍‌ରେ ପରାସ୍ତ କରିଛି। ବିଶ୍ୱକପ୍ ଆରମ୍ଭ ହେବା ଦିନରୁ ଅଦ୍ୟାବଧି ଦୁଇ ଟିମ୍ ମଧ୍ୟରେ ହୋଇଥିବା ମ୍ୟାଚରେ ପାକିସ୍ତାନଠାରୁ କେବେ ହାରି ନ ଥିବାର ରେକର୍ଡ ଭାରତ ରଖିଆସିଛି। ଏହା ନିଶ୍ଚିତ ଭାବେ ଭାରତୀୟଙ୍କ ପାଇଁ ଖୁସି ଖବର। ଟିମ୍ ଇଣ୍ଡିଆର ଉତ୍କୃଷ୍ଟ ଖେଳକୁ ସବୁଆଡୁ ଶୁଭେଚ୍ଛା ମିଳିବା ସ୍ୱାଭାବିକ। କିନ୍ତୁ ଭାରତର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଟିମ୍ ଇଣ୍ଡିଆର ବିଜୟକୁ ପାକିସ୍ତାନ ଉପରେ ଆଉ ଏକ 'ଷ୍ଟ୍ରାଇକ୍' ବା ମାଡ଼ ହେଲା ବୋଲି ଅଭିହିତ କରି ଟ୍ୱିଟରରେ ଉଲ୍ଲେଖ କରିବା ପରେ ତାଙ୍କୁ ସୋସିଆଲ ମିଡିଆରେ ସମାଲୋଚନା କରାଯାଇଛି। କ୍ରିକେଟ୍‌ରେ ଭାରତର ବିଜୟକୁ ଶାହ ପାକିସ୍ତାନ ବିପକ୍ଷରେ ଅତି ଆକ୍ରମଣାତ୍ମକ ଢଙ୍ଗରେ ବର୍ଣ୍ଣନା କରିବାକୁ ଯାଇ ଏଭଳି ମତ ରଖିବାକୁ ଅନେକେ ଗ୍ରହଣ କରିପାରିନାହାନ୍ତି। ହର୍ସନ ସିଂ ନାମକ ଜଣେ ବ୍ୟକ୍ତି ଟ୍ୱିଟରରେ କହିଛନ୍ତି, 'ଦେଶର ସ୍ୱରାଷ୍ଟ୍ରମନ୍ତ୍ରୀ ଭାରତର ବିଜୟ ନେଇ ଯେଉଁଭଳି ଆକ୍ରମଣଶୀଳ ବିବୃତି ରଖିଛନ୍ତି, ତାହା ଦ୍ୱାରା ତାଙ୍କର ରାଷ୍ଟ୍ର ନେତୃତ୍ୱରେ ଅଭାବ ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରୀଡ଼ାକୁ ବୁଝିବାରେ ଅକ୍ଷମ ଥିବା ଜଣାପଡୁଛି'। ସେହିପରି ବୈଭବ ଚାଓ୍ୱଲା ଲେଖିଛନ୍ତି, 'କ୍ରିକେଟ୍‌ର ଷ୍ଟ୍ରାଇକ୍‌କୁ ଅନ୍ୟ କୌଣସି ଷ୍ଟ୍ରାଇକ୍ ସହ ତୁଳନା କରାଯିବା ଉଚିତ ନୁହେଁ। ଏଠାରେ ଆପଣଙ୍କ ଯୁଦ୍ଧପ୍ରିୟ ଅବାନ୍ତର କଥା ଶୁଣିବାକୁ ଆମେ ପସନ୍ଦ କରୁନାହୁଁ। ଖେଳକୁ ଅନ୍ୟ ସବୁଥିରୁ ପୃଥକ୍ ରଖାଯାଉ'। ଶାହଙ୍କ ବିରୋଧରେ ଏଭଳି ଏକାଧିକ ସମାଲୋଚନାମୂଳକ ମନ୍ତବ୍ୟ ପ୍ରକାଶ ପାଇବାରେ ଲାଗିଛି। ଅନ୍ୟପଟେ ବିହାରର ମୁଜାଫରପୁରରେ ଏନ୍‌ସେଫାଲାଇଟିସ୍ ବା ମସ୍ତିଷ୍କ ଜ୍ୱରରେ ୧୦୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ଜୀବନ ଗଲାଣି। କ୍ରିକେଟ୍‌ରେ ଜିତିବା ନେଇ କେନ୍ଦ୍ର ମନ୍ତ୍ରୀମାନେ ଯେଉଁଭଳି ଉତ୍ସାହିତ ହୋଇ ମନ୍ତବ୍ୟ ଦେଇଛନ୍ତି, ଏନ୍‌ସେଫାଲାଇଟିସ୍ ଦ୍ୱାରା ମୃତ୍ୟୁମୁଖରେ ପଡୁଥିବା ପିଲାଙ୍କ କଥା ଉଠାଉ ନାହାନ୍ତି। ଏହା ନିଶ୍ଚିତ ଚିନ୍ତାର ବିଷୟ।

ସ୍କୁଲ ଅବସ୍ଥାରୁ ପିଲାମାନେ ଖେଳରେ ଭାଗ ନେଲା ବେଳେ ଶିକ୍ଷୟିତ୍ରୀଶିକ୍ଷକ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବାକୁ ଯାଇ କହିଥାଆନ୍ତି- 'ଜିତିବା ହାରିବା କିଛି ନୁହେଁ, ଅଂଶଗ୍ରହଣ କରିବା ହେଉଛି ବଡ଼ କଥା'। ଏଥିରୁ ବୁଝିବାକୁ ହେବ ଯେ ଖେଳୁଆଡ଼ ମନୋବୃତ୍ତିକୁ ଗୁରୁତ୍ୱ ଦିଆଯାଇଥାଏ। ଖେଳ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ବନ୍ଧୁତ୍ୱ ବୃଦ୍ଧିରେ ସହାୟକ ହୋଇଥାଏ। ହେଲେ ଆଜିର ପରିସ୍ଥିତିରେ ଗୋଟିଏ ଦେଶର ଟିମ୍ ଅନ୍ୟ ରାଷ୍ଟ୍ରର ଟିମ୍ ଉପରେ ବିଜୟଲାଭ କଲେ ଅନେକେ ଏହାକୁ ରାଜନୈତିକ ଢଙ୍ଗରେ ଚିତ୍ରଣ କରୁଛନ୍ତି। ବାସ୍ତବରେ ଦେଖିବାକୁ ଗଲେ ଭାରତର ବିରାଟକାୟ ଜନସଂଖ୍ୟା ମଧ୍ୟରୁ ଅନ୍ତର୍ଜାତୀୟ କ୍ରୀଡ଼ାରେ ଏହି ଦେଶର ନାମଗନ୍ଧ ଶୁଣିବାକୁ ମିଳେ ନାହିଁ। ଗୋଟିଏ ପଟେ କ୍ରିକେଟ୍‌କୁ ନେଇ ମନ୍ତ୍ରୀବୃନ୍ଦ ଗୌରବାନ୍ୱିତ ହେଉଥିବା ବେଳେ ହକି ଏବଂ ଅନ୍ୟ ଖେଳ ପ୍ରତି କାହାରି ଦୃଷ୍ଟି ପଡୁନାହିଁ। ୧୫ ଜୁନ୍‌ରେ ଭୁବନେଶ୍ୱରଠାରେ ଶେଷ ହୋଇଥିବା ପୁରୁଷ ଏଫ୍‌ଆଇଏଚ୍ ସିରିଜ୍ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତ ଚାମ୍ପିୟନ ହୋଇଥିବା କଥା ସମ୍ଭବତଃ ଅଧିକାଂଶ ଭାରତୀୟ ଜାଣି ନ ଥିବେ। ତା'ର ଏକମାତ୍ର କାରଣ ଭାବେ କୁହାଯାଇପାରେ ଯେ, ହକି ପଛରେ କୌଣସି ରାଜନୀତି ଏପର୍ଯ୍ୟନ୍ତ ଯୋଡ଼ି ହୋଇ ନାହିଁ। ହେଲେ କ୍ରିକେଟ ଭାରତବାସୀଙ୍କ ପାଇଁ ଅତ୍ୟଧିକ ମହତ୍ତ୍ୱ ରଖିଥାଏ। ଏହି ଖେଳରେ ଭାରତ-ପାକିସ୍ତାନ ଭେଟ ହେଲେ ସମସ୍ତଙ୍କ ଆଶା ଅଭିଳାଷ ଗୋଟିଏ ମ୍ୟାଚରେ କେନ୍ଦ୍ରିତ ହୋଇଯାଏ। ବେଟିଂଠାରୁ ଆରମ୍ଭ କରି ବିଜ୍ଞାପନରେ ଦର ପର୍ଯ୍ୟନ୍ତ ସବୁକିଛି ଆକାଶଛୁଆଁ ହୋଇଯାଏ। ଯେପରିକି ଭାରତ ମ୍ୟାଚ ଜିତିଲେ କୂଟନୈତିକ ଓ ସାମରିକ ସ୍ତରରେ ପାକିସ୍ତାନକୁ ମାତ୍ ଦେଲା ବୋଲି ଧରାଯିବ, ହାରିଲେ ଅସଂଖ୍ୟ ଭାରତୀୟଙ୍କ କ୍ରୋଧ ଟିମ୍ ଇଣ୍ଡିଆ ଉପରେ ପଡ଼ିଥାଏ।

ଏବେ ଶାହଙ୍କ ଟ୍ୱିଟରକୁ ବିଶ୍ଳେଷଣ କଲେ ସେଥିରେ ଅନ୍ତର୍ନିହିତ ଭାବକୁ ବୁଝିହେଉଛି। ପାକିସ୍ତାନର ବାଲାକୋଟ୍ ଉପରେ ସେନା ସର୍ଜିକାଲ ଷ୍ଟ୍ରାଇକ୍ କରିଥିବା ବିଷୟ ଗତ କିଛିମାସ ଧରି ଭାରତୀୟଙ୍କ ମନରେ ବସା ବାନ୍ଧି ରହିଛି। ବର୍ତ୍ତମାନ କ୍ରିକେଟ୍‌ରେ ପାକିସ୍ତାନ ଉପରେ ଭାରତର ବିଜୟ ଆଉ ଏକ ଷ୍ଟ୍ରାଇକ୍ ହେଲା ବୋଲି ଶାହ ଯାହା କହିଛନ୍ତି, ସେଥିରେ ତାଙ୍କ ବିବୃତି ମାଧ୍ୟମରେ କିଛି ଅବାଞ୍ଛିତ ବ୍ୟକ୍ତିଙ୍କ ଦେଶପ୍ରେମ ଜାଗ୍ରତ ହୋଇଥାଇପାରେ। କିନ୍ତୁ ଜଣେ ଦାୟିତ୍ୱସମ୍ପନ୍ନ ରାଜନେତାଙ୍କଠାରୁ ଏଭଳି ଆଶା କରାଯାଇ ନ ଥାଏ। ଭାରତରେ ସାଧାରଣ ନିର୍ବାଚନ ଥିବାରୁ ଭାରତୀୟ ଜନତା ପାର୍ଟି (ଭାଜପା) ବାଲାକୋଟ ଷ୍ଟ୍ରାଇକ୍‌କୁ ଆୟୁଧ କରି ଭୋଟ ଜିତିଥିବା କୁହାଯାଇଥିଲା। ନିର୍ବାଚନ ସରି ସରକାର ଗଢ଼ାଯିବା ପରେ ଶାହଙ୍କ ଏଭଳି ତୁଳନା କେଉଁ ଉଦ୍ଦେଶ୍ୟ ଚରିତାର୍ଥ କରିବ ତାହା ବୁଝିବା କଷ୍ଟକର ନୁହେଁ। ଏଠାରେ ସ୍ତମ୍ଭକାର ମନଦୀପ୍ ସିଂ ବାଜଓ୍ୱାଙ୍କ ଟ୍ୱିଟ୍‌କୁ ଲକ୍ଷ୍ୟ କରାଯାଇପାରେ। ସେ କହିଛନ୍ତି ଯେ ଜମ୍ମୁ ଓ କଶ୍ମୀରର ଅନନ୍ତନାଗଠାରେ ୫ ସିଆରପିଏଫ୍ ଯବାନ ଶହୀଦ ଏବଂ ଭାରତୀୟ ବାୟୁସେନାର ଏଏନ୍-୩୨ ଏୟାରକ୍ରାଫ୍ଟ ଧ୍ୱଂସ ପାଇ ୧୩ ଜଣଙ୍କ ପ୍ରାଣହାନି ଘଟିବା ଉପରେ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କିଛି କହି ନ ଥିଲେ। ଏଥିରୁ ସରକାର କେଉଁ ଘଟଣାକୁ ଅଗ୍ରାଧିକାର ଦେଉଛନ୍ତି, ତାହା ଉପରେ ମନଦୀପ୍ ପ୍ରଶ୍ନ ଉଠାଇଛନ୍ତି। ଉଲ୍ଲେଖଯୋଗ୍ୟ, ଏନ୍-୩୨ ଏୟାରକ୍ରାଫ୍ଟରେ ପ୍ରାଣ ହରାଇଥିବା ୧୩ ଜଣଙ୍କ ମଧ୍ୟରେ ଓଡ଼ିଆ ଯୁବକ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ବଳିଆପଲ୍ଲୀ ଗ୍ରାମର ସୁନୀତ୍ ମହାନ୍ତି ଥିଲେ।

ଭାରତ ଓ ପାକିସ୍ତାନ ମଧ୍ୟରେ ଦୀର୍ଘବର୍ଷ ଧରି ଅପଡ଼ ରହିଆସିଛି। ଦୁଇ ଦେଶ ଏକାଧିକ ଯୁଦ୍ଧ ଲଢ଼ି ପ୍ରତିଶୋଧପରାୟଣ ହୋଇଛନ୍ତି। ହେଲେ କ୍ରୀଡ଼ା କ୍ଷେତ୍ରକୁ ଏଭଳି ଚିନ୍ତାଧାରା ଦ୍ୱାରା କଳୁଷିତ କରାଯିବା ଉନ୍ନତ ମସ୍ତିଷ୍କର ପରିଚୟ ଦେଉ ନାହିଁ। ଏହାବ୍ୟତୀତ ପ୍ରତ୍ୟେକ ଭାରତୀୟଙ୍କୁ ମନେରଖିବାକୁ ହେବ ଯେ ମଣିଷ ପିମ୍ପୁଡ଼ିକୁ ଦଳିଦେବା ଯାହା, ଭାରତ ଦ୍ୱାରା ପାକିସ୍ତାନକୁ ପରାଜିତ କରିବା ସମାନ ଗୁରୁତ୍ୱ ରଖିଥାଏ। ଆମ ଦେଶବାସୀଙ୍କ ସାଧାରଣ ମାନସିକତା ହେଉଛି ଦୁର୍ବଳକୁ ପିଟି ପକାଇବା। ଯେତେବେଳେ ଅମିତ ଶାହ କିମ୍ବା ତାଙ୍କର ବନ୍ଧୁମାନେ ଭାରତର ପ୍ରକୃତ ଶତ୍ରୁ ଚାଇନା ବିରୋଧରେ ଏଭଳି ମନ୍ତବ୍ୟ ପ୍ରକାଶ କରିପାରିବେ, ସେତେବେଳେ ଜାଣିବା ଯେ ମୁସଲମାନ ବିରୋଧୀ ଭୋଟ ନୁହେଁ, ଶକ୍ତିଶାଳୀ ଭାରତ ସୃଷ୍ଟି କରିବା ଦିଗରେ ଏମାନେ କାର୍ଯ୍ୟ କରୁଛନ୍ତି।

# କଂଗ୍ରେସ ତ୍ରୁଟି ସୁଧାରୁ



ବୈକୁଣ୍ଠନାଥ ମିଶ୍ର

ସ୍ୱାଧୀନତା ଆନ୍ଦୋଳନ, ସ୍ୱାଧୀନତା ପ୍ରାପ୍ତି ଓ ସ୍ୱାଧୀନତୋତ୍ତର ଭାରତବର୍ଷରେ ଲୋକତାନ୍ତ୍ରିକ ଶାସନ ପ୍ରତିଷ୍ଠା କରିବାରେ ଜାତୀୟ କଂଗ୍ରେସର ଅବଦାନ ସର୍ବଜନବିଦିତ। ସ୍ୱାଧୀନତାର ପ୍ରାକ୍‌ପ୍ରସ୍ତୁତିସ୍ୱରୂପ କଂଗ୍ରେସର ସର୍ବଭାରତୀୟ ସ୍ତରରେ ଅଧ୍ୟକ୍ଷ ନିର୍ବାଚନ ଓ ସ୍ୱାଧୀନ ଭାରତର ପ୍ରଧାନମନ୍ତ୍ରୀ ମନୋନୟନ କାର୍ଯ୍ୟ ସମାପନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଥାଏ। କଂଗ୍ରେସ କାର୍ଯ୍ୟନିର୍ବାହୀ କମିଟିର ସୁପାରିସ ଅନୁସାରେ ପ୍ରଦେଶ କମିଟିମାନଙ୍କୁ ଦୁଇଜଣଙ୍କ ମଧ୍ୟରୁ ଜଣକର ନାମ ପସନ୍ଦ କରି ଗୁପ୍ତ ଭାବରେ ଜଣାଇବାକୁ କୁହାଗଲା। ଦୁଇଜଣଙ୍କ ମଧ୍ୟରୁ ଜଣେ ଥିଲେ ପଣ୍ଡିତ ଜବାହରଲାଲ ନେହେରୁ ଓ ଅନ୍ୟ ଜଣେ ଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ। କିନ୍ତୁ ଆଶ୍ଚର୍ଯ୍ୟର କଥା କୌଣସି ଗୋଟିଏ ପ୍ରଦେଶ କଂଗ୍ରେସ କମିଟି ପଣ୍ଡିତ ନେହେରୁଙ୍କ ନାମ ପ୍ରସ୍ତାବ କରି ନ ଥିଲେ। ତିନୋଟି ପିସିସି କାହାରି ନାମ ପ୍ରସ୍ତାବ ନ କରି ଏହାକୁ ଆଇସିସି ଉପରେ ଛାଡ଼ି ଦେଇଥିଲେ। ଏପରି ଏକ ସମ୍ବେଦନଶୀଳ ଘଟଣାକୁ ଅତି ରହସ୍ୟପୂର୍ଣ୍ଣ ଭାବେ ଗୁପ୍ତ ରଖାଗଲା। ଦେଶ ସ୍ୱାଧୀନ ହେବା ପରେ ନେହେରୁ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବୋଲି ମହାତ୍ମା ଗାନ୍ଧୀ ଇଚ୍ଛାବ୍ୟକ୍ତ କରିବାରୁ ଅନ୍ୟମାନେ ବିରୋଧ କରି ନ ପାରି ନୀରବ ରହିଲେ। ଏହି ଘଟଣା ସୂଚିତ କରେ ଯେ, ନେହେରୁ ଗଣତନ୍ତ୍ର ପ୍ରତି କେତେ ଉଦାର ଥିଲେ! ପରବର୍ତ୍ତୀ କାଳରେ ନେହେରୁଙ୍କ ସ୍ୱେଚ୍ଛାଚାରିତା ଓ ଅନୀତି ପ୍ରତି କଂଗ୍ରେସର ମୁଷ୍ଟିମେୟ ନିଷ୍ଠାପର ସଦସ୍ୟ ନୀରବତାକୁ ଶ୍ରେୟଃ ମଣିଲେ। ମୁଦ୍ରା ଦୁର୍ନୀତି, ଖଣି ଦୁର୍ନୀତି, ଏପରି କି ଚାଇନା ଯୁଦ୍ଧରେ ଅସଫଳତା ସତ୍ତ୍ୱେ କେହି ସ୍ୱର ଉତ୍ତୋଳନ କରିବାକୁ ସାହସ କରି ନ ଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଭାରତକୁ ସେତେବେଳେ ଜାତିସଂଘ ନିରାପତ୍ତା ପରିଷଦର ସଭ୍ୟପଦ ଯଚାଯାଇଥିଲେ ମଧ୍ୟ ନେହେରୁ ଚାଇନାକୁ ଅସନ୍ତୁଷ୍ଟ ନ କରିବା ଉଦ୍ଦେଶ୍ୟରେ ତାକୁ ପ୍ରତ୍ୟାଖ୍ୟାନ କରିଥିଲେ।

ଇନ୍ଦିରା ଗାନ୍ଧୀ ଏକ ସଂଯୋଗକ୍ରମେ ଭାରତର ପ୍ରଧାନମନ୍ତ୍ରୀ ପଦ ଅଳଂକୃତ କଲେ। ଲାଲବାହାଦୁର ଶାସ୍ତ୍ରୀଙ୍କର ତାସ୍‌କେଣ୍ଟଠାରେ ରହସ୍ୟଜନକ ମୃତ୍ୟୁ ହିଁ ଇନ୍ଦିରାଙ୍କ ପଥ ପରିଷ୍କାର କରିଦେଲା। ଇନ୍ଦିରା ତାଙ୍କ ଶାସନକାଳ ମଧ୍ୟରେ ଅନେକ ଅଗଣତାନ୍ତ୍ରିକ ଘଟଣାର ସଂସ୍ଥାପିକା ସାଜିଛନ୍ତି। ନ୍ୟାୟପାଳିକା ଉପରେ ନିଜର ପ୍ରଭାବ ବିସ୍ତାର କରି ଚାରିଜଣ ବିଚାରପତିଙ୍କୁ ଅନ୍ୟମାନଙ୍କ ବରିଷ୍ଠତାକୁ ଉପେକ୍ଷା କରିପଦୋନ୍ନତି ଦେଲେ, ଯେଉଁଥିପାଇଁ ନ୍ୟାୟପାଳିକା କଂଗ୍ରେସ ଦଳ ଓ ଇନ୍ଦିରାଙ୍କ ପାଇଁ ପ୍ରତିବଦ୍ଧ ରହିଲେ। ୧୯୭୫ରେ ଅପ୍ରତିହତ ଜନ-ଅସନ୍ତୋଷ ଓ ବିରୋଧୀଙ୍କ ବିରୋଧକୁ ନିଷ୍ପ୍ରଭ କରିବାକୁ ଯାଇ ନିଜର ସ୍ୱାର୍ଥ ପୂରଣ ଅଭୀପ୍ସାରେ ଦେଶରେ ଜାରି କଲେ ଐତିହାସିକ ଜରୁରୀ ପରିସ୍ଥିତି। କଂଗ୍ରେସକୁ ବିରୋଧ କରୁଥିବା ଦେଶର ସମସ୍ତ ବିଶିଷ୍ଟ ନେତାଙ୍କୁ କାରାରୁଦ୍ଧ କରାଗଲା। ଇନ୍ଦିରା ଗାନ୍ଧୀଙ୍କ ସମୟରେ ପାର୍ଲାମେଣ୍ଟରେ କୋରମ୍ (ଆବଶ୍ୟକ ସଂଖ୍ୟକ ସଭ୍ୟଙ୍କ ଉପସ୍ଥିତି) ନିୟମକୁ ଉଚ୍ଛେଦ କରାଗଲା; ଯଦ୍ୱାରା ସୀମିତ ସଂଖ୍ୟକ ଅନୁଗତ କଂଗ୍ରେସ ସଦସ୍ୟଙ୍କ ଉପସ୍ଥିତିରେ ଦେଶ ଶାସନ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଗଲା। ଇନ୍ଦିରାଙ୍କ ଭାବମୂର୍ତ୍ତିକୁ ନେଇ ସାଧାରଣରେ ଏପରି ଚିତ୍ର ଆଙ୍କି ଦିଆଗଲା ଯେ, ତାଙ୍କ ବ୍ୟତିରେକେ ଯେପରି ଭାରତ ଶାସନ ଅକଳ୍ପନୀୟ! ଏହି ଚିତ୍ରକୁ ଅଧିକ ରସାଣିତ କଲେ ଏକଦା କଂଗ୍ରେସର ଅଧ୍ୟକ୍ଷ ଥିବା ଦେବକାନ୍ତ ବରୁହା, ଯିଏ କହିଲେ 'ଇନ୍ଦିରା ଇଜ୍ ଇଣ୍ଡିଆ ଆଣ୍ଡ୍ ଇଣ୍ଡିଆ ଇଜ୍ ଇନ୍ଦିରା'। ଏଭଳି ତୋଷାମଦରେ ଇନ୍ଦିରା ଉଲ୍ଲସିତ ହେଉଥିଲେ ଓ ତାଙ୍କ ଭିତରେ ଏକଛତ୍ରବାଦର ସ୍ଥିତି କ୍ରମେ ସୁଦୃଢ଼ ହେଉଥିଲା।

ନେହେରୁ-ଗାନ୍ଧୀ ପରିବାରର ତୃତୀୟ ଉତ୍ତରାଧିକାରୀ ରାଜୀବ ଗାନ୍ଧୀ ହେଉଛନ୍ତି ଏକମାତ୍ର ପ୍ରଧାନମନ୍ତ୍ରୀ, ଯାହାଙ୍କ ନାମରେ ପ୍ରତିରକ୍ଷା ନିମିତ୍ତ ଅସ୍ତ୍ର ଖରିଦ୍ ବାବଦରେ ବିଦେଶୀ କମ୍ପାନୀଠାରୁ ପ୍ରତ୍ୟକ୍ଷ ଲାଞ୍ଚ ଗ୍ରହଣର ଆରୋପ ଲଗାଯାଇଥିଲା। ତାଙ୍କ ପୂର୍ବ କିମ୍ବା ପର କୌଣସି ପ୍ରଧାନମନ୍ତ୍ରୀ ସିଧାସଳଖ ଲାଞ୍ଚ ଗ୍ରହଣ କରିବାର ଉଦାହରଣ ନାହିଁ। ସବୁଠାରୁ ଅଧିକ ଆର୍ଥିକ ଅନିୟମିତତା ଯଥା ମଧ୍ୟପ୍ରଦେଶ ଲଟେରି ସ୍କାମ୍, ମହାରାଷ୍ଟ୍ର ସରକାରୀ ପ୍ଲଟ୍ ବିକ୍ରି ଓ ଏୟାର୍ ବସ୍ କିଣା ସ୍କାମ୍ ରାଜୀବଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟର ଲଜ୍ଜାକର ଘଟଣା। ନେହେରୁ-ଗାନ୍ଧୀ ପରିବାର କ୍ଷମତା ଅଳିନ୍ଦ ମଧ୍ୟରେ ନିଜକୁ ସର୍ବେସର୍ବା ମନେକରୁଥିଲେ ଏବଂ ତାଙ୍କୁ ବିରୋଧ କରୁଥିବା କୌଣସି ନେତା ବା ଅଧିକାରୀଙ୍କୁ ସେ ଶାନ୍ତିରେ ନିଃଶ୍ୱାସ ମାରିବାକୁ ଦେଉ ନ ଥିଲେ। ଜବାହରଲାଲ ନେହେରୁ ଓ କନ୍ୟା ଇନ୍ଦିରା ନିଜ ପାଇଁ ସର୍ବଶ୍ରେଷ୍ଠ ସମ୍ମାନ 'ଭାରତରତ୍ନ' ପ୍ରଦାନର ପଥ ପରିଷ୍କାର କରିଥିଲେ। ସେ ସମୟରେ ଯୋଗ୍ୟ ବ୍ୟକ୍ତିଙ୍କର ଅଭାବ ନ ଥିଲେ ମଧ୍ୟ ଅନ୍ୟ କାହାକୁ ଉକ୍ତ ସମ୍ମାନ ଦେବାକୁ ସେମାନେ ଆଦୌ କୌଣସି ପଦକ୍ଷେପ ନେଇନାହାନ୍ତି। ରାଜୀବଙ୍କୁ ମଧ୍ୟ ମରଣୋତ୍ତର ଭାବେ ଭାରତରତ୍ନ ପ୍ରଦାନ କରାଯାଇଛି। କଂଗ୍ରେସର ଏହି ତିନି ପ୍ରଧାନମନ୍ତ୍ରୀ ଭାରତର ସୁଯୋଗ୍ୟ ସନ୍ତାନ ସର୍ଦ୍ଦାର ପଟେଲ କିମ୍ବା ବି.ଆର୍. ଆମ୍ବେଦକର କିମ୍ବା ଅନ୍ୟ କୌଣସି ଉଚ୍ଚ ମୂଲ୍ୟବୋଧସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ପୂର୍ଣ୍ଣ ଉପେକ୍ଷା କରିଥିଲେ। ସର୍ଦ୍ଦାର ପଟେଲ ଓ ଡ. ଆମ୍ବେଦକରଙ୍କୁ ପରବର୍ତ୍ତୀ ସମୟରେ ଅଣକଂଗ୍ରେସ ସରକାରଙ୍କ ଦ୍ୱାରା ମରଣୋତ୍ତର ଭାରତରତ୍ନ ପ୍ରଦାନ କରାଯାଇଛି। ନେହେରୁ-ଗାନ୍ଧୀ ପରିବାର ଭାରତରେ ଏକମାତ୍ର ପରିବାର, ଯେଉଁମାନଙ୍କ ନାମରେ ଅଧିକାଂଶ ଯୋଜନା, ସଡ଼କ, ବିମାନବନ୍ଦର, କ୍ରୀଡ଼ା ପୁରସ୍କାର ନାମିତ କରାଯାଇଛି।

ରାଜୀବଙ୍କ ତିରୋଧାନ ପରେ ଦେଶରେ ଯେତେବେଳେ ବି କଂଗ୍ରେସ ଶାସନ କରିଛି, ସେ ପ୍ରଧାନମନ୍ତ୍ରୀମାନେ ଛାୟା ପ୍ରଧାନମନ୍ତ୍ରୀ ଭାବେ ଗାନ୍ଧୀ ପରିବାରର ଇଚ୍ଛାକୁ ଫଳବତୀ କରିଛନ୍ତି ମାତ୍ର। ବିଗତ ଲୋକ ସଭାରେ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀ ସଦସ୍ୟ ଥିଲେ ମଧ୍ୟ ପାର୍ଲାମେଣ୍ଟ ଅଧିବେଶନ କାଳରେ ଗୋଟିଏ ହେଲେ ପ୍ରଶ୍ନ ପଚାରିନାହାନ୍ତି। ପିଆର୍‌ଏସ୍ ଇଣ୍ଡିଆର ଏକ ସର୍ବେକ୍ଷଣ ଅନୁସାରେ, ଗତ ଷୋଡ଼ଶ ଲୋକ ସଭାରେ ସଭ୍ୟମାନେ ହାରାହାରି ପଚାରିଥିଲେ ମୁଣ୍ଡପିଛା ୨୯୩ଟି ପ୍ରଶ୍ନ। ଏପରି କି ଜଣେ ସଦସ୍ୟ ପଚାରିଥିଲେ ୧୧୮୧ଟି ପ୍ରଶ୍ନ। ମାତ୍ର ମାତାପୁତ୍ର ଦୁହେଁ ଏଥିରୁ ସମ୍ପୂର୍ଣ୍ଣ ବିରତ ରହିଛନ୍ତି। କୁହାଯାଏ, ସୋନିଆ ଗାନ୍ଧୀ ସମ୍ପ୍ରତି ପୃଥିବୀର ଚତୁର୍ଥ ଧନୀ ବ୍ୟକ୍ତି। ଇଟାଲୀର ଏକ ସାଧାରଣ ଲଳନା ଗାନ୍ଧୀ ପରିବାରର କୁଳବଧୂ ସାଜି ଭାରତ ଆସିବା ପରେ ଭାଗ୍ୟଦେବୀଙ୍କ ପ୍ରସନ୍ନତାରୁ ଏକ ବୃହତ୍ ଧନଭଣ୍ଡାରର ମାଲିକ ବନିଗଲେ। ସୋନିଆଙ୍କର ସର୍ବଶ୍ରେଷ୍ଠ ଅଗଣତାନ୍ତ୍ରିକ କାର୍ଯ୍ୟ ଥିଲା ସୀତାରାମ କେଶରୀଙ୍କ ପରି ଜଣେ ବୟୋଜ୍ୟେଷ୍ଠ ତ୍ୟାଗପୂତ କଂଗ୍ରେସୀ ନେତାଙ୍କୁ ଦଳର ଅଧ୍ୟକ୍ଷ ପଦରୁ ଅପମାନଜନକ ଭାବେ ବହିଷ୍କାର କରି ଅଧ୍ୟକ୍ଷ ପଦକୁ ନିଜ ହାତକୁ ନେବା। ତାଙ୍କ ବିଦେଶିନୀ ଛାପ ସିନା ତାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ଦୂରେଇ ରଖିଲା, କିନ୍ତୁ ନେହେରୁ-ଗାନ୍ଧୀ ପରିବାରର ଧନଭଣ୍ଡାରର ମାଲିକାଣୀ ହେବାର ସୌଭାଗ୍ୟ ତାଙ୍କୁ ଅନାୟାସରେ ପ୍ରାପ୍ତ ହେଲା। ଗାନ୍ଧୀ ପରିବାରର ଅନ୍ୟତମ କୁଳବଧୂ ମାନେକା ଗାନ୍ଧୀ ଓ ତାଙ୍କ ପୁତ୍ର ବରୁଣଙ୍କୁ ଏଥିରୁ ବଞ୍ଚିତ କରାଗଲା।

ସ୍ୱାଧୀନତୋତ୍ତର ଭାରତବର୍ଷରେ ରାଜା, ଜମିଦାରମାନଙ୍କ ଯୋଗଦାନରେ କଂଗ୍ରେସ ପରିପୁଷ୍ଟତା ଲାଭକଲା। ସାଧାରଣ ଜନତା ଦେଶ ଶାସନ ସମ୍ବନ୍ଧରେ ଅଜ୍ଞ ଥିଲେ। ପୁଣି ସେମାନଙ୍କ ଶରୀରରେ ରାଜଭକ୍ତିର ରକ୍ତ ପ୍ରବହମାନ ଥିଲା। ସେମାନେ ଥିଲେ କଂଗ୍ରେସର ପକେଟ ଭୋଟ। କ୍ରମେ ଶିକ୍ଷାର ପ୍ରସାର ଘଟିଲା। ଲୋକେ ବୁଝିଲେ ଯେ ଆଜିପର୍ଯ୍ୟନ୍ତ ଗୋଟିଏ ଦଳ ତାଙ୍କୁ ଜଡ଼ତା ମଧ୍ୟରେ ରଖିଆସିଥିଲା। ପରଦା ଅନ୍ତରାଳରେ ଥିବା ସତ୍ୟକୁ ସେମାନେ ଉପଲବ୍ଧି କଲେ। କଂଗ୍ରେସଠାରୁ ସେମାନଙ୍କ ଦୂରତା ବୃଦ୍ଧି ପାଇଲା। ନେହେରୁ-ଗାନ୍ଧୀ ପରିବାରର ସର୍ବକନିଷ୍ଠ ଦାୟାଦ ରାହୁଲଙ୍କୁ ଏହା ଭୀଷଣ ପ୍ରଭାବିତ କଲା। ପୂର୍ବଜଙ୍କ କୃତକର୍ମର ଫଳ ତାଙ୍କୁ ଭୋଗିବାକୁ ହେଲା। ସେ କିମ୍ବା ତାଙ୍କ ଦଳ ଜନତାଙ୍କର ନିକଟତର ହୋଇପାରିଲେ ନାହିଁ। କଂଗ୍ରେସର ପରିବାରବାଦକୁ ୨୦୧୯ ନିର୍ବାଚନରେ ଲୋକେ ଅଗ୍ରାହ୍ୟ କଲେ। ବିଶେଷକରି ରାହୁଲଙ୍କ ଅପରିପକ୍ୱତା ତାଙ୍କ ପାଇଁ ବଇରୀ ସାଜିଲା। ରାହୁଲଙ୍କ ପାଇଁ ଏବେ ସମୟ ଉପଗତ। ପୂର୍ବଜଙ୍କ ତ୍ରୁଟିକୁ ସୁଧାରି ସେ କଂଗ୍ରେସ ପାଇଁ ଏକ ସମ୍ଭାବନାମୟ ଭବିଷ୍ୟତ ଗଠନ କରିବା ଦରକାର। ଆଜିର ପରାଜୟ ଭବିଷ୍ୟତ ପାଇଁ ଗଠନମୂଳକ ସମ୍ଭାବନା ସୃଷ୍ଟି କରିପାରେ। ଜନ୍ କେନେଡିଙ୍କ ଭାଷାରେ 'ଡିଫିଟ୍ ମେ ବି ଆନ୍ ଅରଫାନ୍, ବଟ ଇଟ୍ ଇଜ୍ ଏ ଫେକେଣ୍ଡ ପ୍ୟାରେଣ୍ଟ।' ଅର୍ଥାତ୍ ପରାଜୟ ହୋଇପାରେ ଏକ ଅନାଥ ଶିଶୁ- କିନ୍ତୁ ଏହି ଅନାଥ ଶିଶୁ ହୋଇପାରେ ଦିନେ ବହୁପ୍ରସୂ ମାତାପିତା ସଦୃଶ। କଂଗ୍ରେସ ପାଇଁ ତ୍ରୁଟି ସଂଶୋଧନ ସର୍ବାଦୌ ବାଞ୍ଛନୀୟ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ-୯୯୩୭୪୫୦୫୪୦

# ଛତା ନୁହେଁ ଛାତ



ସଂଗ୍ରାମ କେଶରୀ ପୃଷ୍ଟି

ମାଟିରୁ ଆକାଶ, ଅନ୍ତରରୁ ଅନ୍ତରୀକ୍ଷ ପୁଣି ଦରିଆରୁ ଦିଗ୍‌ବଳୟ ପର୍ଯ୍ୟନ୍ତ ବ୍ୟାପ୍ତ ଶବ୍ଦଟିଏ ବାପା। ନା କଳିହୁଏ ନା ମାପିହୁଏ ତାଙ୍କ ବ୍ୟକ୍ତିତ୍ୱକୁ। ସନ୍ତାନ ଓ ପରିବାର ପାଇଁ ସମର୍ପିତ ଜୀବନଟିଏ। ସବୁ ଝଡ଼ଝଞ୍ଜା ମଧ୍ୟରେ ଦୁନିଆର ସବୁ ସୁଖଶାନ୍ତିକୁ ପିଲାଙ୍କ ପାଇଁ ସାଉଁଟି ଆଣିବାରେ ଲହୁଲୁହାଣ ହୋଇପଡ଼ିଥିଲେ ମଧ୍ୟ ନିରନ୍ତର ପ୍ରୟାସ ଜାରିରଖିଥିବା ମଣିଷ ବାପାଙ୍କ ଛଡ଼ା ଆଉ କିଏ ହୋଇପାରନ୍ତା ଯେ!

ମା' ଘରର ଗୌରବ ହେଲେ ବାପା ଏହାର ଅସ୍ତିତ୍ୱ। ମା'ଙ୍କ ଆଖିରେ ଅଶ୍ରୁଧାରା ଥାଏ ହେଲେ ବାପାଙ୍କ ଆଖିରେ ଥାଏ ସଂଯମ। ମା' ଖାଦ୍ୟପ୍ରସ୍ତୁତ କରନ୍ତି, ବାପା କିନ୍ତୁ ପରିବାର ପାଇଁ ସାରାଜୀବନ ଖାଦ୍ୟର ବନ୍ଦୋବସ୍ତ କରିଥାନ୍ତି। ଟିକିଏ ଅସୁବିଧାରେ ମା' ମନେପଡ଼ନ୍ତି କିନ୍ତୁ ଭୟଙ୍କର ବିପଦରେ ବାପାଙ୍କୁ ହିଁ ଖୋଜାପଡ଼େ। କୋଳରେ ଲଗାଇ ମା' ଦେଖାନ୍ତି ଆକାଶର ଜହ୍ନ, ବାପା କିନ୍ତୁ ଛାତିରେ ବସାଇ ସ୍ୱପ୍ନ ଦେଖାନ୍ତି। ମା' ଲୋରୀ ଶୁଣାନ୍ତି ଓ ବାପା ଶୁଣାନ୍ତି ଜୀବନର ସଙ୍ଗୀତ।

ସମଗ୍ର ପରିବାର ପାଇଁ ବାପା ହେଉଛନ୍ତି ବିଶ୍ୱାସର ବଟବୃକ୍ଷଟିଏ, ଗଭୀର ଆସ୍ଥା ଓ ଭରସାର ମଧୁମୟ ଜହ୍ନଟିଏ ପୁଣି ଅସୀମ ଆକାଶର ଆଶ୍ୱାସନାଟିଏ। ତାଙ୍କ ସୁଶୀତଳ ଛାୟାରେ ସମ୍ପୂର୍ଣ୍ଣ ପରିବାରରେ ଅନବରତ ଖେଳିଯାଏ ପ୍ରସନ୍ନତା। ତାଙ୍କ ଅନାବିଳ ସ୍ନେହ ଓ ସ୍ୱର୍ଗୀୟ ପ୍ରେମ ହିଁ ଘରକୁ ବୈକୁଣ୍ଠରେ ବଦଳାଇ ଦେଇପାରେ। ଯେପର୍ଯ୍ୟନ୍ତ ବଟବୃକ୍ଷ ତୁଲ୍ୟ ବାପାଙ୍କ ଛାଇ ଆମ ଉପରେ ଥାଏ, ସେ ପର୍ଯ୍ୟନ୍ତ ନିଜକୁ ଆମେ ସୁରକ୍ଷିତ ମଣୁ। ତାଙ୍କ ମଧୁମୟ ଆଶ୍ଳେଷରେ ରାସ୍ତାର ଯେତେସବୁ କଣ୍ଟା ଫୁଲ ପାଲଟିଯାଏ ଓ ଦୁଃଖସବୁ ବଦଳିଯାଏ ସୁଖରେ। ସେ ନିଜେ ପଛେ ବାଡ଼ିଧରି ଚାଲନ୍ତି କିନ୍ତୁ ପିଲାମାନଙ୍କୁ ନିଜ ଗୋଡ଼ରେ ଛିଡ଼ା କରାଇବାକୁ ଅନବରତ ଚେଷ୍ଟା କରନ୍ତି। ସେ ଚଷମାରେ ଦୁନିଆ ଦେଖନ୍ତି କିନ୍ତୁ ପିଲାମାନଙ୍କୁ ସ୍ୱଚକ୍ଷୁରେ ଦୁନିଆ ଦେଖିବାକୁ ପ୍ରବର୍ତ୍ତାନ୍ତି। ସବୁ ଦୁଃଖକୁ ଗରଳ ପରି ପାନ କରି ନୀଳକଣ୍ଠ ସାଜିବାରେ ପଛଘୁଞ୍ଚା ଦେଉ ନ ଥିବା ମହନୀୟ ବ୍ୟକ୍ତିତ୍ୱ ବାପାଙ୍କ ଛଡ଼ା ଆଉ କିଏ ହୋଇପାରେ!

ଏ ସଂସାରରେ ଜୀବନ୍ତ ଦେବତାର ଆଖ୍ୟା ଯଦି କାହାକୁ ଦିଆଯାଏ ସେ ହେଉଛନ୍ତି ମା' ଓ ବାପା। ସନ୍ତାନର ସଫଳତାର ପ୍ରତ୍ୟେକଟି ସୋପାନରେ ଯେଉଁ ପରିଚୟଟି ସାମ୍ନାକୁ ଆସେ, ତାହା ହେଲା ବାପାଙ୍କ ପରିଚୟ। ଅଜସ୍ର ଅନ୍ଧାର ଭିତରେ ଦିକ୍‌ଦିକ୍ ହୋଇ ଜଳୁଥିବା ଅଲିଭା ଦୀପଶିଖାଟିଏ ସେ, ଯିଏ କି ତିଳତିଳ ହୋଇ ଦଗ୍ଧ ହୋଇ ମଧ୍ୟ ସମଗ୍ର ପରିବାର ପାଇଁ ଦେଖାଇଥାନ୍ତି ଆଲୋକର ରାହା। ପୁଣି ଉଦ୍‌ବୋଧନ ଦେଇଥାନ୍ତି ସେହି କାଳଜୟୀ ମହାମନ୍ତ୍ର- ''ଆଗରେ ପଡ଼ିଛି ପଥ ବହୁ ଦୂର ଯିବାକୁ ଅଛିରେ ବାକି/ଚାଲିବି ଚାଲିବି ନ ପଡ଼ିବି ଥକି ମୁଦିବା ଆଗରୁ ଆଖି।''

ଅକପଟ ସେ ବାପାଙ୍କ ଆକଟ। ଯାହାଙ୍କ କଡ଼ାଶାସନ, ନାଲିଆଖି, ମାଡ଼ଗାଳି ପୁଣି ଶୃଙ୍ଖଳା ଜୀବନଧାରାରେ ସାଜିଥାଏ ପଥପ୍ରଦର୍ଶକ। ଆଖିରେ ତାଙ୍କର ଲହଡି ମାରୁଥାଏ ସୁନେଲି ଭବିଷ୍ୟତର ସ୍ୱପ୍ନ। ସଙ୍କଳ୍ପବଦ୍ଧ ମଣିଷଟିଏ ହେବା ପାଇଁ ସେ ଅନବରତ ଦେଇ ଚାଲିଥାନ୍ତି ଉତ୍ସାହ ଓ ପ୍ରେରଣା। ସମ୍ଭବତଃ ସେଥିପାଇଁ ଈଶ୍ୱରଙ୍କ ସଂକ୍ଷିପ୍ତ ସଂଜ୍ଞା ଭାବରେ ବାପାଙ୍କୁ ହିଁ ନିଆଯାଏ। କାରଣ ଈଶ୍ୱରଙ୍କୁ ମାଗିଲେ କିଛି ମିଳୁ ବା ନ ମିଳୁ କିନ୍ତୁ ଯାହାଙ୍କୁ ମାଗିଲେ ନିଶ୍ଚୟ କିଛି ମିଳିଯାଏ, ସେ ହେଉଛନ୍ତି ବାପା। ଏପରିକି ସନ୍ତାନର ସୁଖ ପାଇଁ ଆକାଶରୁ ଚାନ୍ଦ ତୋଳିବାରେ ସାମର୍ଥ୍ୟ ରଖନ୍ତି ସେ। ଢେଙ୍ଗାମୁଣ୍ଡରେ ଠେଙ୍ଗାର ଗୁରୁଦାୟିତ୍ୱ ନିର୍ବାହରେ ବ୍ରତୀ ଥିବା ବାପା ସନ୍ତାନଜୀବନର ପ୍ରତ୍ୟେକଟି ସୋପାନକୁ ତନ୍ନତନ୍ନ କରି ଅନୁଧ୍ୟାନ କରିଚାଲିଥାନ୍ତି ଅନବରତ। ସମୟଚକ୍ରରେ କେତେବେଳେ ଖୁସିରେ ଆତ୍ମହରା ହୋଇପଡ଼ନ୍ତି ତ କେତେବେଳେ ଦୁଃଖରେ ଭାଙ୍ଗିପଡ଼ନ୍ତି। ଏସବୁ ଭିତରେ ଆଖିରେ ତାଙ୍କର ପୂରି ରହିଥାଏ କର୍ତ୍ତବ୍ୟବୋଧ ସହ ମମତ୍ୱବୋଧ।

ନିରୋଳା ଲୁହଲହୁକୁ ଏକାକାର କରି ନିଜ ପ୍ରଶସ୍ତ ଛାତିରେ ଦୁଃଖକୁ ଆଲିଙ୍ଗନ କରିବାକୁ ଡରୁ ନ ଥିବା ମଣିଷ ବାପା। ଗୋଟିଏ ଘରେ ଏକାଠି ରହୁଥିବା ମଣିଷଙ୍କ ପାଇଁ ସେ ଛତା ନୁହେଁ, ଛାତ। ପାଦ ପାଇଁ ଜୋତା ନୁହେଁ, କବଚ। ଘରର ମଝିଖୁଣ୍ଟ ସାଜି ଯାବତୀୟ ବୋଝକୁ ମୁଣ୍ଡେଇ ପାରୁଥିବା ଓ ଜଞ୍ଜାଳରେ ପେଷି ହୋଇଯାଉଥିବା ଶକ୍ତିଶାଳୀ ଦମ୍ଭଟିଏ। ତାଙ୍କରି ପାଇଁ ତ ଦପ୍‌ଦପ୍ ଦିଶେ ମାଆଙ୍କ ମଥାର ଲାଲ ଟହ ଟହ ସିନ୍ଦୂର ଓ ହାତର ଝଲମଲ ପାଣିକାଚ। ଜୀବନସାରା ଗଧପରି ବୋଝ ବୋହି ବୋହି ସେ ଗଧ ବନିଯାନ୍ତି। ଏସବୁ ଭିତରେ ସନ୍ତାନକୁ ପିଠିରେ ବସାଇ ଘୋଡ଼ା ପାଲଟି ଯିବାରେ ଥାଏ ତାଙ୍କର ଅଜସ୍ର ଆନନ୍ଦ। ତାଙ୍କ ପିଠିରେ ଲାଉଟିଏ ହୋଇ ଝୁଲିପଡ଼ିଲେ ମିଳିଥାଏ ଅପୂର୍ବ ପୁଲକ। କାନ୍ଧରେ ସବାର ହେଲେ ଜମିଯାଏ ଯାତ୍ରାର ମଜା।

ବାପାଙ୍କ ମହାନତାକୁ ସବୁଠୁ ଅନୁଭବ ସିଏ କରିପାରିଥାଏ, ଯାହାର ବାପା ନ ଥାଏ। ବାପାଙ୍କ ବିନା ଦୁନିଆଟା ଖାଁ ଖାଁ ଲାଗେ। ମନ ଭିତରେ କେଉଁଠି କେଜାଣି ଲୁଚିଯାଏ ଦାମ୍ଭିକତା। ହତାଶାଭାବଟା ଆବୋରି ବସେ ମନକୁ। ସବୁ ସୀମାସରହଦ ଡେଇଁ ଦୁଃଖ ମାଡିଆସେ। ଦୁନିଆ ଆଖିରେ ବାପଛେଉଣ୍ଡ ପିଲାଟିଏ ଅଜାଣତରେ ହରାଇବସେ ତା' ପରିଚୟ। ଜୀବନର ଚଲାପଥରେ ଝୁଣ୍ଟି ପଡ଼ିବାକୁ ହୁଏ ବାରମ୍ବାର। ଘୋର ବିପଦରେ ମୁହଁରୁ ଉଚ୍ଚାରିତ ବାପା ଶବ୍ଦଟି ମିଳେଇଯାଏ ଶୂନ୍ୟରେ। ସବୁ ସାମର୍ଥ୍ୟ ଥାଇ ସୁଦ୍ଧା ସଭାରେ ହାରିବା ହିଁ ସାରହୁଏ। 'ପିତା ଧର୍ମଃ ପିତା ସ୍ୱର୍ଗଃ ପିତା ହି ପରମଂ ତପଃ, ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତାଃ।' ପରି ପବିତ୍ର ମହାମନ୍ତ୍ର ବାପାଙ୍କ ବିନା କେମିତି ଅଧୁରା ଅଧୁରା ଲାଗେ। ଏସବୁ ସତ୍ତ୍ୱେ ଶେଷ ବୟସରେ ବାପା କାହିଁକି ଯେ ବଣ୍ଟା ହୁଅନ୍ତି, ପୁଅଙ୍କ ଭିତରେ ଓ କାହିଁକି ଜରାଶ୍ରମ ପାଲଟିଯାଏ ତାଙ୍କ ଶେଷ ଠିକଣା, ଏ କଥା ବୁଝାପଡ଼େ ନାହିଁ। ଏପରି ଦେବତାଙ୍କୁ ହତାଦର କରି ପାଷାଣ ଦେବତାଙ୍କୁ ଉପାସନା କଲେ ଏହାର ଫଳ ପରବର୍ତ୍ତୀ ପିଢ଼ି ଭୋଗିବାର ଯଥେଷ୍ଟ ସମ୍ଭାବନା ଅଛି।

ରାଜକିଶୋର ନଗର, ଅନୁଗୋଳ,
ମୋ-୯୪୩୭୫୪୭୧୪୬

## ଏଇ ଭାରତରେ

ଗଛ ବଞ୍ଚିଲେ ପରିବେଶ ପ୍ରଦୂଷଣମୁକ୍ତ ରହିବା ସହ ମଣିଷ ମଧ୍ୟ ସୁସ୍ଥ ରହିପାରିବ। ପରିବେଶ ପାଇଁ ଉଦ୍ଭିଦ ଅତ୍ୟନ୍ତ ଉପଯୋଗୀ। ଆସାମରେ ଥିବା ୨୦୭ ବର୍ଷର ପୁରାତନ ଏକ ବରଗଛର ସୁରକ୍ଷା ପାଇଁ ପ୍ରତିବର୍ଷ ଜନ୍ମଦିନ ପାଳନ କରୁଛନ୍ତି ଗ୍ରାମବାସୀ। ସେମାନେ ଏହାର ସୁରକ୍ଷା ନିମିତ୍ତ ଅଣ୍ଟା ଭିଡ଼ିଛନ୍ତି। ସେମାନେ ପ୍ରତିବର୍ଷ ବରଗଛର ଜନ୍ମଦିନ ଖୁବ୍ ଆଡମ୍ବର ସହକାରେ ପାଳନ କରୁଛନ୍ତି। ସ୍ଥାନୀୟ ବାରପେଟା ଜିଲାର ଜଲିଖେତି ଗାଁରେ ଏହି ବରଗଛ ରହିଛି। ପ୍ରତିବର୍ଷ ଜୁନ୍ ୫ ପରିବେଶ ଦିବସ ଅବସରରେ ଗାଁ ଲୋକେ ଏକତ୍ର ହୋଇ ବରଗଛର ଜନ୍ମଦିନ ପାଳନ କରନ୍ତି। ୨୦୧୨ରେ ବରଗଛକୁ ୨ଶହ ବର୍ଷ ପୂରଣ ହୋଇଥିଲା। ସେବେଠାରୁ ଗ୍ରାମବାସୀ ଏଭଳି କରିଆସୁଛନ୍ତି। ୨ଶହ ବର୍ଷ ପୂରଣ ଅବସରରେ ୬୨ କିଲୋଗ୍ରାମ୍‌ର ଏକ ବଡ଼ କେକ୍ କଟାଯାଇଥିଲା। ଗଛର ସୁରକ୍ଷା ପାଇଁ ଏକ କମିଟି ଗଠନ କରାଯାଇଛି। କମିଟି ସଦସ୍ୟ ଭାବେ ସ୍ଥାନୀୟ ନେତା, ଶିକ୍ଷକ, ଯବାନ ଆଦିଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ପରିବେଶ ସୁରକ୍ଷା ଦିଗରେ ଏହି ଗାଁ ଲୋକଙ୍କର ବୃକ୍ଷ ବଞ୍ଚାଇବା ଉଦ୍ୟମ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।

## ଚିରନ୍ତନୀ

ତୁମକୁ ଭୁଲେ ଯେବେ ଜୀବନ ସାଧନାରେ
ପରାଣ ଜଳଇ ଯେ ବିଷମ ବେଦନାରେ,
ସକଳ ହତଶିରୀ
ମରମ ପୋଡେ ଚିରି
ଜୀବନ ସାଧନାରେ
ବିଷମ ବେଦନାରେ। (ଆଶ୍ୱାସନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଜୁନ୍ ୧୯୯୪

- ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋ ସହରର ସୋଲିଜିଏ ଷ୍ଟାଡିୟମରେ ପଞ୍ଚଦଶତମ ବିଶ୍ୱକପ ଫୁଟବଲ ଚାମ୍ପିୟନଶିପ ଉଦ୍‌ଘାଟିତ।
- କାବୁଲରେ ପୁଣି ପରସ୍ପର ବିରୋଧୀ ନେତା ରାଷ୍ଟ୍ରପତି ବୁରାହନୁଦ୍ଦିନ ରବାନୀ ଓ ପ୍ରଧାନମନ୍ତ୍ରୀ ଗୁଲବୁଦ୍ଦିନ ହେକମତିୟାରଙ୍କ ସମର୍ଥକଙ୍କ ମଧ୍ୟରେ ଘମାଘୋଟ ଲଢେଇରେ ୧୦୦ ଜଣ ନିହତ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | C | | | B | | D | | | 6 | 9 |
| | | | 6 | A | | | | | | | 4 | | | B |
| | 0 | | D | | | 8 | | 5 | | | | | A | C |
| | D | | | | 2 | | 0 | E | 9 | 1 | 5 | | | |
| | | | 0 | | | | 7 | D | | C | | | | 2 |
| | 9 | 0 | 3 | C | | | | 4 | 1 | | | 8 | | |
| | 2 | 7 | | | | | | 3 | | B | | | | 0 |
| | B | E | | 7 | 6 | | 1 | | | | | D | | |
| | 3 | 5 | 1 | | | | | | A | 0 | 9 | | C | 7 |
| 1 | C | | | | | 5 | | | | | | 6 | 3 | |
| | | D | | 0 | | | | | | | 6 | | 9 | 3 |
| | 4 | 9 | | | | B | | | | | | | | |
| | E | 1 | | 3 | 5 | | | | 0 | | 7 | | 2 | |
| | | | | | | | 4 | 7 | | 2 | B | | E | |
| A | | | | | 7 | 0 | | | 4 | | D | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 7 | A | 3 | C | 9 | D | 2 | 8 | B | 5 | 6 | 4 | 1 | E |
| 1 | C | 3 | 8 | 6 | 4 | E | 7 | 0 | A | 2 | D | 5 | B | 9 |
| 4 | 6 | 5 | E | 0 | B | 9 | A | 3 | C | 1 | 7 | 8 | D | 2 |
| B | 9 | E | 2 | 5 | D | 1 | C | 6 | 0 | 8 | 4 | 3 | 7 | A |
| D | 2 | 8 | A | 1 | 7 | B | 4 | 5 | E | 9 | 3 | 0 | 6 | C |
| 6 | A | 0 | 4 | B | 1 | C | 9 | 7 | 8 | 3 | E | D | 2 | 5 |
| 7 | 1 | 2 | 5 | D | 6 | 0 | E | B | 4 | C | A | 9 | 3 | 8 |
| 5 | 8 | 4 | 9 | E | C | 6 | 3 | D | 2 | 0 | 1 | 7 | A | B |
| 9 | E | B | 7 | 2 | 3 | 4 | 8 | A | D | 6 | 5 | 1 | C | 0 |
| C | 3 | D | 0 | A | 8 | 2 | 5 | 1 | 7 | B | 9 | 6 | E | 4 |
| A | B | 9 | D | 7 | E | 5 | 1 | C | 3 | 4 | 0 | 2 | 8 | 6 |
| 2 | 4 | C | 1 | 3 | 5 | 7 | B | 9 | 6 | E | 8 | A | 0 | D |
| 3 | 0 | 7 | B | 4 | A | 8 | 6 | 2 | 9 | D | C | E | 5 | 1 |
| 8 | D | 1 | 6 | 9 | 2 | A | 0 | E | 5 | 7 | B | C | 4 | 3 |
| E | 5 | 6 | C | 8 | 0 | 3 | D | 4 | 1 | A | 2 | B | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନେତାଙ୍କ ସମ୍ପତ୍ତି ବୃଦ୍ଧି

ମହାଶୟ,

ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଓଡ଼ିଶାରେ ଅନୁଷ୍ଠିତ ଷୋଡ଼ଶ ବିଧାନସଭା ନିର୍ବାଚନରେ ପୁନଃନିର୍ବାଚିତ ୫୬ ଜଣ ବିଧାୟକଙ୍କ ସମ୍ପତ୍ତି ଗତ ୫ ବର୍ଷରେ ୨ ଗୁଣରୁ ଅଧିକ ବୃଦ୍ଧି ପାଇଛି। ୨୦୧୪ରେ ଏମାନଙ୍କର ହାରାହାରି ସମ୍ପତ୍ତି ପରିମାଣ ୨ କୋଟିରୁ ଅଧିକ ଥିବା ବେଳେ ୨୦୧୯ରେ ଏହା ବୃଦ୍ଧି ପାଇ ୫ କୋଟିରୁ ଅଧିକ ହୋଇଛି। ଏହି ବୃଦ୍ଧିହାର ୧୨୭ ପ୍ରତିଶତ। ଯେଉଁମାନଙ୍କର ସମ୍ପତ୍ତି ୧୦୦ ପ୍ରତିଶତରୁ ଅଧିକ, ସେମାନଙ୍କ ସମ୍ପତ୍ତି ବୃଦ୍ଧିର ତଦନ୍ତ ହେବା ଦରକାର। ତଦନ୍ତ କରା ନ ଗଲେ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ପାଇଁ ସମ୍ପତ୍ତି ତାଲିକା ପ୍ରଦାନ କରିବାର ଯେଉଁ ବ୍ୟବସ୍ଥା ରହିଛି, ତାହା ମୂଲ୍ୟହୀନ ହୋଇପଡ଼ିବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଅଭିଜ୍ଞ ଡାକ୍ତର ଅଭାବ

ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭିଜ୍ଞ ଡାକ୍ତର ନ ଥିବାରୁ ଅଞ୍ଚଳର ଜନସାଧାରଣ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମୁଦ୍ରିକ ଝଡ଼ 'ଫନି' ପରେ ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ଜଣେ ମହିଳା ସର୍ବସ୍ୱ ହରାଇ ପଲିଥିନ ଜରି ତଳେ ବସିଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କ ଗୋଡ଼କୁ କାମୁଡିଲା। ପରିବାରବର୍ଗ ତୁରନ୍ତ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଲେ। ଡାକ୍ତର ତାଙ୍କୁ ଇଞ୍ଜେକ୍ସନ ଦେଇ ପୁରୀ ମେଡିକାଲକୁ ରେଫର କରିଥିଲେ। ପୁରୀରେ ପହଞ୍ଚିବା କ୍ଷଣି ତାଙ୍କର ମୃତ୍ୟୁ ଘଟିଲା। ଏହି ଡାକ୍ତରଖାନାରେ ବର୍ଷ ବର୍ଷ ଧରି ପୁରୁଣା କର୍ମଚାରୀ ରହିଆସୁଥିଲେ ମଧ୍ୟ ସେମାନଙ୍କର ବଦଳି ହେଉନାହିଁ। ଏଠାରେ ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା

## ଗଜାନନ ବେଶରେ ଦର୍ଶନ ଦେଲେ ଠାକୁର

ଉଲୁଣ୍ଡା, ୧୭।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ପାତାଳି ଶ୍ରୀକ୍ଷେତ୍ରଠାରେ ଦେବସ୍ନାନ ପୂର୍ଣ୍ଣମୀ ଅବସରରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା ଓ ଗଜାନନ ବେଶ ସୋମବାର ସମ୍ପନ୍ନ ହୋଇଯାଇଛି। ପାରମ୍ପରିକ ରୀତିନୀତି ଅନୁସାରେ ସକାଳ ୫ଟାରେ ଦ୍ୱାରଫିଟା, ୫।୩୦ଟାରେ ଦ୍ୱାରପାଳ ପୂଜା ଓ ସୂର୍ଯ୍ୟପୂଜା, ୬ଟାରେ ମଙ୍ଗଳଆଳତି, ୭ଟାରେ ଖେଚୁଡି ଭୋଗ ଓ ବେଶ, ୮।୩୦ରେ ମଙ୍ଗଳାରୋପଣ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା। ପରେ ପୂର୍ବାହ୍ନ ୯ଟାରେ ଗୋଟିପହଣ୍ଡି ମାଧ୍ୟମରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନମଣ୍ଡପରେ ଅଧିଷ୍ଠିତ କରାଯାଇ ପୂଜାନୀତି ଓ ହୋମ ସମ୍ପନ୍ନ ହୋଇଥିଲା। ସେହିପରି ପୂର୍ବାହ୍ନ ୧୧.୩୦ରେ ପୁଣ୍ୟତୋୟା ମହାନଦୀର ବଡାଳି ଘାଟରୁ ଅଣାଯାଇଥିବା ୧୦୮ ପୂର୍ଣ୍ଣକୁମ୍ଭ ଜଳ ମଧ୍ୟରୁ ଶ୍ରୀଜଗନ୍ନାଥଙ୍କୁ ୩୫, ଶ୍ରୀବଳଭଦ୍ରଙ୍କୁ ୩୩, ମାତା ସୁଭଦ୍ରାଙ୍କୁ ୨୨ ଏବଂ ସୁଦର୍ଶନ ଠାକୁରଙ୍କୁ ୧୮ ରୌପ୍ୟ କୁମ୍ଭରେ ସ୍ନାନ କରାଯାଇଥିଲା। ମୁଖ୍ୟପୂଜକ ବିଶେଶ୍ୱର ପାଢୀ ଓ ଗୁନାକର ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଯଜ୍ଞ ଆଚାର୍ଯ୍ୟ ଭାବେ ଦେବାର୍ଚ୍ଚନ ଦାଶ, କର୍ତ୍ତା ଗଡତ୍ୟା ଚମରା ଅମାତ ନୀତିକାନ୍ତି ସମ୍ପାଦନ କରିଥିଲେ। ଅପରାହ୍ନ ୧ଟାରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗଜାନନ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟା ସମୟରେ ଠାକୁରମାନଙ୍କୁ ଅଣସର ଗୃହରେ ବିଜେ କରାଯାଇଥିଲା। ଏହିସବୁ କାର୍ଯ୍ୟକ୍ରମରେ କୋଟସମଲାଇ, ନାଗଡେଇଁ, ସିନ୍ଧ୍ରିଆବାହାଲ, ଘିକୁଣ୍ଡି, ଗୋପାଳପୁର, ବଗଛେରା, ଖୁଂଟଲାପାଲି, ହରିଣାପାଲି, ଗୌଡଗାଡ, ବାଘପାଲି, ଘିଚାପାଲି, ତେଲିପାଲି, ଗୌଡଗାଁ, ନୂଆଗାଁ, ଜଗନ୍ନାଥପାଲି, ରେଡମ, ଖଜୁରିଆପାଲି ଆଦି ଗ୍ରାମର ବ୍ରାହ୍ମଣ ଓ ଭାରୁଆ ସେବାୟତ ସେବା କାର୍ଯ୍ୟ କରିଥିଲେ। ପରିଚାଳନା ପରିଷଦର ସଦସ୍ୟ ଉତ୍ତର କୁମାର ପାତ୍ର, ମହାଦେବ ସାହୁ, ଜାନକିରାମ ଦେହୁରୀ, ଜଗଦୀଶ କର୍ଣ୍ଣ, ନରସିଂହ ପଧାନ ଓ ନଳିନୀକାନ୍ତ ବାଘ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶ୍ରୀଜୀଉଙ୍କ ଗଜାନନ ବେଶ ଦର୍ଶନ ନିମନ୍ତେ ଜିଲା ତଥା ଜିଲା ବାହାରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।


ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀଜୀଉମାନେ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।



## ଜିଲା ଚିଠି
### ଭଦ୍ରକ

## ସହରର ଦୁଃଖ କୃତ୍ରିମ ବନ୍ୟା

ଭଦ୍ରକ ସହରାଞ୍ଚଳ ମଧ୍ୟଭାଗ ଦେଇ ସାଳନ୍ଦୀ ନଦୀ ପ୍ରବାହିତ। ନଦୀ ଦୁଇପଟକୁ ଲାଗିରହିଛି ଭଦ୍ରକ ପୌରାଞ୍ଚଳ ସୀମା। ବର୍ଷାଋତୁ ଆସିଲେ ପ୍ରତିବର୍ଷ ସହରର ୫୦ ଭାଗ ଅଞ୍ଚଳ ମନୁଷ୍ୟକୃତ ବନ୍ୟାରେ ଉବୁଟୁବୁ ହୁଏ। ସହରବାସୀଙ୍କ ପାଇଁ ଏଭଳି କୃତ୍ରିମ ବନ୍ୟା ପରିସ୍ଥିତି ଏକପ୍ରକାର ଦେହସୁହା ହୋଇଗଲାଣି। ସ୍ଥାୟୀ ପ୍ରତିକାର ଲାଗି ପୌରାଞ୍ଚଳବାସୀ ଦାବି କରୁଥିଲେ ମଧ୍ୟ ଏହା ଅରଣ୍ୟରୋଦନ ପାଲଟୁଛି। ସହରର ନାଳନର୍ଦ୍ଦମା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇରହିଛି। କେତେକ ସ୍ଥାନରେ ଏହା ପୋତିହୋଇଯାଇଥିବା ବେଳେ ଆଉ କେତେକ ସ୍ଥାନ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଫଳରେ ବର୍ଷାଜଳ ନଦୀକୁ ନିଷ୍କାସିତ ହୋଇପାରୁ ନାହିଁ। ବର୍ଷାଋତୁ ଆସିବା ଆଗରୁ ପୌରପାଳିକା, ଜିଲା ପ୍ରଶାସନ, ଡ୍ରେନେଜ ବିଭାଗ ଲୋକଦେଖାଣିଆ ଭାବେ ତତ୍ପର ହୋଇ ନାଳନର୍ଦ୍ଦମା ମରାମତି କାମ ଆରମ୍ଭ କରନ୍ତି। ଏ ବାବଦରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ସ୍ଥିତି ବଦଳୁ ନାହିଁ। ବରଂ ମରାମତି ନାଁରେ ସରକାରୀ ଅର୍ଥ 'ଚଳୁ' ହେଉଛି। ବାବୁମାନଙ୍କ ପକେଟ ଗରମ ରହୁଛି। ପୌର ନିର୍ବାଚନ ହେଉ କି ସାଧାରଣ ନିର୍ବାଚନ, ନେତାମାନେ ଆସି ସହରର ନାଳନର୍ଦ୍ଦମା ସମସ୍ୟା ଓ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାକୁ ପ୍ରାଥମିକତା ଦିଆଯିବ କହି ଭୋଟ ହାତେଇ ନିଅନ୍ତି। ପରେ କାହାରି ଦେଖା ମିଳେ ନାହିଁ। ଏଥିଲାଗି ସହରବାସୀଙ୍କ ଦୁଃଖ ଲାଘବ ହେବା ପରିବର୍ତ୍ତେ ବଢ଼ି ଚାଲିଛି। କେବଳ ପୌରବାସୀ ନୁହଁନ୍ତି, ଲଗାଣ ବର୍ଷା ହେଲେ ଅନେକ ସରକାରୀ ଅଫିସ ପାଣିଘେରରେ ପଡ଼ିରହିଥାଏ। ଏଥିରୁ ଡାକ୍ତରଖାନା ମଧ୍ୟ ବାଦ୍ ପଡ଼େ ନାହିଁ। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ଏସ୍‌ପିଙ୍କ ଆବାସିକ କାର୍ଯ୍ୟାଳୟ ସମେତ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ବର୍ଷାପାଣି ଦିନ ଦିନ ଧରି ଜମି ରହେ। ବିଭାଗୀୟ କର୍ମଚାରୀ ଓ ଲୋକେ ଯାଆସ କରିପାରନ୍ତି ନାହିଁ। ସେହିପରି ସହରର କଚେରି ବଜାର, ଗବସାହି, ସାହାପୁର, ମଠସାହି, କୁଆଁସ ସୁଇପର କଲୋନୀ, ପୁରୁଣାବଜାର ଜଗନ୍ନାଥପୁର, ବାଗୁରାଇ, ସାମରାଇପୁର, ଗେଲପୁର ଓ ବୁଦ୍ଧନଗର ଜଳମଗ୍ନ ହୋଇପଡ଼େ। ଅପର୍ତ୍ତିବିନ୍ଧା, ଚରମ୍ପା ଆର୍‌ସିବିଏଲ୍ ହାଇସ୍କୁଲ ଅଞ୍ଚଳ ମଧ୍ୟ ଉଦ୍‌ବୃତ୍ତ ବର୍ଷାପାଣିରେ ଉବୁଟୁବୁ ହୁଏ। ଅଧିକାଂଶ ଅଞ୍ଚଳରୁ ପାଣି ନିଷ୍କାସନ ହେବାକୁ ପ୍ରାୟ ଏକ ସପ୍ତାହ ଲାଗିଥାଏ। ସହରରେ ମୋଟ ୩୫ କି.ମି. ପକ୍କା ରାସ୍ତା ଥିବାବେଳେ ୨୦୦ କି.ମି. ଡ୍ରେନ ରହିଛି। ଅନେକ ସ୍ଥାନରେ ଡ୍ରେନକୁ ଜବରଦଖଲ କରି ଦୋକାନ ଗୃହ ନିର୍ମାଣ କରାଯାଇଥିଲେ ମଧ୍ୟ ସେଗୁଡ଼ିକୁ ହଟାଯାଇପାରୁନି। ରାଜନୈତିକ ଚାପ କାରଣରୁ ପ୍ରଶାସନ ଜବରଦଖଲ ହଟାଇବାକୁ ଭୟ କରୁଥିବା ଲୋକେ ଅଭିଯୋଗ କରିଆସୁଛନ୍ତି। ପ୍ରତିବର୍ଷ ବର୍ଷାଜଳ ନିଷ୍କାସନ ଲାଗି ମାଷ୍ଟରପ୍ଲାନ ପ୍ରସ୍ତୁତ ହେଉଥିବା ଜିଲା ପ୍ରଶାସନ, ଡ୍ରେନେଜ ବିଭାଗ ଓ ପୌରପାଳିକା କହୁଥିଲେ ମଧ୍ୟ କାମରେ କିଛି ଦେଖିବାକୁ ମିଳୁନାହିଁ। ସହରର ବରିଷ୍ଠ ନାଗରିକ ସଂଘ ଓ ବହୁ ସାମାଜିକ ସଙ୍ଗଠନ ଏ ନେଇ ବାରମ୍ବାର ଦାବି କରି ଲିଖିତ ଅଭିଯୋଗ କରୁଥିବା ସତ୍ତ୍ୱେ ସରକାରୀ ବାବୁ ନୀରବଦ୍ରଷ୍ଟା ସାଜୁଛନ୍ତି। ପ୍ରଶାସନ ପକ୍ଷରୁ ଏହି ସମସ୍ୟାର ସ୍ଥାୟୀ ପ୍ରତିକାର କରାଯିବା ଜରୁରୀ ହୋଇପଡ଼ିଛି।

– ବିଭୁପ୍ରସାଦ ବେହେରା

## ସେଲ୍ଫି କର୍ଣ୍ଣର


@ ବସନ୍ତ


@ ସଞ୍ଜୁ


@ ସୌରଭ


@ ସୂର୍ଯ୍ୟନାରାୟଣ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଗଜ ବେଶରେ ଦର୍ଶନ ଦେଲେ ଦଧିବାମନ

ଭଟଲି, ୧୭।୬(ଡି.ଏନ.ଏ)

ପଶ୍ଚିମୋତ୍କଳ ଶ୍ରୀକ୍ଷେତ୍ର ଭାବେ ଅଭିହିତ ଶ୍ରୀ ଶ୍ରୀ ଦଧିବାମନ ଧାମ ଭଟଲିରେ ପ୍ରଭୁ ଦଧିବାମନଙ୍କ ଦେବସ୍ନାନ ପୂର୍ଣ୍ଣିମା ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମନ୍ଦିରର ଦୈନିକ ପୂଜାନୀତି ସମାପନ ହେବା ପରେ ଦଧିବାମନ ରତ୍ନ ସିଂହାସନ ଛାଡ଼ି ମନ୍ଦିରସ୍ଥ ସ୍ନାନ ମଣ୍ଡପକୁ ବିଜେ କରିଥିଲେ । ସେଠାରେ ମନ୍ଦିର ପୁରୋହିତମାନଙ୍କ ଦ୍ୱାରା ପୂର୍ବରୁ ଅଧିବାସ ହୋଇ ରହିଥିବା ତୀର୍ଥଜଳରୁ ୧୦୮ ଗଡୁ ଅଭିମନ୍ତ୍ରିତ ଜଳରେ ଚୁଆ, ଚନ୍ଦନ, କର୍ପୂର ପକାଇ ଶାସ୍ତ୍ରୀୟ ଉପଚାର ବିଧି ଅନୁଯାୟୀ ସ୍ନାନ ମଣ୍ଡପକୁ ଜଳ ବିଜେ କରାଯାଇଥିଲା। ଏହାପରେ ମହାପ୍ରଭୁଙ୍କୁ ସ୍ନାନ କରାଯାଇଥିଲା । ପରେ ମହାପ୍ରଭୁଙ୍କୁ କର୍ପୂର ଆଳତୀ ଦିଆଯାଇଥିଲା । ଏହି ଅବସରରେ ପ୍ରଭୁ ଦଧିବାମନଙ୍କୁ ଗଜ ବେଶ କରି ସାହାଣମେଳା ଅନୁଷ୍ଠିତ ହୋଇଥିଲା । ଏହି ଅଲୌକିକ ବେଶ ଦର୍ଶନ କଲେ ପୁଣ୍ୟ ଫଳ ପ୍ରାପ୍ତି ହେବା ସହିତ ଚତୁଃବର୍ଗ ଫଳ ପ୍ରାପ୍ତି ହୁଏ ବୋଲି ମନ୍ଦିରରେ ପ୍ରବଳ ଭକ୍ତଙ୍କ ଭିଡ଼ ଜମିଥିଲା। ପରେ ପ୍ରଭୁ ଦଧିବାମନ ଅଣସରପିଣ୍ଡିରେ ବିଜେ କରିଥିଲେ। ଆଜିଠାରୁ ଦଧିବାମନ ଅଣସରପିଣ୍ଡିରେ ବିଜେ କରିଥିବା ବେଳେ ଆଷାଢ଼ ଦଶମୀ ଦିନ ପୁଣି ରତ୍ନ ସିଂହାସନରେ ବିଜେ କରିବେ । ମଙ୍ଗଳବାର ଠାରୁ ମହାପ୍ରଭୁଙ୍କ ଅଣସରନୀତି ଆରମ୍ଭ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ଜଣାଯାଇଛି । ଏହି ବେଶ ଦର୍ଶନ ପାଇଁ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ସମେତ ପଶ୍ଚିମାଞ୍ଚଳର ବିଭିନ୍ନ ଜିଲାରୁ ଶ୍ରଦ୍ଧାଳୁ ଭକ୍ତଙ୍କ ସୁଅ ଛୁଟିଥିଲା ।

**ଆଜିଠୁ ଅଣସର ସେବା ପୂଜା ଆରମ୍ଭ**


ଦଧିବାମନ ଭକ୍ତମାନଙ୍କୁ ହାତୀ ବେଶରେ ଦର୍ଶନ ଦେଉଛନ୍ତି ।

■ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବି

# ସିଭିଲ କୋର୍ଟ, ଜିଲାପାଳ କାର୍ଯ୍ୟାଳୟ ବନ୍ଦ

■୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

■ଯଶବନ୍ତ ସିଂ କମିଶନ ଆଧାରରେ ବଲାଙ୍ଗୀର ହିଁ ପ୍ରକୃଷ୍ଟ ସ୍ଥାନ

ବଲାଙ୍ଗୀର ଅଫିସ, ୧୭।୬

ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ବଲାଙ୍ଗୀରରେ ପ୍ରତିଷ୍ଠା କରିବା ଦାବି ନେଇ ବଲାଙ୍ଗୀର ଜିଲା ଓକିଲ ସଂଘ ସୋମବାରଠାରୁ ୪ଦିନିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛି। ସିଭିଲ କୋର୍ଟ ଓ ଜିଲାପାଳ କାର୍ଯ୍ୟାଳୟକୁ ସୋମବାରଠାରୁ ଅଚଳ କରିଦିଆଯାଇଛି । ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ ଓ ସମ୍ପାଦକ ଅମନ ନାଗଙ୍କ ନେତୃତ୍ୱରେ ଜିଲା ଓକିଲ ସଂଘ ଉପସଭାପତି ବାସୁଦେବ ବାରିକ, ବରିଷ୍ଠ ସଭ୍ୟ ଜଗନ୍ନାଥ ଆଚାର୍ଯ୍ୟ, ଭବାନୀ ଶଙ୍କର ଶତପଥୀ, ନନ୍ଦ କୁମାର ଚାନ୍ଦ, ସୁରେଶ ପାଠୀ, ନରେନ୍ଦ୍ର ତ୍ରିପାଠୀ, ପ୍ରାଣଶଙ୍କର ନନ୍ଦ, ସନ୍ତୋଷ ପାଢ଼ୀ, ଦିଲୀପ ବେହେରା, ସରୋଜ ଗୁପ୍ତା, ରାଜେନ୍ଦ୍ର ମିଶ୍ର, ରଘୁନନ୍ଦନ ସିଂ, ବାସୁଦେବ ରଥ, ରୁଦ୍ର ଥନାପତି, ଦୟାନିଧି ଶତପଥୀ, ଅନନ୍ତ ବିଶ୍ୱାଳ, ସୁବାସ ନନ୍ଦ, ଜଗଦୀଶ ବେହେରା, ଆନନ୍ଦ ମିଶ୍ର ପ୍ରମୁଖ ଧାରଣାରେ ବସି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତିକୁ ସମାଲୋଚନା କରିଥିଲେ । ବଲାଙ୍ଗୀର ଜିଲା ବାର ଆସୋସିଏଶନ୍ ଦୀର୍ଘବର୍ଷ ହେବ ନ୍ୟାର୍ଯ୍ୟ ଦାବି ନେଇ ଶାନ୍ତିପୂର୍ଣ୍ଣ, ଗଣତାନ୍ତ୍ରିକ ଆନ୍ଦୋଳନ ଜାରି ରଖିଛି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ବଲାଙ୍ଗୀରର ଯଥାର୍ଥ ଦାବି ନେଇ ବାରମ୍ବାର ଜଣାଯାଇଛି । ଏହାସତ୍ତ୍ୱେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଯଶବନ୍ତ ସିଂ କମିଶନଙ୍କ ସୁପାରିଶ ଲାଗୁ କରୁନାହାନ୍ତି ବୋଲି ବକ୍ତାମାନେ କହିଥିଲେ। ବଲାଙ୍ଗୀର ପ୍ରତି ବିଭିନ୍ନ ସମୟରେ ଅବହେଳା କରାଯାଇ ଆସିଛି । ଯଥାର୍ଥ ଦାବି ଥାଇ ମଧ୍ୟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଅଣଦେଖା କରୁଛନ୍ତି। ଆଗକୁ ଏଭଳି ଅବହେଳା କରାଗଲେ ଏହାର ଦୃଢ଼ ପ୍ରତିବାଦ କରାଯିବ ବୋଲି ସଭାପତି ତ୍ରିପାଠୀ କହିଛନ୍ତି। ଗଡଜାତ ଅମଳରେ ବଲାଙ୍ଗୀରରେ ଏକ ହାଇକୋର୍ଟ କାର୍ଯ୍ୟ କରୁଥିଲା । ବର୍ତ୍ତମାନ ମଧ୍ୟ ସିଭିଲ କୋର୍ଟ ରେଜିଷ୍ଟ୍ରାର ଓଡ଼ିଶା ହାଇକୋର୍ଟର ଏକ୍ସଅଫିସିଓ ଚେୟାରମ୍ୟାନ୍ ଭାବେ କାର୍ଯ୍ୟ କରୁଛନ୍ତି । ଯଶବନ୍ତ ସିଂ କମିଶନଙ୍କ ସୁପାରିଶ ଓ ଏଠାରେ ଥିବା ଭିତ୍ତିଭୂମି ଦୃଷ୍ଟିରୁ ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ କରାଯାଉ ବୋଲି କହିଥିଲେ । ଆଗାମୀ ଦିନରେ ସରକାର ଏହି ନ୍ୟାର୍ଯ୍ୟ ଦାବି ପ୍ରତି ଅଣଦେଖା କଲେ ଆନ୍ଦୋଳନ ଭୟାବହ ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।


ଜିଲା ଓକିଲ ସଂଘ ପକ୍ଷରୁ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ବନ୍ଦ କରାଯାଇ ଧାରଣା ଦିଆଯାଉଛି ।

# ସମସିଆ ଘେରରେ କନ୍ଧପଡ଼ାବାସୀ

**ସରକାରୀ ଯୋଜନା ବାଟବନା**

■ଅଙ୍ଗନୱାଡି କେନ୍ଦ୍ରରେ ଛୁଆକର ପାଦ୍ ନୁହେପଡ଼େ

■ରଁଧା ଖାଏଦ୍ ଜାଗାରେ ମିଳୁଛେ ଶୁଖା ଖାଏଦି୍

■ବଛରକୁତା ପାଏନ୍ ସମସିଆରେ ଯୁଝୁଛନ୍ ଗାଁବାସୀ

ଅତାବିରା, ୧୭।୬ (ଡି.ଏନ.ଏ)

ସରକାର ଛୁଆକର ଶିକ୍ଷା, ସୁଆସ୍‌ତିଅକେ ଗୁରୁତ୍ ଦେଇ ଗାଁଗଁଲିନୁ ସହର ତକ୍ ଅଙ୍ଗନୱାଡି କେନ୍ଦ୍ର ଖୁଲୁଛନ୍। ଅଙ୍ଗନୱାଡି କେନ୍ଦ୍ରମାନକେ ୩ରୁ ୬ ବଛର୍‌ର ଛୁଆକର ଲାଗି ସରକାର ପ୍ରାକ୍ ଶିକ୍ଷା, ଖେଲକୁଦ୍, ଉଷୋକଷା, ଡ୍ରେସ୍ ଆର ପୁଷ୍ଟିକର ରଁଧା ଖାଏଦ୍‌ର ବେବସ୍‌ତା କରିଛନ୍। ଇଥିରଲାଗି ଫିବଛର ରାଜକୋଷରୁ କୋଟି କୋଟି ଟଁକା ଖରଚ୍ ହେଉଛେ। ହେଲେ ଏହେଦେ ବି ଆମର ରାଏଜେ ଏନ୍‌ତା ଗାଁମାନ ଅଛେ, ଯେନ୍‌ନେ ଛୁଆମାନେ ଅଙ୍ଗନୱାଡି କେନ୍ଦ୍ର କହେଲେ କାଣା ନାଇଁ ଜାନି। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଡାଲବ ପଁଚେତ୍ କନ୍ଧପଡ଼ାରେ।

ସୂଚନା ଅନ୍‌ସାରେ ପାଖାପାଖି ୪୦ ବଛରରୁ ଅଧିକା ହେଲା କନ୍ଧପଡ଼ାରେ ୬୦ ପରିବାର ବାସ୍ କରୁଛନ୍। ପଡ଼ାର ବଡ଼ଭାଗି ଲୋକ୍ ନିହାତି ଗରିବ ହେଇଥିଲାବେଲେ ସଭେ ଝୁପଡ଼ିଟେ ଲେଖେଁ କରି ରହୁଛନ୍। ହେଲେ ଗାଁର ବଡ଼ଭାଗି ଲୋକ୍ ଆବାସ ଯୋଜନାର ଲାଭ ପାଏବାରୁ ବଁଚିତ୍ ହେଇ ରହିଛନ୍। ଗାଁରେ ବଛରକୁତା ପାଏନ୍ ସମସିଆ ଲାଗି ରହୁଛେ, ଗାଁରେ ଥିବାର ନଲ୍‌ଚୁଆଁ କେତେଟା ପଡ଼ାବାସୀକର ସାହାଭରସା। ନଲ୍‌ଚୁଆଁ ଅଚଲ୍ ହେଲେ ପଡ଼ାବାସୀ ବଡ଼ା ହଇରାନ ହରକତ୍ ହେଉଛନ୍। ପଡ଼ାରେ ଗୁଟେ ପ୍ରାଥମିକ ବିଦ୍ୟାଳୟ ରହିଛେ, ହେଲେ ଠିକ୍ ହିସାବେ ପାଠ୍ ପଢ଼ା ନାଇଁ ହେଉଥିବାର ଗାଁବାସୀ ଅଭିଯୋଗ କରିଛନ୍। ଇ ବାବ୍‌ଦେ ଗାଁବାସୀ ବ୍ଲକ ଶିକ୍ଷା ଅଧିକାରୀକୁଁ ବି ଅଭିଯୋଗ କରିଥିବାର କହିଛନ୍। ସେନ୍‌ତା ବିନା କାରନ୍‌ରେ ସ୍କୁଲର ଦୁଇ ଛାତ୍ରୀକୁଁ ଟିସି ଦେଇ ସ୍କୁଲରୁ ବାହାର କରିଦିଆଯାଇଥିବାର ଉଭଏ ଛାତ୍ରୀକଁର ମା'ମାନେ ଅଭିଯୋଗ କରିଛନ୍। ସେନ୍‌ତା ଇ ବାବ୍‌ଦେ ଭେଡ଼େନ ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକକୁଁ ପଚରାଲାରୁ ଘଟନାର ତଦଁତ୍ କରି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ। କନ୍ଧପଡ଼ା ଗାଁରେ ଆଏଜ୍ ବି ଗୁଟେ ଅଙ୍ଗନୱାଡି କେନ୍ଦ୍ରର ଅଭାବ ରହିଛେ। ଗାଁଟା ବାନିପାଲି ଅଙ୍ଗନୱାଡି କେନ୍ଦ୍ର ଅଧୀନରେ ରହିଛେ, ହେଲେ କେନ୍ଦ୍ରଟା ଗାଁରୁ ୩ କି.ମି ଦୂରେ ରହିଛେ। ଯେନ୍‌ଥିରଲାଗି ଗାଁର ୩ରୁ ୬ ବଛର୍‌ର ଛୁଆମାନେ ପ୍ରାକ୍ ଶିକ୍ଷା, ପୁଷ୍ଟିକର ରଁଧା ଖାଏଦ୍ ପାଏବାରୁ ବଁଚିତ୍ ହେଇ ରହିଛନ୍। ସେନ୍‌ତା ପ୍ରସୂତି ଆର ଗରଭ୍‌ବତୀ ମହିଳାମାନେ ବି ଅନେକ ସମିଆରେ ସମସିଆର ସାମନା କରୁଛନ୍। କନ୍ଧପଡ଼ାବାସୀ ଗାଁରେ ଗୁଟେ ଅଙ୍ଗନୱାଡି କେନ୍ଦ୍ର ଖୁଲବାକେ ବ୍ଲକ ପରଶାସନ, ଆଇସିଡିଏସ୍ ଅଫିସରେ ଗୁହାରି କରି ନିରାଶ ହେଇଛନ୍। ସମସିଆର ସମାଧାନ ଦିଗେ ପଦକ୍ଷେପ ନେବାକେ ଗାଁବାସୀ ଗଣମାଧ୍ୟମ ଜରିଆରେ ଜିଲା ପରଶାସନକେ ଗୁହାରି କରିଛନ୍।


ପ୍ରାକ୍ ଶିକ୍ଷାରୁ ବଁଚିତ୍ କନ୍ଧପଡ଼ାର ୫ ବଛର୍‌ର ଛୁଆମାନେ।

## ସିଏସି ବୈଠକରେ ବଲାଙ୍ଗୀର ଯୋଗ ଦେଇନାହିଁ

ବଲାଙ୍ଗୀର ଅଫିସ, ୧୭।୬

ସମ୍ବଲପୁରଠାରେ ରବିବାର ଅନୁଷ୍ଠିତ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଏସି) ବୈଠକରେ ବଲାଙ୍ଗୀର ଜିଲାର କୌଣସି ବାର ଆସୋସିଏଶନ୍ ସଦସ୍ୟ ଯୋଗଦେଇ ନାହାନ୍ତି ଏହାସତ୍ତ୍ୱେ ସିଏସି ତରଫରୁ ଆସୋସିଏଶନ ଯୋଗଦେଇଥିବା ନେଇ ଅପପ୍ରଚାର କରାଯାଉଛି । ଏହାକୁ ବଲାଙ୍ଗୀର ଜିଲା ବାର ଆସୋସିଏଶନ ଦୃଢ଼ ନିନ୍ଦା କରୁଛି ବୋଲି ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ ସୋମବାର କହିଛନ୍ତି । ସେ ଆହୁରି କରିଛନ୍ତି, ସିଏସିର କୌଣସି ନିଷ୍ପତ୍ତିକୁ ବଲାଙ୍ଗୀର ଜିଲା ବାର ଆସୋସିଏଶନ୍ ସମର୍ଥନ କରୁନାହିଁ। ପଶ୍ଚିମ ଓଡ଼ିଶାର ବଲାଙ୍ଗୀରରେ ହିଁ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯାଉ ବୋଲି ଜିଲା ଓକିଲ ସଂଘ ମୂଳରୁ ଦାବି କରିଆସୁଛି ଓ ଏହି ନିଷ୍ପତ୍ତିରେ ଆସୋସିଏଶନ୍ ଅଟଳ ରହିଛି । ଯଶବନ୍ତ ସିଂ କମିଶନ ଆଧାରରେ ବଲାଙ୍ଗୀର ହିଁ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଉପଯୁକ୍ତ ସ୍ଥାନ ଦର୍ଶାଇ ଆନ୍ଦୋଳନ ଜାରି ରହିଛି । ଗଡଜାତ ମିଶ୍ରଣ ପୂର୍ବରୁ ବଲାଙ୍ଗୀରରେ ହାଇକୋର୍ଟ ରହିଥିଲା ଓ ଗଡଜାତ ମିଶ୍ରଣ ପରେ ଏଠାରୁ ହାଇକୋର୍ଟ ଉଠାଇ ନିଆଯାଇଥିଲା । ସେହିଦିନରୁ ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି କରାଯାଇଆସୁଛି ବୋଲି ତ୍ରିପାଠୀ କହିଛନ୍ତି।



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।

- ଜନ୍ ରସ୍କିନ୍



**ସଂକ୍ଷେପରେ**

## ମାଓ ଅଧ୍ୟୁଷିତ ଅଞ୍ଚଳରେ କୌଶଳ ବିକାଶ ମେଳା

ଦେବଗଡ,୧୭।୬(ଡି.ଏନ.ଏ)– ଦେବଗଡ଼ ଜିଲା ମାଓବାଦୀ ଅଧ୍ୟୁଷିତ ତିଳେଇବଣି ବ୍ଲକର ପାରପୋଷି ହାଟ ପଡ଼ିଆଠାରେ କୌଶଳ ବିକାଶ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା କର୍ମ ଓ ନିଯୋଜନ ଅଧିକାରୀ ଚିନ୍ତାମଣି ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଦକ୍ଷତା ବିକାଶ ଓ ନିଯୁକ୍ତି ବିଷୟରେ ମତବ୍ୟକ୍ତ କରିଥିଲେ। ଏଥିରେ ଅଞ୍ଚଳର ପ୍ରାୟ ୨୦୦ଶହରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ ଓ ଅଭିଭାବକ ଯୋଗ ଦେଇଥିଲେ। ଆଇଏଲ୍ ଏଣ୍ଡ ସ୍କିଲ୍ ଡେଭଲପମେଣ୍ଟ କର୍ପୋରେଶନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପୂର୍ଣ୍ଣେନ୍ଦୁ କବି, ପ୍ରଧାନ ମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ର ନିର୍ଦ୍ଦେଶକ ଦେବାଶିଷ ନାୟକ, ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟା ଉପସ୍ଥିତ ଥିଲେ।

## ଟ୍ରକ୍‌କୁ ଧକ୍କା ଦେଲା ବୋଲେରୋ: ଜଣେ ମୃତ, ୪ ଗୁରୁତର

ଭବାନୀପାଟଣା,୧୭।୬(ଡି.ଏନ.ଏ.) ଭବାନୀପାଟଣାଠାରୁ ୧୪ କି.ମି. ଦୂର ପାଷ୍ଟିକୁଡି ନିକଟରେ ୨୬ ନମ୍ବର ଜାତୀୟ ରାଜପଥରେ ଗତ ରବିବାର ସନ୍ଧ୍ୟା ସାଢେ ୭ଟାରେ ରାସ୍ତା କଡରେ ଛିଡା ହୋଇଥିବା ଟ୍ରକ୍‌କୁ ପଛପଟୁ ଏକ ବୋଲେରୋ ଧକ୍କା ଦେଇଛି। ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହେବା ସହ ୪ ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଜୟପାଟଣା ଥାନା ପରୁଆଗୁଡା ଗାଁର କ୍ଷିତିଚନ୍ଦ୍ର ମାଝି। ଆହତମାନଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବୋଲେରୋ (ନଂ.ଓଡି୦୮ଏଫ୍-୩୯୩୭) ଯାତ୍ରୀଙ୍କୁ ନେଇ କେସିଙ୍ଗାରୁ ଭବାନୀପାଟଣା ଯାଉଥିବାବେଳେ ପାଷ୍ଟିକୁଡି ଛକରେ ଛିଡା ହୋଇଥିବା ଟ୍ରକ (ନଂ. ଓଆର୍୧୯ଏ-୩୯୨୯)କୁ ପଛପଟୁ ଧକ୍କା ଦେଇଥିଲା। ଦ୍ରୁତଗତି ଯୋଗୁ ଭାରସାମ୍ୟ ହରାଇ ବୋଲେରୋ ଟ୍ରକ୍‌କୁ ଧକ୍କା ଦେଇଥିବା ସନ୍ଦେହ କରାଯାଉଛି। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### କୋଲ୍‌କାତାରେ ଡାକ୍ତରଙ୍କୁ ମାଡ଼ ଘଟଣାର ପ୍ରତିବାଦ

# କଳା ବ୍ୟାଜ୍ ପିନ୍ଧି ରୋଗୀ ଦେଖିଲେ ଡାକ୍ତର



ସମ୍ବଲପୁରରେ କଳା ବ୍ୟାଜ୍ ପିନ୍ଧି ଜଣେ ଡାକ୍ତର ରୋଗୀ ଦେଖୁଛନ୍ତି ।



ରେଢାଖୋଲରେ ଡାକ୍ତରମାନେ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନରେ ସାମିଲ ହୋଇଛନ୍ତି ।




ସମ୍ବଲପୁର ବୁର୍ଲା ଭିମ୍‌ସାର ସମ୍ମୁଖରେ ଡାକ୍ତରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ସମ୍ବଲପୁର,୧୭।୬(ବ୍ୟୁରୋ)

ପଶ୍ଚିମବଙ୍ଗର କଲିକତାରେ ଡାକ୍ତରଙ୍କୁ ମାଡ ଘଟଣାର ପ୍ରତିବାଦରେ ଦିଆଯାଇଥିବା ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ବନ୍ଦ ଡାକରାରେ ସମ୍ବଲପୁର ଜିଲାର ଡାକ୍ତରମାନେ ସାମିଲ ହୋଇଛନ୍ତି । ଜରୁରୀ କାଳୀନ ସେବାକୁ ଛାଡି ଦେଲେ ଅନ୍ୟ ସେବା ବନ୍ଦ କରି ଦେଇଛନ୍ତି । ବୁର୍ଲା ଭିମ୍‌ସାର ଓ ଜିଲା ସଦର ଡାକ୍ତରଖାନରେ ରୋଗୀ ସେବା ବାଧାପ୍ରାପ୍ତ ହୋଇଛି । ଓଡିଶା ମେଡିକାଲ ଶିକ୍ଷକ ସଂଘ ଓ ଭିମ୍‌ସାର ଜୁନିୟର ଡାକ୍ତର ସଂଘ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଡାକ୍ତରମାନେ କଳା ବ୍ୟାଜ୍ ପିନ୍ଧି ଜରୁରୀ ସେବା ଯୋଗାଇ ଦେଇଛନ୍ତି। ସେହିପରି ବୁର୍ଲା ଭିମ୍‌ସାର ସମ୍ମୁଖରେ ଜୁନିୟର ଡାକ୍ତର ସଂଘ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜୁନିୟର ଡାକ୍ତର ସଂଘ ସଦସ୍ୟ ଡାକ୍ତର ସଞ୍ଜୀବ ମିଶ୍ର, ଡାକ୍ତର ଆକାଶ ମହାନ୍ତି, ଡାକ୍ତର କ୍ରାନ୍ତି ଗୁରୁ, ଡାକ୍ତର ଚିଦାନନ୍ଦ ମିଶ୍ର, ଡାକ୍ତର ବାପୁନ ପଟ୍ଟନାୟକଙ୍କ ସମେତ ଓମ୍‌ଟାର ଡାକ୍ତର ସୁନିଲ ଶର୍ମା, ଡାକ୍ତର ଭାବଗ୍ରାହୀ ରଥ, ଡାକ୍ତର ଶାଶ୍ୱତ ହୋତା, ଡାକ୍ତର ଶୋଭାଗିନୀ ଆଚାର୍ଯ୍ୟ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇ ଥିଲେ।

**ରେଢାଖୋଲ,(ଡି.ଏନ.ଏ.):** ସେହିଭଳି କଲିକତାରେ ଡାକ୍ତରଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ କରିବା ସହିତ ଓଡିଶାରେ ମଧ ଡାକ୍ତରମାନଙ୍କୁ ସୁରକ୍ଷା ଯୋଗାଇଦେବା ଦାବିରେ ଓମ୍‌ସାର ଆହ୍ୱାନ କ୍ରମେ ସୋମବାର ରେଢାଖୋଲ ଉପଖଣ୍ଡ ଡାକ୍ତରଖାନାର ଡାକ୍ତରମାନେ ମଧ ଆନ୍ଦୋଳନ କରିଛନ୍ତି। ଏଠାକାର ଡାକ୍ତରମାନେ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟ କରିଥିଲେ। ଡା. ରାମକୃଷ୍ଣ ପତି, ଡା. ମଞ୍ଜୁଲତା ଦାଶ. ଡା. ସୁନିତା ବ୍ରହ୍ମା, ଡା.ଆଦିତ୍ୟ ସୁପକାର, ଡା. ପୂର୍ଣ୍ଣିମା ହୋତା, ଡା. ହିମାଂଶୁ ଶେଖର ଦାସ, ଡା. ଶରତଚନ୍ଦ୍ର ଘଡେଇ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

### ଏସ୍‌ସିବିରେ ଡାକ୍ତର ଆନ୍ଦୋଳନ

# ଆଉଟ୍‌ଡୋର ବର୍ଜନ କଲେ କନିଷ୍ଠ ଡାକ୍ତର

କଟକ ଅଫିସ, ୧୭।୬

**ଜରୁରିକାଳୀନ ସେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା**

କଲିକତାରେ ଡାକ୍ତରଙ୍କୁ ଆକ୍ରମଣ ପ୍ରତିବାଦରେ ସୋମବାର ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ) ପକ୍ଷରୁ ଦେଶବ୍ୟାପୀ ଧର୍ମଘଟର ପ୍ରଭାବ ଏସ୍‌ସିବି ମେଡିକାଲ ଉପରେ ପଡ଼ିଛି। କନିଷ୍ଠ ଡାକ୍ତରମାନେ ଶୋଭାଯାତ୍ରା କରିବା ସହ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଆଉଟଡୋର ବର୍ଜନ କରିଥିଲେ। କିନ୍ତୁ ଡାକ୍ତର ଆନ୍ଦୋଳନରେ ଏକ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଆନ୍ଦୋଳନରତ ଡାକ୍ତରମାନେ ଆଉଟଡୋରକୁ ବନ୍ଦ କରିଥିଲେ ମଧ ଏଠାକୁ ଆସୁଥିବା ରୋଗୀମାନଙ୍କୁ କାଜୁଆଲ୍‌ଟିକୁ ପଠାଇଥିଲେ। କାଜୁଆଲ୍‌ଟିରେ ଆନ୍ଦୋଳନରେ ସାମିଲ ଥିବା ଡାକ୍ତରମାନେ ରୋଗୀସେବା କରୁଥିବା ଦେଖିବାକୁ ମିଳିଲା। ଏସ୍‌ସିବି ପିଜି ଡାକ୍ତର ସଂଘର ସଭାପତି ଡା. ପ୍ରଭାତ ରାଉତ କୁହନ୍ତି, ପଶ୍ଚିମବଙ୍ଗର ଡାକ୍ତର ଭଉଣୀଭାଇଙ୍କ ପଛରେ ଆମର ପ୍ରଚ୍ଛନ୍ନ ସମର୍ଥନ ରହିଛି। କିନ୍ତୁ ଏସ୍‌ସିବିରେ ଯେଉଁଭଳି ଜରୁରିକାଳୀନ ରୋଗୀ ସେବା ବ୍ୟାହତ ନ ହୁଏ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଆନ୍ଦୋଳନରତ ଡାକ୍ତରମାନେ ଆନ୍ଦୋଳନ ସମୟରେ ରକ୍ତଦାନ କରୁଥିବା ଦେଖିବାକୁ ମିଳିଥିଲା। ପାଖାପାଖି ୮ ୟୁନିଟ୍ ରକ୍ତ ଆନ୍ଦୋଳନରତ ଡାକ୍ତରମାନଙ୍କଠାରୁ ସଂଗ୍ରହ କରାଯାଇଥିବା ଦେଖିବାକୁ ମିଳିଛି। ତେବେ ଡାକ୍ତର ଆନ୍ଦୋଳନକୁ ଆଖିଆଗରେ ରଖି ମେଡିକାଲ ପ୍ରଶାସନ ପକ୍ଷରୁ ଆଗୁଆ ସତର୍କତା ଗ୍ରହଣ କରାଯାଇଥିଲା। ପ୍ରତ୍ୟେକ ଦିନ ଆଉଟଡୋର ସକାଳ ୯ଟାରେ ଆରମ୍ଭ ହେଉଥିବା ବେଳେ ସୋମବାର ୮ଟାରୁ ଖୋଲିଥିଲା। ମେଡିକାଲ ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତି ସକାଳ ୮ଟା ପୂର୍ବରୁ ମେଡିକାଲରେ ପହଞ୍ଚି ସମସ୍ତ ଆଉଟଡୋର କାର୍ଯ୍ୟ ଆରମ୍ଭ କରାଇଥିଲେ। କନିଷ୍ଠ ଡାକ୍ତରମାନେ ଶୋଭାଯାତ୍ରା ବାହାର କରି ଆଉଟଡୋର କାର୍ଯ୍ୟ ବନ୍ଦ କରିବା ପୂର୍ବରୁ ଅନେକ ରୋଗୀ ଆଉଟଡୋରରୁ ଚିକିତ୍ସିତ ହୋଇସାରିଥିଲେ। ଆନ୍ଦୋଳନ ଯୋଗୁ ରୋଗୀସେବା ସେଭଳି ପ୍ରଭାବିତ ହୋଇ ନ ଥିବା ଅଧୀକ୍ଷକ ମହାନ୍ତି କହିଛନ୍ତି। ସନ୍ଧ୍ୟା ୬ଟା ସୁଦ୍ଧା ମେଡିକାଲରେ ମୋଟ୍ ୩୨୩୧ ଜଣ ରୋଗୀଙ୍କୁ ଆଉଟଡୋର ଚିକିତ୍ସା ମିଳିଥିବା ସେ କହିଛନ୍ତି। ତେବେ କାଜୁଆଲ୍‌ଟି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କାଜୁଆଲ୍‌ଟି ମେଡିକାଲ ଅଫିସରଙ୍କ ସହିତ ସହକାରୀ ପ୍ରଫେସରମାନଙ୍କୁ କାଜୁଆଲ୍‌ଟିରେ ମୁତୟନ କରାଯାଇଥିଲା। ଅଧୀକ୍ଷକ ପ୍ରଫେସର ମହାନ୍ତି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ନିଜ ଚାମ୍ବରରେ ବସି ସିସିଟିଭି ମାଧ୍ୟମରେ ସମଗ୍ର ମେଡିକାଲର ରୋଗୀସେବା ଉପରେ ନଜର ରଖିଥିବା ଦେଖିବାକୁ ମିଳିଥିଲା। ସକାଳୁ ମୋଟାମୋଟି ଭାବେ ଏସ୍‌ସିବିରେ ସ୍ୱାଭାବିକ ଅବସ୍ଥା ଥିବା ଦେଖାଯାଇଥିଲା।

# ଦେବଗଡ଼ ଜିଲା ପୂର୍ବତନ ଖେଳାଳିଙ୍କ ବୈଠକ




ବୈଠକରେ ମଞ୍ଚାସୀନ ପୂର୍ବତନ ଖେଳାଳିମାନେ।

ଦେବଗଡ଼,୧୭।୬(ସ୍ୱ.ପ୍ର)

- ଜିଲା କ୍ରିକେଟ ସଂଘରେ ଅନିୟମିତତା ଅଭିଯୋଗ
- ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଦେବଗଡ଼ ଜିଲାରେ କ୍ରିକେଟ ଖେଳର ସାମୂହିକ ଉନ୍ନତି ପାଇଁ ପୂର୍ବତନ ଖେଳାଳିମାନଙ୍କୁ ନେଇ ଏକ ବୈଠକ ସ୍ଥାନୀୟ ଲିଟିଲ କନଫରେନ୍ସରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବତନ ଖେଳାଳି ପ୍ରଦୀପ କୁମାର ମହାପାତ୍ର, ମନୋଜ ଶତପଥୀ, ସତ୍ୟ ନାରାୟଣ ପଟ୍ଟନାୟକ, ଧର୍ମେନ୍ଦ୍ର କୁମାର ଦେବତା, ଅଶୋକ ଆଚାର୍ଯ୍ୟ, ସୁଧୀର ବ୍ରହ୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାରେ କ୍ରିକେଟ ଖେଳର ସାମୂହିକ ଉନ୍ନତି ସହ ଜିଲା କ୍ରିକେଟ ସଂଘର ଅନିୟମିତତା ନେଇ ଲୋଧା କମିଟି ନିୟମ ଅନୁଯାୟୀ ନିର୍ବାଚନ ପ୍ରକ୍ରିୟା କରିବାକୁ ଆଲୋଚନା ହୋଇଥିଲା। ଏପରି କି ବୈଠକରେ ଉପସ୍ଥିତ ବହୁ କ୍ରିକେଟ ଖେଳାଳି ନିଜ ମତାମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ନନ୍ଦ, ବିରେନ ନାୟକ, ସୁବାସ ପୃଷ୍ଟି, ସସ୍ମିତ କୁମାର ଜ୍ୟୋତିଷ, ସୁକାନ୍ତ ସୁରିଆ, ପ୍ରୀତମ ବେହେରା, କାର୍ତ୍ତିକ ମହାକୁଲ, ଅନିଲ ନାୟକ, ପ୍ରତାପ ଦେବ, ସୁଜିତ ଭୋଇ, ଅଭିଲାଷ ମିଶ୍ର, ନିଶିକାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୪ ତାରିଖରେ ଜନସାଧାରଣଙ୍କ ସହ ପୂର୍ବତନ ଖେଳାଳିମାନେ ଜିଲା କ୍ରିକେଟ ସଂଘରେ ଅନିୟମିତତା ହେଉଥିବା ଅଭିଯୋଗ କରି ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ। ଆଗାମୀ ଦିନରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅଭିଯୋଗ ସଂକ୍ରାନ୍ତରେ ପୂର୍ବରୁ ଜିଲା କ୍ରିକେଟ ସଂଘର ସମ୍ପାଦକ ଇଂ.ସୁଜିତ କୁମାର ପ୍ରଧାନ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି।

# ସୁଶ୍ରୀତା ହେଲେ ଭଏସ୍ ଅଫ ୱେଷ୍ଟର୍ନ ଓଡ଼ିଶା

ସମ୍ବଲପୁର,୧୭।୬(ବ୍ୟୁରୋ)

ସ୍ଥାନୀୟ ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ସମ୍ବଲପୁର ରଙ୍ଗୋଲି ଅନୁଷ୍ଠାନ ପକ୍ଷରୁ ଭଏସ୍ ୱେଷ୍ଟର୍ନ ଓଡିଶା (ଗୀତ) ପ୍ରତିଯୋଗିତା ଆୟୋଜିତ ହୋଇ ଯାଇଛି। ଏଥିରେ ସୁଶ୍ରୀତା ପାଣିଗ୍ରାହୀ ବିଜୟୀ ହୋଇଛନ୍ତି। ଏଥିରେ ବିଭିନ୍ନ ଜିଲାରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ । ପୁରସ୍କାର ବିତରଣ ସଭାରେ ଅନୁଷ୍ଠାନ ସଭାପତି ପବିତ୍ର କୁମାର ତ୍ରିପାଠୀ, ଉପସଭାପତି ବୀରେନ୍ଦ୍ର କୁମାର ସିଂଦେଓ, ସମ୍ମାନୀତ ଅତିଥି ଭାବେ ମହାଦେବ ଡାଲମିଆ ଉପସ୍ଥିତ ଥିଲେ । ସମ୍ପାଦକ ଭାଗୀରଥି ସିଂଦେଓ ପରିଚାଳନା କରିଥିଲେ । ବିଚାରକ ଭାବେ ବାବୁ ମହାନ୍ତି, ସଙ୍ଗୀତ ମିଶ୍ର ଓ କମଲେଶ ରହିଥିବା ବେଳେ ଦର୍ଶକ ବିଚାରକ ଭାବେ ଶ୍ରାବଣୀ ଦାଶ ରହିଥିଲେ । ଏହି ଅବସରରେ ଅଜୟ କୁମାର ସିଂଦେଓଙ୍କୁ ସମ୍ମାନୀତ କରାଯାଇଥିଲା ।




ସମ୍ବଲପୁର ରଙ୍ଗୋଲି ଅନୁଷ୍ଠାନ ପକ୍ଷରୁ ରବିବାର ଭଏସ୍ ୱେଷ୍ଟର୍ନ ଓଡ଼ିଶା ସୁଶ୍ରୀତା ପାଣିଗ୍ରାହୀଙ୍କୁ ପୁରସ୍କୃତ କରାଯାଉଛି ।

### ପୁରୁଣାଗଡ଼ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା

# ହାତୀ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି





ତିନି ଠାକୁରଙ୍କୁ ପଣ୍ଡାମାନଙ୍କ ଦ୍ୱାରା ସ୍ନାନ କରାଯାଉଛି (ବାମ)। ମହାପ୍ରଭୁ ହାତୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

ଦେବଗଡ଼,୧୭।୬(ଡି.ଏନ୍.ଏ.)

ଦେବଗଡ଼ ସହର ପୁରୁଣାଗଡ଼ସ୍ଥିତ ସର୍ବ ପୁରାତନ ଜଗନ୍ନାଥ ମନ୍ଦିରରେ ଜ୍ୟେଷ୍ଠ ପୂର୍ଣ୍ଣିମା ତିଥିରେ ପରମ୍ପରା ଅନୁଯାୟୀ ତିନ ଠାକୁରଙ୍କ ପବିତ୍ର ଦେବସ୍ନାନ ଉତ୍ସବ ରୀତିନୀତି ସହକାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୀତି ନିର୍ଘଣ୍ଟ ପୂର୍ବକ ସକାଳ୯ଟାରେ ରତ୍ନ ସିଂହାସନରୁ ତିନି ଠାକୁରଙ୍କୁ ସ୍ନାନ ମଣ୍ଡପକୁ ଧାଡି ପହଣ୍ଡି ବିଜେ କରାଯାଇଥିଲା। ପରେ ମନ୍ଦିର ଭିତରେ ଥିବା କୂଅରୁ ପବିତ୍ର ଜଳ ଆଣି ସ୍ନାନ ବେଦୀରେ ପୂର୍ବାହ୍ନ ୧୧ଟାରେ ଜଗନ୍ନାଥଙ୍କୁ ୩୫ କଳସ ପାଣିରେ ସ୍ନାନ କରାଯାଇଥିଲା। ସେହିପରି ବଳଭଦ୍ରଙ୍କୁ ୩୩ କଳସ ଏବଂ ମା' ସୁଭଦ୍ରାଙ୍କ ଠାରେ ୨୨ କଳସ, ସୁଦର୍ଶନ ଓ ଶ୍ରୀକୃଷ୍ଣଙ୍କଠାରେ ୧୮ କଳସ ପବିତ୍ର ଜଳ ଯଥା ରୀତିନୀତି ଅନୁସାରେ ପଣ୍ଡାମାନଙ୍କ ଦ୍ୱାରା ସ୍ନାନ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଦେଖିଥିଲେ। ନୀତି ସହକାରେ ମହାପ୍ରଭୁଙ୍କୁ ହାତୀ ବେଶ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିଥିଲା। ପରେ ତିନି ଠାକୁରଙ୍କୁ ମଧ୍ୟରାତିରେ ଅଣସର ବେଦୀରେ ୧୦ ଦିନ ପାଇଁ ବିଜେ କରାଯାଇଥିଲା। କାର୍ଯ୍ୟକ୍ରମରେ ମନ୍ଦିର ବଡପଣ୍ଡା ବେଣୁଧର ନାୟକଙ୍କ ତତ୍ତ୍ୱାବଧାନରେ ପ୍ରଣୟ ପୁରୋହିତ, ଅର୍ଜୁନ ମୋହନ ଆଚାର୍ଯ୍ୟ, ପଞ୍ଚାନନ ଦାଶଙ୍କ ସମେତ ଅନ୍ୟ ସଦସ୍ୟଙ୍କ ଦ୍ୱାରା ସ୍ନାନ କାର୍ଯ୍ୟ ଏବଂ ସମସ୍ତ ରୀତିନୀତି ସମ୍ପନ୍ନ ହୋଇଥିଲା। ପ୍ରକାଶ ଯେ, ପୁରୀ ଶ୍ରୀମନ୍ଦିରରେ ଯେପରି ରୀତିନୀତିରେ ପୂଜାର୍ଚ୍ଚନା ହୋଇଥାଏ ଠିକ୍ ସେହିପରି ଦେବଗଡ଼ ପୁରୁଣାଗଡ଼ ଜଗନ୍ନାଥ ମନ୍ଦିରରେ ମଧ ପୂଜାର୍ଚ୍ଚନା ହୋଇଥାଏ । ସେହିପରି ମଠସାହିସ୍ଥିତ ଗୋପାଳଜୀଉ ମନ୍ଦିର ସହ ଜିଲାର କଣ୍ଢେଇ, ଦନ୍ତାରୀବାହାଲ, କଂସର, ବାରକୋଟ, କୁଣ୍ଡାପିଠା, ରିଆମାଳ, ଟିଙ୍କବୀର, କୁଣ୍ଢେଇଗୋଳା ସମେତ ଅଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଦେବସ୍ନାନ ଉତ୍ସବ ପାଳନ କରାଯାଇଛି।

# ଗୁଟ୍‌ଖା କମ୍ପାନୀ ବିରୋଧରେ ଜିଲାପାଳଙ୍କୁ ଫେରାଦ

ସମ୍ବଲପୁର, ୧୭।୬ (ବ୍ୟୁରୋ)

ସମ୍ବଲପୁର ଜିଲା ଜମାଦାରପାଲି ଗ୍ରାମ ନିକଟରେ ଥିବା ଗୁଟଖା କମ୍ପାନୀ ବିରୋଧରେ ଗାଁ ଲୋକେ ଜିଲାପାଳଙ୍କ ପାଖରେ ସୋମବାର ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ କମ୍ପାନୀର ବିଷାକ୍ତ ଗ୍ୟାସ, କେମିକାଲର ଦୁର୍ଗନ୍ଧ ବାହାରି ପରିବେଶକୁ ପ୍ରଦୂଷିତ କରୁଛି । ଦୁର୍ଗନ୍ଧ ପରିମାଣ ଏତେ ମାତ୍ରାରେ ରହୁଛି ଯେ, ନିଶ୍ୱାସ ନେବା ସମୟରେ କଷ୍ଟ ଅନୁଭବ ହେଉଛି। ଏହାର ପ୍ରଭାବ ବିଶେଷକରି ଛୋଟ ଛୋଟ ପିଲାମାନଙ୍କ ଉପରେ ପଡୁଛି । ତେଣୁ ଏହି କମ୍ପାନୀକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ବୋଲି ସେମାନେ ଦାବି କରିଛନ୍ତି । ସୁମିତ ମହାନ୍ତି, ମହନ ମହାନନ୍ଦ, ଶ୍ରୀକାନ୍ତ କଠାର, ଆଶିଷ ହୋତା, ରାଧେଶ୍ୟାମ ପ୍ରଧାନ, ମାନସ ବକ୍ସି ଜିଲାପାଳଙ୍କୁ ଭେଟିଥିବା ବେଳେ ଦାବିପତ୍ରରେ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ରହିଛି ।



ସୋମବାର ସମ୍ବଲପୁର ଜମାଦାରପାଲି ଗ୍ରାମବାସୀ ଗୁଟଖା କମ୍ପାନୀ ବିରୋଧରେ ଅଭିଯୋଗ କରିବାକୁ ଜିଲାପାଳଙ୍କ ଅଫିସ ଆସିଛନ୍ତି ।



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
- ଜନ୍ ରସ୍କିନ୍



## ସଂକ୍ଷେପରେ

### ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

**ସମ୍ବଲପୁର, ୧୭।୬ (ବ୍ୟୁରୋ):** ସମ୍ବଲପୁର ଜିଲା ବୁର୍ଲା ଥାନା ଅଧୀନ ସିନାପାଲି ଗ୍ରାମ ନିକଟରେ ବୁର୍ଲା ପୋଲିସ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର କରିଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ପୋଲିସ କହିବାନୁସାରେ ଯୁବକ ଜଣକ କିଛି ଦିନ ହେଲା ଏହି ଅଞ୍ଚଳରେ ବୁଲାବୁଲି କରୁଥିଲେ।

### ବୃଦ୍ଧାଙ୍କୁ ହତ୍ୟା ଉଦ୍ୟମ କରି ଯୁବକ ଗିରଫ

**ସମ୍ବଲପୁର, ୧୭।୬ (ବ୍ୟୁରୋ):** ସମ୍ବଲପୁର ଜିଲା ଅଇଁଠାପାଲି ଥାନା ବୁଢ଼ାରଜା ବିମଳ ହୋତା ଗଳିରେ ଲିଲିମା ଦାଶ (୭୫)ଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ପଶ୍ଚିମବଙ୍ଗ ପଂଶକୁରା ଥାନା ଗୁମେଇ ଗ୍ରାମର ସୌରଭ ଭଟ୍ଟାଚାର୍ଯ୍ୟ (୨୩)। ଏ ନେଇ ଥାନାରେ ମାମଲା (ନଂ.୨୪୬/୧୯) ରୁଜୁ କରାଯାଇଛି । ସୂଚନାଯୋଗ୍ୟ ଯେ, ଗତ ୧୪ ତାରିଖ ରାତିରେ ଘରେ ଲିଲିମା ଏକୁଟିଆ ଥିବା ବେଳେ ସୌରଭ ଘର ଭିତରକୁ ପଶିଥିଲେ । ଏହା ଜାଣିବା ପରେ ଲିଲିମା ପାଟି କରିଥିଲେ। ସୌରଭ ଲିଲିମାଙ୍କୁ ତଣ୍ଟି ଚିପି ତଳେ ପକାଇ ଦେଇ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକ ବୁର୍ଲା ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଏ ନେଇ ଥାନାରେ ମଧ ଅଭିଯୋଗ କରିଥିଲେ।

### ରଜନୀ ମୁଣ୍ଡାଙ୍କୁ ଆର୍ଥିକ ସହାୟତା



**ସମ୍ବଲପୁର, ୧୭।୬ (ବ୍ୟୁରୋ):** ଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷାରେ ପାସ୍ କରିଥିବା ଚାରଭାଟିର ରଜନୀ ମୁଣ୍ଡାଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ସାମାଜିକ କର୍ମୀ ସହାୟତା ରାଶି ପ୍ରଦାନ କରିଛନ୍ତି । ସୋମବାର ଡା. ବି.ପି. ମିଶ୍ର ସ୍ମୃତି କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ଚାରଭାଟିସ୍ଥିତ ରଜନୀଙ୍କ ଘରକୁ ଯାଇ ଡା. ତନୁଜ ମିଶ୍ର ସ୍ୱାଗତ ଜଣାଇବା ସହ ୧୦ ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି।

### କୋରମ୍ ଅଭାବରୁ ବୈଠକ ବାତିଲ

**ସମ୍ବଲପୁର, ୧୭।୬ (ବ୍ୟୁରୋ):** ସମ୍ବଲପୁର ସମଲେଶ୍ୱରୀ ଦୁଗ୍ଧ ସଂଘର ୯୪ତମ ପରିଚାଳନା ପରିଷଦ ବୈଠକ ସୋମବାର ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା। ହେଲେ କୋରମ୍ ଅଭାବରୁ ବୈଠକ ବାତିଲ ହୋଇଯାଇଛି । ଜରୁରୀ ବୈଠକ ଡକାଯାଇଥିଲେ ମଧ ଅନେକ ଦୁଗ୍ଧ ସମବାୟ ସମିତି ସଦସ୍ୟ ଉପସ୍ଥିତ ନ ଥିଲେ ବୋଲି ପ୍ରେସ ବିବୃତିରେ ଦର୍ଶାଯାଇଛି।

### କଳା, କଳାକାର ପକ୍ଷରୁ ସମ୍ବର୍ଦ୍ଧନା ସଭା

**ସମ୍ବଲପୁର, ୧୭।୬ (ବ୍ୟୁରୋ):** ସମ୍ବଲପୁର କଳା ଓ କଳାକାର ପକ୍ଷରୁ ସୋମବାର ମେଡିକାଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ କଳା ଓ କଳାକାର ଅନୁଷ୍ଠାନ ପରରୁ ଗ୍ରୀଷ୍ମକାଳୀନ ଚିତ୍ରାଙ୍କନ ପ୍ରତିଯୋଗିତାର ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା । ସଭାପତି ସଞ୍ଜୟ ସାହୁଙ୍କ ଅଧକ୍ଷତାରେ ସଭାରେ ମୁଖ୍ୟଅତିଥି ଭାବରେ ନାଟ୍ୟକାର ଓ ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାୟକ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଚିତ୍ରଶିଳ୍ପୀ ରାଧାରମଣ ମୁଦୁଲି ଯୋଗ ଦେଇଥିଲେ। ଜଗନ୍ନାଥ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରଶାନ୍ତ ମାଝି, ଗୌରିଦାସ ପଣ୍ଡା, ରଞ୍ଜିତ ରଥ, ପବିତ୍ର ବେରିହା, ସୁମନ ପାଲ, ଲିଲିମା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହିଳାଙ୍କୁ ଶୁଣ୍ଢରେ କଚାଡ଼ି ମାରିଦେଲା ଦନ୍ତା

**ନାକଟିଦେଉଳ,୧୭।୬(ଡି.ଏନ୍.ଏ.)**

- ବନ ବିଭାଗ ଅଧିକାରୀ, କର୍ମଚାରୀଙ୍କୁ ଅଟକ
- ୨ଟି ବୋଲେରୋକୁ ଭାଙ୍ଗିଲେ ଗ୍ରାମବାସୀ
- ପ୍ରତିଶ୍ରୁତି ମିଳିଲା, ବ୍ୟବଚ୍ଛେଦ ପାଇଁ ମୃତଦେହ ଛାଡିଲେ



ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବନବିଭାଗ ଓ ପୋଲିସ ଅଧିକାରୀ ବୁଝାଉଛନ୍ତି।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜାମୁଯୋରୀ ପଞ୍ଚାୟତର ବିନ୍ଧପୁର ଗ୍ରାମରେ ସୋମବାର ସକାଳେ ଏକ ଦନ୍ତା ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏହି ମହିଳା ଜଣକ ହେଲେ ଗାଁର ସନ୍ଧ୍ୟା ସାହୁ (୫୫)। ତେବେ ଏହି ଘଟଣାକୁ ନେଇ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ପଡିଥିଲେ। ଖବର ପାଇ ଗାଁରେ ପହଞ୍ଚିଥିବା ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନେ ଘେରାଉ କରି ବିଭିନ୍ନ ଦାବି ରଖିଥିଲେ। ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ମିଳିବା ପରେ ମୃତଦେହକୁ ବ୍ୟବଚ୍ଛେଦ ଲାଗି ଛାଡ଼ିଥିଲେ। ନାକଟିଦେଉଳ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ଲାଗି ରେଢାଖୋଲ ଡାକ୍ତରଖାନାକୁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ସୋମବାର ସକାଳ ପ୍ରାୟ ୫ଟା ୪୦ ମିନିଟ। ସନ୍ଧ୍ୟା ସାହୁ ନିଜ ଘରଠାରୁ ପ୍ରାୟ ୫୦ମିଟର ଦୂର ଗାଁ ମୁଣ୍ଡ ଆମ୍ବ ତୋଟାକୁ ଶୌଚ ପାଇଁ ଯାଇ ଦନ୍ତା ହାତୀ ସହିତ ମୁହାଁମୁହିଁ ହୋଇଥିଲେ। ହାତୀକୁ ଦେଖି ସନ୍ଧ୍ୟା ସେଠାରୁ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। ହେଲେ ହାତୀଟି ତାଙ୍କୁ ଶୁଣ୍ଢରେ କଚାଡ଼ି ଦେବାରୁ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଗତ ୩ ଦିନ ହେବ ଏହି ଦନ୍ତା ହାତୀଟି ପ୍ରତିଦିନ ରାତିରେ ଗାଁକୁ ଆସି ଉପଦ୍ରବ କରୁଛି। ଜଙ୍ଗଲ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବା ଦିଗରେ କୌଣସି ପଦକ୍ଷେପ ନିଆ ଯାଇ ନ ଥିଲା। ଏ ସମ୍ପର୍କରେ ବନ ବିଭାଗକୁ ଖବର ଦିଆଯାଇଥିଲେ ସୁଦ୍ଧା କେହି ଶୁଣି ନ ଥିଲେ । ତେଣୁ ହାତୀ ଆକ୍ରମଣରେ ସନ୍ଧ୍ୟାଙ୍କ ଜୀବନ ଗଲା ବୋଲି ଗାଁ ଲୋକେ ଅଭିଯୋଗ କରି ଉତ୍ତ୍ୟକ୍ତ ହୋଇ ଉଠିଥିଲେ। ଖବର ପାଇ ନାକଟିଦେଉଳ ବନାଞ୍ଚଳାଧିକାରୀ ଦୟାନିଧି ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ସେ ଲୋକଙ୍କୁ ବୁଝାଇବେ କ'ଣ ଓଲଟି ଜାମୁଯୋରୀ ସରପଞ୍ଚ ଅଜିତ କୁମାର ପ୍ରଧାନ ଏବଂ ସମିତି ସଭ୍ୟ ସାଗର କୁମାର ସାହୁଙ୍କ ନେତୃତ୍ୱରେ ଉତ୍ତ୍ୟକ୍ତ ଲୋକେ ବନ ବିଭାଗ ଟିମ୍‌କୁ ଘେରାଉ କରି ରଖିଥିଲେ। ବନ ବିଭାଗର ଅବହେଳାରୁ ହାତୀ ସନ୍ଧ୍ୟାଙ୍କୁ ମାରିଦେଲା ବୋଲି ଲୋକେ ଅଭିଯୋଗ କରିଥିଲେ। ଏହି ନରହନ୍ତା ଦନ୍ତାକୁ ଅଞ୍ଚଳରୁ ପାର୍ କରିବା, ଏଲିଫ୍ୟାଣ୍ଟ ପ୍ରୋଟେକ୍ସନ ସ୍କ୍ୱାଡ଼ରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି, ମୃତକଙ୍କ ପରିବାରରୁ ଜଣକୁ ନିଯୁକ୍ତି ସହିତ କ୍ଷତିପୂରଣ ଯୋଗାଇ ଦେବାକୁ ଲୋକେ ଦାବି କରିଥିଲେ। ତଥାପି ଲୋକଙ୍କ ରାଗ କମି ନ ଥିଲା। ଜଙ୍ଗଲ ବିଭାଗର ଯେଉଁ ଦୁଇଟି ବୋଲେରୋରେ ବନ ବିଭାଗର ଅଧିକାରୀ ଓ କର୍ମଚାରୀ ଗାଁକୁ ଯାଇଥିଲେ ସେହି ଗାଡି ୨ଟିକୁ ମଧ ଲେକେ ଭଙ୍ଗାରୁଜା କରିବାକୁ ପଛାଇ ନ ଥିଲେ। ଦୀର୍ଘ ୨ଘଣ୍ଟା ଧରି ଲୋକଙ୍କ କବଳରୁ ଏମାନେ ମୁକୁଳି ପାରି ନ ଥିଲେ। ପରେ ପରେ ଖବର ପାଇ ରେଢାଖୋଲ ସହକାରୀ ବନ ସଂରକ୍ଷକ ରଙ୍କନିଧି ନାଥ, ଏସଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁ, ନାକଟିଦେଉଳ ଥାନା ଆଇଆଇସି ଇସ୍ମାଇଲ ଏକ୍କା, ରେଢାଖୋଲ ବନବିଭାଗ ରେଞ୍ଜର ପ୍ରଦୀପ ସେଠୀ, ଗିରିଶ୍ଚନ୍ଦ୍ରପୁର ରେଞ୍ଜର ମଣିଧର ଡୁଙ୍ଗଡୁଙ୍ଗ ଓ ଜିଲା ପରିଷଦ ସଦସ୍ୟ ପ୍ରମୋଦ କୁମାର ସାହୁ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ । ହାତୀ ଦୌରାତ୍ମ୍ୟରୁ ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ସହ ମୃତ ମହିଳାଙ୍କ ପରିବାରରୁ ଜଣକୁ ଅସ୍ଥାୟୀ ଭାବେ ଫରେଷ୍ଟ ବିଭାଗରେ ୱାଚର ଭାବରେ ଥଇଥାନ କରାଯିବାକୁ ପ୍ରତିଶ୍ରୁତି ଦେବା ସହିତ ହାତୀ ଆକ୍ରମଣରେ ମୃତ୍ୟୁ ପାଇଁ ସରକାରଙ୍କ ନିୟମ ମୁତାବକ କ୍ଷତିପୂରଣ ରାଶି ଯେପରି ଶୀଘ୍ର ମିଳିପାରିବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥି ସହିତ ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାର ବର୍ଗକୁ ତୁରନ୍ତ ସେହିଠାରେ ହିଁ ୪୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଶାନ୍ତ ପଡ଼ିଥିଲେ।

## ପୋଲିସ ଏନ୍‌କାଉଣ୍ଟରରେ ଦୁର୍ଦ୍ଧାନ୍ତ ସୀତାରାମ ଗୁରୁତର, ପିସ୍ତଲ ଜବତ

**ବଲାଙ୍ଗୀର ଅଫିସ, ୧୭।୬**

ପୋଲିସ ଏନ୍‌କାଉଣ୍ଟରରେ ମୋଷ୍ଟ ୱାଣ୍ଟେଡ ଦୁର୍ଦ୍ଧାନ୍ତ ଅଭିଯୁକ୍ତ ସୀତାରାମ ରଣା ଗୁରୁତର ହୋଇଛନ୍ତି। ପୁଇଁନ୍ତଲା ଥାନା ଅନ୍ତର୍ଗତ ମହୀମୁଣ୍ଡା-ଦୁହେଲ ରାସ୍ତାରେ ପୋଲିସକୁ ଚକ୍‌ମା ଦେଇ ରବିବାର ରାତ ପ୍ରାୟ ୧୧ଟାରେ ଫେରାର ହେବାକୁ ସେ ଉଦ୍ୟମ କରୁଥିବା ବେଳେ ପୋଲିସ ଏନ୍‌କାଉଣ୍ଟର କରିଥିଲା । ଅଭିଯୁକ୍ତଙ୍କ ବାମ ଗୋଡରେ ଗୁଳି ବାଜିବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବୁର୍ଲା ମେଡିକାଲ ପଠାଯାଇଥିଲା । ଅଭିଯୁକ୍ତଙ୍କ ସୀତାରାମଙ୍କଠାରୁ ପୋଲିସ ଏକ ପିସ୍ତଲ, ମୋବାଇଲ ଓ ଏକ ବାଇକ୍ ଜବତ କରିଥିଲା। ଏ ନେଇ ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ପୁଇଁନ୍ତଲା ଥାନାରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଥିଲେ । ବଲାଙ୍ଗୀର, ସୁବର୍ଣ୍ଣପୁର ଏବଂ କୋରାପୁଟ ଜିଲାର ଅନେକ ସଙ୍ଗୀନ ମାମଲାର ମୋଷ୍ଟ ୱାଣ୍ଟେଡ ସୀତାରାମଙ୍କୁ ରବିବାର ରାତିରେ ପୁଇଁନ୍ତଲା ପୋଲିସ ଟିମ୍ ମହୀମୁଣ୍ଡା ଗାଁ ନିକଟରେ ଘେରିଯାଇଥିଲେ । ଆତ୍ମସମର୍ପଣ କରିବାକୁ ତାଙ୍କୁ ପୋଲିସ କହିବା ପରେ ଅଭିଯୁକ୍ତ ପୋଲିସ ଉପରକୁ ଗୁଳିଚାଳନା କରିଥିଲା । ଫଳରେ ପୋଲିସ ବାଧହୋଇ ସୀତାରାମଙ୍କ ଉପରକୁ ଗୁଳିଚାଳନା କରିଥିଲା ।

## ବାମରାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ବାମରା, ୧୭।୬ (ସ୍ୱ.ପ୍ର.)**

ନବ ନିର୍ବାଚିତ ଝାରସୁଗୁଡା ବିଧାୟକ ତଥା ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କୁ ବାମରାଠାରେ ସୋମବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କ ସହିତ କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କୁ ସ୍ୱାଗତ କରାଯାଇଥିଲା। ଅପରାହ୍ନ ପ୍ରାୟ ୧ଟାରେ ଉଭୟ ନବ କିଶୋର ଦାସ ଓ କିଶୋର ଚନ୍ଦ୍ର ନାଏକ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେଠାରୁ ତାଙ୍କୁ ବାଇକ ଶୋଭାଯାତ୍ରା ମାଧ୍ୟମରେ ପାଛୋଟି ନିଆଯାଇଥିଲା । ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିରରେ ଦର୍ଶନ ଓ ପୂଜାର୍ଚ୍ଚନା ପରେ ଗୋବିନ୍ଦପୁର ଦୁର୍ଗା ମଣ୍ଡପ ପ୍ରାଙ୍ଗଣର ସଭା ସ୍ଥଳକୁ ପହଞ୍ଚିଥିଲେ । ସେଠାରେ ବାମରା ସିଟିଜେନ୍ ଫୋରମ, ବରିଷ୍ଠ ନାଗରିକ ମଞ୍ଚ, ନାଗରିକ କମିଟି, ବାମରା ଆଥ୍‌ଲେଟିକ ଆସୋସିଏଶନ୍, ବାମରା ପ୍ରେସ କ୍ଲବ, ଚାମ୍ବର ଅଫ୍ କମର୍ସ, ମୁସଲିମ କମ୍ୟୁନିଟି, ଲକ୍ଷ୍ମୀପୂଜା କମିଟି, ବିଏମ୍‌ଡବ୍ଲୁ ଗ୍ରୁପ, ରାଜା ଗ୍ରୁପ, କେନ୍ଦୁପତ୍ର କର୍ମଚାରୀ ସଂଘ, ଯାଦବ ସମାଜ, ଅଖିଳ ଭାରତୀୟ ମାରୱାଡି ସମିତି, ମେହେର ସମାଜ, ବ୍ଲକ ସରପଞ୍ଚ ସଂଘ, ଗୋବିନ୍ଦପୁର ଦୁର୍ଗା ପୂଜା କମିଟି, କୁଚିଣ୍ଡା ବାର ଆସୋସିଏଶନ୍, କୃଷକ ସଂଗଠନ ସହ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ଫୁଲତୋଡା, ଉପଢ୍ୱୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ବାମରା ବ୍ଲକ ବିଜେଡି ସଭାପତି ରାଜକୁମାର ଶୁକ୍ଲାଙ୍କ ସଭାପତିତ୍ୱରେ ବରିଷ୍ଠ ନେତା ପ୍ରଦୀପ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲାବେଳେ ପୂର୍ବତନ ବ୍ଲକ ସଭାପତି ଅରବିନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁଚିଣ୍ଡା ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ଜମନକିରା ବ୍ଲକ ସଭାପତି ରାଜେଶ ନାଏକ, ଝାରସୁଗୁଡା ଜିଲା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ପଟେଲ, ଲଇକେରା ବ୍ଲକ ଅଧ୍ୟକ୍ଷା ରୋଜାଲିନ ପଟେଲ, ବାମରା ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର, ବ୍ଲକ ଉପାଧ୍ୟକ୍ଷା ଅକ୍ଷୟା ସାହୁ, ଜିଲା ପରିଷଦ ସଭ୍ୟା କୁମୁଦିନୀ ନାଏକ, କିର୍ମିରା ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ, ବରିଷ୍ଠ ନେତା ଭୁବନେଶ୍ୱର କିସାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ମନ୍ତ୍ରୀ ନବ କିଶୋର ଦାସ ବାମରା ବ୍ଲକରେ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା, ବିଦ୍ୟୁତ ସେବା, ସଡକ ନିର୍ମାଣ, ପାନୀୟ ଜଳ ବ୍ୟବସ୍ଥା, କୃଷକଙ୍କ ପାଇଁ ଉତ୍ତମମାନର ବିହନ ଯୋଗାଣ ଓ ବୀମା ସୁବିଧା ପ୍ରଦାନ ସହ ୧୩୨ କେଭି ଗ୍ରୀଡର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଆଦି ପାଇଁ ଦୃଢ଼ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ବାମରା ବ୍ଲକକୁ ସବୁ ଦୃଷ୍ଟିରୁ ଚକାଚକ କରିବା ସହିତ ସ୍ୱାସ୍ଥ୍ୟସେବା ପାଇଁ ୨୪ ଘଣ୍ଟିଆ ରାସ୍ତା ଖୋଲା ରହିଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଏହାପରେ ଅପରାହ୍ନ ୩ଟାରେ ମୁଣ୍ଡାଡ଼ିପାସ୍ଥିତ ଆମ୍ବ ବଗିଚାରେ ବ୍ଲକସ୍ତରୀୟ ଏକ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଥିଲା ।



ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଏସ୍‌ପିଙ୍କୁ ଭେଟିଲେ ଭାଜପା କାର୍ଯ୍ୟକର୍ତ୍ତା

**ବରଗଡ଼ ଅଫିସ୍,୧୭।୬**

ବରଗଡ଼ ଜିଲା ଭଟଲି ଓ ବିଜେପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆପରାଧିକ କାର୍ଯ୍ୟକଳାପ ନେଇ ଭାଜପା ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ସୋମବାର ଭାଜପାର ଏକ ପ୍ରତିନିଧି ଦଳ ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁଙ୍କୁ ଫେରାଦ ହୋଇଥିଲେ । ଉପରୋକ୍ତ ନିର୍ବାଚନ ମଣ୍ଡଳୀରେ ଅପରାଧ ନିୟନ୍ତ୍ରଣ ତଥା ଭାଜପା କାର୍ଯ୍ୟକର୍ତ୍ତାଙ୍କ ଉପରେ ଆକ୍ରମଣ ମାମଲାର ଅଭିଯୁକ୍ତଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଭାଜପା ନେତା ଅଶ୍ୱିନୀ ଷଡ଼ଙ୍ଗୀ, ଡା. ଅରୁପାନନ୍ଦ ସାହୁ, ଇରାସିସ ଆଚାର୍ଯ୍ୟ, ସୁବ୍ରତ ହୋତା ପ୍ରମୁଖ ସ୍ମାରକପତ୍ରରେ ନିବେଦନ କରିଛନ୍ତି । ସେମାନେ ଏସ୍‌ପିଙ୍କୁ ନିବେଦନ କରିଥିଲେ । ନିର୍ବାଚନ ପୂର୍ବରୁ ଏବଂ ପରେ ମୁଖ୍ୟତଃ ଉପରୋକ୍ତ ନିର୍ବାଚନ ମଣ୍ଡଳୀ ଅଧୀନ ଗ୍ରାମ ଗୁଡ଼ିକରେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଉପରେ ଆକ୍ରମଣ ହେଉଛି।

## ବିଭିନ୍ନ ମନ୍ଦିରରେ ଦେବସ୍ନାନ ନୀତି ସମ୍ପନ୍ନ



ସମ୍ବଲପୁର ଝାଡୁଆପଡାସ୍ଥିତ ବ୍ରହ୍ମପୁରା ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ତିନିଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଉଛି ।

**ସମ୍ବଲପୁର, ୧୭।୬ (ବ୍ୟୁରୋ)**

ସମ୍ବଲପୁର ସହରର ବିଭିନ୍ନ ପଡାରେ ଥିବା ୨୯ଟି ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ମହାସମାରୋହରେ ପାଳିତ ହୋଇଛି। ବିଶେଷ କରି ସର୍ବପୁରାତନ ଝାଡୁଆପଡା ଐତିହାସିକ ବ୍ରହ୍ମପୁରା ଠାକୁର ସୋମବାର ଗଜ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ପ୍ରାତଃ ୪ଟାରେ ପରମ୍ପରାନୁସାରେ କୂଅରୁ ପାଣି ଆଣି ମନ୍ଦିରରେ ରଖା ଯାଇଥିଲା। ସକାଳ ସାଢ଼େ ୬ଟାରେ ଠାକୁରଙ୍କ ଆଳତି ହେବା ସହ ସେନାପଟା ଲାଗି ନୀତି ହୋଇଥିଲା । ସାଢ଼େ ୮ଟାରେ କର୍ପୁର ଆଳତି ହୋଇଥିଲା। ଏହାପରେ ପୂଜକମାନେ ସୁଦର୍ଶନଙ୍କୁ ସ୍ନାନ ମଣ୍ଡପକୁ ବିଜେ କରାଇଥିଲେ । ଘଣ୍ଟ, ଶଙ୍ଖ, ହରିବୋଲ ହୁଳହୁଳିରେ ଅଞ୍ଚଳ ଉଚ୍ଛୁଳି ପଡିଥିଲା। ଜୟ ଜଗନ୍ନାଥ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା । ଏହାପରେ ତିନି ଠାକୁରଙ୍କୁ ଧାଡି ପହଣ୍ଡିରେ ବିଜେ କରି ସ୍ନାନ ମଣ୍ଡପକୁ ନିଆଯାଇଥିଲା। ପୂଜା ଶେଷ ପରେ ସେବାୟତମାନେ ୧୦୮ ପୂର୍ଣ୍ଣ କଳସରେ ଠାକୁରଙ୍କୁ ସ୍ନାନ କରାଯାଇଥିଲା । ସ୍ନାନ ପାଣି ନେବା ପାଇଁ ସହସ୍ରାଧିକ ଭକ୍ତଙ୍କ ଭିଡ ଲାଗି ରହିଥିଲା। ସ୍ନାନ ପରେ ନୀତି ଅନୁସାରେ ଠାକୁରଙ୍କୁ ଗଜ ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶ ଦେଖିବା ପାଇଁ ସହର ତଥା ବୁର୍ଲା, ହୀରାକୁଦ, ରେଙ୍ଗାଲି ଅଞ୍ଚଳରୁ ଭକ୍ତମାନଙ୍କ ସମାଗମ ହୋଇଥିଲା । ସନ୍ଧ୍ୟା ଆଳତି ପରେ ଠାକୁରଙ୍କୁ ଅଣସର ଘରକୁ ନିଆଯାଇଥିଲା ।

## ଏମ୍‌ସିଏଲରେ ଯୋଗ ଶିବିର

**ସମ୍ବଲପୁର, ୧୭।୬ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ମୁଖ୍ୟାଳୟରେ ସୋମବାର ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ସକାଳ ୬ଟାରୁ ଏହା ଆରମ୍ଭ ହୋଇଥିଲା । ଏମସିଏଲ ମୁଖ୍ୟ ସତର୍କତା ଅଧିକାରୀ ଏବଂ ନିର୍ଦ୍ଦେଶକ (ଯାନ୍ତ୍ରିକ) ଓ.ପି. ସିଂ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏମସିଏଲ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାର ଲୋକେ ଉପସ୍ଥିତ ରହି ଯୋଗଶିକ୍ଷା ଲାଭ କରିଥିଲେ ।



ଏମ୍‌ସିଏଲ୍ ଅଧିକାରୀ ଓ କର୍ମଚାରୀ ଯୋଗ ଶିବିରରେ ଭାଗ ନେଇଛନ୍ତି।

## ଆର୍‌ଆଇ ଅଫିସ ବନ୍ଦକୁ ନେଇ ଅସନ୍ତୋଷ

**ସମ୍ବଲପୁର,୧୭।୬(ବ୍ୟୁରୋ)**

ସମ୍ବଲପୁର ଜିଲା ମାନେଶ୍ୱର ଆରଆଇ ଅଫିସ ନିୟମିତ ଖୋଲର ଯାଉ ନ ଥିବା ଅଭିଯୋଗ ହେଉଛି । ଅଫିସକୁ ଆସୁଥିବା ଲୋକମାନେ ହଇରାଣ ହେବାରୁ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି। ସୋମବାର ମଧ କେତେକ ମହିଳା ଓ ପୁରଷ ଆସି ଫେରି ଯାଇଛନ୍ତି। ଅଫିସ ସମ୍ମୁଖରେ ୧୩ ତାରିଖଠାରୁ ୧୮ ତାରିଖ ପର୍ଯ୍ୟନ୍ତ ଆରଆଇ ଅଫିସ ବନ୍ଦ ରହିବ ବୋଲି ସୂଚନା ରହିଛି । ହେଲେ ଦୂରରୁ ଆସୁଥିବା ଲୋକମାନେ ଜାଣି ନ ପାରି ଅଫିସକୁ ଆସି ହଇରାଣ ହେଉଛନ୍ତି। ସୋମବାର ଖଣ୍ଡୁଆଳ, ମିର୍ଗାମୁଣ୍ଡା, ତୁରିପଡା, ଖଳିଆବନ୍ଧ, ହାଲିପାଲି, ମାନେଶ୍ୱର ଗ୍ରାମର ଅନେକ ଲୋକ ଫେରି ଯାଇଛନ୍ତି । ଯଦି ଆରଆଇ ଜରୁରୀ କାମରେ ବାହାରକୁ ଯାଉଛନ୍ତି ତାହା ହେଲେ ଅଫିସକୁ କାହିଁକି ବନ୍ଦ କରାଯାଉଛି । ଅଫିସରେ କେହି ଜଣେ କର୍ମଚାରୀ ରହିବା ଆବଶ୍ୟକ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଅନେକ ସମୟରେ ଆରଆଇ ଓ ଅନ୍ୟ କର୍ମଚାରୀମାନେ ଅନୁପସ୍ଥିତ ରହୁଛନ୍ତି। ଏବେ ପାଠ ପଢା ସମୟ । ତେଣୁ ପିଲାମାନଙ୍କୁ ଜାତିଗତ ପ୍ରମାଣ ପତ୍ର, ଆୟ ପ୍ରମାରପତ୍ର ପ୍ରଭୃତି ଦରକାର ପଡୁଛି । ସେହିପରି ଚାଷୀ ଓ ସାଧାରଣ ଲୋକଙ୍କ କାମ ରହୁଛି । ହେଲେ ଆରଆଇ ନ ଥିବରୁ କିଛି କାମ ହୋଇ ପାରୁନି। ଲୋକଙ୍କ କାମ ଆଗେଇ ପାରୁନାହିଁ । ଏ ସମ୍ପର୍କରେ ମାନେଶ୍ୱର ତହସିଲଦାର ଦୁର୍ବାଦଳ ଦେହୁରୀଙ୍କୁ ପଚାରିବାରୁ ଜରୁରୀ କାମ ପାଇଁ ତହସିଲ ଅଧୀନ ସମସ୍ତ ଆରଆଇମାନେ ତହସିଲ ଅଫିସରେ ହିଁ କାମ କରୁଛନ୍ତି। ୧୯ ତାରିଖଠାରୁ ସ୍ୱାଭାବିକ ହୋଇଯିବ। କାହାକୁ ସମସ୍ୟା ହେବ ନାହିଁ ବୋଲି କହିଛନ୍ତି ।



ମାନେଶ୍ୱର ଆର୍‌ଆଇ ଅଫିସକୁ ଆସି ନିରାଶ ହୋଇଥିବା ସ୍ଥାନୀୟ ଲୋକେ।

## ଷ୍ଟେଟ ବ୍ୟାଙ୍କ ଅନୁସୂଚିତ ଜାତି, ଜନଜାତି କର୍ମଚାରୀଙ୍କ ବୈଠକ

**ସମ୍ବଲପୁର,୧୭।୬(ବ୍ୟୁରୋ)**

ଭାରତୀୟ ଷ୍ଟେଟ ବ୍ୟାଙ୍କ ଝାରସୁଗୁଡା ଆଞ୍ଚଳିକ ଅଧୀନରେ ଥିବା ଅନୁସୂଚିତ ଜାତି ଓ ଜନଜାତି କର୍ମଚରୀ ପରିଷଦ ଏକ ବୈଠକ ସମ୍ବଲପୁରର ଏକ ହୋଟେଲରେ ଅନୁଷ୍ଠିତ ହୋଇଥିଲା । ପରିଷଦର ସଭାପତି ବିମଳ କୁମାର ତନ୍ତି ସଭାପତିତ୍ୱ କରିଥିଲେ । କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ କିଭଳି ହେବ ସେ ଦିଗରେ ଆଲୋଚନା କରାଯାଇଥିଲା। ରାଜ୍ୟ ସାଧାରଣ ସଂପାଦକ ବଂଶୀଧର ସେଠୀ, ରାଜ୍ୟ ସଭାପତି ଜିତେନ କୁମାର ନାଏକ, ଉପ ସାଧାରଣ ସଂପାଦକ ଉପେନ୍ଦ୍ର କୁମାର ଜଗଦଳା, ସହ ସଂପାଦକ କିଶୋର କୁମାର ବାଗ, ସହସମ୍ପାଦକ ମୂର୍ତ୍ତି ନାଗ, ରାମଚନ୍ଦ୍ର ବରିହା ଯୋଗ ଦେଇଥିଲେ । ପରିଷଦର ଉପଦେଷ୍ଟା ବିଜୟ କୁମାର ବାଗ ଓ ପରିଚାଳନା ସଭ୍ୟ ପ୍ରଦୀପ କୁମାର ଲୁଗୁନ ସଭା ପରିଚାଳନା କରିଥିଲେ ।

# ଗରମ ଓ ଗର୍ଭବତୀଙ୍କ ଯତ୍ନ

– ଡା. ସରୋଜିନୀ ଷଡ଼ଙ୍ଗୀ

କାଲି ସରିଛି ସ୍ନାନ ପୂର୍ଣ୍ଣମୀ। ଆଜିଠୁ ରଥଯାତ୍ରା ପର୍ଯ୍ୟନ୍ତ ମହାପ୍ରଭୁ ରହିବେ ଅଣବସରରେ। କୁହାଯାଏ ଏହି ସମୟରେ ଅନୁଭୂତ ହୁଏ ଅଣବସର ଗୁଳୁଗୁଳି। ତେବେ ଖରାଦିନ ଶେଷ ଏବଂ ବର୍ଷାର ଆରମ୍ଭ ମଧବର୍ତ୍ତୀ ଏହି ସମୟରେ ହେଉଥିବା ପାଣିପାଗ ପରିବର୍ତ୍ତନଜନିତ ଗରମ ସମସ୍ତଙ୍କ ଲାଗି ବିଶେଷ କରି ଗର୍ଭବତୀଙ୍କ ଲାଗି ହୋଇପଡ଼େ ଅସହ୍ୟ। ତେଣୁ ଏହି ସମୟରେ ଉଭୟ ମା' ଏବଂ ଗର୍ଭସ୍ଥ ସନ୍ତାନର ସୁରକ୍ଷା ଲାଗି ଯତ୍ନଶୀଳ ହେବା ଆବଶ୍ୟକ...





ଗର୍ଭାବସ୍ଥା ଏକ ସ୍ୱର୍ଣକାତର ସମୟ, ଯେଉଁଥିରେ ଭାବୀ ମା'କୁ ଦୀର୍ଘ ୯ ମାସ ଧରି ଶିଶୁଟିକୁ ଗର୍ଭରେ ଧାରଣ କରି ସବୁ ସୁବିଧା, ଅସୁବିଧାକୁ ସାମ୍ନା କରିବାକୁ ପଡ଼ିଥାଏ। ମାତୃତ୍ୱର ଏହି ଯାତ୍ରା ଖୁବ୍ ଆନନ୍ଦଦାୟକ ହେଲେ ମଧ କେତେବେଳେ ଏହା ନିରାପଦ ହୋଇଥାଏ ତ' ପୁଣି କେତେବେଳେ ବିପଦ ସଙ୍କୁଳ ହୋଇଥାଏ। କାରଣ ନିଜର ଓଜନ ସହ ଆଉ ଗୋଟିଏ ଶିଶୁକୁ ଗର୍ଭରେ ଧାରଣ କରି ଜୀବନ ନିର୍ବାହ କରିବା କମ୍ କଷ୍ଟକର ବ୍ୟାପାର ନୁହେଁ। ବିଶେଷ ଭାବରେ ଖରା ଗରମ ଏବଂ ଗୁଳୁଗୁଳି ସମୟ ଗର୍ଭବତୀ ନାରୀ ପାଇଁ ବେଶ୍ କଷ୍ଟଦାୟକ ହୋଇଥାଏ। ଅସହ୍ୟ ତାତି ସାଙ୍ଗକୁ ଝାଳ ବୋହିବା, ଜଣେ ସାଧାରଣ ମଣିଷ ପାଇଁ କଷ୍ଟକର ହୋଇପଡ଼ିଥିବା ବେଳେ ଗର୍ଭବତୀ ନାରୀ ପାଇଁ ଏହାକୁ ସହନ କରିବା ଯନ୍ତ୍ରଣାଦାୟକ ହୋଇଥାଏ। ଗର୍ଭାବସ୍ଥାରେ କେତେକ ଅନ୍ତଃସ୍ରାବୀ ରସ ତଥା ଶାରୀରିକ ପରିବର୍ତ୍ତନ ଯୋଗୁ ଭାବୀ ମା'ମାନଙ୍କୁ ବେଶି ଗରମ ଲାଗିଥାଏ। ସେମାନଙ୍କର ବେଶି ଝାଳ ମଧ ବୋହିଥାଏ।

ସାଧାରଣତଃ ପ୍ରତ୍ୟେକ ଗର୍ଭବତୀ ନାରୀଙ୍କ ଠାରେ ବାନ୍ତି ଲାଗିବା, ମୁଣ୍ଡ ବୁଲାଇବା, କ୍ଲାନ୍ତି ଲାଗିବା ଆଦି ଲକ୍ଷଣ ଦେଖାଦେଇଥାଏ। କିନ୍ତୁ ଗରମ ଦିନେ ଏହି ଲକ୍ଷଣ ବଢ଼ିଯାଏ ଏବଂ ଟିକେ ଯତ୍ନ ନ ପାଇଲେ ସେମାନଙ୍କର ଅଂଶୁଘାତ ହେବାର ଭୟ ଥାଏ। ମା' ଦେହର ତାପମାତ୍ରା ବଢ଼ିଗଲେ ଗର୍ଭସ୍ଥ ଶିଶୁ ଉପରେ ମଧ ତା'ର ଖରାପ ପ୍ରଭାବ ପଡ଼ିଥାଏ। ବେଶି ଝାଳ ବୋହୁଥିବାରୁ ଦେହରୁ ଜଳୀୟ ଅଂଶ କମିଯାଏ (ଡିହାଇଡ୍ରେଶନ୍) ତେଣୁ ପ୍ରଚୁର ପାଣି (ଅତି କମ୍‌ରେ ୮–୧୦ଗ୍ଲାସ୍) ପିଇବା ଆବଶ୍ୟକ। ଏହି ପାଣି ଗର୍ଭରେ ଶିଶୁକୁ ଶକ୍ତି ଯୋଗାଉଥିବା ଗର୍ଭଫୁଲକୁ ବିକାଶ କରିଥାଏ। ତା' ଛଡା ଏହା ଦେହରେ ଥିବା ବିଷାକ୍ତ ପଦାର୍ଥକୁ ପରିସ୍ରା ଓ ଝାଳ ବାଟେ ବାହାରି



ଯିବାରେ ସାହାଯ୍ୟ କରିଥାଏ। ପାଣି ବ୍ୟତୀତ ଲେମ୍ବୁପାଣି, ପଇଡ଼ପାଣି, ଆଖୁରସ, ସରବତ୍ ପ୍ରଚୁର ପରିମାଣରେ ପିଇବା ଦରକାର। ବାହାରକୁ ଗଲାବେଳେ ସବୁବେଳେ ବୋତଲରେ ପିଇବା ପାଣି ରଖିବା ଆବଶ୍ୟକ। ଅଧିକ ଗରମ ଲାଗିଲେ ମୁହଁ ଏବଂ ଦେହ ଧୋଇଦେବା ଜରୁରୀ।

◆ ଏ ସମୟରେ ଶୀଘ୍ର ହଜମ ହେଉ ନ ଥିବାରୁ, ତରଭୁଜ, କାକୁଡ଼ି, ସାଲାଡ଼, ଫଳ ଖାଆନ୍ତୁ । ଚା, କଫି ଆଦି ବଦଳରେ ଦହି ସାଲାଡ଼, ଲେମ୍ବୁ, ଲୁଣ, ଚିନି ସରବତ, ଫ୍ରୁଟ୍ ଜୁସ୍ ପିଅନ୍ତୁ।

◆ ଏହି ଅବସ୍ଥାରେ ଖରାରେ ଆଦୌ ବାହାରକୁ ବାହାରନ୍ତୁ ନାହିଁ। ଯେତେ ଦୂର ସମ୍ଭବ ଘର ଭିତରେ ରୁହନ୍ତୁ ଏବଂ ନିହାତି କିଛି କାମ ଥିଲେ ସନ୍ଧ୍ୟା ପରେ ସାରିବାକୁ ଚେଷ୍ଟା କରନ୍ତୁ। ଅତ୍ୟଧିକ ଗରମ, ଟାଣ ଖରା ତଥା ପ୍ରଦୂଷଣ ଶରୀରର ବହୁତ କ୍ଷତି କରେ। ସକାଳେ କିଛି ସମୟ ଚାଲିବା ବେଶ୍ ଭଲ।

◆ ଗର୍ଭାବସ୍ଥାରେ ଅନେକଙ୍କର ଗୋଡ଼ ଫୁଲିଥାଏ। ତେଣୁ ଗରମ ଗୁଳୁଗୁଳିରେ ସିନ୍ଥେଟିକ୍ ଏବଂ ଟାଇଟ୍ ପୋଷାକ ପିନ୍ଧିବା ଦ୍ୱାରା ଅସୁବିଧା ହୋଇଥାଏ। ଯଥାସମ୍ଭବ ଆରାମଦାୟକ ଢିଲା କଟନ ପୋଷାକ ପିନ୍ଧନ୍ତୁ। ତେଣୁ ଟାଇଟ ଜୋତା ପରିବର୍ତ୍ତେ ନରମ, କୋମଳ ଢିଲା ଚପଲ ବ୍ୟବହାର କରନ୍ତୁ।

◆ ଗରମ, ଗୁଳୁଗୁଳି ସମୟରେ କେଶ ଲମ୍ବା ରଖନ୍ତୁ ନାହିଁ। ସେହିପରି ଝାଳ ନ ହେବା ଲାଗି କେଶ ଛୋଟ ରଖନ୍ତୁ, ମଝିରେ ମଝିରେ ଶାମ୍ପୁ କରନ୍ତୁ। କେଶ ଖୋଲା ନ ରଖି ଖୋଷା ବା ପନିଟେଲ୍ କରନ୍ତୁ। ଆବଶ୍ୟକ ହେଲେ କେଶ କାଟି ଛୋଟ କରିଦିଅନ୍ତୁ।

◆ ଏମିତିରେ ଗର୍ଭାବସ୍ଥାରେ ଚର୍ମରେ ଡାର୍କ ପ୍ୟାଚ୍, ଡ୍ରାଏ ସ୍ୱଚ୍‌ସ, ପିଗ୍‌ମେଣ୍ଟେଶନ୍, ଚମ ଫଳିବା (ର୍ୟାସେସ୍) ଆଦି ଭଳି ଅନେକ ପରିବର୍ତ୍ତନ ଦେଖାଦିଏ। ଯାହାକି ଗରମରେ ବଢିଯିବାର ଆଶଙ୍କା ଥାଏ। ତେଣୁ ଗାଧୋଇସାରି ଚର୍ମରେ ଭଲଭାବେ ମଏଶ୍ଚରାଇଜିଂ ଲୋସନ ବା କ୍ରିମ୍ ଲଗାଇବା ଭଲ। ଏଦିନେ ଗରମ ପାଣି ବା ହଟ୍ ସାୱର ବାଥ୍ କରନ୍ତୁ ନାହିଁ, ନଚେତ୍ ଚର୍ମ କୁଣ୍ଡାଇ ହେବା ସହ ଶୁଖିଲା ହୋଇଯିବ।

◆ ଅଧିକ ଗରମ, ଗୁଳୁଗୁଳି ଲାଗିଲେ ଥଣ୍ଡା ଘରେ ୮–୧୦ ଘଣ୍ଟା ବିଶ୍ରାମ ନିଅନ୍ତୁ। ପ୍ରଚୁର ଝାଳ ବୋହିଲେ ଶରୀରର ଇଲେକ୍ଟ୍ରୋଲାଇଟସ୍ ଯଥା ସୋଡିୟମ ଓ ପଟାସିୟମ ଅସନ୍ତୁଳନ ହୁଏ ଏବଂ ଗୋଡ଼ହାତ ବିନ୍ଧିବା ସହ କ୍ଳାନ୍ତି ଲାଗେ । ଏହାକୁ ହିଟ୍ କ୍ରାମ୍ପସ୍ କୁହାଯାଏ। ଏପରି ଲାଗିଲେ କଦଳୀ ଖାଇବା ସହ ଲେମ୍ବୁ ଲୁଣ ପାଣି ପିଇବା ଉଚିତ । ଗର୍ଭାବସ୍ଥାର ପ୍ରଥମ ୩ ମାସରେ ଅଂଶୁଘାତ ହେଲେ ଗର୍ଭସ୍ଥ ଶିଶୁ ବିକଳାଙ୍ଗ ହେବାର ଭୟ ଥାଏ। ତେଣୁ ଦିନରେ ବାହାରକୁ ଯିବା କିମ୍ବା ଚୁଲି ପାଖରେ ବହୁ ସମୟ ଠିଆ ହୋଇ ରୋଷେଇ କରିବା ଉଚିତ ନୁହେଁ।

– ଲିଙ୍କ୍ ରୋଡ, କଟକ
ମୋ– ୯୪୩୭୯୫୫୦୦୭

# ପୁରି



## ଖାଦ୍ୟ ରୁଚି

ଏମିତିରେ ଅଟା କିମ୍ବା ମଇଦାରେ ପ୍ରସ୍ତୁତ ପୁରି ସମସ୍ତେ ଖାଇଥାନ୍ତି । ହେଲେ ଆପଣ ଚାହିଁଲେ ଏଥିରେ କିଛି ନୂଆ ଟେଷ୍ଟ ଆଡ୍ କରି ପାରିବେ । ଆସନ୍ତୁ ଜାଣିବା ବିଭିନ୍ନ ପ୍ରକାର ପୁରି ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ...

### ବିଟ୍ ପୁରି

ଏହି ପୁରି ଦେଖିବାକୁ ଯେତିକି କଲରଫୁଲ ଖାଇବାକୁ ସେତିକି ମଜାଦାର। ଏହାକୁ ପ୍ରସ୍ତୁତ କରିବା ଲାଗି ପ୍ରଥମେ ବିଟ୍‌କୁ ଚକଟି ଭଲ ଭାବେ ବାଟି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଆବଶ୍ୟକ ମାତ୍ରାରେ ଅଟା ନେଇ ସେଥିରେ ଏହି ପେଷ୍ଟ, ଜୁଆଣି, ଲୁଣ, ଅଳ୍ପ ତେଲ ଏବଂ ପାଣି ପକାଇ ଚକଟି ଦିଅନ୍ତୁ। ଏହାକୁ ଛୋଟ ଛୋଟ ବେଲି ତେଲରେ ଛାଣି ଦିଅନ୍ତୁ। ଆଳୁ ତରକାରି ସାଙ୍ଗେ ଏହାକୁ ଖାଇବାର ମଜା ନିଅନ୍ତୁ।

### ପାଳଙ୍ଗ ପୁରି



ପାଳଙ୍ଗ ଶାଗକୁ ସିଝାଇ ଗ୍ରାଇଣ୍ଡ କରି ଦିଅନ୍ତୁ। ଏହାକୁ ଅଟାରେ ମିଶାନ୍ତୁ। ଅଳ୍ପ ରାଶି, କଞ୍ଚା ଲଙ୍କା, ଜୁଆଣି, ଲୁଣ ଏବଂ ଆବଶ୍ୟକ ପାଣି ଦେଇ ଚକଟି କିଛି ସମୟ ଛାଡି ଦିଅନ୍ତୁ। ବର୍ତ୍ତମାନ ଏକ କଡେଇରେ ତେଲ ଗରମ କରନ୍ତୁ। ରଖା ଯାଇଥିବା ଚକଟା ଅଟାକୁ ଛୋଟ ଛୋଟ ଗୋଲ କରି ବେଲି ଛାଣନ୍ତୁ। ପ୍ରସ୍ତୁତ ହୋଇଗଲା ପାଳଙ୍ଗ ପୁରି।

### ମଟର ପୁରି

ପ୍ରଥମେ ଏକ କଡେଇରେ ତେଲ ଗରମ କରି ସେଥିରେ ଜିରା, ମଟର, ଲୁଣ ପକାଇ ଭାଜନ୍ତୁ। ଅଳ୍ପ ସମୟ ପରେ ସେଥିରେ କଟା ଅଦା, କଞ୍ଚା ଲଙ୍କା, ଆମଚୁର ପାଉଡର ପକାଇ ଭାଜନ୍ତୁ। ଏହା ଥଣ୍ଡା ହେବା ପରେ ଗ୍ରାଇଣ୍ଡ କରି ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ଅଟା, ପାଣି ଏବଂ ଅଳ୍ପ ଲୁଣ ନେଇ ଭଲ ଭାବେ ଚକଟି ଦିଅନ୍ତୁ। ଏହାକୁ ଛୋଟ ଛୋଟ ଗୋଲ କରି ବେଲନ୍ତୁ ଏବଂ ଏହା ଭିତରେ ରଖାଯାଇଥିବା ମଟରକୁ ପୂର ଆକାରରେ ଦେଇ ପୁନର୍ବାର ବେଲନ୍ତୁ। ତେଲରେ ଛାଣି ଗରମ ଗରମ ଏହି ସ୍ୱାଦିଷ୍ଟ ପୁରିର ଆନନ୍ଦ ନିଅନ୍ତୁ। ଆଚାର ସହ ଏହାର କମ୍ବିନେଶନ ଖୁବ୍ ଟେଷ୍ଟି।

### କଚ୍ଚୁ ପୁରି

ଅଟାରେ ସିଝା ଆଳୁ, ଛୋଟ ଛୋଟ କଟା ହୋଇଥିବା କଞ୍ଚା ଲଙ୍କା ଏବଂ ଧନିଆ ପତ୍ର, ଆବଶ୍ୟକ ମାତ୍ରାରେ ସୈନ୍ଧବ ଲବଣ, ଲାଲ ଲଙ୍କା ପାଉଡର, ପାଣି ମିଶାଇ ଭଲ ଭାବେ ଚକଟି ଦିଅନ୍ତୁ। ଏହାକୁ ବେଲି ତେଲରେ ଛାଣି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଟେଷ୍ଟି କଚ୍ଚୁ ପୁରି। ଏହାକୁ ରାଇତା କିମ୍ବା ଦହି ସହ ଖାଇବାର ମଜା ନିଅନ୍ତୁ।

# ସୁଖ ନିଦ୍ରା ଲାଗି...

ଏକ ସୁସ୍ଥ ଜୀବନ ଲାଗି ପ୍ରତିଦିନ ପର୍ଯ୍ୟାପ୍ତ ନିଦ୍ରା ନିତାନ୍ତ ଆବଶ୍ୟକ। ହେଲେ ବର୍ତ୍ତମାନ କାର୍ଯ୍ୟ ବ୍ୟସ୍ତତା ହେଉ କିମ୍ବା ଅନ୍ୟାନ୍ୟ କାରଣରୁ ଅଧିକାଂଶ ମହିଳା ନିଦ୍ରାହୀନତା ଭୋଗୁଛନ୍ତି । ଯାହାକି ପରବର୍ତ୍ତୀ ସମୟରେ ବିଭିନ୍ନ ସାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ତେଣୁ ପ୍ରତିଦିନ ସୁଖ ନିଦ୍ରା ଲାଗି ଜାଣି ରଖନ୍ତୁ କିଛି ସହଜ ଉପାୟ...

▶ସର୍ବପ୍ରଥମେ ନିଦ ନ ହେବାର କାରଣ ଖୋଜନ୍ତୁ । ପ୍ରତିଦିନ ଶୋଇବା ଲାଗି ଅତି କମ୍‌ରେ ୬ରୁ ୭ ଘଣ୍ଟା ସମୟ ଦିଅନ୍ତୁ। ଆବଶ୍ୟକ ସ୍ଥଳେ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତୁ।

▶ଅଧିକ ରାତି ପର୍ଯ୍ୟନ୍ତ କାମ କରିବା, ଟିଭି ଦେଖିବା, ବହି ପଢିବା ଆଦି ଅଭ୍ୟାସ ଅନେକଙ୍କର ରହିଛି। ଯାହାକି ନିଦ୍ରାହୀନତାର କାରଣ ସାଜିପାରେ। ତେଣୁ ଏପରି ଅଭ୍ୟାସ ଥିଲେ ତୁରନ୍ତ ପରିବର୍ତ୍ତନ କରନ୍ତୁ।

▶ନିଦ ଆସିବା ଲାଗି ରାତିରେ ଶୋଇବା ପୂର୍ବରୁ ଏକ ଗ୍ଲାସ୍ ଉଷୁମ କ୍ଷୀର ପିଅନ୍ତୁ ଉପକୃତ ହେବେ।

▶ନିଶାଦ୍ରବ୍ୟ ସେବନ ଅଭ୍ୟାସ ବିଭିନ୍ନ ରୋଗ ସୃଷ୍ଟି କରିବା ସହତ ନିଦ୍ରାହୀନତାର ମଧ ମୁଖ୍ୟ କାରଣ। ତେଣୁ ଯଥା ସମ୍ଭବ ଏଥିରୁ ନିଜକୁ ଦୂରେଇ ରଖନ୍ତୁ ଦେଖିବେ ନିଦ ଭଲ ହେବା ସହ ଶରୀର ସୁସ୍ଥ ମଧ ରହିବ।

▶ନିଦ୍ରା ସମ୍ପୂର୍ଣ୍ଣ ହେବା ଲାଗି କେହି କେହି ନିଦ ଔଷଧ ସେବନ କରୁଥିବା ଦେଖିବାକୁ ମିଳିଥାଏ । ଏପରି ଆଦୌ କରନ୍ତୁ ନାହିଁ। କେବେ କେବେ ଏହାର ପାର୍ଶ୍ୱ ପ୍ରତିକ୍ରିୟାରେ ଅନ୍ୟ ରୋଗ ସୃଷ୍ଟି ହେବାର ଆଶଙ୍କା ରହିଛି। ସର୍ବଦା ପ୍ରାକୃତିକ ଉପାୟରେ ନିଦ ହେବାକୁ ଚେଷ୍ଟା କରନ୍ତୁ। ଆପର ଚାହିଁଲେ ଯୋଗ, ଆସନ, ପ୍ରାଣାୟାମ, ବ୍ୟାୟାମ ଆଦି କରିପାରିବେ। ଯାହାକି ଆପଣଙ୍କ ନିଦ ପୂରା କରିବା ସହ ଶରୀରକୁ ମଧ ଫିଟ୍ ରଖିବ।



▶ମାନସିକ ଚାପ କିମ୍ବା ଅବସାଦ ଥିଲେ ସେଥିରୁ ମୁକୁଳିବାକୁ ଚେଷ୍ଟା କରନ୍ତୁ ଏବଂ ମନକୁ ହାଲୁକା କରନ୍ତୁ। ସେଥିପାଇଁ ମନ ଖୁସି ରଖନ୍ତୁ, ସ୍ଲୋ ମ୍ୟୁଜିକ୍ ଶୁଣନ୍ତୁ।



▶ସୁଖ ନିଦ୍ରା ଲାଗି ତେଲ ମସଲା ଯୁକ୍ତ ଖାଦ୍ୟ ଏବଂ ଜଙ୍କ ଫୁଡ୍ ଆଦି ପରିବର୍ତ୍ତେ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ତାଲିକାରେ ବିଶେଷ କରି ଭିଟାମିନ୍ ବି–୧୨ ଯୁକ୍ତ ଖାଦ୍ୟକୁ ସାମିଲ କଲେ ମେଲାଟୋନିନ୍ ହର୍‌ମୋନ୍‌ର କ୍ଷରଣ ବୃଦ୍ଧି ହୋଇ ଭଲ ନିଦ ହେବାରେ ସାହାଯ୍ୟ କରିବ।

▶ଏ ସମସ୍ତ ଉପାୟ ଆପଣାଇବା ପରେ ଯଦି କିଛି ଉପକାର ନ ମିଳେ ତେବେ ଅବହେଳା ନ କରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

# ସୁନ୍ଦର କେଶ ପାଇଁ ଘରୋଇ ଉପାୟ

## ସୌନ୍ଦର୍ଯ୍ୟ



କେଶ ନାରୀ ସୌନ୍ଦର୍ଯ୍ୟର ଅଭିନ୍ନ ଅଙ୍ଗ। ତେଣୁ ଏହାକୁ ଅଧିକ ଆକର୍ଷଣୀୟ କରିବାକୁ ସମସ୍ତେ ଚାହାନ୍ତି। ଯଦି ଆପଣ ବି ନିଜ କେଶକୁ ମଜଭୁତ ଏବଂ ସୁନ୍ଦର କରିବାକୁ ଚାହାନ୍ତି ତେବେ ଜାଣି ରଖନ୍ତୁ

◆ ଗୋଟିଏ ଅଣ୍ଡା, ପାଚିଲା କଦଳୀ , ୫ ଚାମଚ ରୋଜ୍ ଅଏଲ ଏବଂ ଏକ ଚାମଚ ସୂର୍ଯ୍ୟମୁଖୀ ତେଲକୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ଲଗାଇବା ଦ୍ୱାରା ରୁକ୍ଷ ହେବା, ଫାଟିବା, ଝଡିବା ଭଳି କେଶର ବିଭିନ୍ନ ସମସ୍ୟା ଦୂର ହେବା ସହ ସୁନ୍ଦର ଲାଗିଥାଏ।

◆ ସୁନ୍ଦର ଏବଂ ମଜଭୁତ କେଶ ପାଇଁ ଗୋଟିଏ ଅଣ୍ଡାର କେଶର ସହ ଏକ ଚାମଚ ଲେଖାଏଁ ଆଲମଣ୍ଡ ଅଏଲ, ମହୁ ଏବଂ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ଲଗାନ୍ତୁ। ଏହାକୁ ଲଗାଇ ୩୦ ମିନିଟ୍ ରଖିବା ପରେ କେଶ ଧୋଇ ଦିଅନ୍ତୁ।

◆ କେଶ ଝଡିବା ବର୍ତ୍ତମାନ ଅନେକଙ୍କ ଲାଗି ଏକ ପ୍ରମୁଖ ସମସ୍ୟା। ଯଦି ଆପଣ ବି ଏହି ସମସ୍ୟା ଦେଇ ଗତି କରୁଛନ୍ତି ତେବେ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ। ପ୍ରତିଦିନ କେଶରେ ରସୁଣ ତେଲ ମସାଜ କରି କିଛି ସମୟ କେଶକୁ ଘୋଡାଇ ରଖନ୍ତୁ। ଭଲ ଭାବେ ତେଲ ଭେଦିଯିବା ପରେ ଧୋଇ ଦିଅନ୍ତୁ। ପ୍ରତିଦିନ ଏପରି କଲେ ଖୁବ୍ କମ୍ ଦିନ ଭିତରେ ଆପଣ ଫରକ ଜାଣି ପାରିବେ।



◆ କେଶର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ବେବି ଅଏଲ୍ ଖୁବ୍ ଭଲ। ଯଦି କେଶକୁ ସ୍ମୁଥ୍ ଏବଂ ସାଇନିଂ କରିବାକୁ ଚାହୁଁଛନ୍ତି ତେବେ ଭଲ ଭାବେ ବେବି ଅଏଲ୍ ମସାଜ କରି ଏକ ଟାୱାଲ୍‌କୁ ଗରମ ପାଣିରେ ବୁଡାଇ ଚିପୁଡି କେଶରେ ଷ୍ଟିମ୍ ଦିଅନ୍ତୁ। ୧୫ ମିନିଟ୍ ପରେ ଶାମ୍ପୁ କରିଦିଅନ୍ତୁ।

◆ ଯଦି ଆପଣଙ୍କ କେଶ ରୁକ୍ଷ ହୋଇ ଯାଉଛି କିମ୍ବା ଛିଣ୍ଡୁଚି ତେବେ ମାଇଲ୍ଡ ଶାମ୍ପୁରେ ଧୋଇବା ପରେ ଚା' ପତି ପାଣିରେ ମେହେନ୍ଦୀ ପାଉଡର ମିଶାଇ ପେଷ୍ଟ ପ୍ରସ୍ତୁତ କରି କେଶରେ ଲଗାନ୍ତୁ। ୧–୨ ଘଣ୍ଟା ରଖିବା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହାଦ୍ୱାରା କେଶ ମଜଭୁତ, ଚିକ୍କଣ, ନରମ ଏବଂ ଚକ୍‌ଚକ୍ ଲାଗିବ।

"୧୩ ମାସ ପୂର୍ବେ ଲଞ୍ଚ ହୋଇଥିବା ଦ୍ୱିତୀୟ ପିଢ଼ିର କମ୍ପାକ୍ଟ ସେଡାନ ଆମେଜ ଏବେ ୧ ଲକ୍ଷ ବିକ୍ରି ମାଇଲଖୁଣ୍ଟ ଅତିକ୍ରମ କରିଛି।
– ରାଜେଶ ଗୋୟଲ, ନିର୍ଦ୍ଦେଶକ, ହୋଣ୍ଡା କାର୍‌ସ



"ଆଗାମୀ ୫ରୁ ୭ ବର୍ଷ ମଧ୍ୟରେ ସର୍କୁଲାର ଅର୍ଥନୀତି ଯୋଗୁ ଦେଶରେ ୧.୪କୋଟି ନୂତନ ନିଯୁକ୍ତି ସୃଷ୍ଟି ହେବ। ଏହାଦ୍ୱାରା ଲକ୍ଷ ଲକ୍ଷ ଉଦ୍ୟୋଗୀ ସୃଷ୍ଟି ହେବେ।
– ଅମିତାଭ କାନ୍ତ, ନୀତି ଆୟୋଗ ସିଇଓ



## ସଂକ୍ଷେପରେ

### ହୋମ୍ ଲୋନ୍‌କୁ ରେପୋ ରେଟ୍ ସହ ଲିଙ୍କ କରିବ ଏସ୍‌ବିଆଇ

**ନୂଆଦିଲ୍ଲୀ,୧୭-୬:** ଦେଶର ସର୍ବବୃହତ ବ୍ୟାଙ୍କ ଏସ୍‌ବିଆଇ ହୋମ୍ ଲୋନ୍‌କୁ ଏମ୍‌ସିଏଲ୍‌ଆର୍‌ରୁ ହଟାଇ ରେପୋ ରେଟ୍ ସହ ଲିଙ୍କ କରିବ ବୋଲି ଘୋଷଣା କରିଛି। ଏହା ଜୁଲାଇ ପହିଲାରୁ କାର୍ଯ୍ୟକାରୀ ହେବ। ଏହାଦ୍ୱାରା ଗ୍ରାହକ ବେଶ ପ୍ରଭାବିତ ହେବେ ବୋଲି ଆଶଙ୍କା ରହିଛି। କାରଣ ବାର୍ଷିକ ୬ ଲକ୍ଷ ଟଙ୍କାରୁ ଅଧିକ ଆୟକାରୀଙ୍କୁ ହିଁ ଏଣିକି ହୋମ ଲୋନ୍ ମିଳିବ। ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ଦେଶର ସମସ୍ତ ବ୍ୟାଙ୍କ ହୋମ୍ ଲୋନ୍ ଉପରେ ଲାଗୁଥିବା ସୁଧ ହାରକୁ ମାର୍ଜିନାଲ କଷ୍ଟ ଅଫ୍ ଲେଣ୍ଡିଂ ରେଟ(ଏମ୍‌ସିଏଲ୍‌ଆର୍) ଅନୁସାରେ ନିର୍ଦ୍ଧାରଣ କରୁଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ରେଟ ହ୍ରାସ ବୃଦ୍ଧି କରିବା ଦ୍ୱାରା ଏହା ପ୍ରଭାବିତ ହୋଇ ନ ଥାଏ। କାରଣ ଆର୍‌ବିଆଇ ରେପୋ ରେଟ୍ ୨୫ ବେସିସ୍ ପଏଣ୍ଟ ହ୍ରାସ କଲେ, ବ୍ୟାଙ୍କଗୁଡ଼ିକ ୫ରୁ ୧୦ ବେସିସ୍ ପଏଣ୍ଟ ହ୍ରାସ କରୁଛନ୍ତି। ଏସ୍‌ବିଆଇ ଏମ୍‌ଡି(ରିଟେଲ ଆଣ୍ଡ ଡିଜିଟାଲ ବ୍ୟାଙ୍କିଙ୍ଗ୍) ପି.କେ.ଗୁପ୍ତା କହିଛନ୍ତି ଯେ, ନୂଆ ବ୍ୟବସ୍ଥା ଦ୍ୱାରା ବର୍ଷ ସାରା ଇଏମ୍‌ଆଇରେ ଅସ୍ଥିରତା ଦେଖାଦେବ। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋମ୍ ଲୋନ୍ ଉପରେ ୮.୪% ହିସାବରେ ସୁଧ ହାର ନିର୍ଦ୍ଧାରିତ ହେବ। ସମ୍ପତ୍ତିର ୮୦ ପ୍ରତିଶତ ପର୍ଯ୍ୟନ୍ତ ପରିମାଣ ଉପରେ ବ୍ୟାଙ୍କ ଋଣ ଦେଲେ ହିଁ ଏହି ସୁଧ ହାର ଲାଗୁ ହେବ। ତେବେ ଏହାଠାରୁ ଅଧିକ ଋଣ ଦିଆଯିବା ଉପରେ ଋଣଗ୍ରହିତା ୨୦ ବିପିଏସ୍ ଅତିରିକ୍ତ ଦେବେ। ସେହିପରି ଲୋକଙ୍କୁ ସର୍ବାଧିକ ୩୩ ବର୍ଷ ପର୍ଯ୍ୟନ୍ତ ଅବଧି ପାଇଁ ଋଣ ମିଳିବ। ନିର୍ମାଣାଧୀନ ସମ୍ପତ୍ତି ଉପରେ ୨ ବର୍ଷର ଏକ୍ସଟେନ୍‌ଶନ ମିଳିବ।

### ୟଶ୍ ବିର୍ଲା ୱିଲଫୁଲ ଡିଫଲ୍ଟର ଘୋଷିତ

**ନୂଆଦିଲ୍ଲୀ,୧୭-୬:** କୋଲକାତାର ୟୁକୋ ବ୍ୟାଙ୍କ ଯଶୋବର୍ଦ୍ଧନ ବିର୍ଲା(ୟଶ୍ ବିର୍ଲା)ଙ୍କୁ ୱିଲଫୁଲ ଡିଫଲ୍ଟର ଘୋଷଣା କରିଛି। ତାଙ୍କ ଗ୍ରୁପ୍‌ର ଗୋଟିଏ କମ୍ପାନୀ ବିର୍ଲା ସୂର୍ଯ୍ୟା ଲିମିଟେଡ ଉପରେ ୬୭.୬୫ କୋଟି ଟଙ୍କାର ବକେୟା ଋଣ ରହିଛି। ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, କମ୍ପାନୀ ନିକଟରେ ୧୦୦ କୋଟି ଟଙ୍କାର କ୍ରେଡିଟ ଲିମିଟ ଥିଲା, ଯାହାର ୬୭ କୋଟି ଟଙ୍କାରୁ ଅଧିକ ସୁଧ ବାକି ଥିଲା। ଏହି ଋଣକୁ ୨୦୧୩ରେ ଏନ୍‌ପିଏ ଘୋଷଣା କରାଯାଇଥିଲା। ନିୟମ ଅନୁଯାୟୀ, ଜଣେ ପ୍ରମୋଟରଙ୍କୁ କୌଣସି ଋଣ ମାମଲାରେ ୱିଲଫୁଲ ଡିଫଲ୍ଟର ଘୋଷଣା କରାଗଲେ, ତାଙ୍କର ବର୍ତ୍ତମାନର କମ୍ପାନୀ ସହ ସେ ଯେଉଁ କମ୍ପାନୀରେ ଡାଇରେକ୍ଟର ରହିଥିବେ, ତାକୁ ମଧ୍ୟ କୌଣସି ବ୍ୟାଙ୍କ ଋଣ ଦେବ ନାହିଁ। ବିର୍ଲା ସୂର୍ଯ୍ୟା ଲିମିଟେଡରେ ୟଶ୍ ବିର୍ଲା ଡାଇରେକ୍ଟର ରହିଛନ୍ତି। ସେ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଛନ୍ତି। ଗ୍ରୁପ୍ ନିକଟରେ ଏକ ଡଜନରୁ ଅଧିକ କମ୍ପାନୀ ରହିଛି। ଯେଉଁଥିରେ, ଜେନିଥ ଷ୍ଟିଲ୍, ବିର୍ଲା ପାୱାର, ବିର୍ଲା ଲାଇଫଷ୍ଟାଇଲ ଏବଂ ଶ୍ଳୋକା ଇନ୍‌ଫୋଟେକ୍ ଭଳି କମ୍ପାନୀ ସାମିଲ ରହିଛି। ଅଧିକାଂଶ କମ୍ପାନୀ ଏବେ କ୍ଷତିରେ ଚାଲୁଛି ଏବଂ ସେମାନେ ଋଣ ପରିଶୋଧ ସ୍ଥିତିରେ ନାହାନ୍ତି। ଗତବର୍ଷ ଗ୍ରୁପ୍‌ର ୩ କମ୍ପାନୀ ବିର୍ଲା କୋଟସିନ୍, ବିର୍ଲା ଶ୍ଳୋକା ଏଜୁଟେକ୍ ଏବଂ ଜେନିଥ ବିର୍ଲା ବିରୋଧରେ ଅର୍ଥ ତୋଷରପାତ ଅଭିଯୋଗର ଯାଞ୍ଚ ହୋଇଥିଲା। ଆଶ୍ଚର୍ଯ୍ୟର କଥା ଯେ, କୋଲକାତାସ୍ଥିତ ୟୁକୋ ବ୍ୟାଙ୍କକୁ ୟଶ୍‌ଙ୍କ ପିତାମହ ଘନଶ୍ୟାମ ଦାସ ବିର୍ଲା ୧୯୪୩ରେ ପ୍ରତିଷ୍ଠା କରିଥିଲେ। ସେ ଯଶୋବର୍ଦ୍ଧନଙ୍କ ପିତାମହ ରାମେଶ୍ୱର ଦାସ ବିର୍ଲାଙ୍କ ଭାଇଥିଲେ। ମାତାପିତାଙ୍କର ବିମାନ ଦୁର୍ଘଟଣାରେ ମୃତ୍ୟୁ ପରେ ୟଶ୍ ମାତ୍ର ୨୩ ବର୍ଷ ବୟସରେ ବିର୍ଲା ଗ୍ରୁପ୍ ଅଫ୍ କମ୍ପାନୀ ଦାୟିତ୍ୱ ନେଇଥିଲେ। ଗ୍ରୁପ୍‌ର ପରିଚାଳନା ପରାମର୍ଶଦାତାଙ୍କ ଦ୍ୱାରା ହେଉଥିଲା। ବିର୍ଲା ଶ୍ଳୋକା ଏଜୁଟେକ୍ ଅଧୀନରେ ଏହି ଗ୍ରୁପ୍‌ର ଅନେକ ଚାରିଟେବଲ ଟ୍ରଷ୍ଟ ରହିଛି। ୧୯୬୯ରେ କେନ୍ଦ୍ର ସରକାର ୟୁକୋ ବ୍ୟାଙ୍କକୁ ଅଧିଗ୍ରହଣ କରିଥିଲେ।

### ଏନ୍‌ସିଏଲ୍‌ଟିକୁ ଯିବ ବ୍ୟାଙ୍କ ସମୂହ

# ଜେଟ୍‌ର ପୁନରୁଦ୍ଧାର ଆଶା ଶେଷ

**ନୂଆଦିଲ୍ଲୀ,୧୭-୬**

- ଆଇବିସି ବାହାରେ ସମାଧାନ ପ୍ରୟାସ ଚାଲିଥିଲା
- ଏପ୍ରିଲ ୧୭ରୁ ଜେଟ୍ ଅସ୍ଥାୟୀ ଭାବେ ବନ୍ଦ
- ବ୍ୟାଙ୍କ ସମୂହର ୮୫୦୦ କୋଟି ବକେୟା ଋଣ
- ବକେୟା ଋଣ ପରିମାଣ ୨୫ ହଜାର କୋଟି
- ୨୦ରେ ଦୁଇଟି ମାମଲାର ଶୁଣାଣି




ନଗଦ ସଙ୍କଟ କାରଣରୁ ଅଚାନକ ବନ୍ଦ ହୋଇଯାଇଥିବା ଜେଟ୍ ଏୟାରୱେଜ୍‌ର ପୁନରୁଦ୍ଧାର ଲାଗି ସବୁ ଉଦ୍ୟମ ଫସର ଫାଟିଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ନେତୃତ୍ୱରେ ଗଠିତ ବ୍ୟାଙ୍କ ସମୂହ ବକେୟା ଋଣ ଆଦାୟ ଲାଗି ଦେବାଳିଆ ଆଇନ(ଆଇବିସି) ଅଧୀନରେ ଏନ୍‌ସିଏଲ୍‌ଟି ନିକଟରେ ଜେଟ୍ ମାମଲା ନେଇଯିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ଜେଟ୍ ଏୟାରୱେଜ୍ ଦେବାଳିଆ ଘୋଷିତ ହେବ। ଆଇବିସି ବାହାରେ ଜେଟ୍ ମାମଲାର ସମାଧାନ ଲାଗି ଋଣପ୍ରଦାନକାରୀ ବ୍ୟାଙ୍କ ସମୂହ ଦୀର୍ଘ ଦିନ ହେଲା ପ୍ରୟାସ କରୁଥିଲେ। ତେବେ ସେମାନଙ୍କ ସମସ୍ତ ଚେଷ୍ଟା ବିଫଳ ହୋଇଛି।

ବ୍ୟାଙ୍କ ସମୂହ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଜେଟ୍ ଏୟାରୱେଜର ଭବିଷ୍ୟତ ନିର୍ଦ୍ଧାରଣ ଲାଗି ସମସ୍ତ ଋଣପ୍ରଦାନକାରୀଙ୍କ ଏକ ବୈଠକ ସୋମବାର ବସିଥିଲା। ଅନେକ ବିଚାରବିମର୍ଶ ପରେ ଜେଟ୍ ମାମଲାର ସମାଧାନ ପାଇଁ ଆଇବିସି ହିଁ ଏକମାତ୍ର ରାସ୍ତା ବୋଲି ବୈଠକରେ ମତପ୍ରକାଶ ପାଇଥିଲା। କାରଣ କମ୍ପାନୀକୁ ଏକମାତ୍ର ସସର୍ତ୍ତ ବିଡ୍ ମିଳିଥିଲା। ବ୍ୟାଙ୍କଗୁଡ଼ିକ ଦେଇଥିବା ଋଣର ୮୫% ଛାଡ଼ି ଦେବାଲାଗି ବିଡ୍‌ରେ ସର୍ତ୍ତ ରଖାଯାଇଥିଲା। ତେବେ ଏଭଳି ନିଷ୍ପତ୍ତି ନେବା ବ୍ୟାଙ୍କ ସ୍ୱାର୍ଥର ପରିପନ୍ଥୀ ଥିଲା। ଏଣିକି ସମ୍ପୂର୍ଣ୍ଣ ପ୍ରକ୍ରିୟା ଆଇବିସି ଅଧୀନରେ ଚାଲିବ। ସୂଚନାଥାଉ କି, ଆଇବିସି ବାହାରେ ଜେଟ୍ ଏୟାରୱେଜ୍‌ର ରିଜଲ୍ୟୁଶନ କରିବା ଲାଗି ବ୍ୟାଙ୍କ ସମୂହ ଚାହୁଁଥିଲେ। କାରଣ ଏହାଦ୍ୱାରା ସେମାନେ ଦେଇଥିବା ଋଣର ଅଧିକାଂଶ ଫେରସ୍ତ ପାଇଥାନ୍ତେ। ଆଇବିସି ଅଧୀନରେ ମାମଲା ଚାଲିଲେ ସେମାନଙ୍କୁ ବକେୟା ଋଣର କିୟଦଂଶ ମିଳିବ। ଜେଟ୍ ଏୟାରୱେଜ୍‌କୁ କିଣିବା ଲାଗି ଆଗ୍ରହ ପ୍ରଦର୍ଶନ କରିଥିବା ହିନ୍ଦୁଜା ଗ୍ରୁପ୍ ଏବଂ ଏତିହାଦ ଏୟାରୱେଜ୍ ଏ ଦିଗରେ ଆଗେଇ ନ ଥିଲେ କି କୌଣସି ଔପଚାରିକ ପ୍ରସ୍ତାବ ଦେଇ ନ ଥିଲେ। ସୂଚନାଯୋଗ୍ୟ ଯେ, ଜେଟ୍‌ରେ ନଗଦ ସଙ୍କଟ କାରଣରୁ ଏପ୍ରିଲ ୧୭ରୁ ଏହାକୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି। ଏହା ଉପରେ ବ୍ୟାଙ୍କ ସମୂହର ୮୫୦୦ କୋଟି ଟଙ୍କାର ବକେୟା ଋଣ ରହିଛି। ତେବେ ଏୟାରଲାଇନ୍ସ ଉପରେ ମୋଟରେ ୨୫ ହଜାର କୋଟି ଟଙ୍କାର ବକେୟା ଋଣ ଅଛି। ପ୍ରତିଷ୍ଠାତା ନରେଶ ଗୋୟଲଙ୍କ ହାତରୁ ଜେଟ୍‌ର ପରିଚାଳନା ଭାର ନିଜ ହାତକୁ ନେବା ପରେ ବ୍ୟାଙ୍କ ସମୂହ କହିଥିଲେ ଯେ, ଭାରି ମାତ୍ରାରେ ଋଣକୁ ବାଦ୍ ଦେଇ କମ୍ପାନୀର ବିମାନ ଉଡାଇବା ଏକ ବଡ଼ ଆହ୍ୱାନ ହୋଇଛି। ବେସାମରିକ ବିମାନ ଚଳାଚଳ ବିଶେଷଜ୍ଞ ଜିତେନ୍ଦ୍ର ଭାର୍ଗବ କହିଛନ୍ତି ଯେ, ଜେଟ୍ ଏୟାରୱେଜ୍ ପାଇଁ ସବୁ ଶେଷ ହୋଇଗଲା। ପୁନରୁଦ୍ଧାର ଆଶା ବ୍ୟର୍ଥ ହେଲା। ଉଲ୍ଲେଖ କରାଯାଇପାରେ ଯେ, ଦୁଇ ଅପରେଶନାଲ କ୍ରେଡିଟର ଶମନ ହ୍ୱିଲ୍ସ ପ୍ରାଇଭେଟ ଲିମିଟେଡ ଏବଂ ଗଗର ଏଣ୍ଟରପ୍ରାଇଜର୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଜେଟ୍ ଏୟାରୱେଜ ବିରୋଧରେ ମୁମ୍ବାଇ ଏନ୍‌ସିଏଲ୍‌ଟିରେ ଦୁଇଟି ସ୍ୱତନ୍ତ୍ର ଆବେଦନ କରାଯାଇଛି। ଆସନ୍ତା ୨୦ରେ ଏହି ମାମଲାର ଶୁଣାଣି ହେବ। ଜେଟ୍ ନିକଟରେ ଏବେ ମାତ୍ର ୧୪ ବିମାନ ରହିଥିବା ବେଳେ ଡିଜିସିଏ ଏହାର ଇଞ୍ଜିନିୟରିଂ ଲାଇସେନ୍ସକୁ ରଦ୍ଦ କରିଦେଇଛି। ମାସିକ ଭଡା ନ ଦେବା କାରଣରୁ ବିମାନ କମ୍ପାନୀଗୁଡ଼ିକ ଜେଟ୍‌କୁ ଦେଇଥିବା ବିମାନ ଫେରାଇ ନେଇଛନ୍ତି। ଅପରପକ୍ଷରେ ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ(ସେବି) ନିର୍ଦ୍ଦେଶକ୍ରମେ ଦେଶର ଷ୍ଟକ୍ ଏକ୍ସଚେଞ୍ଜଗୁଡ଼ିକରେ ଜେଟ୍ ଏୟାରୱେଜ୍‌ର ଶେୟାର କାରବାରକୁ ଚଳିତ ମାସ ୨୮ରୁ ରୋକାଯାଇଛି।

### ହାଇକୋର୍ଟରେ ଚୋକସିଙ୍କ ସତ୍ୟପାଠ

## ଫେରାର ହୋଇନି, ଚିକିତ୍ସା ପାଇଁ ବିଦେଶ ଯାଇଛି

**ନୂଆଦିଲ୍ଲୀ,୧୭-୬**



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତିର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସି ସୋମବାର ବମ୍ବେ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରିଛନ୍ତି। ସେ ଦେଶରୁ ପଳାୟନ କରିନାହାନ୍ତି ବରଂ ନିଜର ମେଡିକାଲ ଟ୍ରିଟ୍‌ମେଣ୍ଟ ପାଇଁ ବିଦେଶ ଯାଇଛନ୍ତି ବୋଲି ସତ୍ୟପାଠରେ ସେ କହିଛନ୍ତି। ବର୍ତ୍ତମାନ ସେ ଆଣ୍ଟିଗୁଆରେ ଅବସ୍ଥାନ କରୁଛନ୍ତି ଓ ତଦନ୍ତରେ ସହାୟତା କରିବାକୁ ଇଚ୍ଛୁକ। ଅଦାଲତ ଚାହିଁଲେ ତଦନ୍ତକାରୀ ଅଧିକାରୀଙ୍କୁ ଆଣ୍ଟିଗୁଆ ଆସିବାକୁ ନିର୍ଦ୍ଦେଶ ଦେଇପାରନ୍ତି ବୋଲି ଚୋକ୍‌ସି ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ପଳାତକ ହୀରା ବ୍ୟବସାୟୀ କହିଛନ୍ତି ଯେ, ତଦନ୍ତରେ ସହାୟତା କରିବାକୁ ଇଚ୍ଛା ଥିଲେ ହେଁ ସ୍ୱାସ୍ଥ୍ୟଗତ କାରଣରୁ ସେ ବିମାନ ଯାତ୍ରା କରିବାକୁ ଅସମର୍ଥ। ଯାତ୍ରା କରିବା ଲାଗି ଡାକ୍ତରଙ୍କ ଅନୁମତି ମିଳିବା ମାତ୍ରେ ସେ ଭାରତ ଫେରିଆସିବେ। ତେବେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସ୍ୱତନ୍ତ୍ର ଅଦାଲତ ଏବଂ ଯାଞ୍ଚ ଅଧିକାରୀଙ୍କ ସମ୍ମୁଖରେ ହାଜର ହେବାକୁ ସେ ପ୍ରସ୍ତୁତ ବୋଲି ଚୋକ୍‌ସି କହିଛନ୍ତି। ଯାଞ୍ଚରେ ସହାୟତା କରୁନାହାନ୍ତି ବୋଲି ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଯୁକ୍ତି ସମ୍ପୂର୍ଣ୍ଣ ମିଛ ବୋଲି ହୀରା ବ୍ୟବସାୟୀ କହିଛନ୍ତି। ତେବେ ସିବିଆଇ ଓ ଇଡି ତାଙ୍କୁ ଆଣ୍ଟିଗୁଆରେ ଜେରା କରିପାରିବେ ବୋଲି ଚୋକ୍‌ସି ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଥାଉ କି, ଭଣଜା ନୀରବ ମୋଦିଙ୍କ ସହ ମିଶି ଚୋକ୍‌ସି ପିଏନ୍‌ବିରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ଋଣ ଠକି ନେଇଛନ୍ତି ବୋଲି ଅଭିଯୋଗ ହୋଇଛି।

## ଗୀତମ୍‌ରେ ଏମ୍‌ବିବିଏସ୍ ନାମଲେଖା

**ବିଶାଖାପାଟଣା,୧୭-୬**



ଗୀତମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନସେସ୍ ଆଣ୍ଡ ରିସର୍ଚ୍ଚ (ଜିଆଇଏମ୍‌ଏସ୍ ଆର୍)ରେ ଏମ୍‌ବିବିଏସ୍ ନାମଲେଖା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଗୀତମ ଡିମ୍‌ଡ ୟୁନିଭର୍ସିଟିର ମେଡିକାଲ କଲେଜ ହୋଇଥିବା ବେଳେ ୨୦୧୯-୨୦ ବର୍ଷ ଲାଗି ନାମଲେଖା ହେଉଛି। ମେଡିକାଲ କଲେଜର ସିଟ୍‌ଗୁଡିକ ନିଟ୍-୨୦୧୯ ଅନ୍‌ଲାଇନ କାଉନ୍‌ସେଲିଂ ଦ୍ୱାରା ପୂରଣ କରାଯିବ। ଉକ୍ତ କାଉନସେଲିଂ ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ହେଲ୍‌ଥ ସର୍ଭିସେସ, ନୂଆଦିଲୀଙ୍କ ଦ୍ୱାରା ଅନୁଷ୍ଠିତ ହେଉଛି। ଏଥି ଲାଗି ପ୍ରାର୍ଥୀ ଅଫିସିଆଲ ୱେବସାଇଟ ଲଗ୍ ଇନ୍ କରି ପଞ୍ଜୀକରଣ କରିପାରିବେ। ପ୍ରଥମ ପର୍ଯ୍ୟାୟ କାଉନସେଲିଂ ଲାଗି ପଞ୍ଜୀକରଣ ପ୍ରକ୍ରିୟା ୧୯ରୁ ୨୪ ଜୁନ ମଧ୍ୟରେ ହେବ। ଏମ୍‌ବିବିଏସ୍ ଆଡମିଶନ ଲାଗି ନିର୍ଦ୍ଧାରିତ ପଦ୍ଧତି ଅବଲମ୍ବନ କରିବାକୁ ଗୀତମ ଡିମ୍‌ଡ ୟୁନିଭର୍ସିଟି ରେଜିଷ୍ଟ୍ରାର ପ୍ରଫେସର କେ.ଭି.ଜି.ଡି. ବାଲାଜୀ ସୂଚନା ଦେଇଛନ୍ତି।

## କର୍ପୋରେଶନ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ

**ଭୁବନେଶ୍ୱର,୧୭-୬**



କର୍ପୋରେଶନ ବ୍ୟାଙ୍କ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ନୂତନ ଆଞ୍ଚଳିକ ମୁଖ୍ୟ ଭାବେ ଏ.ଆର୍. ରାଘବେନ୍ଦ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ୧୯୮୪ରେ କର୍ଣାଟକର ଚିକ୍‌ମାଙ୍ଗାଲୋରଠାରେ ବ୍ୟାଙ୍କରେ ଯୋଗ ଦେଇଥିଲେ। ଭୁବନେଶ୍ୱର କାର୍ଯ୍ୟାଳୟରେ ଅବସ୍ଥାପିତ ହେବା ପୂର୍ବରୁ ସେ ବ୍ୟାଙ୍କର ମାଙ୍ଗାଲୋରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଉପମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ଡିଜିଟାଲ ବ୍ୟାଙ୍କିଙ୍ଗ, କର୍ପୋରେଟ କ୍ୟାଶ ମ୍ୟାନେଜମେଣ୍ଟ ଏବଂ ଗଭର୍ନମେଣ୍ଟ ବିଜନେସ ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ ଅଭିଜ୍ଞତା ହାସଲ କରିଛନ୍ତି। ଓଡ଼ିଶାରେ ମୋଟ ବ୍ୟବସାୟକୁ ୮୦୦୦ କୋଟି ଟଙ୍କାରେ ପହଞ୍ଚାଇବା ଏବଂ ଏନ୍‌ପିଏ ହ୍ରାସ ଭଳି ପଦକ୍ଷେପ ଉପରେ ସେ କାର୍ଯ୍ୟ କରିବେ ବୋଲି ସୂଚନା ଦେଇଛନ୍ତି।

## ବଜାରରେ ହିରୋର ୩ ନୂଆ ମଡେଲ

**ଭୁବନେଶ୍ୱର,୧୭-୬**




ହିରୋମୋଟୋକର୍ପ ପକ୍ଷରୁ ଓଡ଼ିଶା ବଜାରରେ ସୋମବାର ୩ ନୂଆ ମଡେଲର ବଜାର ପ୍ରବେଶ ହୋଇଛି। ଏହି ମଡେଲଗୁଡିକ ମଧ୍ୟରେ ହିରୋ ମାଏଷ୍ଟ୍ରୋ ଏଜ୍ ୧୨୫, ଏକ୍ସପଲ୍‌ସ ୨୦୦ଟି ଏବଂ ଏକ୍ସଟ୍ରିମ ୨୦୦ ଏସ୍ ରହିଛି। ନୂଆ ମଡେଲଗୁଡିକୁ କଟକର ଜେଏମ୍‌ଜି ଅଟୋମୋବାଇଲ୍ସ, ସନି ମୋଟର୍ସ, ଏସେନ ଅଟୋମୋବାଇଲ ଶୋ'ରୁମଠାରେ ଉନ୍ମୋଚନ କରାଯାଇଥିଲା। ହିରୋ ମାଏଷ୍ଟ୍ରୋ ଏଜ୍‌ରେ ଗ୍ରାହକମାନେ ଦେଶର ପ୍ରଥମ ସ୍କୁଟର ଭାବେ ଫୁଏଲ ଇଞ୍ଜେକସନ(ଏଫ୍‌ଆଇ) ଟେକ୍ନୋଲୋଜି ପାଇ ପାରିବେ। ଏହାର ଆଇଓଏସ୍ କାର୍ବ ଭାରିଆଣ୍ଟର ବଜାର ଦର ୬୧,୧୦୦ଟଙ୍କା ଏବଂ ଡିସ୍କ ଭାରିଆଣ୍ଟର ବଜାର ଦର ୬୩,୧୦୦ ଟଙ୍କା ରହିଛି। ସେହିଭଳି ଏକ୍ସପଲ୍‌ସ ୨୦୦ଟି ମଡେଲର ବଜାର ଦର ୯୮,୦୦୦ ଟଙ୍କା ରହିଛି। ଏକ୍ସଟ୍ରିମ ୨୦୦ଏସ୍ ସିଟି ପରଫରମାନ୍ସକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଥିବା ବେଳେ ଏହାର ବଜାର ଦର ୯୫,୫୦୦ ଟଙ୍କା ରହିଛି। ଜେଏମ୍‌ଜି ଅଟୋମୋବାଇଲରେ ମଡେଲଗୁଡିକୁ ଶୋ'ରୁମର ମ୍ୟାନେଜିଂ ପାର୍ଟନର ପ୍ରଦୀପ ଅଗ୍ରୱାଲ, ହିରୋ ମୋଟୋକର୍ପର ସେଲ୍‌ସ ମ୍ୟାନେଜର ଅଭିନବ କୁମାର ବଜାର ପ୍ରବେଶ କରାଇଥିଲେ। ସେହିଭଳି ସନି ମୋଟର୍ସଠାରେ ମ୍ୟାନେଜିଂ ପାର୍ଟନର ଅର୍ଶଦୀପ ସିଂ, ସିନେ ଅଭିନେତା ଅଂଶୁମାନ ମଡେଲର ଶୁଭାରମ୍ଭ କରିଥିଲେ। ଏସେନ ଅଟୋମୋବାଇଲଠାରେ ମ୍ୟାନେଜି ପାର୍ଟନର ସୌରଭ ଥାକର ଯାନଗୁଡିକୁ ଉନ୍ମୋଚନ କରିଥିଲେ।





## ନାଲ୍‌କୋ ଅଧ୍ୟକ୍ଷଙ୍କୁ ଗ୍ଲୋବାଲ ଇଣ୍ଡିଆନ୍ ବିଜନେସ୍ ଲିଡର ସମ୍ମାନ



**ଭୁବନେଶ୍ୱର,୧୭-୬**

ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦଙ୍କୁ ଗ୍ଲୋବାଲ ଇଣ୍ଡିଆନ୍ ବିଜନେସ୍ ଲିଡର ସମ୍ମାନ ମିଳିଛି। ଉଲ୍ଲେଖନୀୟ ବୃତ୍ତିଗତ ସଫଳତା ଏବଂ ସାମାଜିକ ଅବଦାନ ଲାଗି ଚାନ୍ଦଙ୍କୁ ଏଭଳି ସମ୍ମାନରେ ସମ୍ମାନିତ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ନାଲ୍‌କୋର ନିଗମ ସଞ୍ଚାର ଉପମହାପ୍ରବନ୍ଧକ ଆଶୁତୋଷ ରଥ ଚାନ୍ଦଙ୍କ ତରଫରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଇଣ୍ଡିଆନ୍ ଆଚିଭର୍ସ ଫୋରମ ଦ୍ୱାରା ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ନିକଟରେ ପ୍ରମୁଖ ଇକ୍ୱିଟି ଇନଭେଷ୍ଟମେଣ୍ଟ ପତ୍ରିକା ଦଲାଲ ଷ୍ଟ୍ରିଟ ଜର୍ନାଲ ପକ୍ଷରୁ ଚାନ୍ଦଙ୍କୁ ରୋଲ୍ ଅଫ୍ ଅନର ସମ୍ମାନରେ ସମ୍ମାନିତ କରାଯାଇଛି। ଚାନ୍ଦ ୨୦୧୫ ଜୁଲାଇରୁ ନାଲ୍‌କୋ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପରଠାରୁ କମ୍ପାନୀର ଉତ୍ପାଦନ, ଉତ୍ପାଦକତା ଏବଂ ଲାଭ ଆଦି କ୍ଷେତ୍ରରେ ଉତ୍କର୍ଷତା ଲାଗି ତାଙ୍କର ଉଲ୍ଲେଖନୀୟ ଯୋଗଦାନ ରହିଛି। ତାଙ୍କ ସମୟରେ ୨୦୧୮-୧୯ ଆର୍ଥିକ ବର୍ଷର ନାଲ୍‌କୋର ଲାଭ ୧୦ ବର୍ଷରେ ସର୍ବାଧିକ। ସବୁ କ୍ଷେତ୍ରରେ ସଫଳତା ସହ କମ୍ପାନୀ ଅନ୍ତର୍ଜାତୀୟ କ୍ଷେତ୍ରରେ ମାନ୍ୟତା ହାସଲ କରିଛି। ସେହିଭଳି ଉଡ୍ ମ୍ୟାକେନଜି ରିପୋର୍ଟ ମୁତାବକ କମ୍ପାନୀ ଗତ ୩ ବର୍ଷ ଧରି କମ୍ ବ୍ୟୟରେ ଆଲୁମିନା ଉତ୍ପାଦନକାରୀ ମାନ୍ୟତା ହାସଲ କରିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ସ୍ୱଳ୍ପ ମୂଲ୍ୟରେ ବକ୍ସାଇଟ ଉତ୍ପାଦନକାରୀ କମ୍ପାନୀ ଭାବେ ଏହା ରେକର୍ଡ କରିଛି। ୨୦୧୬ର ନୂତନ ବ୍ୟବସାୟ ମଡେଲ ଯୋଗୁ କମ୍ପାନୀ ଏଭଳି ସଫଳତା ପାଇଥିବା ଉଦ୍ୟୋଗ ବିଶେଷଜ୍ଞ ମତ ଦେଇଛନ୍ତି।

# ଖସିପାରିବେନି ଟିକସ ଖିଲାପୀ

**ନୂଆଦିଲ୍ଲୀ,୧୭-୬**

### ଜରିମାନା ଦେଲେ ମଧ୍ୟ ଜେଲ୍ ଯିବେ




କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର କଳାଧନ ବିରୋଧରେ ସଂଗ୍ରାମ ଜାରି ରଖିଛନ୍ତି। ଏବେ ଏହି ଦିଗରେ ଆଉ ଏକ ପଦକ୍ଷେପ ଗ୍ରହଣ କରାଯାଇଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ ଟିକସ ଖିଲାପୀଙ୍କ ଲାଗି ଆଉ ଏକ ନୂଆ ନିୟମ ଜାରି କରାଯାଇଛି। ସୋମବାରଠାରୁ ଏହି ନିୟମ ଲାଗୁ ହୋଇଛି। ତଦନୁଯାୟୀ, ମନି ଲଣ୍ଡରିଂ, ଆତଙ୍କବାଦ ଲାଗି ଆର୍ଥିକ ସହାୟତା, ଦୁର୍ନୀତି, ବେନାମୀ ସମ୍ପତ୍ତି ରଖିବା ଅଥବା ବିଦେଶରେ ଅଘୋଷିତ ସମ୍ପତ୍ତି ରଖିବା ଭଳି ଗମ୍ଭୀର ମାମଲାରେ କୌଣସି ବ୍ୟକ୍ତି ଟିକସ ଫାଙ୍କିଥିବା ଅଭିଯୋଗରେ କେବଳ ଜରିମାନା ଦେଇ ଖସି ଯାଇପାରିବେ ନାହିଁ। ନିୟମ ଅନୁଯାୟୀ ଅଦାଲତ ବାହାରେ କୌଣସି ସାଲିସ୍ ହେବ ନାହିଁ। ସେମାନଙ୍କ ବିରୋଧରେ ମକଦ୍ଦମା ଚାଲିବ ଏବଂ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେଲେ ଜେଲ୍ ମଧ୍ୟ ଯିବାକୁ ହେବ। ସିବିଡିଟି ପକ୍ଷରୁ ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ, କଳାଧନ ଏବଂ ବେନାମୀ ଆଇନ ଅଧୀନରେ ଅଧିକାଂଶ ଅପରାଧ ନନ୍ କମ୍ପାଉଣ୍ଡେବଲ୍ ହେବ। ଅର୍ଥାତ୍ କେବଳ ଭାରି ଜରିମାନା ଦେଇ କୌଣସି ଦୋଷୀ ବ୍ୟକ୍ତି ରକ୍ଷା ପାଇବେ ନାହିଁ। ଏଣିକି କୌଣସି ଟିକସ ଫାଙ୍କିଥିବା ବ୍ୟକ୍ତିବିଶେଷ ଅଥବା ସଂସ୍ଥା କେବଳ ଟିକସ, ଜରିମାନା ଏବଂ ସୁଧ ଗଣି ଖସିପାରିବେ ନାହିଁ। ଏ ସମ୍ପର୍କରେ ସିବିଡିଟି ୧୩ ପ୍ରକାର ମାମଲାର ଏକ ତାଲିକା ଜାରି କରିଛି। ଅପରାଧକୁ ଏହାର ଗମ୍ଭୀରତା ହିସାବରେ ଦୁଇଟି ଶ୍ରେଣୀ ଶ୍ରେଣୀ-'ଏ' ଓ ଶ୍ରେଣୀ-'ବି'ରେ ବଣ୍ଟାଯାଇଛି। ଶ୍ରେଣୀ-'ଏ' ଅଧୀନରେ ଆସୁଥିବା ଅପରାଧକୁ କୋର୍ଟ ବାହାରେ ସାଲିସ କରି ସମାଧାନ କରାଯାଇପାରିବ। ଏହି ଶ୍ରେଣୀରେ ସ୍ରୋତ ଉପରେ ଟିକସ ଦେବା ଅଥବା କମ୍ କଟାଯାଇଥିବା ମାମଲା ଓ ଧାରା ୧୧୫-ଓ ଅଧୀନରେ ପ୍ରଦାନ କରାଯାଇଥିବା ଟିକସ ସହ ସମ୍ପର୍କିତ ମାମଲାକୁ ଧରାଯିବ। ତେବେ କୌଣସି ବ୍ୟକ୍ତିଙ୍କୁ ଏହି ଶ୍ରେଣୀରେ ୩ ଥର ଦୋଷୀ ସାବ୍ୟସ୍ତ କରାଯାଇଥିଲେ, ତାଙ୍କୁ ରକ୍ଷା ପାଇବା ଲାଗି ଆଉ ସୁଯୋଗ ଦିଆଯିବ ନାହିଁ। ଏହାଛଡା ତାଙ୍କୁ କୋର୍ଟ ବାହାରେ ସାଲିସ କରିବାକୁ ଅନୁମତି ଦିଆଯିବ ନାହିଁ। ସେହିପରି ଶ୍ରେଣୀ-'ବି' ଅଧୀନରେ ଜାଣିଶୁଣି ଟିକସ ଫାଙ୍କିବାର ପ୍ରୟାସ, ଖାତା ଏବଂ ଅନ୍ୟ ଆର୍ଥିକ ଦସ୍ତାବେଜ ଉପସ୍ଥାପନ ନ କରିବା ତଥା ଯାଞ୍ଚ ବେଳେ ଭୁଲ୍ ବୟାନ ଦେବା ମାମଲାଗୁଡିକୁ ସାମିଲ କରାଯାଇଛି। ଏଭଳି ମାମଲାଗୁଡ଼ିକୁ କୋର୍ଟ ବାହାରେ ସମାଧାନ କରାଯିବ ନାହିଁ। ଏହାଛଡା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ସିବିଆଇ, ଲୋକପାଳ, ଲୋକାୟୁକ୍ତ ଅଥବା ଅନ୍ୟ କେନ୍ଦ୍ରୀୟ ଏଜେନ୍ସି ଯାଞ୍ଚ କରୁଥିବା ମାମଲାଗୁଡ଼ିକର ସମାଧାନ ଅଦାଲତ ବାହାରେ ହେବ ନାହିଁ ବୋଲି ନିର୍ଦ୍ଦେଶାବଳୀରେ ସ୍ପଷ୍ଟ କରାଯାଇଛି।

## ଆମାଜନ ସର୍ବାଧିକ ଆକର୍ଷଣୀୟ ନିଯୁକ୍ତିଦାତା ବ୍ରାଣ୍ଡ୍

**ନୂଆଦିଲ୍ଲୀ,୧୭-୬**

ଇ-କମର୍ସ କମ୍ପାନୀ ଆମାଜନ ଇଣ୍ଡିଆ ଦେଶରେ ସର୍ବାଧିକ ଆକର୍ଷଣୀୟ ନିଯୁକ୍ତିଦାତା ବ୍ରାଣ୍ଡ ହୋଇପାରିଛି। ଏହି ମାମଲାରେ ଏହା ମାଇକ୍ରୋସଫ୍ଟକୁ ଏହା ପଛରେ ପକାଇ ଦେଇଛି। ସୋମବାର ରାଣ୍ଡଷ୍ଟାଡ୍ ଏମ୍ପ୍ଲୟର ବ୍ରାଣ୍ଡ୍ ରିସର୍ଚ୍ଚ(ଆର୍‌ଇବିଆର୍) ପକ୍ଷରୁ ଚଳିତ ବର୍ଷର ସର୍ଭେ ରିପୋର୍ଟ ଜାରି କରି ମାଇକ୍ରୋସଫ୍ଟକୁ ଦ୍ୱିତୀୟ ଓ ସୋନୀ ଇଣ୍ଡିଆକୁ ତୃତୀୟ ସ୍ଥାନ ଦେଇଛି। ଆର୍ଥିକ ସ୍ୱାସ୍ଥ୍ୟ, ଅତ୍ୟାଧୁନିକ ଟେକ୍ନୋଲୋଜି ବ୍ୟବହାର ଏବଂ ଖ୍ୟାତି ଦୃଷ୍ଟିରୁ ଆମାଜନ ଇଣ୍ଡିଆକୁ ରିପୋର୍ଟରେ ଶୀର୍ଷ ସ୍ଥାନ ଦିଆଯାଇଛି। ୨୦୧୯ର ଟପ୍ ୧୦ ବ୍ରାଣ୍ଡ ମଧ୍ୟରେ ମର୍ସିଡିଜ ବେଞ୍ଜ (୪ର୍ଥ), ଆଇବିଏମ୍ ଇଣ୍ଡିଆ (୫ମ), ଲାର୍ସନ ଆଣ୍ଡ ଟବ୍ରୋ (୬ଷ୍ଠ), ନେସ୍‌ଲେ (୭ମ), ଇନ୍‌ଫୋସିସ୍ (୮ମ), ସାମସଙ୍ଗ ଇଣ୍ଡିଆ (୯ମ) ଓ ଡେଲ୍ ଇଣ୍ଡିଆ (୧୦ମ) ସ୍ଥାନରେ ରହିଛି।





■ ପୂର୍ବତନ ପାକିସ୍ତାନ ଖେଳାଳିଙ୍କ ସମାଲୋଚନା

# ‘ବିନା ଲଢ଼େଇରେ ଆତ୍ମସମର୍ପଣ’

**କରାଚୀ, ୧୭।୬(ପି.ଟି.)**

ଇଂଲଣ୍ଡରେ ଚାଲିଥିବା ଆଇସିସି ବିଶ୍ୱକପରେ ଭାରତ ନିକଟରୁ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନର ବୃହତ୍ ପରାଜୟକୁ ସହଜରେ ହଜମ କରିପାରି ନାହାନ୍ତି ପୂର୍ବତନ ଖେଳାଳି। ଲଢ଼େଇ ବିନା ଆତ୍ମସମର୍ପଣ କରିଥିବାରୁ ଦଳର ଖେଳାଳିମାନଙ୍କୁ ସେମାନେ ସମାଲୋଚନା କରିଛନ୍ତି। ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ରବିବାର ଭାରତଠାରୁ ୮୯ ରନରେ ହାରିଥିଲା ପାକିସ୍ତାନ। ବିଶ୍ୱକପରେ ଭାରତ ନିକଟରୁ ପାକିସ୍ତାନର ଏହାଥିଲା କ୍ରମାଗତ ୭ମ ପରାଜୟ। ଟସ୍ ଜିତି ସର୍ଫରାଜ ଅହମଦଙ୍କ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ଦଳପାଇଁ ବୁମେରାଂ ସଦୃଶ ହୋଇଥିଲା। ଫଳରେ ଭାରତ ୫ ଉଇକେଟ ହରାଇ ୩୩୬ ରନର ବୃହତ୍ ସ୍କୋର କରିଥିଲା। ୧୯୯୨ ଚାମ୍ପିୟନ ପାକିସ୍ତାନ ପରେ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ୪୦ ଓଭରରେ ୨୧୨ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଡକୱର୍ଥ ଲୁଇସ ନିୟମରେ ଭାରତକୁ ୮୯ ରନରେ ବିଜୟୀ ଘୋଷଣା କରାଯାଇଥିଲା।

ବର୍ତ୍ତମାନର ପାକିସ୍ତାନ ଦଳକୁ ସମାଲୋଚନାରେ ସବୁଠାରୁ ଆଗରେ ରହିଛନ୍ତି ପୂର୍ବତନ ଫାଷ୍ଟ ବୋଲର ୱାସିମ ଆକ୍ରମ। ଦଳ ଚୟନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବି ନିଷ୍ପତ୍ତି ଠିକ୍ ହୋଇନାହିଁ। ବିଶ୍ୱକପ ପାଇଁ ପାକିସ୍ତାନର କିଛି ଯୋଜନା ଥିବାପରି ମନେ ହେଉନାହିଁ। ଖେଳରେ ହାରଜିତ ଲାଗି ରହିଛି, ମାତ୍ର ବିନା ଲଢ଼େଇରେ ଯେପରି ଦଳ ଭାରତ ନିକଟରୁ ହାରିଲା ତାହା ଗ୍ରହଣୀୟ ନୁହେଁ’’ ବୋଲି କହିଛନ୍ତି ଆକ୍ରମ। ପିଚ୍‌କୁ ପଢ଼ିବାରେ ସର୍ଫରାଜ ଭୁଲ କରିଥିଲେ ବୋଲି ଅନ୍ୟ କେତେକ ଖେଳାଳି କହିଛନ୍ତି। ‘‘ବିରାଟ କୋହଲି ମାଇଣ୍ଡ ଗେମ୍ ଖେଳି ଟସ୍ ଜିତିଲେ ପ୍ରଥମେ ଫିଲ୍ଡିଂ ନେବେ ବୋଲି କହିଥିଲେ। ଆମେ ତାଙ୍କ ଦ୍ୱାରା ନିର୍ମିତ ଫାନ୍ଦରେ ପଡ଼ିଗଲୁ’’ ବୋଲି ପୂର୍ବତନ ଟେଷ୍ଟ ବ୍ୟାଟ୍ସମ୍ୟାନ ବସିତ ଅଲୀ ପ୍ରକାଶ କରିଛନ୍ତି। ଏହାଦ୍ୱାରା କୋହଲି ଅଧିକ ସିଆଣିଆ ଅଧିନାୟକ ଏବଂ ଯୋଜନା ପ୍ରସ୍ତୁତିରେ ସର୍ଫରାଜଙ୍କଠାରୁ ଆଗରେ ବୋଲି ନିଜକୁ ପ୍ରମାଣିତ କଲେ। ଅନ୍ୟପକ୍ଷରେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଏକ ନିୟମ ପ୍ରଣୟନ କରୁ, ଯେଉଁପିଲାମାନେ ଭଲ ପ୍ରଦର୍ଶନ କରିପାରୁ ନାହାନ୍ତି ସେମାନଙ୍କ କେନ୍ଦ୍ରୀୟ ଚୁକ୍ତିରୁ ଅର୍ଥ କାଟ୍ କରାଯାଉ ବୋଲି ପୂର୍ବତନ ଫାଷ୍ଟ ବୋଲର ସିକନ୍ଦର ବକ୍ତ ପ୍ରକାଶ କରିଛନ୍ତି। ପ୍ରଦର୍ଶନ ଭିତ୍ତିରେ ପାଉଣା ଦିଆଗଲେ ଖେଳାଳିମାନେ ଅଧିକ ଦାୟିତ୍ୱ ସମ୍ପନ୍ନ ହେବେ ବୋଲି ସେ ମତ ଦେଇଛନ୍ତି।

ପୂର୍ବତନ ଅଧିନାୟକ ମହମ୍ମଦ ୟୁସୁଫ ମଧ୍ୟ ପାକିସ୍ତାନର ଦୁର୍ବଳ ପ୍ରଦର୍ଶନକୁ ସମାଲୋଚନା କରିଛନ୍ତି। ପିଲାମାନଙ୍କ ଶାରୀରିକ ଭାଷା ସକାରାତ୍ମକ ନ ଥିଲା ବୋଲି ସେ କହିଛନ୍ତି। ‘‘ ଆମେ ଯେତେବେଳେ ଭାରତ ବିପକ୍ଷରେ ଖେଳିବାକୁ ଯାଉ ତାହା ସବୁଠାରୁ ଅଧିକ ଗୁରୁତ୍ୱ ବହନ କରେ ଏବଂ ଆମେ କେବେ ହାରିବାକୁ ଚାହୁଁନା। ମାତ୍ର ରବିବାର ଭାରତ ବିପକ୍ଷରେ ପାକିସ୍ତାନ ଅଧିନାୟକ ଏବଂ ଖେଳାଳିଙ୍କ ଶାରୀରିକ ଭାଷା ସକାରାତ୍ମକ ନ ଥିଲା। ଭାରତକୁ ହରାଇବାଭଳି ତେଜ ପାକିସ୍ତାନ ଖେଳାଳିଙ୍କ ନିକଟରେ ଦେଖିବାକୁ ମିଳି ନ ଥିଲା। ସମସ୍ତେ ଜାଣିଛନ୍ତି ଯେ, ବର୍ତ୍ତମାନର ଭାରତୀୟ ଦଳରେ କ୍ୱାଲିଟି ରହିଛି। ଦଳରେ ଟପ୍ କ୍ଲାସ୍ ବ୍ୟାଟ୍ସମ୍ୟାନମାନେ ଥିବାରୁ କେବଳ ଚାପ ପ୍ରୟୋଗ କରି ହିଁ ସେମାନଙ୍କୁ ହରାଇହେବ ବୋଲି ୟୁସୁଫ ପ୍ରକାଶ କରିଛନ୍ତି। ବଡ଼ ସ୍କୋରର ପିଛା କରିବାରେ ସବୁବେଳେ ଚାପ ରହିଥାଏ ବୋଲି ସେ କହିଛନ୍ତି। ଦଳ ମଧ୍ୟରେ ଆତ୍ମବିଶ୍ୱାସର ଅଭାବ ଥିଲା ବୋଲି ଅନୁଭବ କରିଛନ୍ତି ପୂର୍ବତନ ଟେଷ୍ଟ ଓପନର ମୋହସିନ ଖାଁ। ‘‘ଭାରତୀୟ ଦଳ କେତେ ଶକ୍ତିଶାଳୀ ତାହା ବଡ଼ କଥା ନୁହେଁ, ମାତ୍ର ଆମ ପିଲାମାନେ ଭାରତକୁ ହରାଇବାଭଳି ଉତ୍ସାହ,ଉର୍ଜା ଏବଂ ଆତ୍ମବିଶ୍ୱାସର ଅଭାବ ଥିଲା’’ ବୋଲି କହିଛନ୍ତି ମୋହସିନ। ଅତୀତରେ ଅଧିକ ସୁବିଧା ସୁଯୋଗ ମିଳୁ ନ ଥିବା ସତ୍ତ୍ୱେ ଟିମ୍ ସ୍ପିରିଟ୍ ଯୋଗୁ ଆମେ ଅନେକ ମ୍ୟାଚରେ ଭାରତକୁ ପରାସ୍ତ କରିଛୁ। ମାତ୍ର ଏବେ ଭିନ୍ନତା ପରିଲକ୍ଷିତ ହୋଇଛି। ମ୍ୟାଚ ଜିତିବା ପାଇଁ ଆମ ତୁଳନାରେ ଭାରତୀୟ ଖେଳାଳିଙ୍କ ନିକଟରେ ଅଧିକ ଉତ୍ସାହ ଏବଂ ଆଗ୍ରହ ଥିବା ପରିଲକ୍ଷିତ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ପୂର୍ବତନ ଅଲରାଉଣ୍ଡର ଅବଦୁଲ ରଜାକଙ୍କ ମତରେ ଭାରତ ବିପକ୍ଷ ଗେମ୍‌ର ଗୁରୁତ୍ୱକୁ ବୁଝିବା ଏବଂ ଏଥିପାଇଁ ରଣନୀତି ପ୍ରସ୍ତୁତ କରିବା କୋଚ୍ ଏବଂ ଅଧିନାୟକଙ୍କ ଦାୟିତ୍ୱ। ‘‘ଯୋଜନା ଅନୁସାରେ ଯଦି କୌଣସି ଖେଳାଳି ଦକ୍ଷ ମନେ ହେଉନାହିଁ ତେବେ ତାକୁ ଦଳରୁ ବିଦା କରାଯିବା ଉଚିତ। ଭାରତ ଇନିଂସ ପ୍ରାରମ୍ଭରୁ ଭୁବନେଶ୍ୱର କୁମାରଙ୍କୁ ହରାଇଥିଲା। ମାତ୍ର ଅନ୍ୟ ବୋଲରମାନେ ସେମାନଙ୍କ ଭୂମିକା ସମ୍ପର୍କରେ ଜାଣିଥିବାରୁ ଭୁବନେଶ୍ୱରଙ୍କ ଅନୁପସ୍ଥିତି ଅନୁଭବ ହୋଇ ନ ଥିଲା’’ ବୋଲି ରଜାକ ପ୍ରକାଶ କରିଛନ୍ତି।



ମହସିନ ଖାଁ



ୱାସିମ ଆକ୍ରମ



ମହମ୍ମଦ ୟୁସୁଫ୍

## କାଫେରେ ଥିଲେ ପାକିସ୍ତାନ କ୍ରିକେଟର

ଭାରତୀୟ ଦଳ ବିଶ୍ୱକପ୍ ଇତିହାସରେ ପାକିସ୍ତାନ ଦଳ ବିପକ୍ଷରେ ତା’ର ଅପରାଜେୟ ଧାରା ଜାରି ରଖିବାରେ ସକ୍ଷମ ହୋଇଛି। ଏଭଳି ହାଇଭୋଲ୍ଟେଜ ମ୍ୟାଚ୍ ପୂର୍ବରୁ ପାକିସ୍ତାନ ଦଳର ଅଭିଜ୍ଞ ଖେଳାଳି ଶୋଏବ ମଲିକ ଓ ତାଙ୍କ ପତ୍ନୀ ତଥା ଭାରତୀୟ ଷ୍ଟାର ଟେନିସ ଖେଳାଳି ସାନିଆ ମିର୍ଜା ରାତିରେ କାଫେ ଯାଇଥିଲେ। ଏହାର କିଛି ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଉକ୍ତ ଫଟୋରେ ସାନିଆ ଓ ମଲିକଙ୍କ ବ୍ୟତୀତ ପାକିସ୍ତାନ ଦଳର ଅନ୍ୟ ଖେଳାଳିମାନେ କାଫେରେ ମଜା କରୁଥିବା ଦେଖିବାକୁ ମିଳିଛି। ଗୋଟିଏ ପକ୍ଷରେ ପାକିସ୍ତାନ ଦଳର ପରାଜୟ ଯୋଗୁ ଖେଳାଳିଙ୍କ ଫିଟ୍‌ନେସକୁ ଦାୟୀ କରାଯାଉଥିବାବେଳେ ୱିଲ୍ସଲ ରୋଡ୍‌ସ୍ଥିତ ଶିଷା କାଫେରେ ମଜା କରୁଥିବା ଫଟୋ ଓ ଭିଡିଓ ଭାଇରାଲ ହେବା ପ୍ରଶଂସକଙ୍କୁ ଆହୁରି କ୍ଷୁବ୍ଧ କରିଛି।

# ‘ଅଧିନାୟକଙ୍କୁ ନେଇ ଅସନ୍ତୋଷର ପ୍ରତିଫଳନ’

**କରାଚୀ, ୧୭।୬ (ପି.ଟି.):** ଖେଳାଳିଙ୍କ ମଧ୍ୟରେ ମନୋମାଳିନ୍ୟ ଏବଂ ଅଧିନାୟକ ସର୍ଫରାଜ ଅହମଦଙ୍କୁ ନେଇ ଅସନ୍ତୋଷ ଯୋଗୁ ଭାରତ ନିକଟରୁ ବିଶ୍ୱକପ ମ୍ୟାଚରେ ପାକିସ୍ତାନ ବୃହତ୍ ପରାଜୟ ଲଭିଲା ବୋଲି ସୋମବାର ସ୍ଥାନୀୟ ଗଣମାଧ୍ୟମଗୁଡ଼ିକର ରିପୋର୍ଟରେ ଉଲ୍ଲେଖ ରହିଛି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ନିକଟରୁ ପରାଜୟକୁ ପାକିସ୍ତାନ କ୍ରିକେଟ ସମ୍ପ୍ରଦାୟ କେବେହେଲେ ସହଜରେ ହଜମ କରିପାରି ନ ଥାନ୍ତି। ବିଶେଷ କରି ବିଶ୍ୱକପରେ ପାକିସ୍ତାନ କେବେହେଲେ ଭାରତକୁ ନ ହରାଇବା ସେମାନଙ୍କୁ ଅଧିକ ବ୍ୟଥିତ କରିଛି। ‘ସାମା’ ନ୍ୟୁଜ ଚ୍ୟାନେଲର ରିପୋର୍ଟ ଅନୁସାରେ ଭାରତ ନିକଟରୁ ପାକିସ୍ତାନର ପରାଜୟ ପରେ ସର୍ଫରାଜ ଡ୍ରେସିଂ ରୁମ୍‌ରେ ଧୈର୍ଯ୍ୟ ହରାଇଥିଲେ। ଇମାଦ ୱାସିମ, ଇମାମ୍-ଉଲ-ହକ୍‌ଙ୍କ ସମେତ କେତେକ ଖେଳାଳି ଏକ ଗ୍ରୁପ୍ କରିଛନ୍ତି ଏବଂ ତାଙ୍କୁ ସହଯୋଗ କରୁନାହାନ୍ତି ବୋଲି ଅଭିଯୋଗ କରିଥିଲେ। ‘ଦୁନିଆ’ ନ୍ୟୁଜ୍ ଚ୍ୟାନେଲ ପକ୍ଷରୁ ମଧ୍ୟ ସମାନ ଖବର ପରିବେଷଣ କରାଯାଇଥିଲା। ମହମ୍ମଦ ଅମିରଙ୍କ ନେତୃତ୍ୱରେ ଏକ ଗ୍ରୁପ ଏବଂ ଇମାଦଙ୍କ ନେତୃତ୍ୱାଧୀନ ଆଉ ଏକ ଗ୍ରୁପ ସର୍ଫରାଜଙ୍କୁ ଅସୁବିଧାରେ ପକାଉଛନ୍ତି ବୋଲି ଏଥିରେ ଦର୍ଶା ଯାଇଥିଲା।

ଅଷ୍ଟ୍ରେଲିଆଠାରୁ ପାକିସ୍ତାନର ପରାଜୟ ପରେ ଜଣେ ଜଣାଶୁଣା ଅଭିନେତା ଏବଂ କ୍ରିକେଟ ଫ୍ୟାନ ସୋସିଆଲ ମିଡିଆରେ ଏକ ଭଏସ ମେସେଜ ଜରିଆରେ ସର୍ଫରାଜଙ୍କ ବିରୋଧରେ ଶୋଏବ ମଲିକ୍, ଇମାନ, ଇମାମ ଓ ବାବର ଆଜମ ଏକ ଗ୍ରୁପ କରିଥିବା ଅଭିଯୋଗ କରିଥିଲେ। ଏହା ସର୍ଫରାଜଙ୍କୁ ସବୁବେଳେ ଅସୁବିଧାରେ ପକାଉଥିବା ଏଥିରେ ପ୍ରକାଶ କରାଯାଇଥିଲା। ସୋମବାର କେତେକ ଖବରକାଗଜ ମଧ୍ୟ ଦଳ ମଧ୍ୟରେ ଥିବା ଅନ୍ତର୍ଦ୍ୱନ୍ଦ୍ୱ ସମ୍ପର୍କରେ ସୂଚନା ଦେଇଛନ୍ତି।

# ‘ରୋହିତ୍‌ଙ୍କ ଶତକ ଅତି ଚମତ୍କାର’

**ମୁମ୍ବାଇ, ୧୭।୬(ପି.ଟି.)**

ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଶତକ ହାସଲ କରି ଭାରତକୁ ଜିତାଇବାରେ ପ୍ରମୁଖ ଭୂମିକା ନିଭାଇଥିବା ଓପନିଂ ବ୍ୟାଟ୍ସମ୍ୟାନ ରୋହିତ୍ ଶର୍ମାଙ୍କ ଇନିଂସକୁ ଚୟନ କମିଟିର ପ୍ରାକ୍ତନ ଅଧ୍ୟକ୍ଷ ତଥା ଅଧିନାୟକ ଦିଲୀପ ଭେଙ୍ଗସରକାର ବେଶ୍ ତାରିଫ୍ କରିଛନ୍ତି। ରୋହିତ୍‌ଙ୍କ ଏହି ଶତକକୁ ଅତି ଚମତ୍କାର ବୋଲି କହିବା ସହ ‘ଦୁନିଆ ବାହାର’ ଥିଲା ବୋଲି ଭେଙ୍ଗସରକାର କହିଛନ୍ତି। ‘ରୋହିତ୍ ଜଣେ ପରିପକ୍ୱ ଖେଳାଳି। ସେ ବହୁତ ବର୍ଷ ଧରି ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। ସେ (ରୋହିତ୍) ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଖେଳାଳି ବୋଲି ଭାବୁଛି। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସେ ଯେଉଁ ଇନିଂସ ଖେଳିଲେ ତାହା ଅତି ଚମତ୍କାର ଓ ‘ଦୁନିଆ ବାହାର’ ଥିଲା ବୋଲି ସୋମବାର ଏଠାରେ ଇଣ୍ଡିଆନ୍ ଟେନିସ୍ କ୍ରିକେଟ୍ ଲିଗ୍‌ର ଉନ୍ମୋଚନ ଅବସରରେ ଭେଙ୍ଗସରକାର ଏହା କହିଛନ୍ତି। ‘ଏହା ଏକ ଅତି ଉତ୍ତେଜନାପୂର୍ଣ୍ଣ ମ୍ୟାଚ୍ ଥିଲା। ସେ ତାଙ୍କ ନିୟମିତ ଓପନିଂ ପାର୍ଟନର (ଧାୱନ)ଙ୍କ ବିନା ଏହି ମ୍ୟାଚ୍ ଖେଳୁଥିଲେ। ନିଜ ଉପରକୁ ସମସ୍ତ ଦାୟିତ୍ୱ ନେଇ ସେ ସତର୍କତାର ସହ ଶଟ୍ ଖେଳିଥିଲେ। ସେ ଜଣେ ବିଶ୍ୱସ୍ତରୀୟ ଖେଳାଳି’ ବୋଲି ଭାରତ ପକ୍ଷରୁ ୧୧୬ ଟେଷ୍ଟ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଥିବା ଭେଙ୍ଗସରକାର ଏହି ଅବସରରେ ପ୍ରକାଶ କରିଛନ୍ତି। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ରୋହିତ୍ ୧୧୩ ବଲ୍‌ରୁ ୧୪୦ ରନର ଦ୍ରୁତ ଇନିଂସ ଖେଳିଥିଲେ। ଏହି ମ୍ୟାଚ୍‌କୁ ଭାରତ ଡି/ଏଲ୍ ପଦ୍ଧତିରେ ୮୯ ରନରେ ବିଜୟ ଲାଭ କରିଥିଲା। ଏଥିପୂର୍ବରୁ ରୋହିତ୍ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଅପରାଜିତ ୧୨୨ ରନ ସଂଗ୍ରହ କରିଥିଲେ।




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ସହ ରୋହିତ ଶର୍ମା।

## ସରିଆସୁଛି ସୋଏବଙ୍କ କ୍ୟାରିୟର



ଭାରତ ବିପକ୍ଷ ବିଶ୍ୱକପ ମ୍ୟାଚରେ ଅଲରାଉଣ୍ଡର ସୋଏବ ମଲିକ ପ୍ରଥମ ବଲ୍‌ରେ ଆଉଟ ହୋଇଥିଲେ। ଭାରତ ଏହି ମ୍ୟାଚରେ ୮୯ ରନରେ ଜିତିଥିବାରୁ ପାକିସ୍ତାନରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଫଳରେ ସୋଏବଙ୍କ କ୍ୟାରିୟର ଏବେ ସଙ୍କଟ ମଧ୍ୟକୁ ଚାଲି ଆସିଛି। ସୋଏବ ନିଜ କ୍ୟାରିୟରକୁ ନେଇ ଚିନ୍ତା କରିବାର ସମୟ ଆସିଛି ବୋଲି ପୂର୍ବତନ ଖେଳାଳିମାନେ କହିଛନ୍ତି। ୩୭ ବର୍ଷୀୟ ସୋଏବ ବିଶ୍ୱକପ ପରେ ଅବସର ନେବେ ବୋଲି ପୂର୍ବରୁ ସୂଚନା ଦେଇ ସାରିଛନ୍ତି। ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ହେବାକୁଥିବା ଟି୨୦ ବିଶ୍ୱକପ୍ ଉପରେ ସେ ଫୋକସ ରଖିବେ ବୋଲି କହିଛନ୍ତି। ମାତ୍ର ଚଳିତ ବିଶ୍ୱକପରେ ୩ଟି ମ୍ୟାଚ ଖେଳି ସେ ମାତ୍ର ୮ ରନ କରିଥିବାରୁ ଏହା ତାଙ୍କ ପାଇଁ ଶେଷ ଅନ୍ତର୍ଜାତୀୟ ଦିନିକିଆ ବୋଲି ଅନୁଭବ କରିଛନ୍ତି ପୂର୍ବତନ ଖେଳାଳି। ‘‘ସୋଏବ ବିଶ୍ୱକପ ପରେ ଅବସର ନେବେ ବୋଲି ପୂର୍ବରୁ ସୂଚନା ଦେଇଥିବାରୁ ସେ ଆଗାମୀ ମ୍ୟାଚରେ ଆଉ ସୁଯୋଗ ପାଇବେ ବୋଲି ଭାବିପାରୁନି’’ ବୋଲି ପୂର୍ବତନ ଟେଷ୍ଟ ସ୍ପିନର ଇକବାଲ କାସିମ ପ୍ରକାଶ କରିଛନ୍ତି। ପୂର୍ବତନ ଅଧିନାୟକ ସୋଏବ ୩୫ଟି ଟେଷ୍ଟ ଖେଳିବାପରେ ୨୦୧୫ରେ ଏହି ଫର୍ମାଟରୁ ଅବସର ନେଇଥିଲେ। ସେ ଏପର୍ଯ୍ୟନ୍ତ ୨୮୭ଟି ଦିନିକିଆ ଏବଂ ୧୧୧ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳି ସାରିଛନ୍ତି। ଭାରତ ବିପକ୍ଷ ମ୍ୟାଚ ପାଇଁ ସୋଏବଙ୍କ ପ୍ରତି ଭରସା ଜୁଟାଇଥିଲେ ଅଧିନାୟକ ସର୍ଫରାଜ ଅହମଦ ଏବଂ କୋଚ୍ ମାଇକ୍ ଆର୍ଥର। ମାତ୍ର ସେ ବିଫଳ ହେଲେ। ‘‘ମୁଁ ଭାବୁଛି ପାକିସ୍ତାନ ପାଇଁ ତାଙ୍କ କ୍ୟାରିୟର ଶେଷ ହୋଇଗଲା। ଏପରିକି ସେ ବିଶ୍ୱକପର ଅବଶିଷ୍ଟ ମ୍ୟାଚରେ ମଧ୍ୟ ଖେଳିବେ ବୋଲି ଭାବୁନି। ତାଙ୍କୁ ଯଦି ଆଉ କୌଣସି ମ୍ୟାଚ ପାଇଁ ଚୟନ କରାଯାଏ ତେବେ ବଡ଼ ଭୁଲ ହେବ’’ ବୋଲି ପୂର୍ବତନ ବ୍ୟାଟ୍ସମ୍ୟାନ ମହମ୍ମଦ ୟୁସୁଫ ପ୍ରକାଶ କରିଛନ୍ତି।

## ସର୍ଫରାଜ ବୁଦ୍ଧିହୀନ



ଭାରତ ବିପକ୍ଷରେ ଥିବା ଖରାପ ବିଶ୍ୱକପ୍ ରେକର୍ଡକୁ ପାକିସ୍ତାନ ଦଳ ପରିବର୍ତ୍ତନ କରିପାରି ନାହିଁ। ସମସ୍ତ ବିଭାଗରେ ଭଲ ପ୍ରଦର୍ଶନ କରିଥିବା ଭାରତୀୟ ଦଳ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌କୁ ୮୯ ରନ୍‌ରେ ଜିତିନେଇଛି। ଏହାପରେ ପାକିସ୍ତାନ ଅଧିନାୟକ ସର୍ଫରାଜ ଅହମ୍ମଦଙ୍କୁ ପ୍ରଶଂସକଙ୍କଠାରୁ ଆରମ୍ଭ କରି ପୂର୍ବତନ କ୍ରିକେଟର ସମାଲୋଚନା କରିଛନ୍ତି। ଏମାନଙ୍କ ମଧ୍ୟରେ ପୂର୍ବତନ ପେସର ଶୋଏବ ଅଖତର ମଧ୍ୟ ରହିଛନ୍ତି। ପାକିସ୍ତାନ ଦଳର ପରାଜୟ ପରେ ସେ ଏକ ୟୁଟ୍ୟୁବ ଚ୍ୟାନେଲରେ ନିରାଶ ଜାହିର କରିଛନ୍ତି। ସେ ବିଶେଷକରି ଅଧିନାୟକ ସର୍ଫରାଜ ଅହମ୍ମଦ ଓ ହାସନ ଅଲିଙ୍କୁ ସମାଲୋଚନା କରିଛନ୍ତି। ବୁଦ୍ଧିହୀନ ସର୍ଫରାଜ ଟସ୍ ଜିତି ବିନା କାରଣରେ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୧୭ ଆଇସିସି ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଭାରତୀୟ ଦଳ ଯେଉଁ ଭୁଲ୍ କରିଥିଲା, ତାହାକୁ ପାକିସ୍ତାନ ଟିମ୍ ଦୋହରାଇଥିଲା। ତାଙ୍କ ଦଳ ରନ୍ ପିଛା କରିବାରେ ଭଲ ନୁହେଁ, ଯାହାକି ସେ ଭୁଲିଯାଇଥିଲେ। ଏତେ ବୁଦ୍ଧିହୀନ କେମିତି ଜଣେ ଅଧିନାୟକ ହୋଇପାରିବ। ପାକିସ୍ତାନ ପ୍ରଥମେ ବ୍ୟାଟିଂକରି ୨୬୦ ରନ୍ ମଧ୍ୟ କରିଥିଲେ ଯଥେଷ୍ଟ ହୋଇଥାନ୍ତା। ଦଳ ନିକଟରେ ଦକ୍ଷ ବୋଲିଂ ଲାଇନଅପ୍ ଥିଲା। ଆଉ ହାସନ ଅଲି ୱାଘା ବର୍ଡରଠାରେ ଭଲ ଡେଉଁଛନ୍ତି।

# ଆଉ ଏକ ବିପର୍ଯ୍ୟୟ ଘଟାଇଲା ବାଂଲାଦେଶ

**ଟଣ୍ଟନ, ୧୭।୬**

ଚଳିତ ଆଇସିସି ବିଶ୍ୱକପରେ ଦ୍ୱିତୀୟ ବିପର୍ଯ୍ୟୟ ଘଟାଇଛି ବାଂଲାଦେଶ। ସୋମବାର ଅନୁଷ୍ଠିତ ହାଇ ସ୍କୋରିଂ ମ୍ୟାଚରେ ଦଳ ୭ ଉଇକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଶାକିବ-ଅଲ-ହାସନଙ୍କ ଶତକ, ଲିଟନ ଦାସଙ୍କ ବିସ୍ଫୋରକ ବ୍ୟାଟିଂ ସହ ୪ର୍ଥ ଉଇକେଟ ଯୋଡ଼ିରେ ଏ ଦୁହିଁଙ୍କ ୧୮୯ ରନର ଭାଗୀଦାରି ବାଂଲାଦେଶ ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇଥିଲା। ସାଇ ହୋପ୍‌ଙ୍କ ୯୬ ରନ ସହାୟତାରେ ୱେଷ୍ଟଇଣ୍ଡିଜ ୫୦ ଓଭରରେ ୮ ଉଇକେଟ ହରାଇ ୩୨୧ ରନ କରିଥିଲା। ଜବାବରେ ବାଂଲାଦେଶ ୪୧.୩ ଓଭରରେ ମାତ୍ର ୩ ଉଇକେଟ ହରାଇ ୩୨୨ ରନ ସଂଗ୍ରହ କରି ନେଇଥିଲା। ଶାକିବ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ଜୁନ ୨ରେ ବାଂଲାଦେଶ ଏହାର ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୨୧ ରନରେ ହରାଇ ବିପର୍ଯ୍ୟୟ ଘଟାଇଥିଲା।

ଟସ୍ ଜିତି ୱେଷ୍ଟଇଣ୍ଡିଜକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା ବାଂଲାଦେଶ। ଦୁର୍ଦ୍ଧର୍ଷ ଓପନର କ୍ରିସ୍ ଗେଲ୍‌ଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ କରି ନିଜ ରଣନୀତିରେ ଦଳ ଆଂଶିକ ସଫଳ ମଧ୍ୟ ହୋଇଥିଲା। ମାତ୍ର ପରବର୍ତ୍ତୀ ୪ ବ୍ୟାଟ୍ସମ୍ୟାନ ଚମତ୍କାର ବ୍ୟାଟିଂ କରି ବାଂଲାଦେଶ ବୋଲରଙ୍କୁ ନିରାଶ କରିଥିଲେ। ଅନ୍ୟତମ ଓପନର ଲିୱିସ ଏବଂ ଉଇକେଟ କିପର ହୋପ୍ ଦ୍ୱିତୀୟ ଉଇକେଟ ଯୋଡ଼ିରେ ୧୧୬ ରନ ସଂଗ୍ରହ କରି ଦଳକୁ ବିପଦରୁ ଉଦ୍ଧାର କରିବା ସହ ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ୨୫ତମ ଓଭରର ୩ୟ ବଲ୍‌ରେ ଲିୱିସଙ୍କୁ ଆଉଟ କରି ବାଂଲାଦେଶକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ଶାକିବ-ଅଲ-ହାସନ। ୬୭ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଲିୱିସ ୬ ଚୌକା ଓ ୨ ଛକା ସହାୟତାରେ ୭୦ ରନ କରିଥିଲେ। ମିଡଲ ଅର୍ଡରରେ ନିକୋଲାସ ପୁରନ ୨୫(୩୦ ବଲ, ୨ ଚୌକା, ୧ ଛକା) ଓ ଶିମରନ ହେଟମେର ଦ୍ରୁତ ୫୦(୨୬ ବଲ, ୪ ଚୌକା, ୩ ଛକା) ରନ ସ୍କୋର କରି ୱେଷ୍ଟଇଣ୍ଡିଜକୁ ଦୃଢ଼ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ଲୋୟର ଅର୍ଡରରେ ଦୁଇ ଭେଟେରାନ ଆନ୍ଦ୍ରେ ରସେଲ(୦) ଓ ଡାରେନ ବ୍ରାଭୋ(୧୯) ବିଫଳ ହୋଇଥିବାବେଳେ ଅଧିନାୟକ ଜାସନ ହୋଲ୍ଡର ୧୫ ବଲ୍‌ରୁ ୩୩(୪ ଚୌକା, ୨ ଛକା) ରନର ଉପଯୋଗୀ ଇନିଂସ ଖେଳିଥିଲେ। ହୋପ୍ ଖେଳିଥିଲେ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ। ସେ ମାତ୍ର ୪ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ ହେଁ ୱେଷ୍ଟଇଣ୍ଡିଜ ମ୍ୟାଜିକ ୩୦୦ ରନ ସ୍କୋର କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୪୭ ଓଭର ପର୍ଯ୍ୟନ୍ତ କ୍ରିଜ୍‌ର ଗୋଟିଏ ପଟରେ ଜଗି ରହିଥିବା ହୋପ୍ ୧୨୧ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୧ ଛକା ସହାୟତାରେ ୯୬ ରନ କରି ଆଉଟ ହୋଇଥିଲେ। ଲିୱିସଙ୍କ ସହ ଶତକୀୟ ଭାଗୀଦାରି ବ୍ୟତୀତ ସେ ହେଟ୍‌ମେରଙ୍କ ସହ ୪ର୍ଥ ଉଇକେଟ ଯୋଡ଼ିରେ ମୂଲ୍ୟବାନ ୮୩ ରନ ସଂଗ୍ରହରେ ଉପଯୋଗୀ ଅବଦାନ ଦେଇଥିଲେ। ବାଂଲାଦେଶ ପକ୍ଷରୁ ମହମ୍ମଦ ସୈଫୁଦ୍ଦିନ ଓ ମୁସ୍ତାଫିଜୁର ରହମନ ୩ଟି ଲେଖାଏ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ସାଇ ହୋପ।

ବଡ଼ ସ୍କୋରର ପିଛା କରିଥିଲେ ହେଁ ବାଂଲାଦେଶ ଭଲ ଆରମ୍ଭ କରିଥିବାରୁ ଚାପର ବଶବର୍ତ୍ତୀ ହୋଇ ନ ଥିଲା। ତାମିମ ଇକବାଲ ଓ ସୌମ୍ୟ ସରକାର ଓପନିଂ ଯୋଡ଼ିରେ ୫୦ ବଲ୍‌ରୁ ୫୨ ରନ ସଂଗ୍ରହ କରି ଦଳକୁ ଲକ୍ଷ୍ୟ ପଥରେ ଆଗେଇ ନେଇଥିଲେ। ସୌମ୍ୟ ୨୩ ବଲ୍‌ରୁ ୨୯(୨ ଚୌକା, ୨ ଛକା) ରନ କରି ଆଉଟ ହୋଇଥିବାବେଳେ ତାମିମ ୪୮(୫୩ ବଲ, ୬ ଚୌକା)ରନ କରି ରନଆଉଟ ହୋଇ ଯାଇଥିଲେ। ମୁସ୍ତାଫିକର ରହିମ ମାତ୍ର ୧ ରନ କରି ଆଉଟ ହେବାରୁ ବାଂଲାଦେଶ ସ୍କୋର ୧୯ ଓଭରରେ ୧୩୩/୩ ହୋଇ ଯାଇଥିଲା। ତେବେ ଶାକିବ-ଅଲ-ହାସନ ଓ ଲିଟନ ଦାସ ଅସମାପ୍ତ ୪ର୍ଥ ଉଇକେଟ ଯୋଡ଼ିରେ ୧୮୯ ରନର ଭାଗୀଦାରି ଗଢ଼ି ବାଂଲାଦେଶକୁ ବିଜୟୀ କରାଇଥିଲେ। ଶତକୀୟ ଇନିଂସ ମଧ୍ୟରେ ଶାକିବ ଏକଦିବସୀୟ କ୍ରିକେଟରେ ୬,୦୦୦ ରନ ପୂରଣ କରିବା ସହ କୌଣସି ଗୋଟିଏ ବିଶ୍ୱକପରେ ବାଂଲାଦେଶ ପକ୍ଷରୁ ଟପ୍ ସ୍କୋରର ହେବାର ସୌଭାଗ୍ୟଲାଭ କରିଥିଲେ। ହାତରେ ଆହୁରି ୫୧ଟି ବଲ୍ ବାକିଥାଇ ଦମ୍‌ଦାର ବିଜୟ ହାସଲ କରିଥିଲା ବାଂଲାଦେଶ। ୯୯ ବଲ୍ ଖେଳିଥିବା ଶାକିବ ୧୬ ଚୌକା ସହାୟତାରେ ୧୨୪ ଓ ଲିଟନ ୬୯ ବଲ୍‌ରୁ ୮ ଚୌକା ଓ ୪ ଛକା ସହ ୯୪ ରନରେ ଅପରାଜିତ ରହିଥିଲେ। ୱେଷ୍ଟଇଣ୍ଡିଜ ବୋଲରମାନେ ଅତିରିକ୍ତଭାବେ ୨୬ ରନ ବ୍ୟୟ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୫୦ ଓଭରରେ ୩୨୧/୮(ହୋପ୍-୯୬, ଲିୱିସ-୭୦, ହେଟମେର-୫୦, ହୋଲ୍ଡର-୩୩, ମହମ୍ମଦ ସୈଫୁଦ୍ଦିନ-୩/୭୨, ମୁସ୍ତାଫିଜୁର ରହମନ-୩/୫୯, ଶାକିବ-୨/୫୪)। ବାଂଲାଦେଶ ୪୧.୩ ଓଭରରେ ୩୨୨/୩ (ଶାକିବ-୧୨୪*, ଲିଟନ-୯୪*, ତାମିମ-୪୮, ଆନ୍ଦ୍ରେ ରସେଲ-୧/୪୨, ଓଶାନେ ଥୋମାସ-୧/୫୨)।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୫ | ୪ | ୧ | ୦ | ୦ | ୮ | +୦.୮୧୨ |
| ନ୍ୟୁଜିଲାଣ୍ଡ | ୪ | ୩ | ୦ | ୦ | ୧ | ୭ | +୨.୧୬୩ |
| ଭାରତ | ୪ | ୩ | ୦ | ୦ | ୧ | ୭ | +୧.୦୨୯ |
| ଇଂଲଣ୍ଡ | ୪ | ୩ | ୧ | ୦ | ୦ | ୬ | +୧.୫୫୭ |
| ବାଂଲାଦେଶ | ୫ | ୨ | ୨ | ୦ | ୧ | ୫ | +୧.୩୩୯ |
| ଶ୍ରୀଲଙ୍କା | ୫ | ୧ | ୨ | ୦ | ୨ | ୪ | -୧.୭୭୮ |
| ୱେଷ୍ଟଇଣ୍ଡିଜ | ୫ | ୧ | ୩ | ୦ | ୧ | ୩ | +୦.୨୭୨ |
| ଦକ୍ଷିଣ ଆଫ୍ରିକା | ୫ | ୧ | ୩ | ୦ | ୧ | ୩ | -୦.୨୦୮ |
| ପାକିସ୍ତାନ | ୫ | ୧ | ୩ | ୦ | ୧ | ୩ | -୧.୯୩୩ |
| ଆଫଗାନିସ୍ତାନ | ୪ | ୦ | ୪ | ୦ | ୦ | ୦ | -୧.୬୩୮ |



“ସତୁରି ଦଶକରେ ୱେଷ୍ଟଇଣ୍ଡିଜ ଦଳ ଭଳି ଏଥର ଆଇସିସି ବିଶ୍ୱକପ୍‌ରେ ଭାରତକୁ ସାମ୍ନା କରିବା ଅଧିକାଂଶ ଦଳ ପାଇଁ ଚିନ୍ତାର ବିଷୟ ହୋଇଛି ।

-କ୍ରିଷ୍ଣାମାଚାରୀ ଶ୍ରୀକାନ୍ତ, ପୂର୍ବତନ ଭାରତୀୟ ଓପନର



“ନବେ ଦଶକରେ ଭାରତ ତୁଳନାରେ ଆମ ଦଳ ଶକ୍ତିଶାଳି ଥିଲା, କିନ୍ତୁ ବର୍ତ୍ତମାନ ତାହା ସମ୍ପୂର୍ଣ୍ଣ ଓଲଟା। ସେମାନେ ଆମଠାରୁ ଉନ୍ନତ ।

-ସର୍ଫରାଜ ଅହମ୍ମଦ, ପାକିସ୍ତାନ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ଭାରତୀୟ ଦଳକୁ ଦୁଇଦିନିଆ ବ୍ରେକ୍

**ମାଞ୍ଚେଷ୍ଟର,୧୭।୬(ପି.ଟି.):** ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ବଡ଼ ବ୍ୟବଧାନରେ ହରାଇବା ପରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଦୁଇଦିନିଆ ବ୍ରେକ୍ ନେବେ ବୋଲି ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ କୁହାଯାଇଛି। ଆଗାମୀ ଦୁଇଦିନ ଧରି ଭାରତୀୟ ଦଳର ସଦସ୍ୟମାନେ ବିଶ୍ରାମ ନେବେ। ଭାରତୀୟ ଦଳ ୨୨ ତାରିଖରେ ଆଫଗାନିସ୍ତାନକୁ ଭେଟିବ। ଗତ ମ୍ୟାଚ୍‌ରେ ଆଘାତ ପାଇଥିବା ଭୁବନେଶ୍ୱର କୁମାର ଅତିକମ୍‌ରେ ଆଗାମୀ ଦୁଇଟି ମ୍ୟାଚ୍ ଖେଳିପାରିବେ ନାହିଁ। ସେହିଭଳି ଶିଖର ଧାୱନ ବାମ ବୁଢ଼ା ଆଙ୍ଗୁଠିରେ ଆଘାତ ପାଇଥିବାରୁ ୩ଟି ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି।

### ଟିଭି ନଷ୍ଟକଲେ ପାକିସ୍ତାନୀ ପ୍ରଶଂସକ

**ମାଞ୍ଚେଷ୍ଟର,୧୭।୬:** ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡଠାରେ ଭାରତୀୟ ଦଳ ବିଶ୍ୱକପ୍ ମ୍ୟାଚ୍‌ରେ ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୮୯ ରନ୍‌ର ବୃହତ୍ ବ୍ୟବଧାନରେ ହରାଇ ଦେଇଛି। ବିଶ୍ୱକପ୍ ଇତିହାସରେ ଏହା ପାକିସ୍ତାନ ବିପକ୍ଷରେ ଟିମ୍ ଇଣ୍ଡିଆର କ୍ରମାଗତ ୭ମ ବିଜୟ। ଏହା ପାକିସ୍ତାନୀ ପ୍ରଶଂସକଙ୍କୁ ନିରାଶ କରିଛି। ଫଳରେ ସେମାନେ ଟିଭି ଭାଙ୍ଗିଦେଇଛନ୍ତି। ଦେଶର ବିଭିନ୍ନ ଅଞ୍ଚଳରେ ପ୍ରଶଂସକମାନେ ବଡ଼ ଏଲ୍‌ସିଡି ଟିଭି ଭାଙ୍ଗିଥିବା ଖବର ଆସିଛି। ପାକିସ୍ତାନ ଦଳର ବିଜୟ ଆଶାକରି ବହୁ ପ୍ରଶଂସକ ମିଠା ଓ ଫୁଟାଇବା ପାଇଁ ବାଣ କିଣିଥିଲେ। ହେଲେ ଦଳର ପରାଜୟ ପରେ ସେଗୁଡ଼ିକ ବେକାର ହୋଇଯାଇଥିଲା। ନିରାଶ ପାକିସ୍ତାନ ଦଳର ସମର୍ଥକ ମେନ ଇନ୍ ଗ୍ରୀନ୍ ବିରୋଧରେ ସ୍ଲୋଗାନ ଦେଇଥିବା ସେଠାକାର ଗଣମାଧ୍ୟମରେ ପ୍ରକାଶ ପାଇଛି।

### 'କ୍ରୀଡ଼ାର ବିକାଶ ପାଇଁ କିଟ୍ ସବୁବେଳେ ତତ୍ପର'

କଟକ ଅଫିସ,୧୭।୬- ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ବିରୋଧୀ ହୋଇ କିଟ୍ ଉପରେ ରାଗ ସୁଝାଉଥିବା କିଛି ବ୍ୟକ୍ତିବିଶେଷଙ୍କ ମନ୍ତବ୍ୟ ଦୁଃଖଦାୟକ । କିଟ୍ ଉପରେ ଓସିଏ ଅନୁକମ୍ପା କରୁଛି ବୋଲି ସେମାନଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଏହାର କ୍ରୀଡାଧିକାରୀ ଗଗନେନ୍ଦୁ ଦାଶ କହିଛନ୍ତି । ଗଗନେନ୍ଦୁ ଏକଥା ବି କହିଛନ୍ତି କ୍ରୀଡାର ବିକାଶ ପାଇଁ କିଟ୍ ସବୁବେଳେ ତତ୍ପର । ଯେଉଁ ସମୟରେ ଅନ୍ୟ କ୍ରିକେଟ ଗ୍ରାଉଣ୍ଡ ଗୁଡ଼ିକ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ପଛଘୁଞ୍ଚା ଦେଉଛନ୍ତି ସେ ସମୟରେ କିଟ୍ ସବୁବେଳେ ସହଯୋଗର ହାତ ବଢ଼ାଉଛି। ଏହାକୁ ଅନ୍ୟ ଅର୍ଥରେ ନେବା ଉଚିତ ନୁହେଁ । ଯେଉଁ ଅର୍ଥ ବିସିସିଆଇ ପକ୍ଷରୁ ଆସିଛି ତାହା କିଟ୍‌କୁ ନୁହେଁ ବରଂ ଯେଉଁମାନେ ଖେଳ ଓ ଖେଳାଳିଙ୍କୁ ସୁବିଧା ସୁଯୋଗ ଦେବା କ୍ଷେତ୍ରରେ ସହଯୋଗ କରିଥିଲେ ତାହା ସେମାନଙ୍କ ଆକାଉଣ୍ଟକୁ ଆସିଛି ବୋଲି ଗଗନେନ୍ଦୁ ନିଜ ପ୍ରତିକ୍ରିୟାରେ କହିଛନ୍ତି ।

# ରବି ଡୋପ୍ ଟେଷ୍ଟରେ ବିଫଳ

**ନୂଆଦିଲ୍ଲୀ, ୧୭।୬ (ପି.ଟି.)**

ଡୋପ୍ ଟେଷ୍ଟରେ ଧରାପଡ଼ିଥିବାରୁ ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ଓଡ଼ିଶା ଭାରୋତ୍ତୋଳକ କେ. ରବି କୁମାରଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇଥିବା ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ସୋମବାର ପ୍ରକାଶ କରିଛି। ଗତ ଫେବୃୟାରୀରେ ବିଶାଖାପାଟଣାଠାରେ ଜାତୀୟ ସିନିୟର ୭୧ତମ ପୁରୁଷ ଏବଂ ୩୪ତମ ମହିଳା ଭାରୋତ୍ତୋଳନ ଚାମ୍ପିୟନଶିପ୍ ବେଳେ ତାଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇଥିଲା। ଡୋପ୍ ଟେଷ୍ଟ ବେଳେ ସେଥିରେ ଏକ ନିଷିଦ୍ଧ ଦ୍ରବ୍ୟର ମାତ୍ରା ଠାବ କରାଯାଇଛି। ରବି ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୬୯କେଜି ଶ୍ରେଣୀରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ନାଡା ସୂଚନା ଅନୁସାରେ ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ଅନ୍ୟ ୫ ଭାରୋତ୍ତୋଳକ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ସେମାନେ ହେଲେ ବିରେନ୍ଦର ସିଂ (୯୬କେଜି), ଦୀପିକା(୪୯କେଜି), ବିଶାଳ ସୋଲାଙ୍କି (୧୦୯କେଜି), ସୀମା(୮୧କେଜି)ଏବଂ ପୂର୍ଣ୍ଣିମା ପାଣ୍ଡେ (୮୭କେଜି)। ସେହିପରି ଚଳିତ ବର୍ଷ ପ୍ରାରମ୍ଭରେ ପୁଣେଠାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ପଦକ ଜିତିଥିବା ଦୁଇ ଆଥଲେଟ୍ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ସେମାନେ ହେଲେ ରେସ୍‌ଲର ରୋହିତ ଆହିରେ (ଗ୍ରିକୋ ରୋମାନ ୭୨କେଜି) ଏବଂ ସାହିଲ ପାୱାର (୫୦ ମିଟର ଫ୍ରିଷ୍ଟାଇଲ)। ଏହି ଦୁଇ ଜଣଙ୍କୁ ମଧ୍ୟ ସାମୟିକ ସସ୍‌ପେଣ୍ଡ କରାଯାଇଛି।

ଅନ୍ୟପକ୍ଷରେ ନାଡାର ଆଣ୍ଟି ଡୋପିଂ ପ୍ୟାନେଲ କ୍ୱାର୍ଟରମାଇଲର ପ୍ରିୟଙ୍କା ପନୱାରଙ୍କ ବିରୋଧରେ ଡିସିପ୍ଲିନାରି ପ୍ୟାନେଲର ୮ ବର୍ଷ ସସ୍‌ପେଣ୍ଡ ଆଦେଶକୁ କାଏମ ରଖିଛି। ପ୍ରିୟଙ୍କା ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ। ପ୍ରିୟଙ୍କା ୨୦୧୬ରେ ଦ୍ୱିତୀୟ ଥର ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ପ୍ରଥମ ଥର ସେ ୨୦୧୧ରେ ଡୋପ୍ ଅପରାଧ କରିଥିଲେ। ଆଣ୍ଟି ଡୋପିଂ ଅପିଲ ପ୍ୟାନେଲ ଆହୁରି ମଧ୍ୟ ଡିସିପ୍ଲିନାରି ପ୍ୟାନେଲ ହକି ଖେଳାଳି ଆକଶ ଚିକ୍‌ଟେଙ୍କ ବିରୋଧରେ କରିଥିବା ୨ ବର୍ଷ ସସ୍‌ପେଣ୍ଡ ଆଦେଶ ୧୩ ମାସକୁ ହ୍ରାସ କରିଛି। ପ୍ରଥମ ଭାରତୀୟ ଟେନିସ ଖେଳାଳିଭାବେ ଡୋପ୍ ଟେଷ୍ଟରେ ଧରାପଡ଼ିଥିବା ୧୬ ବର୍ଷୀୟ ଆର୍ଯ୍ୟନ ଭାଟିଆଙ୍କୁ ନାଡା ଛାଡ଼ କରିଦେଇଛି।



### ସ୍ୱର୍ଣ୍ଣ ହରାଇପାରନ୍ତି ଜ୍ୟୋତି ସିଂ

ଚଳିତ ବର୍ଷ ପ୍ରାରମ୍ଭରେ ନୂଆଦିଲ୍ଲୀରେ ଏଲିଟ୍ ମହିଳା ହାଫ୍ ମାରାଥନ ଜିତିଥିବା ଜ୍ୟୋତି ସିଂ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବା ନାଡା ସୂଚନା ଦେଇଛି। ଫେବୃୟାରୀ ୨୪ରେ ହୋଇଥିବା ଏହି ରେସ୍‌ରେ ଜ୍ୟୋତିଙ୍କ ଟାଇମିଂ ଥିଲା ୧ ଘଣ୍ଟା, ୨୨ ମିନିଟ ଓ ୨୦ ସେକେଣ୍ଡ। ଖବରରେ ଯଦି ସତ୍ୟତା ଥାଏ ତେବେ ତାଙ୍କଠାରୁ ସ୍ୱର୍ଣ୍ଣ ପଦକ ପ୍ରତ୍ୟାହାର କରି ନିଆଯିବ। ରୌପ୍ୟ ବିଜୟିନୀଙ୍କୁ ସ୍ୱର୍ଣ୍ଣ ପଦକ ବିଜେତା ବୋଲି ଘୋଷଣା କରାଯିବ ବୋଲି ରେସ୍ ନିର୍ଦ୍ଦେଶକ ନାଗରାଜ ଆଡିଗା ପ୍ରକାଶ କରିଛନ୍ତି।

### 'ମୁଁ ନିର୍ଦ୍ଦୋଷ, ଆଇନର ଆଶ୍ରୟ ନେବି'

ଏନେଇ କେ. ରବି କୁମାରଙ୍କୁ ଧରିତ୍ରୀ ପକ୍ଷରୁ ଯୋଗାଯୋଗ କରାଯାଇଥିଲା। ସେ କହିଥିଲେ ଯେ, 'ସେରମ୍'ନାମକ ଔଷଧ ଆଗରୁ ସେବନ ହେଉଥିଲା। ହେଲେ ଗତ ଜାନୁୟାରୀରେ ଏହାକୁ ନିଷିଧ ଘୋଷଣା କରାଯାଇଛି। ଖେଳାଳିମାନେ ଏ ସମ୍ପର୍କରେ ଅବଗତ ହୋଇ ପାରିନାହାନ୍ତି। ଗତ ଫେବୃୟାରୀରେ ବିଶାଖାପାଟଣାଠାରେ ଅନୁଷ୍ଠିତ ୭୧ତମ ପୁରୁଷ ଏବଂ ୩୪ତମ ମହିଳା ଜାତୀୟ ସିନିୟର ଭାରୋତ୍ତେଳନ ଚାମ୍ପିୟନଶିପ୍‌ରେ ପଦକ ଜିତିବା ପରେ ନମୁନା ସଂଗ୍ରହ କରାଯାଇଥିଲା। ମୋ ଭଳି ପ୍ରାୟ ୧୮ଜଣ ଭାରୋତ୍ତୋଳକଙ୍କ ନମୁନା ପଜିଟିଭ୍ ଆସିଥିବା ସୂଚନା ରହିଛି। କେବଳ ଭାରୋତ୍ତୋଳକ ନୁହଁ, ବହୁ ବକ୍ସର୍ ଏବଂ ଆଥଲେଟ୍‌ଙ୍କ ନମୁନା ମଧ୍ୟ ପଜିଟିଭ୍ ଆସିଛି । 'ସେରମ୍'କୁ ନିଷିଦ୍ଧ ଘୋଷଣା କରାଯାଇଥିବା ସମ୍ପର୍କରେ କେହି ଅବଗତ ନ ଥିଲେ । ସେଥିପାଇଁ 'ଏ' ନମୁନା ପଜିଟିଭ୍ ଆସିବା ପରେ 'ବି' ନମୁନା ପରୀକ୍ଷା ପାଇଁ ଆବେଦନ କରାଯାଇନାହିଁ । ମୁଁ ଜାତୀୟ ଏବଂ ଅର୍ନ୍ତଜାତୀୟ ସ୍ତରର ଚାମ୍ପିୟନଶିପ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିଛି । ଦେଶ ପାଇଁ ପଦକ ଜିତିଛି । ବହୁଥର ଡୋପ୍ ଟେଷ୍ଟରେ ଭାଗନେଇଛି । ମୁଁ ଜାଣିଛି, କେଉଁଟା ଠିକ୍, କେଉଁଠା ଭୁଲ୍ । କ୍ୟାରିୟର୍‌ର ଏଭଳି ଏକ ସମୟରେ ମୁଁ କେବେବି ନିଜ ଜାଣତରେ ନିଷିଧ ଔଷଧ ସେବନ ଭଳି ଭୁଲ୍ କରିବି ନାହିଁ । ଏଣୁ ମୋ ସହ ଅନ୍ୟାନ୍ୟ ଭାରୋତ୍ତୋଳକମାନେ ଆଇନ୍‌ର ଆଶ୍ରୟ ନେବାକୁ ନିଷ୍ପତ୍ତି ନେଇଛୁ। ମୁଁ ନିର୍ଦ୍ଦୋଶ । ଏହାକୁ ପ୍ରମାଣ କରିବା ପାଇଁ ଆଇନ୍‌ର ଲଢ଼େଇ ଜାରି ରଖିବି ବୋଲି ରବି କୁମାର ପ୍ରକାଶ କରିଛନ୍ତି ।

# ୧୯ ବର୍ଷରୁ କମ୍ କ୍ରିକେଟ ଶିବିର ଆଜିଠାରୁ

**କଟକ ଅଫିସ,୧୭।୬**

- ଚୟନକର୍ତ୍ତାଙ୍କ ପାଇଁ ଅଡୁଆ ପରିସ୍ଥିତି
- ଯୋଗଦେଲେ ୨୩୦ରୁ ଉର୍ଦ୍ଧ୍ୱ ଖେଳାଳି

ମଙ୍ଗଳବାରଠାରୁ ଆରମ୍ଭ ହେବ ୧୯ବର୍ଷରୁ କମ୍ ବାଳକ ରାଜ୍ୟ କ୍ରିକେଟ ଦଳର ପ୍ରସ୍ତୁତି ଓ ଚୟନ ଶିବିର । ଆଗାମୀ ସିଜନ ନିମନ୍ତେ ଶିବିରରୁ ଚୂଡ଼ାନ୍ତ ଦଳ ବଛାଯିବ । ଏହି ଜୁନିୟର ବର୍ଗର ଖେଳାଳିମାନେ ହେଉଛନ୍ତି ରାଜ୍ୟ କ୍ରିକେଟର ଆଗାମୀ ଭବିଷ୍ୟତ । ହେଲେ ଖେଳାଳି ବଛାଯିବା କ୍ଷେତ୍ରରେ ଓସିଏ ତରବରିଆ ନୀତି ଆପଣାଇଛି ବୋଲି ଅଭିଯୋଗ ଉଠିଛି । ଯାହା ଉଭୟ ଖେଳାଳି ଓ ଚୟନକର୍ତ୍ତାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ । ଆବଶ୍ୟକଠାରୁ ଅଧିକ ଖେଳାଳି ଏବେ ଏହି ଶିବିରରେ । ଅଧିକ ସଂଖ୍ୟକ ଖେଳାଳି ଶିବିରରେ ଯୋଗ ଦେବା ତ୍ରୁଟି ନୁହେଁ, ମାତ୍ର ଏତେ ଖେଳାଳିଙ୍କ ପ୍ରତିଭାକୁ ପରଖି ଦଳ ଗଠନ କରିବା କ୍ଷେତ୍ରରେ ଚୟନକର୍ତ୍ତାମାନେ ଦୋଛକିରେ ପଡ଼ିପାରନ୍ତି।

ଆଗାମୀ ସିଜନ ନିମନ୍ତେ ଓସିଏ ୧୯ବର୍ଷରୁ କମ୍ ଦଳ ଗଠନ ପ୍ରକ୍ରିୟା ଆରମ୍ଭ କରିଛି । ୧୫ ତାରିଖ ସୁଦ୍ଧା ପ୍ରତ୍ୟେକ ଜିଲାର ଖେଳାଳିମାନେ ରିପୋର୍ଟିଂ କରିବାକୁ ନିର୍ଦ୍ଦେଶ ରହିଥିଲା । ପ୍ରତ୍ୟେକ ଜିଲା ସଂଘ ୪ଜଣ ଲେଖାଏ ଖେଳାଳି ପଠାଇବାକୁ ଓସିଏ ପକ୍ଷରୁ ପ୍ରଦତ୍ତ ଚିଠିରେ ଉଲ୍ଲେଖ ରହିଥିବା ବେଳେ କଟକ ଓ ଭୁବନେଶ୍ୱରରୁ ୮ଜଣ ଲେଖାଏ ଖେଳାଳି ପଠାଇବାକୁ କୁହାଯାଇଥିଲା । ହେଲେ ଖବର ମୁତାବକ ୨୩୦ରୁ ଉର୍ଦ୍ଧ୍ୱ ଖେଳାଳି ରିପୋର୍ଟିଂ କରିଛନ୍ତି । ପ୍ରତ୍ୟେକ ଜିଲା ସଂଘ ୪ଜଣ ଲେଖାଏ ଖେଳାଳି ବଦଳରେ ୭ରୁ ୮ଜଣ ଲେଖାଏ ଖେଳାଳି ପଠାଇଥିବା ବେଳେ ଭୁବନେଶ୍ୱରରୁ ସର୍ବାଧିକ ସଂଖକ ଖେଳାଳି ଯୋଗ ଦେବାକୁ ଚୂଡ଼ାନ୍ତ ହୋଇଛି । ତେବେ କେଉଁ ପରିସ୍ଥିତିରେ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରାଯାଇଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କଟକର ୫ଟି ଗ୍ରାଉଣ୍ଡରେ ଏହି ଶିବିର ଚାଲିବ । ଉକ୍ତ ୫ଟି ଗ୍ରାଉଣ୍ଡ ହେଲା, ବୋଷ, ସନସାଇନ୍, ବିଡ଼ାନାସୀ, ରେଭେନ୍‌ଶା ଓ ନିମପୁର ଗ୍ରାଉଣ୍ଡ। ୨ଟି ଟ୍ରାଏଲ ମ୍ୟାଚ୍ କରାଯାଇ ଖେଳାଳି ଚୟନ କରାଯିବ ବୋଲି ଓସିଏର କାର୍ଯ୍ୟଧାରାରେ ଅଛି । ହେଲେ ମାତ୍ର ୨ଟି ଟ୍ରାଏଲ ମ୍ୟାଚ୍‌ରୁ ଦଳ ବଛାଯିବା ସପକ୍ଷରେ ନାହାନ୍ତି ପୂର୍ବତନ କ୍ରିକେଟର ତଥା କୋଚ୍ ସୌରଜିତ ମହାପାତ୍ର । ସୌରଜିତଙ୍କ କହିବା ଅନୁଯାୟୀ, ଏଭଳି ପରିସ୍ଥିତିରେ ଜଣେ ଖେଳାଳି ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବା ମୁସ୍କିଲ । ଏଣୁ ଓସିଏର ଏହି କାର୍ଯ୍ୟପନ୍ଥା ଫେଲ ମାରିବା ସହ ଜୁନିୟର ବର୍ଗର ଖେଳାଳିମାନେ ମାନସିକ ଭାବେ ଭାଙ୍ଗି ପଡ଼ିବେ । ଯଦି ଜିଲା ସ୍ତରୀୟ ଟୁର୍ନାମେଣ୍ଟ କରାଯାଇ ନାହିଁ ତେବେ ଅଧିକ ଟ୍ରାଏଲ ମ୍ୟାଚ ଖେଳାଯାଉ। ଭଲ ପ୍ରତିଭା ବାଛିବାକୁ ହେଲେ ସମୟର ଆବଶ୍ୟକତା ରହିଛି ବୋଲି ସୌରଜିତ ନିଜ ପ୍ରତିକ୍ରିୟାରେ କହିଛନ୍ତି । ଜୁନିୟର ଚୟନକର୍ତ୍ତା କମିଟିର ଅଧ୍ୟକ୍ଷ ଦୀପକ ମଙ୍ଗରାଜଙ୍କୁ ପଚାରିବାରୁ ସେ କହିଥିଲେ, ପ୍ରତ୍ୟେକ ଖେଳାଳିଙ୍କ ପ୍ରତିଭା ନିକଟରେ ପହଞ୍ଚିବାକୁ ଯଥା ସମ୍ଭବ ଚେଷ୍ଟା କରାଯିବ । ଶ୍ରେଷ୍ଠ ଦଳ ବଛାଯିବା ସମସ୍ତଙ୍କ ଲକ୍ଷ୍ୟ । ଦଳ ବାଛିବା କ୍ଷେତ୍ରରେ ଆଦୌ ଭୁଲ ହେବ ନାହିଁ ବୋଲି ଦୀପକ ମତ ଦେଇଛନ୍ତି ।




## ଜାତୀୟ ଶିବିରରେ ଜବାମଣୀ ଟୁଡୁ

**କଟକ ଅଫିସ,୧୭।୬:** ଜୁଲାଇ ୧ରୁ ୧୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଏଏଫ୍‌ସି ମହିଳା ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ନିମନ୍ତେ ଜାତୀୟ ଦଳର ପ୍ରସ୍ତୁତ ଶିବିର ଅନୁଷ୍ଠିତ ହେବ । ଜାତୀୟ ଶିବିରରେ ଜବାମଣୀ ଟୁଡୁଙ୍କୁ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସ୍ଥାନ ମିଳିଛି । ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ସଞ୍ଜୟ ବେହେରା ଜବାମଣୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ସ୍ୱତନ୍ତ୍ର ତାଲିକାରେ ବିଜୟ ଶଙ୍କର

**ମାଞ୍ଚେଷ୍ଟର,୧୭।୬**

ଭାରତୀୟ ଅଲରାଉଣ୍ଡର ବିଜୟ ଶଙ୍କର ବିଶ୍ୱକପ୍ ଇତିହାସର ୩ୟ ବୋଲର ଭାବେ ପ୍ରଥମ ବଲରେ ଉଇକେଟ ନେବାର ସଫଳତା ପାଇଛନ୍ତି। ଏଠାରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ବିଶ୍ୱକପ୍ ମ୍ୟାଚ୍‌ର ୫ମ ଓଭରରେ ଇମାମ ଉଲ୍ ହକ୍‌ଙ୍କୁ ଆଉଟ୍‌କରି ସେ ଏହି ଏଲିଟ୍ ତାଲିକାରେ ସ୍ଥାନ ପାଇବାର ସୌଭାଗ୍ୟ ଲାଭ କରିଛନ୍ତି। ମ୍ୟାଚ୍‌ର ୪.୪ ଓଭରରେ ଭୁବନେଶ୍ୱର କୁମାର ଆହତ ହୋଇ ପ୍ୟାଭିଲିଅନ ଫେରିଯାଇଥିଲେ। ତାଙ୍କ ଓଭର ପୂରା କରିବା ଲାଗି ବିଜୟଙ୍କୁ ଡକରା ଦେଇଥିଲେ ଅଧିନାୟକ ବିରାଟ କୋହଲି। ସେ ପ୍ରଥମ ବଲରେ ବାମହାତୀ ବ୍ୟାଟ୍ସମ୍ୟାନ ଇମାମଙ୍କୁ ଏଲ୍‌ବିଡବ୍ଲ୍ୟୁ କରିଥିଲେ। ସ୍ୱତନ୍ତ୍ର ତାଲିକାରେ ଶଙ୍କରଙ୍କ ବ୍ୟତୀତ ବରମୁଡାର ମାଲଚି ଜୋନ୍ସ ଓ ଅଷ୍ଟ୍ରେଲିଆର ଇଆନ ହାର୍ଭି ରହିଛନ୍ତି। ୨୦୦୭ ବିଶ୍ୱକପ୍ ସଂସ୍କରଣରେ ବରମୁଡାର ଜୋନ୍ସ ଭାରତୀୟ ବ୍ୟାଟ୍ସମ୍ୟାନ ରବିନ ଉଥପ୍ପାଙ୍କୁ ବିଶ୍ୱକପ୍‌ର ପ୍ରଥମ ବଲରେ ଆଉଟ୍ କରିଥିଲେ। ହାର୍ଭି ବିଶ୍ୱକପ୍‌ରେ ବୋଲିଂ କରିଥିବା ପ୍ରଥମ ବଲରେ ପାକିସ୍ତାନୀ ବ୍ୟାଟ୍ସମ୍ୟାନ ସଲିମ ଇଲାହିଙ୍କୁ ପ୍ୟାଭିଲିଅନ ବାଟ ଦେଖାଇଥିଲେ।

## ଗୋଲ୍ ରୂପାନ୍ତର ହାର ବୃଦ୍ଧିକୁ ମାରିଜନେଙ୍କ ଗୁରୁତ୍ୱ

**ହୀରୋଶିମା (ଜାପାନ), ୧୭।୬ (ପି.ଟି.)**



ଭାରତୀୟ ମହିଳା ହକି ଦଳକୁ ଏହାର ଗୋଲ ରୁପାନ୍ତର ହାରରେ ବୃଦ୍ଧି ଆବଶ୍ୟକତା ରହିଛି ବୋଲି ଦଳର ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ କହିଛନ୍ତି। ଚଳିତ ଏଫ୍‌ଆଇଏଚ୍ ମହିଳା ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଭାରତ ମଙ୍ଗଳବାର ଗ୍ରୁପ୍ ଏ'ରେ ଏହା ଶେଷ ମ୍ୟାଚ ନିମ୍ନ ର୍‍ୟାଙ୍କିଂପ୍ରାପ୍ତ ଫିଜି ସହ ମୁକାବିଲା କରିବ। ଏହି ମ୍ୟାଚରେ ବିଜୟ ହାସଲ କରିପାରିଲେ ଦଳ ସେମିଫାଇନାଲରେ ସ୍ଥାନ ପକ୍କା କରିପାରିବ। ବିଶ୍ୱର ୯ ନମ୍ବର ର୍‍ୟାଙ୍କିଂପ୍ରାପ୍ତ ଭାରତ ଏହି ଟୁର୍ନାମେଣ୍ଟରେ ହେଉଛି ସର୍ବୋଚ୍ଚ ର୍‍ୟାଙ୍କିଂପ୍ରାପ୍ତ ଦଳ। ଭାରତ ପୂର୍ବରୁ ଉରୁଗୁଏକୁ ୪-୧ ଏବଂ ପୋଲାଣ୍ଡକୁ ୫-୦ ଗୋଲରେ ପରାସ୍ତ କରି ସାରିଛି। ବିଶ୍ୱର ୪୪ ନମ୍ବର ମାନ୍ୟତାପ୍ରାପ୍ତ ଫିଜି ଭାରତ ପାଇଁ କୌଣସି ସମସ୍ୟା ସୃଷ୍ଟି କରିବ ନାହିଁ। କିନ୍ତୁ ଦଳ ଯଦି ଏହାର ଗୋଲ ରୁପାନ୍ତର ହାର ବୃଦ୍ଧି କରେ ତେବେ ମ୍ୟାଚ ଜିତିବା ଆହୁରି ସହଜ ହୋଇପଡ଼ିବ। ମରିଜନେ ପ୍ରଥମ ଦୁଇଟି ମ୍ୟାଚରେ ଦଳର ପ୍ରଦର୍ଶନ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଦଳ ଅନେକ ଫିଲ୍ଡ ଗୋଲ ଏବଂ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିପାରିଛି। ଖେଳାଳିମାନେ ସଂଗଠିତ ହୋଇ ଉପଯୁକ୍ତ ସମନ୍ୱୟ ରକ୍ଷା କରିବ ଖେଳିବା ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ପ୍ରତ୍ୟେକ ଖେଳାଳି ଭଲ ପ୍ରଦର୍ଶନ କରିବା ସୁଯୋଗ ପାଇ ପାରିବେ। ୪୫ ବର୍ଷୀୟ ମାରିଜନେ କହିଛନ୍ତି ଟୁର୍ନାମେଣ୍ଟରେ ଭାରତ ସମସ୍ତ ମ୍ୟାଚରେ ବିଜୟ ହାସଲ କରିବା ଲାଗି ଲକ୍ଷ୍ୟ ରଖିଥିବାବେଳେ କୌଣସି ଦଳକୁ ହାଲ୍‌କା ଭାବେ ନେବ ନାହିଁ।

# ସେମିଫାଇନାଲ ଲକ୍ଷ୍ୟରେ ଇଂଲଣ୍ଡ

**ମାଞ୍ଚେଷ୍ଟର, ୧୭।୬(ପି.ଟି.)**




**ଆଜିର ମ୍ୟାଚ୍**
ଇଂଲଣ୍ଡ
ବନାମ
ଆଫଗାନିସ୍ତାନ
ସ୍ଥାନ
ମାଞ୍ଚେଷ୍ଟର
ସମୟ ଅପରାହ୍ନ
୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଚଳିତ ଆଇସିସି ବିଶ୍ୱକପ୍‌ର ୨୪ତମ ମ୍ୟାଚ୍‌ରେ ମଙ୍ଗଳବାର ଆୟୋଜକ ଇଂଲଣ୍ଡ ଓ ନିମ୍ନ ମାନ୍ୟତାପ୍ରାପ୍ତ ଟିମ୍ ଆଫଗାନିସ୍ତାନ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ଆଘାତଜନିତ ସମସ୍ୟା ଦେଇ ଗତି କରୁଥିବା ଇଅନ ମୋର୍ଗାନଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ବର୍ତ୍ତମାନ ସୁଦ୍ଧା ପ୍ରତିଯୋଗିତାରେ ୪ ମ୍ୟାଚ୍‌ରୁ ୩ ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ପାଇ ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଅପରପକ୍ଷରେ ଏସୀୟ ଦଳ ଆଫଗାନିସ୍ତାନ ଟୁର୍ନାମେଣ୍ଟରେ ଏହାର ଆରମ୍ଭ ବେଶ୍ ନୈରାଶ୍ୟଜନକ କରିଛି। ଯୁବ ଖେଳାଳିଙ୍କୁ ନେଇ ଗଠିତ ଆଫଗାନିସ୍ତାନ ଏହାର ପ୍ରଥମ ୪ ମୁକାବିଲାରେ ପରାଜୟବରଣ କରି ୧୦ ଦଳୀୟ ଟେବୁଲ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ଅପେକ୍ଷାକୃତ ଦୁର୍ବଳ ଆଫଗାନିସ୍ତାନକୁ ଏହି ମ୍ୟାଚ୍‌ରେ ପରାସ୍ତ କରି ଇଂଲଣ୍ଡ ସେମିଫାଇନାଲ ନିକଟତର ହେବା ଲକ୍ଷ୍ୟ ରଖିଛି।

ଘରୋଇ ଇଂଲଣ୍ଡ ଆଘାତଜନିତ ସମସ୍ୟା ଦେଇ ଗତି କରୁଛି। ଅଧିନାୟକ ମୋର୍ଗାନ ୱେଷ୍ଟଇଣ୍ଡିଜ ବିପକ୍ଷ ପୂର୍ବ ମ୍ୟାଚ୍‌ରେ ପିଠିଜନିତ ଯନ୍ତ୍ରଣା ଲାଗି ମ୍ୟାଚ୍ ଅଧାରୁ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ସେହିଭଳି ଓପ୍ନିଂ ବ୍ୟାଟ୍ସମ୍ୟାନ ଜାସନ ରୟଙ୍କ ମାଂସପେଶୀ ଟାଣି ହୋଇଯିବାରୁ ସେ ମଧ୍ୟ ସେହି ସମାନ ମ୍ୟାଚ୍‌ରେ ପଡ଼ିଆ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ଯଦି ମଙ୍ଗଳବାର ମ୍ୟାଚ୍ ପୂର୍ବରୁ ମୋର୍ଗାନ ସମ୍ପୂର୍ଣ୍ଣ ଫିଟ୍ ନ ହୁଅନ୍ତି, ତେବେ ଉପଅଧିନାୟକ ଦାୟିତ୍ୱ ସମ୍ଭାଳୁଥିବା ଜୋସ୍ ବଟ୍‌ଲର ଦଳର ନେତୃତ୍ୱଭାର ନେବା ଏକପ୍ରକାର ନିଶ୍ଚିତ ହୋଇଛି। ସେହିଭଳି ଅତିରିକ୍ତ ଖେଳାଳି ଭାବେ ବାହାରେ ବସି ଆସୁଥିବା ଟମ୍ କୁରାନ ଓ ମୋଇନ୍ ଅଲୀଙ୍କୁ ସୁଯୋଗ ମିଳିପାରେ।

ଅପରପକ୍ଷରେ ଗୁଲବଦିନ ନାଇବଙ୍କ ନେତୃତ୍ୱାଧୀନ ଆଫଗାନିସ୍ତାନ କ୍ରିକେଟ୍‌ର ଏହି ମହାକୁମ୍ଭରେ ପ୍ରଥମ ବିଜୟସ୍ୱାଦ ଚାଖିବା ଲକ୍ଷ୍ୟରେ ବ୍ୟାକୁଳ ରହିଛି। ଦ୍ୱିତୀୟଥର ଲାଗି ଆଇସିସି ବିଶ୍ୱକପ୍ ଖେଳୁଥିବା ଏହି ଯୁଦ୍ଧପ୍ରବଣ ଦେଶ ଚଳିତ ସଂସ୍କରଣରେ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ନିକଟରୁ ପରାଜୟ ବରଣ କରିସାରିଛି। ଆଫଗାନିସ୍ତାନ ଏହାର ବ୍ୟାଟିଂ ସମସ୍ୟାକୁ ନେଇ ବେଶ୍ ଚିନ୍ତିତ ରହିଛି। ଦଳ ଖେଳିଥିବା ଏହାର ୪ଟି ମ୍ୟାଚ୍‌ରେ ୪୦ ଓଭରରୁ ଅଧିକ ବ୍ୟାଟିଂ କରିବାକୁ ଅସମର୍ଥ ହୋଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଓପ୍‌ନର ହଜରତ୍‌ଉଲ୍ଲା ଜାଜାଇ ଓ ନୁର୍ ଅଲି ଜର୍ଡାନ୍ ଦମ୍‌ଦାର ଆରମ୍ଭ କରିଥିଲେ। ଓଲ୍ଡ ଟ୍ରାଫୋର୍ଡ କଣ୍ଡିଶନ ସ୍ପିନରଙ୍କୁ ସହାୟତା କରୁଥିବାରୁ ରଶିଦ୍‌ଙ୍କ ସମେତ ମହମ୍ମଦ ନବି ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କୁ ଚକ୍‌ମା ଦେଖାଇବା ଲକ୍ଷ୍ୟରେ ରହିଛନ୍ତି।

### ଜାସନ ରୟ ୨ ମ୍ୟାଚ୍‌ରୁ ବାଦ୍

ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍ ପର୍ବରୁ ଘରୋଇ ଇଂଲଣ୍ଡ ଦଳକୁ ସୋମବାର ଶକ୍ତ ଧକ୍କା ଲାଗିଛି। ଇନ୍‌ଫର୍ମ ଓପ୍‌ନର ଜାସନ ରୟ ଆଘାତଜନିତ ସମସ୍ୟା ଲାଗି ଇଂଲଣ୍ଡର ପରବର୍ତ୍ତୀ ୨ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି ବୋଲି ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ କୁହାଯାଇଛି। ଶୁକ୍ରବାର ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚରେ ଫିଲ୍ଡିଂ କରୁଥିବା ସମୟରେ ଜାସନଙ୍କ ମାଂସପେଶୀ ଟାଣି ହୋଇଯାଇଥିଲା। ଫଳରେ ସେ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ସେ ସମ୍ପୂର୍ଣ୍ଣ ଫିଟ୍ ହୋଇ ନ ଥିବାରୁ ଆଫଗାନିସ୍ତାନ (ଜୁନ୍ ୧୮) ଓ ଶ୍ରୀଲଙ୍କା (ଜୁନ୍ ୨୧) ବିପକ୍ଷରେ ଖେଳାଯିବାକୁ ଥିବା ୨ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ରୟ ଦକ୍ଷିଣ ଆଫ୍ରିକା ବିପକ୍ଷ ଉଦ୍‌ଘାଟନୀ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିବାବେଳେ ବାଂଲାଦେଶ ବିପକ୍ଷରେ ୧୫୩ ରନ୍‌ର ମାରାଥନ ଇନିଂସ୍ ଖେଳିଥିଲେ।

# ମହୁଲଗଛ ତଳୁ ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ



ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛି।

**ଲାଞ୍ଜିଗଡ଼,୧୭।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ବାତେଲିମା ପଞ୍ଚାୟତ ବୋରିଙ୍ଗପଦର-ଟୁରିଗୁଡା ନୀଳଗିରି ପଡ଼ିଆରେ ଥିବା ଏକ ମହୁଲଗଛ ତଳୁ ସୋମବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ବୋରିଙ୍ଗପଦର ଗାଁର କୃଷ୍ଣ ସାହୁ (୩୦) । ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି ।

ସୂଚନାନୁଯାୟୀ, କୃଷ୍ଣ ଅଟୋରିକ୍ସା ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ । ରବିବାର ସନ୍ଧ୍ୟାରେ ସେ ପୁଅ ଓ ଝିଅଙ୍କୁ ନେଇ ରାୟଗଡ଼ା ଜିଲା ଦହିଖାଲ ନିକଟସ୍ଥ ଡୁର୍କିଲିମା ଗାଁ ଶ୍ୱଶୁର ଘରକୁ ଯାଇଥିଲେ। ରାତିରେ ସେଠାରୁ ସେ ଆଉ ଘରକୁ ଫେରି ନ ଥିଲେ। ସୋମବାର ସକାଳୁ ଗାଁ ନିକଟସ୍ଥ ନୀଳଗିରି ପଡିଆ ପାଖରେ ଥିବା ମହୁଲଗଛ ତଳେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଗାଁର କେତେଜଣ ଲୋକ ଜଙ୍ଗଲକୁ ଟୋଲ ଗୋଟାଇବାକୁ ଯାଇଥିବାବେଳେ ତାଙ୍କ ମୃତଦେହ ଦେଖି ଘରକୁ ଖବର ଦେଇଥିଲେ। ଏହାପରେ କୃଷ୍ଣଙ୍କ ସ୍ତ୍ରୀ ଭୂମିସୁତା ଥାନାରେ ଏତଲା ଦେଇଥିଲେ। ଏସ୍‌ଆଇ ବିପିନ କୁଲଦୀପ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଥିଲେ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇଙ୍କ ସମେତ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ତନାଘନା ଆରମ୍ଭ କରିଛନ୍ତି। ଏ ନେଇ ଲାଞ୍ଜିଗଡ଼ ଥାନାରେ ଏକ ମାମଲା (ନଂ. ୨୧/୨୦୧୯) ରୁଜୁ ହୋଇଛି । ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରୁଥିବାବେଳେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କାହାରିଙ୍କୁ ଗିରଫ କରାଯାଇ ନାହିଁ ।




■ଯୁବତୀଙ୍କୁ ଗଣବଳାତ୍କାର ଘଟଣା

# ୨ ମୁଖ୍ୟ ଅଭିଯୁକ୍ତ ଜେଲଗଲେ



ଗିରଫ ଦୁଇ ଅଭିଯୁକ୍ତ ।

**ସୋନପୁର,୧୭।୬(ନି.ପ୍ର.)**

ସୁବର୍ଣ୍ଣପୁର ସହରର ଜଣେ ଯୁବତୀଙ୍କୁ ଗଣବଳାତ୍କାର ଘଟଣାରେ ପୋଲିସ ୨ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ବିଚାରପତି ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରିବାରୁ ସେମାନଙ୍କୁ ସୋନପୁର ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି । ଗିରଫ ଅଭିଯୁକ୍ତ ହେଲେ ସହର ସ୍ଥିତ ଝୁପୁଡିପଡାର ସୁଶାନ୍ତ ବାଗ(୨୫) ଓ ରୁନୁ ନାଗ(୨୫)। ସହଯୋଗୀ ରଥି ବାଗ(୨୪) ଫେରାର ହୋଇଯାଇଛନ୍ତି । ତାଙ୍କୁ ଧରିବାକୁ ପୋଲିସ ତନାଘନା ଜାରି ରଖିଛି। ରବିବାର ପୀଡିତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିବା ବେଳେ ପୋଲିସ ସୋମବାର ସୁଶାନ୍ତ ଓ ରୁନୁଙ୍କ ଡାକ୍ତରୀ ପରୀକ୍ଷା କରାଇଛି। ସୋମବାର ସକାଳେ ଏସ୍‌ପି ଦେବୀପ୍ରସାଦ ଦାଶ, ଡିଏସ୍‌ପି କ୍ରାଇମ୍ ଆଣ୍ଟୋନୀ ତିର୍କୀ, ସୋନପୁର ଏସ୍‌ଡିପିଓ ମିହିର କୁମାର ପଣ୍ଡା ଓ ଆଇଆଇସି ଲୋକେଶ କୁମାର ସାହୁ ପ୍ରମୁଖ ପୀଡିତାଙ୍କୁ ବଳାତ୍କାର କରାଯାଇଥିବା ସ୍ଥାନକୁ ଯାଇ ତଦନ୍ତ କରିଥିଲେ। ଶନିବାର ରାତି ୯ଟାରେ ଯୁବତୀ ଗଣବଳାତ୍କାରର ଶିକାର ହୋଇଥିଲେ। ସହରର ଏକ ପୋଷାକ ଦୋକାନରେ ସେଲସ୍ ମ୍ୟାନ ଭାବେ କାମ କରୁଥିବା ଉକ୍ତ ଯୁବତୀ ସାଇକେଲରେ ଘରକୁ ଫେରୁଥିବା ସମୟରେ ୩ ଅଭିଯୁକ୍ତ ତାଙ୍କୁ ଟେକି ନେଇଥିଲେ। ରୟାଲ ପଡିଆ ନିକଟସ୍ଥ ଜିମ୍ ପାର୍ଶ୍ୱରେ ତାଙ୍କୁ ସୁଶାନ୍ତ ଓ ରୁନୁ ବଳାତ୍କାର କରିଥିଲେ। ଫେରାର ଥିବା ରଥି ମୋବାଇଲରେ ବଳାତ୍କାରର ଦୃଶ୍ୟକୁ ଉତ୍ତୋଳନ କରିଥିବା ଅଭିଯୋଗ ହୋଇଥିଲା। ଥାନାରେ ଅଭିଯୋଗ କଲେ ପୀଡିତାଙ୍କୁ ଜୀବନରୁ ମାରିଦେବାକୁ ଅଭିଯୁକ୍ତମାନେ ଧମକ ଦେଇଥିଲେ। ପୀଡିତା ସୋନପୁର ଥାନାରେ ରବିବାର ଲିଖିତ ଅଭିଯୋଗ କରିଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ସଂକ୍ଷେପରେ



### ମନମୁଣ୍ଡା ଅଞ୍ଚଳରେ ଜଗନ୍ନାଥଙ୍କ ସ୍ନାନଯାତ୍ରା

ମନମୁଣ୍ଡା, ୧୭।୬ (ଡି.ଏନ.ଏ)
ବୌଦ୍ଧ ଜିଲା ମନମୁଣ୍ଡା ସ୍ଥିତ ଦଧିବାମନ ଜୀଉ ମନ୍ଦିରରେ ପୂଜକ ଗୋପୀନାଥ ହୋତା ସକାଳେ ଶ୍ରୀ ଜଗନ୍ନାଥଙ୍କ ମଙ୍ଗଳାର୍ପଣ, ଡେରାଲାଗି ଓ ପୁଷ୍ପାଞ୍ଜଳି କରିଥିଲେ । ପରେ ବ୍ରାହ୍ମଣ ନିରଞ୍ଜନ ହୋତା ଏବଂ ଶିବପ୍ରସାଦ ରଥ ମହାପ୍ରଭୁଙ୍କୁ ରତ୍ନବେଦୀରୁ ସ୍ନାନବେଦୀକୁ ପହଣ୍ଡି କରି ଆଣିଥିଲେ । ସ୍ନାନ ମଣ୍ଡପରେ ବିଶ୍ୱନିୟନ୍ତାଙ୍କ ନୀତିକାନ୍ତି ସରିବା ପରେ ଜଗନ୍ନାଥଙ୍କୁ ୩୩ ଗଡୁ ପବିତ୍ର ଜଳରେ ସ୍ନାନ କରାଯାଇଥିଲା । ପରେ ଜଗନ୍ନାଥଙ୍କୁ ଅଣସର ପିଣ୍ଡିକୁ ପହଣ୍ଡି କରି ବିଜେ କରାଇଥିଲେ । ମନ୍ଦିର କମିଟି ସଭ୍ୟ ଗଣେଷ ଚନ୍ଦ୍ର ତ୍ରିପାଠୀ, ବିପ୍ର ଚରଣ ବେହେରା, ବ୍ରାହ୍ମଣ ସମାଜ ସଭାପତି ସତ୍ୟନାରାୟଣ ପାଣିଗ୍ରାହୀ, ସମ୍ପାଦକ ବୈଦ୍ୟନାଥ ହୋତା ପ୍ରମୁଖ ସହଯୋଗ କରିଥିଲେ ।

# ମଣ୍ଡିରୁ ଉଠୁନି ଧାନ

- ବୀରମହାରାଜପୁର ଉପଖଣ୍ଡ
- ଦୁର୍ଦ୍ଦିନରେ ଚାଷୀକୁଳ
- ପଡିରହିଛି ହଜାର ହଜାର ବସ୍ତା ଧାନ

ଅମରପାଲି, ୧୭।୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ କରାଯାଇଥିବା ଡାଲୁଅ ଚାଷର ଉତ୍ପାଦିତ ଧାନ ସହାୟକ ମୂଲ୍ୟରେ ବିକ୍ରି କରିବା ପାଇଁ ସ୍ଥାନୀୟ ଚାଷୀ ଦୁର୍ଦ୍ଦିନର ସମ୍ମୁଖୀନ ହୋଇଛନ୍ତି । ମଣ୍ଡିକୁ ବିକ୍ରି ସକାଶେ ଆସିଥିବା ଧାନ ମଧ୍ୟରୁ ଏବେବି ବହୁଧାନ ବିକ୍ରି ହୋଇ ନ ପାରି ଗଦା ହୋଇ ରହିଛି । ମିଲର୍ସଙ୍କ ଅସହଯୋଗ ହେତୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଚାଷୀମାନେ ପ୍ରଚଣ୍ଡ ଖରାରେ ସେମାନଙ୍କ ଧାନବସ୍ତାଗୁଡିକ ଜଗି ରହିଥିବା ବେଳେ ଏବେ ବର୍ଷା ଆସିଯାଇଥିବାରୁ ଚିନ୍ତାରେ ପଡିଯାଇଛନ୍ତି । ଏ ସମ୍ପର୍କରେ ଯୋଗାଣ ବିଭାଗ କଥା ହେଲା ପଡି ରହିଥିବା ଧାନର ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାପାଇଁ ଜିଲା ମିଲର୍ସଙ୍କ ବ୍ୟତୀତ ସମ୍ବଲପୁର ମିଲର୍ସ ମାନଙ୍କୁ ଯୋଡାଯାଇଛି ।

ସଂଗୃହୀତ ତଥ୍ୟ ଅନୁଯାଇ ଚଳିତ ବର୍ଷ ରବିଧାନ ସଂଗ୍ରହ ନିମନ୍ତେ ବୀରମହାରାଜପୁର ଉପଖଣ୍ଡ ପାଇଁ ଉଲୁଣ୍ଡା ବ୍ଲକରେ ୯ ଏବଂ


ହିଲୁଙ୍ଗ ପ୍ୟାକ୍ସରେ ବିକ୍ରିପାଇଁ ଆସି ପଡି ରହିଥିବା ଧାନବସ୍ତା ।

ବୀରମହାରାଜପୁର ବ୍ଲକରେ ୬ଟି ମଣ୍ଡି ଖୋଲାଯାଇଛି । ଏସବୁ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ମାଧ୍ୟମରେ ରାଜ୍ୟ ଯୋଗାଣ ନିଗମ ୧କୋଟି ୫୭ ଲକ୍ଷ ୬୭ ହଜାର ୩୫୭ କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ କିଣା ସରିଛି । ଏହିକ୍ରମରେ ଉଲୁଣ୍ଡା ବ୍ଲକର ଏସ୍.ପତ୍ରାପାଲି ପ୍ୟାକ୍ସ ସମୁଦାୟ ୧୫୭୩୪.୨୦ କୁଇଣ୍ଟାଲ, କୋଟସମଲାଇ ୨୪୨୯୯.୧୧ କୁଇଣ୍ଟାଲ, ମହଦା ୭୬୪୮.୭୬ କୁଇଣ୍ଟାଲ, ଚଡେଇପଙ୍କ ୨୭୫୬୧.୩୮ କୁଇଣ୍ଟାଲ, ରକ୍ସା ୨୫୦୫.୧୪ କୁଇଣ୍ଟାଲ, କଳାପଥର ୧୪୧୧୪.୭୬ କୁଇଣ୍ଟାଲ, ବିସିପଡା ୯୦୩୪.୨୩ କୁଇଣ୍ଟାଲ, ଜାଲଏ ୧୯୨୦୪.୬୦ କୁଇଣ୍ଟାଲ ଏବଂ ପଞ୍ଚମହଲା ପ୍ୟାକ୍ସ ୧୭୨୦୨.୫୦ କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ ସଂଗ୍ରହ କରି ସାରିଥିବା ଅତିରିକ୍ତ ଯୋଗାଣ ଅଧିକାରୀ ସୁବୋଧ କୁମାର ହୋତାଙ୍କଠାରୁ ପ୍ରକାଶ । ତାଙ୍କଠାରୁ ମିଳିଥିବା ସୂଚନାମତେ ବୀରମହାରାଜପୁର ବ୍ଲକର ମୁଷ୍ଟୁଣୀ ପ୍ୟାକ୍ସ ଜରିଆରେ ୧୮୦୯.୧୮ କୁଇଣ୍ଟାଲ, ହିଲୁଙ୍ଗରେ ୨୨୫୯.୦୬ କୁଇଣ୍ଟାଲ, କେଞ୍ଝରିଆପାଲି ୪୧୪୧.୬୫ କୁଇଣ୍ଟାଲ, ବହଳପଦର ୧୧୨୪୨.୪୮ କୁଇଣ୍ଟାଲ, ଉଫୁଲା ୬୧୭.୨୭ କୁଇଣ୍ଟାଲ ଏବଂ ବାଗବର ପ୍ୟାକ୍ସ ୨୯୯.୨୫ କୁଇଣ୍ଟାଲ ଧାନ କିଣା ସରିଛି । ତାସତ୍ତ୍ୱେ ଏବେବି ବିଭିନ୍ନ ମଣ୍ଡିରେ ପଡି ରହିଥିବା ଧାନବସ୍ତା ଗୁଡିକ ସରକାରଙ୍କ ସହାୟକ ମୂଲ୍ୟରେ କିଣିବାକୁ ତ୍ୱରାନ୍ୱିତ ପଦକ୍ଷେପ ନିଆଯାଇଛି । ଗତ ଶୁକ୍ରବାରଠାରୁ ସମ୍ବଲପୁର ମିଲର୍ସଙ୍କ ଗାଡି ବିଭିନ୍ନ ମଣ୍ଡିରେ ପହଞ୍ଚିବା ଆରମ୍ଭ କରିଛନ୍ତି ବୋଲି ଏସିଏସ୍‌ଓ ହୋତା ସୂଚିତ କରିଛନ୍ତି । ତେବେ ବିଗତ ତିନିଦିନ ହେଲା ସାରା ଅଞ୍ଚଳରେ ବିକ୍ଷିପ୍ତ ବର୍ଷା ଆରମ୍ଭ ହୋଇଥିବାରୁ ଖୋଲା ଆକାଶତଳେ ପଡି ରହିଥିବା ଧାନ ବସ୍ତାଗୁଡିକ ନଷ୍ଟ ହେବାର ଆଶଙ୍କା ରହିଛି । ସେଥିଯୋଗୁଁ ଚାଷୀକୂଳ ଛାନିଆ ହୋଇ ପଡିଛନ୍ତି ।


ସୋନପୁର ଗଡଭିତର ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ମହାସ୍ନାନ ।

## ସୁବର୍ଣ୍ଣପୁରରେ ଶ୍ରୀଜୀଉଙ୍କ ମହାସ୍ନାନ

ସୋନପୁର,୧୭।୬(ନି.ପ୍ର.)

ପବିତ୍ର ଦେବସ୍ନାନ ପୂର୍ଣ୍ଣମୀ ଅବସରରେ ସୁବର୍ଣ୍ଣପୁରରେ ଶ୍ରୀଜୀଉଙ୍କ ମହାସ୍ନାନ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ସହରର ଗଡଭିତର ଜଗନ୍ନାଥ ମନ୍ଦିର, ଘୋଟାଘାଟପଡାର ଦଧିବାମନ ମନ୍ଦିର ଓ ରାୟଗୁରୁପଡାର ବୃନ୍ଦାବନ ବିହାରୀ ମନ୍ଦିର ଅଧିକ ଚଳଚଞ୍ଚଳ ହୋଇ ଉଠିଥିଲା । ସକାଳେ ତିନି ଠାକୁରଙ୍କୁ ସ୍ନାନ ମଣ୍ଡପକୁ ନିଆଯାଇଥିଲା । ମନ୍ଦିରର ପୂଜକମାନେ ଚନ୍ଦନ, ଖୁଆ କର୍ପୁର ଓ କେଶର ଇତ୍ୟାଦି ସୁଗନ୍ଧ ମିଶ୍ରିତ ୧୦୮ କଳସ ଜଳରେ ବିଧି ଅନୁଯାୟୀ ମହାପ୍ରଭୁଙ୍କୁ ସ୍ନାନ କରାଇଥିଲେ । ପରେ ନୀତି ଅନୁସାରେ ପୂଜା ହେବା ସହିତ ବାଳଭୋଗ ଲାଗିଥିଲା । ଶତାଧିକ ମହିଳା ପୁରୁଷ ଆରତୀ ସମୟରେ ଦର୍ଶନ କରିଥିଲେ । ମଧ୍ୟାହ୍ନରେ ଅନ୍ନଭୋଗ ଲାଗିଥିଲା । ତେବେ ସ୍ନାନ ପରେ ଠାକୁର ଜ୍ୱରରେ ପଡିବାରୁ ସେମାନଙ୍କୁ ଅନବସର ବା ଅଣସର ଘରକୁ ନିଆଯାଇଛି । ଆଜିଠାରୁ ମହାପ୍ରଭୁଙ୍କ ଅନବସର ଆରମ୍ଭ ହୋଇଛି । ଏହି ସମୟରେ ଠାକୁରଙ୍କ ପାଖରେ ଅନ୍ନପ୍ରସାଦ ଭୋଗ ହୁଏ ନାହିଁ । ପନ୍ଦର ଦିନ ଧରି ଅନବସର ପରେ ଜୁଲାଇ ୨ରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ, ୪ରେ ମହାପ୍ରଭୁଙ୍କ ପହଣ୍ଡି ବିଜେ, ୫ ତାରିଖରେ ରଥଟଣା ହୋଇ ମାଉସୀ ମା' ମନ୍ଦିରରେ ବିଜେ ହେବେ । ଗଡଭିତର ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ରାମଗୋପାଳ ପୂଜାହାରୀଙ୍କ କହିବା ଅନୁଯାୟୀ କୋଟସମଲେଇର ପାତାଳି ଶ୍ରୀକ୍ଷେତ୍ରରୁ ମହାପ୍ରଭୁଙ୍କ ବ୍ରହ୍ମପୁରୀକୁ ନିଆ ଯାଇଥିବା ବେଳେ ଦାରୁଙ୍କୁ ସୋନପୁର ମହାରାଜା ଆଣି ଏଠାରେ ପ୍ରତିଷ୍ଠା କରିଥିଲେ । ତେଣୁ ଏଠାରେ ଠାକୁରଙ୍କ ନବକଳେବର ହୁଏ ନାହିଁ । ରାଜାରାଜୁଡା ସମୟରେ ରାଜପ୍ରସାଦର ଭଣ୍ଡାର ଘରୁ ଭୋଗ ଓ ପୂଜା ସାମଗ୍ରୀ ଆସୁଥିଲା । ଏବେ ରଥଯାତ୍ରା ସମୟରେ ଦେବୋତ୍ତର ବିଭାଗ ତାହା ଯୋଗାଇ ଆସୁଛି ବୋଲି ପୂଜାହାରୀ କହିଛନ୍ତି । ୨୦୧୩ରେ ଦେବସ୍ନାନ ପୂର୍ଣ୍ଣମୀ ସୋନପୁରବାସୀଙ୍କ ପାଇଁ ଏକ ସ୍ମରଣୀୟ ଦିନ ଥିଲା । ସହର ପାର୍ଶ୍ୱ ଦେଇ ବହି ଯାଇଥିବା ଚିରସ୍ରୋତା ମହାନଦୀ ଗର୍ଭରୁ ଜଗନ୍ନାଥଙ୍କର ଏକ ଦାରୁବ୍ରହ୍ମ ମୂର୍ତ୍ତି ଅକ୍ଷତ ଅବସ୍ଥାରେ ଉଦ୍ଧାର ହୋଇଥିଲେ । ଏହି ମୂର୍ତ୍ତି ଏବେ ବୃନ୍ଦାବନ ବିହାରୀ ମନ୍ଦିରରେ ପୂଜା ପାଇବା ସହିତ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି । ଜିଲାର ପାତାଳି ଶ୍ରୀକ୍ଷେତ୍ର, ବିନିକା, ବୀରମହାରାଜପୁର, ତରଭା, ଖର୍ଜୁରା, ନାରାୟଣପୁର, ଦେଉଳପଦର, ଗଡିଆ, ମଲିକମୁଣ୍ଡା, ଲଛିପୁର ଓ ଖଲିଆପାଲିସ୍ଥିତ ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣମା ନୀତି ଅନୁଯାୟୀ ଅନୁଷ୍ଠିତ ହୋଇଛି ।

## ବିଭିନ୍ନ ସ୍ଥାନରେ ଦେବସ୍ନାନ ପୂର୍ଣ୍ଣିମା

ଅମରପାଲି, ୧୭।୬ (ଡି.ଏନ.ଏ.)
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ବିଭିନ୍ନ ଜଗନ୍ନାଥ ମନ୍ଦିର ଗୁଡ଼ିକରେ ଦେବସ୍ନାନ ପୂର୍ଣ୍ଣମା ପାଳିତ ହୋଇଯାଇଛି । ବୀରମହାରାଜପୁରସ୍ଥିତ ଜଗନ୍ନାଥ ମନ୍ଦିରରେ ଏଥିପାଇଁ ହୋଇଥିଲା ବ୍ୟାପକ ପ୍ରସ୍ତୁତି । ପୂର୍ବସୂଚୀମତେ ରବିବାର ରାତ୍ରି ୮ଟାରୁ ଆରମ୍ଭ ହୋଇଥିଲା ନୀତିକାନ୍ତି । ସୋମବାର ଭୋର ସାଢ଼େ ୪ଟାରେ ଦ୍ୱାରଫିଟା ହୋଇଥିଲା । ପରେ ଦଶଦିଗପାଳ ପୂଜା, ସୂର୍ଯ୍ୟ ପୂଜା କରାଯାଇଥିଲା । ଚତୁର୍ଦ୍ଧା ବିଗ୍ରହଙ୍କୁ ବେଶ କରି ଛେରାପହଁରା କରି ସ୍ନାନ ମଣ୍ଡପକୁ ଅଣାଯାଇଥିଲା । ବିଷ୍ଣୁ ପଣ୍ଡା ଛେରାପହଁରା କରିଥିଲେ । ସ୍ନାନ ମଣ୍ଡପରେ ଶ୍ରୀଜୀଉଙ୍କୁ ସ୍ନାନ କରି ଯଥାରୀତି ପୂଜାର୍ଚ୍ଚନା ହୋମ ଆଦି କରାଯାଇଥିଲା । ପୂଜକଭାବେ ମନୋରଞ୍ଜନ ଦାଶ କାର୍ଯ୍ୟ ସମ୍ପାଦନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ବାଡଗ୍ରାହୀ ଭଗବାନ ମିଶ୍ର, ପହଣ୍ଡି ମୁଖ୍ୟ ଦ୍ୱିତୀକୃଷ୍ଣ ପଣ୍ଡା, ଉପମୁଖ୍ୟ ଯୁଗଳ ମିଶ୍ର, ସମ୍ପାଦକ ଶମ୍ଭୁପ୍ରସଦ ହୋତା ପ୍ରମୁଖ ପରିଚାଳନା କରିଥିଲେ । ସ୍ନାନଯାତ୍ରାରେ ପ୍ରାୟ ୬୦ରୁ ଅଧିକ ବ୍ରାହ୍ମଣ ନୀତିକାନ୍ତି କରିବା ସହିତ ପହଣ୍ଡି କରିଥିଲେ । ଭୂଷଣ ପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ ।


ବୀରମହାରାଜପୁରରେ ସ୍ନାନପୂର୍ଣ୍ଣିମା ଅବସରରେ ଚତୁର୍ଦ୍ଧା ବିଗ୍ରହ ।

ସ୍ୱାମୀଙ୍କ ଶୁଦ୍ଧିକ୍ରିୟା ପାଇଁ ଝିଅ ବିକିବା ପ୍ରସଙ୍ଗ

## ସହାୟତା ଦେଲେ ବିଡିଓ, ସଙ୍ଗଠନ

ମନମୁଣ୍ଡା, ୧୭।୬ (ଡି.ଏନ.ଏ)

ବୌଦ୍ଧ ଜିଲା ଗୁଡଭେଲିପଦର ଅଞ୍ଚଳରେ ସ୍ୱାମୀଙ୍କ ଶୁଦ୍ଧିକ୍ରିୟା ପାଇଁ ଝିଅ ବିକିବାକୁ ନିଷ୍ପତ୍ତି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଧବା ପୂର୍ଣ୍ଣିମାଙ୍କ ପରିବାରକୁ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତି ବିଶେଷ ସହାୟତାର ହାତ ବଢାଇଛନ୍ତି । ରବିବାର ସୋନପୁର-ମନମୁଣ୍ଡା ସ୍ୱଚ୍ଛ ଭାରତ ଅଭିଯାନ ସଭାପତି ଲକ୍ଷ୍ମୀ ମେହେର, ମନୋରଞ୍ଜନ ତ୍ରିପାଠୀ, ଗରିବ ଭୋଇ, ଲଡୁ କିଶୋର, ଅଲିଭୁଲ ଇସଲାମ ପୂର୍ଣ୍ଣିମାଙ୍କୁ ଭେଟି ୫ଶହ ଲେଖାଏଁ ଟଙ୍କା ଆର୍ଥିକ ସାହାଯ୍ୟ ଦେଇଥିଲେ । ବଲାଙ୍ଗୀରର ସମାଜସେବୀ ତଥା ଶ୍ରମିକ ନେତା ଲଳିତ କୁମାର ନାୟକ ୨ କୁଇଣ୍ଟାଲ ଚାଉଳ ଓ ୧ ହଜାର ଟଙ୍କା ପୂର୍ଣ୍ଣିମାଙ୍କ ଘରକୁ ଯାଇ ପ୍ରଦାନ କରିଛନ୍ତି । ସେହିପରି କିସ୍ ଅନୁଷ୍ଠାନର କର୍ମଚାରୀ ସୁରେଶ ସାହୁ ଏବଂ ମଧୁସୂଦନ ସାହୁ ପୂର୍ଣ୍ଣିମାଙ୍କ ସ୍ୱାମୀଙ୍କ ଶୁଦ୍ଧିକ୍ରିୟା ପାଇଁ ୨ ହଜାର ଟଙ୍କା ଦେଇଥିଲେ । ଏହାସହିତ ତାଙ୍କ ଝିଅମାନଙ୍କୁ କିସ୍ ଅନୁଷ୍ଠାନରେ ବିନାମୂଲ୍ୟରେ ପାଠ ପଢ଼ାଇବା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟପକ୍ଷରେ କଟକ, ଯାଜପୁର, ଭୁବନେଶ୍ୱର, ବଲାଙ୍ଗୀର, ସୋନପୁର ଆଦି ଅଞ୍ଚଳରୁ ବଦାନ୍ୟ ବ୍ୟକ୍ତିମାନେ ପୂର୍ଣ୍ଣିମାଙ୍କୁ ଆର୍ଥିକ ସାହାଯ୍ୟ ଦେବାକୁ ବ୍ୟାଙ୍କ ଆକାଉଣ୍ଟ ନମ୍ବର ମାଗିବା ସହ ଯୋଗାଯୋଗ କରୁଥିବା ଜାଣିବାକୁ ମିଳିଛି । ସେହିପରି ସୋମବାର ସକାଳ ୯ଟା ସମୟରେ କଣ୍ଟାମାଳ ବିଡିଓ ରବୀନ୍ଦ୍ର କଅଁର, ଜିପିଇଓ ସୁନୀଲ କୁମାର ନାଏକ, ମୁଖ୍ୟ କିରାଣୀ କୁବେର ତନ୍ତୀ, ବରିଷ୍ଠ କିରାଣୀ ହେମନ୍ତ କୁମାର ନାଏକ ପ୍ରମୁଖ ପୂର୍ଣ୍ଣିମାଙ୍କ ସ୍ୱାମୀଙ୍କ ଶୁଦ୍ଧିକ୍ରିୟାରେ ଯୋଗ ଦେଇଥିଲେ । ଏହାସହ ବିଡିଓ କଅଁର ଶୁଦ୍ଧିକ୍ରିୟା ପାଇଁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା, ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ପୂର୍ଣ୍ଣିମାଙ୍କୁ ପ୍ରଦାନ କରିଥିଲେ । ଆସନ୍ତା ମାସରୁ ତାଙ୍କୁ ବିଧବା ଭତ୍ତା ପ୍ରଦାନ କରାଯିବ ବୋଲି କହି ନିର୍ଦ୍ଧାରିତ ଫର୍ମରେ ତାଙ୍କ ହସ୍ତଖତ ନେଇଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଶେଷ ବିଲ୍ ବାବଦ ୩୦ ହଜାର ଟଙ୍କା ପୂର୍ଣ୍ଣିମାଙ୍କ ସ୍ୱାମୀଙ୍କ ଆକାଉଣ୍ଟକୁ ପଠାଇ ଦିଆଯାଇଛି । ବକେୟା ଥିବା ମନରେଗା ଯୋଜନାରେ ଶ୍ରମିକ ପାଉଣା ସାତଦିନ ମଧ୍ୟରେ ମିଳିଯିବ ଏବଂ ଆତ୍ମସାତ ହୋଇଥିବା ପାଇଖାନା ବିଲ୍‌ର ତଦନ୍ତ କରି ଶୀଘ୍ର ପ୍ରଦାନ କରାଯିବ ବୋଲି ବିଡିଓ କଅଁର କହିଛନ୍ତି ।


କଣ୍ଟାମାଳ ବିଡିଓ ପୂର୍ଣ୍ଣିମାଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରୁଛନ୍ତି ।

## ଗଜ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧା ମୂର୍ତ୍ତି

ବୌଦ୍ଧ,୧୭।୬(ସ୍ୱ.ପ୍ର)

ବୌଦ୍ଧ ଜଗନ୍ନାଥ ମନ୍ଦିର ସ୍ଥିତ ସ୍ନାନମଣ୍ଡପରେ ସୋମବାର ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନ କରାଯାଇଛି । ଏହାପରେ ଶ୍ରୀଜୀଉ ଭକ୍ତଙ୍କୁ ଗଜ ବେଶରେ ଦର୍ଶନ ଦେଇଛନ୍ତି । ପ୍ରଥମେ ସୁଦର୍ଶନ ଓ ପରେ ତିନିଠାକୁରଙ୍କୁ ପହଣ୍ଡି ବିଜେ କରାଇ ସ୍ନାନ ମଣ୍ଡପକୁ ଅଣାଯାଇଥିଲା । ୧୦୮ କଳସ ପବିତ୍ର ଜଳରେ ଠାକୁରମାନଙ୍କୁ ମହାସ୍ନାନ କରାଯାଇଥିଲା । ପରେ ପରମ୍ପରା ଅନୁଯାୟୀ ପୂଜା ଓ ମହାଆଳତୀ କରି ଭକ୍ତମାନଙ୍କ ଦର୍ଶନ ନିମନ୍ତେ ଦିନ ତମାମ ଠାକୁରମାନଙ୍କୁ ସ୍ନାନ ମଣ୍ଡପରେ ରଖାଯାଇଥିଲା । ମହାସ୍ନାନ ପରେ ବେଶକାରୀମାନେ ଠାକୁରଙ୍କୁ ଗଜବେଶରେ ସଜ୍ଜିତ କରିଥିଲେ । କୁହାଯାଏ ତିନିଠାକୁରଙ୍କ ଗଜବେଶରେ ଦର୍ଶନ ଦ୍ୱାରା ଜନ୍ମ ଜନ୍ମାନ୍ତର ପାପ ନାଶ ହୋଇଥାଏ ।


ଗଜ ବେଶରେ ଦର୍ଶନ ଦେଉଛନ୍ତି ମହାବାହୁ ।

## ପୁରୁଷୋତ୍ତମ ଦିବ୍ୟଧାମରେ ସ୍ନାନପୂର୍ଣ୍ଣିମା

### ମହାପ୍ରଭୁଙ୍କ ଗଜାନନ ବେଶ

ପୁରୁଣାକଟକ,୧୭।୬(ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଠିଡିକାପୋର ସ୍ଥିତ ପୁରୁଷୋତ୍ତମ ଦିବ୍ୟଧାମରେ ସୋମବାର ଦେବସ୍ନାନ ପୂର୍ଣ୍ଣିମା ଓ ପ୍ରଭୁଙ୍କ ଗଜାନନ ବେଶ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିପାଇଁ ଭୋର୍‌ରୁ ଶ୍ରଦ୍ଧାଳୁ ଭକ୍ତମାନେ ମହାନଦୀର ଧଳପୁର ଘାଟରୁ ପୂଜାର୍ଚ୍ଚନା ପରେ ଜଳ ଆଣିଥିଲେ । ମହାପ୍ରଭୁଙ୍କୁ ପହଣ୍ଡି କରି ସ୍ନାନ ମଣ୍ଡପରେ ବିଜେ କରାଇବା ପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥିଲା । ସ୍ନାନ ପରେ ମହାପ୍ରଭୁ ଗଜାନନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ । ଏଥିରେ ବାମଦେବ ଦାଶ, ସତ୍ୟଜିତ ପୁରୋହିତ, ଶୁଭ୍ରାଂଶୁ ଶେଖର ଦାଶ, ସଚ୍ଚିଦାନନ୍ଦ ପଣ୍ଡା, ଶଙ୍କର ମିଶ୍ର ପ୍ରମୁଖ ପୂଜାପଣ୍ଡା ଓ ଦଇତାପତି ସେବକ ସହଯୋଗ କରିଥିଲେ । ଦେବୋତ୍ତର ଅଧିକାରୀ ତଥା ତହସିଲଦାର ବବିତାରାଣୀ ଦଳବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟେକ କାର୍ଯ୍ୟ ସମାପନ ହେଇଥିଲା । ମହାପ୍ରଭୁଙ୍କ ଗଜାନନ ହାତୀ ବେଶ ଦର୍ଶନ ପାଇଁ ସନ୍ଧ୍ୟା ପର୍ଯ୍ୟନ୍ତ ଗହଳି ଲାଗି ରହିଥିଲା ।

## ହରଭଙ୍ଗା ବ୍ଲକରେ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି

ତଳଗାଁ,୧୭।୬(ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ଜିଲାପାଳ ସୀତାଂଶୁ କୁମାର ରାଉତ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ, ହରଭଙ୍ଗା ବିଡିଓ ରବିନ୍ଦ୍ର କୁମାର ଶତପଥି ପ୍ରମୁଖ ଯୋଗ ଦେଇ ଅଭିଯୋଗର ଶୁଣାଣି କରିଥିଲେ । ଏହି ଶିବିରରେ ୩୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କୂଅ, ଓ ଗୁହାଳ ବାବଦରେ ହିତାଧିକାରୀମାନେ ଅଭିଯୋଗ କରିଥିଲେ । ୯ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ପ୍ରଦାନ କରାଯାଇଥିଲା । ସରସ୍ୱତୀ ଦାସ, ମାଣିକ ଯାନୀ, ଅନୁ ବେହେରା, ଚମ୍ପେଶ୍ୱର ମହାକୁଡ, କୃଷ୍ଣ ନାଏକ, ଆର୍ତ୍ତବନ୍ଧୁ ସାହୁ, ରାଧା ବେହେରା, ଅର୍ଜୁନ ପ୍ରଧାନ, ବେଟିଖାଇ ସାହୁ ପ୍ରମୁଖଙ୍କୁ ଜିଲାପାଳ ନଗଦ ଆକାରରେ ଭତ୍ତା ଅର୍ଥ ପ୍ରଦାନ କରିଥିଲେ । ନିର୍ବାଚନ ଆଚରଣ ବିଧି ଯୋଗୁ ଦୀର୍ଘ ୩/୪ମାସ ପରେ ଅଭିଯୋଗ ଶୁଣାଣି ହୋଇଥିବା ବେଳେ ବହୁ ଜନସାଧାରଣ ଏହା ଉପରେ ଜାଣି ପାରି ନ ଥିଲେ । ଶିବିରରେ ଜିଲା ସ୍ତରୀୟ ବହୁ ଅଧିକାରୀ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା ।

## ତରଭା: ଦଧିବାମନଙ୍କ ସ୍ନାନଯାତ୍ରା

ତରଭା, ୧୭।୬ (ଡି.ଏନ.ଏ.)
ସୁବର୍ଣ୍ଣପୁର ଜିଲା ତରଭା ଶ୍ରୀ ଦଧିବାମନଙ୍କ ସ୍ନାନ ଯାତ୍ରା ରୀତିନୀତି ଅନୁଯାଇ ସମ୍ପନ୍ନ ହୋଇଛି । ସୋମବାର ସକାଳ ୮।୩୦ରେ ମନ୍ଦିରର ମୁଖ୍ୟ ପୂଜକ ଜଗଦୀଶ ପଜାହାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଡପ ମଣ୍ଡପରେ ପୂଜାର୍ଚ୍ଚନା ପରେ ସ୍ନାନ ମଣ୍ଡପକୁ ପହଣ୍ଡିବିଜେ କରାଯାଇଥିଲା । କଳସ ପୂଜା ପରେ ମହାପ୍ରଭୁଙ୍କୁ ସୁବାଷିତ ଜଳ ଓ ପଞ୍ଚାମୃତ ଜଳରେ ସ୍ନାନ କରାଯାଇଥିଲା । ତରଭା ରଥଯାତ୍ରା ପରିଚାଳନା କମିଟି ସଭାପତି ରତନଲାଲ ଅଗ୍ରୱାଲ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ସ୍ନାନ ପରେ ଗମ୍ଭିରା ଘରେ ଗୁପ୍ତ ନୀତି ପରେ ମହାପ୍ରଭୁ ଅଣସର ଗୃହକୁ ବିଜେ କରିଥିଲେ ।

## ଡ୍ରେନ୍ ସଫେଇ କାର୍ଯ୍ୟ ତଦାରଖ କଲେ ଜିଲାପାଳ

ସୋନପୁର,୧୭।୬(ନି.ପ୍ର.)

ଆସୁଛି ମୌସୁମୀ । ଦିନେ ଦୁଇ ଦିନ ଭିତରେ ଓଡିଶାରେ ଆରମ୍ଭ ହେବ ମୌସୁମୀ ବର୍ଷା । ପୁଣି ଆଗକୁ ପ୍ରସିଦ୍ଧ ରଥଯାତ୍ରା । କିନ୍ତୁ ସୁବର୍ଣ୍ଣପୁର ସହରର ସବୁ ଡ୍ରେନ୍‌ରେ ମାଟି, ଆବର୍ଜନା ଭର୍ତ୍ତି । ପୌରପାଳିକା ପକ୍ଷରୁ ଡ୍ରେନ୍ ସଫା କରାଯାଉନି । କେତେକେ ସ୍ଥାନରେ ଡ୍ରେନ୍‌କୁ ଜବର ଦଖଲ କରି କୋଠା ନିର୍ମାଣ କରା ଯାଇଥିବାରୁ ସଫା କରିବା ପାଇଁ ସମସ୍ୟା ସୃଷ୍ଟି ହେଉଛି । ସାମାନ୍ୟ ବର୍ଷା ହେଲେ ସହର ଜଳାବର୍ଣ୍ଣ ହେବ । ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା । ସହରବାସୀଙ୍କ ଅସନ୍ତୋଷକୁ ଅନୁଭବ କରି ଜିଲାପାଳ ତଥା ପୌରପାଳିକାର ପ୍ରଶାସକ ମଧୁସୂଦନ ମିଶ୍ର ସୋମବାର ଅପରାହ୍ନରେ ପଟାଭାଡି, ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱ, ଖଦାଳପଡା, ଗୁଣ୍ଡିଚାମନ୍ଦିର ପାର୍ଶ୍ୱ ଓ ବଡବଜାର ସମେତ ବିଭିନ୍ନ ୱାର୍ଡ ବୁଲି ଡ୍ରେନ୍ ସଫେଇ କାର୍ଯ୍ୟର ତଦାରଖ କରିଥିଲେ । ଡ୍ରେନ୍‌ରେ ଆବର୍ଜନା ଭର୍ତ୍ତି ହୋଇ ରହିଥିବା ଦେଖିବା ସହ ସଫେଇକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ମଙ୍ଗଳବାରଠାରୁ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଛୋଟ ନାଳ ଓ ଡ୍ରେନ୍‌ର ସଫେଇ କାର୍ଯ୍ୟ ସାରିବାକୁ ଏବଂ କଠିନ ବର୍ଜ୍ୟବସ୍ତୁର ପରିଚାଳନା ସକାଶେ ପୌର ନିର୍ବାହୀ ଅଧିକାରୀ ଡ. ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲାପାଳଙ୍କ ସହିତ ଅତିରିକ୍ତ ଜିଲାପାଳ ତଥା ପିଡି ଡୁଡା ଶରତ ଚନ୍ଦ୍ର ପଣ୍ଡା ବିଭିନ୍ନ ୱାର୍ଡ ପରିଦର୍ଶନ କରି ଡ୍ରେନ୍‌ର ସ୍ଥିତି, ପରିମଳ ବ୍ୟବସ୍ଥା ଓ ଡ୍ରେନ୍ ଜବରଦଖଲ ସମ୍ପର୍କରେ ଅବଗତ ହୋଇଥିଲେ ।


ଜିଲାପାଳ ଓ ଅତିରିକ୍ତ ଜିଲାପାଳ ଡ୍ରେନ୍ ସଫେଇ କାର୍ଯ୍ୟର ତଦାରଖ କରୁଛନ୍ତି ।

### ଆସୁଛି ମୌସୁମୀ

## ଆଦ୍ୟାଶ୍ରୀ ଷ୍ଟ୍ରାଇକର, ଖୁସି ଫାଇଟର ବିଜୟୀ

### ରିଜର୍ଭ ପ୍ରିମିୟର ଲିଗ୍

ସୋନପୁର,୧୭।୬(ନି.ପ୍ର.)

ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆରେ ରିଜର୍ଭ ପ୍ରମିୟର ଲିଗ୍(ଆରପିଏଲ-୪)ରେ ସୋମବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଦ୍ୟାଶ୍ରୀ ଷ୍ଟ୍ରାଇକର ଓ ଖୁସି ଫାଇଟର ବିଜୟୀ ହୋଇଛନ୍ତି । ପ୍ରଥମ ମ୍ୟାଚ୍ ଆଦ୍ୟାଶ୍ରୀ ଷ୍ଟ୍ରାଇକର ଓ ପୱନ ହିରୋଜ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପୱନ ହିରୋଜ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲା । ଆଦ୍ୟାଶ୍ରୀ ଷ୍ଟ୍ରାଇକର ୧୦ ଓଭର ଖେଳି ୫ ଉଇକେଟ ବିନିମୟରେ ୯୨ ରନ ସଂଗ୍ରହ କରିଥିଲା । ଜବାବରେ ପୱନ ହିରୋଜ୍ ୧୦ ଓଭରରେ ୭୮ ରନ କରିବାକୁ ସକ୍ଷମ ହୋଇଥିଲା । ଯଦୁଲାଲ ନନ୍ଦ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ସୁଶାନ୍ତ ମିଶ୍ର ଓ କୁନା ନାୟକ ଖେଳ ପରିଚାଳନା କରିଥିଲେ । ଦ୍ୱିତୀୟ ମ୍ୟାଚ୍ ମାନ୍‌ଭି ବ୍ଲାଷ୍ଟର ଓ ଖୁସି ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମାନ୍‌ଭି ବ୍ଲାଷ୍ଟର ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା । ଦଳ ୧୦ ଓଭରରେ ୬ ଉଇକେଟ୍ ହରାଇ ୫୯ ରନ୍ ସଂଗ୍ରହ କରିଥିଲା । ଖୁସି ଫାଇଟର ୮ ଓଭରରେ ୩ ଉଇକେଟ୍ ହରାଇ ୬୫ ରନ୍ ସଂଗ୍ରହ କରିଥିଲା । ବିଜୟୀ ଖୁସି ଫାଇଟରର ଇଲୁ ବିଶିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ରାଜେଶ କୁମାର ପାଣ୍ଡେ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ । ଦୀନେଶ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ । ଆଲୋକ ପାତ୍ର, ଜିତୁ ସାହୁ ଓ ଜ୍ୟୋତିରଞ୍ଜନ ମିଶ୍ର ସହଯୋଗ କରିଥିଲେ ।



ଖୁସି ଫାଇଟରର ଇଲୁ ବିଶିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।




"ପିତା ପରମ ଆରାଧ, ପିତାଙ୍କୁ ସନ୍ତୁଷ୍ଟ କରିପାରିଲେ ସବୁ ଦେବତାମାନେ ମଧ ସନ୍ତୋଷ ଲାଭ କରନ୍ତି।
- କଠୋପନିଷେଧ



## ସଂକ୍ଷେପରେ

### ପଞ୍ଚାୟତ ସିମିତି ବୈଠକ

ଝାରବନ୍ଧ, ୧୭।୬ (ଡି.ଏନ.ଏ)

ବରଗଡ ଜିଲା ଝାରବନ୍ଧ ବ୍ଲକ ପଞ୍ଚାୟତ ସିମିତ ସଭା ଗୃହରେ ଷଷ୍ଠ ପଞ୍ଚାୟତ ସିମିତି ଅଧିବେଶନ ସୋମବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷ ବିଜୟ କେତନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧରେ ଜିଲା ପରିଷଦ ସଭ୍ୟା କୁମୁଦିନୀ ସାହୁ, ବିରାଜ କୁମାରୀ ତାଣ୍ଡି, ଏମ୍ପି ପ୍ରତିନିଧି ହରିହର ସାହୁ, ବ୍ଲକ ଉପାଧକ୍ଷା ଜୟନ୍ତୀ ବରିହାଙ୍କ ସମେତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଅଂଶ ଗ୍ରହଣ କରିଥିଲେ । ବିଡିଓ ରୁନୁ ଲାକ୍ରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ବୈଠକରେ ବ୍ଲକ କୃଷି ଅଧିକାରୀ, ଚିକିତ୍ସା ଅଧିକାରୀ, ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ବିଦ୍ୟୁତ ବିଭାଗ ସମେତ ସମସ୍ତ ସମ୍ପ୍ରସାରଣ ଅଧିକାରୀ ଅଂଶ ଗ୍ରହଣ କରିଥିଲେ । ଶେଷରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ କେତନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

■ ସରକାରୀ ଯୋଜନା ସାତ୍‌ସପନ

# କୁରିଆ ଘରେ ବିତୁଛେ ଅସାହା ଜୀବନ

ବରଗଡ଼ ଅଫିସ୍,୧୭।୬


ହରିପ୍ରିୟା ନିଜର ଝାଟିମାଟି ଘର ଆଗେ ଠିଆ ହେଇଛନ୍ ।

ବରଗଡ଼ ଜିଲା ରାଜବୋଡ଼ାସମ୍ବର (ପଦ୍ମପୁର) ବ୍ଲକ ଘନାମାଲ ଗାଁର ହଲଧର ପ୍ରଧାନ। ପରିବାର କହେଲେ ମାଏକିନା ହରିପ୍ରିୟା ଆର ୩ ଛୁଆକୁ ନେଇ ତାକର ସଁସାର। ପରିବାରଟା ନିହାତି ଗରିବ ହେଇଥିଲାବେଲେ ଗାଁରେ ତାକର ଘରଦୁଆର ନାଁଇଁନ। ସେଥିରଲାଗି କୁଟୁମବସିଆ ଗାଁରୁ ୪ଶହ ମିଟର ଦୂରେ ଥିବାର ନିଜର ଚାଷ୍‌ଜମିରେ ଗୁଟେ କୁରିଆ କରି ରହିଆସୁଛନ୍। ହେଲେ ସେବାଟ ଦେଇ ଜଂଗଲି ହାତୀ ଦଲ ସବୁବେଲେ ଯିବାର ଆଏବାର କରୁଛନ୍। ଯେନ୍‌ଥିରଲାଗି କୁଟୁମବସିଆ ଜୀବନ୍‌କେ ପାଏନ୍‌ଛଡ଼େଇ ଝାଟିମାଟିର କୁରିଆରେ ରହୁଛନ୍। ଏନ୍‌ତାଥି କେତେବେଲେ କେନ୍ ପରକାର ଅଘଟନ ଘଟବା କିଛି କହି ନାଇଁହୁଏ। ଇଆଡ଼େ ପରିବାରଟା ଦରିଦିରିଆ ସୀମାରେଖା ତଲେ ଥିଲାବେଲେ ହଲଧର ଫିଦିନ କୁଲିମଜୁରି କରି କୁଟୁମ ପୁଷୁଛନ୍, ସେଥିରେ ପିଲାଛୁଆକର ପାଠ୍‌ପଢ଼ା ଖରଚ୍ ତୁଲଉଛନ୍। ଏନ୍‌ତା ପରିସ୍ଥିତିରେ ହଲଧର ଘରଖଁଡ଼େ ତିଆରିବାର ସପନ୍ ବି ଦେଖି ନାଇଁପାରବାର। ସେଥିରଲାଗି ସରକାରୀ ଯୋଜନାରେ ପକାଘର ଖଁଡ଼େ ଯୁଗେଇ ଦେବାର ଲାଗି ଦୁଇ ମାଏଝିମୁନୁଷ ସୋମବାର ଜିଲାପାଲଙ୍କୁଁ ଗୁହାରି କରବାକେ ଆସିଥିଲେ। ହେଲେ ଜିଲାପାଲ କେହେନ୍‌ସି କାରନରୁ ଅନୁପସ୍ଥିତ ଥିଲାରୁ ଦମ୍ପତି ଜିଲାପାଲ ଅଫିସ ଡାକ ସେକ୍ସନରେ ଜିଲାପାଲକଁର ଉଦେଶ୍‌ରେ ଗୁଟେ ସ୍ମାରକପତର ଦେଇଥିଲେ। ସ୍ମାରକପତରରେ ସେମାନେ ଗାଁରୁ ଦୂରିଆ ଖେତ୍ ଭିତରେ କେନ୍‌ତା ଅଭାବ, ଅସବିଧାରେ ରହୁଛନ୍ ସେ ବାବ୍‌ଦେ ନିକିନିଖିନୁ ଲେଖିକରି ଦେଇଛନ୍। ଯେତେ ଜଲଦି ହେବା ପରଶାସନ ସରକାରୀ ଯୋଜନାରେ ପକାଘର ଖଁଡ଼େ ଯୁଗେଇ ଦେବାକେ ହଲଧର ଆର ତାକର ମାଏକିନା ହରିପ୍ରିୟା ଜିଲାପାଲଙ୍କୁଁ ଗୁହାରି କରିଛନ୍।


ଶ୍ରୀଜୀଉଙ୍କ ସ୍ନାନ ନୀତି ସମ୍ପନ୍ନ କରାଯାଇଛି ।

## ସ୍ନାନ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତି

ପାଇକମାଲ,୧୭।୬ (ଡି.ଏନ.ଏ)

ପାଇକମାଲ ବ୍ଲକ ନୃସିଂହନାଥ ପୀଠରେ ସୋମବାର ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି । ଅପରାହ୍ନ ୨ଟା ସମୟରେ ମନ୍ଦିରରୁ ତିନି ଠାକୁରଙ୍କୁ ଅଣାଯାଇ ସ୍ନାନ ମଣ୍ଡପରେ ରଖି ରୀତିନୀତି ଅନୁସାରେ ପୂଜକ ସୁନୀଲ ପୁରୋହିତ, ଅର୍ଜୁନ ପୁରୋହିତ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ । ପୂର୍ବରୁ ପ୍ରସ୍ତୁତ ନୃସିଂହନାଥ ଝରଣା ଜଳରେ ଅଗୁରୁ, ଚନ୍ଦନ, ହଳଦୀ, ଖିର, ମହୁ, ଦହି ମିଶାଇ ସୁବାସିତ ଜଳ ପ୍ରସ୍ତୁତ କରି ୧୦୮ କଳସ ଜଳରେ ତିନି ଠାକୁରଙ୍କୁ ସ୍ନାନ କରାଯାଇଥିଲା । ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ବ୍ରାହ୍ମଣ ସାମଜ ଉପସଭାପତି ଶଙ୍କର ଦାସ, ଡା. ସବିତା ଚରଣ ମେହେର, ସୁବାଶିନୀ ମେହେର, ସୁବୋଧ ପଣ୍ଡା, ବିଶ୍ୱମ୍ଭର ମୁଣ୍ଡା, ଦୁର୍ଯ୍ୟୋଧନ ତ୍ରିପାଠୀ, ସତ୍ୟ ପୁରୋହିତ, ନରସିଂହ ହୋତା, ଜ୍ୟାକି ସରାଫଙ୍କ ସମେତ ଅଞ୍ଚଳବାସୀ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ । ସନ୍ଧ୍ୟାରେ ତିନି ଠାକୁରଙ୍କୁ ଅଣସର ଘରକୁ ନିଆଯାଇଥିଲା ।

■ କାଳ ବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

# ତହସିଲଦାରଙ୍କୁ ଭେଟିଲେ କ୍ଷତିଗ୍ରସ୍ତ



ଭେଡ଼େନ ଟ୍ରେକର ଷ୍ଟାଣ୍ଡରେ ଏକ ଗଛ ଭାଙ୍ଗି ପଡ଼ିଛି । କୁଟେନପାଲିରେ ଘର ଛପର ଉଡ଼ିଯାଇଛି ।

ଭେଡ଼େନ, ୧୭।୬(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଭେଡ଼େନ, ଲୁହାଖଣ୍ଡି ଏବଂ ଅଏଁଲାପାଲି ଗ୍ରାମପଞ୍ଚାୟତରେ ଶନିବାର ରାତ୍ରିରେ ହୋଇଥିବା ବର୍ଷା ପବନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଭେଡ଼େନ ଗ୍ରାମପଞ୍ଚାୟତର କୁଟେନପାଲି ଗ୍ରାମ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଏହି ଗ୍ରାମର ୨୦ରୁ ଅଧିକ ଘରର ଆଜବେଷ୍ଟସ ଛପର ଉଡ଼ିଯାଇଛି । ଗ୍ରାମର ରାମାନନ୍ଦ ସାହୁ, ବଳିଷ୍ଠ କର୍ମି, ଟୁନା ପଧାନ, ବଳରାମ କର୍ମି, ବନବସ ସାହୁ, ଗୋବିନ୍ଦ ସାହୁ, କ୍ଷୀରସିନ୍ଧୁ ନାଏକ, ଡ଼ାକ୍ତର ପଧାନ, ସୁନୀଲ ସାହୁ, କବି ପଧାନ, ବଂଶୀଧର ନାଏକଙ୍କ ସମେତ ଅନ୍ୟମାନଙ୍କ ଘରର ଛପର ଉଡ଼ିଯାଇଛି । ରବିବାର ସନ୍ଧ୍ୟାରେ ଭେଡ଼େନ ସରପଞ୍ଚ ଜାହ୍ନବୀ ମେହେର କୁଟେନପାଲି ଗ୍ରାମକୁ ଯାଇ କ୍ଷତିଗ୍ରସ୍ତ ପରିବାରକୁ ଭେଟିଥିଲେ । ସୋମବାର କ୍ଷତିଗ୍ରସ୍ତ ପରିବାରର ସଦସ୍ୟ ମାନେ ସରପଞ୍ଚ ମେହେରଙ୍କ ନେତୃତ୍ୱରେ ଭେଡ଼େନ ତହସିଲ ଅଫିସକୁ ଆସି ତହସିଲଦାରଙ୍କୁ ଭେଟି ଏହି କ୍ଷୟକ୍ଷତିର ଆକଳନ କରିବା ତଥା କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ । ତହସିଲଦାର ସୀମା ସବିତା କୁଲୁ ଭେଡ଼େନ ରାଜସ୍ୱ ନିରୀକ୍ଷକଙ୍କୁ ଏହି ଗ୍ରାମ ପରଦର୍ଶନ କରି କ୍ଷତି ଆକଳନ ତଥା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଲୁହାଖଣ୍ଡି ଗ୍ରାମପଞ୍ଚାୟତର ବରପଦର, ଅଛାଣ୍ଡପାଲି, ପୁଡ଼ାପାଲି, ଜାମପାଲି ହିରୋମୁଣ୍ଡା ଆଦି ଗ୍ରାମରେ ବହୁ ମାତ୍ରାରେ ଗଛ ଭାଙ୍ଗିପଡ଼ିବା ସହ ବିଦ୍ୟୁତ ଖୁଣ୍ଟମାନ ଉପୁଡ଼ି ପଡ଼ିଛି । ଫଳରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇପାରିନାହିଁ । ଅନ୍ୟପକ୍ଷରେ ଅଏଁଲାପାଲି ଗ୍ରାମପଞ୍ଚାୟତର ଗୁରୁପାଲି, ଧୁବେନପାଲି ବ୍ରାହ୍ମଣ ଗୋଠ ଆଦି ଅଞ୍ଚଳରେ ଗଛ ଭାଙ୍ଗିଛି । ଏହାସହ ବ୍ୟାପକ ଆମ୍ବ ଫସଲ ନଷ୍ଟ ହୋଇଛି । ଏହି ବର୍ଷାରେ ମାର୍କେଟରେ ଥିବା ଧାନ ସବୁ ଓଦା ହୋଇଯାଇଥିବାରୁ ଚାଷୀମାନେ ହତାଶ ହୋଇପଡିଛନ୍ତି ।

## ଗଛ ଭାଙ୍ଗି ରାସ୍ତା ଅବରୋଧ

ଗାଇସିଲେଟ,୧୭।୬(ଡି.ଏନ.ଏ)

ଗାଇସିଲେଟ ଅଞ୍ଚଳରେ ରବିବାର ସନ୍ଧ୍ୟା ୬ଟାରେ ପ୍ରବଳ ତୋଫାନ ହେବାରୁ ତାଳପାଲି ପଞ୍ଚାୟତର ମୁଣ୍ଡାପାଲି ଗ୍ରାମର ପ୍ରାୟ ୪୦ଟି ଗଛ ଭାଙ୍ଗି ଯିବା ସହ ୩ଟି ଘରର ଛପର ଉଡିଯାଇଛି । ମୁଣ୍ଡାପାଲି ନାଳପାଖରେ ଥିବା ଗଛ ପଡିଯାଇଥିବାରୁ ରାସ୍ତା ବନ୍ଦ ହୋଇଯାଇଥିଲା। ତେଣୁ ପ୍ରାୟ ୧୦ଟି ଟ୍ରକ, ବସ, ଚାରିଚକିଆ ଯାନ ଅଟକି ରହିଥିଲା । ବିଳମ୍ବିତ ରାତିରେ ଗ୍ରାମର ଯୁବକମାନେ ଆସି ଗଛ କାଟି ରାସ୍ତାରୁ ହଟାଇବା ପରେ ଯାତାୟାତ ସମ୍ଭବ ହୋଇଥିଲା । ସେହିପରି ୩୩ କେଭି ବିଦ୍ୟୁତ ତାରରେ ଗଛ ପଡିବାରୁ ରାତି ତମାମ ବିଦ୍ୟୁତ୍ ସେବା ବ୍ୟାହତ ହୋଇପଡିଥିଲା। ସୋମବାର ସାଢେ ୩ ଟାରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଥିଲା ।

# ମଦ ଦୋକାନ ଉଚ୍ଛେଦ ଦାବି, ଜିଲାପାଳଙ୍କୁ ଫେରାଦ

ବରଗଡ଼ ଅଫିସ୍,୧୭।୬


ବିଦେଶୀ ମଦ ଦୋକାନ ଉଚ୍ଛେଦ ଦାବିରେ ଅତିରିକ୍ତ ଜିଲାପାଳଙ୍କୁ ଭେଟୁଛନ୍ତି ।

ବରଗଡ଼ ଜିଲା ଭେଡ଼େନ ଚମାରପଡ଼ା ନିକଟରେ ଥିବା ବିଦେଶୀ ମଦ ଦୋକାନ ଉଚ୍ଛେଦ କରିବାକୁ ଦାବି ହୋଇଛି । ଏହି ଦାବି ନେଇ ସୋମବାର ବରଗଡ଼ର ଫାଇଟ୍‌ଅନ୍‌ରାଇଟ୍‌ଅନୁଷ୍ଠାନ ନେତୃତ୍ୱରେ ସ୍ଥାନୀୟ ଲୋକେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ବହୁଦିନ ପୂର୍ବରୁ ଉକ୍ତ ପଡ଼ାରେ ଏକ ବିଦେଶୀ ମଦ ଦୋକାନ ଥିଲା । ମାତ୍ର ତାହା ସେତେବେଳେ ନିଛାଟିଆ ଜାଗାରେ ରହିଥିଲା । କିନ୍ତୁ ଏବେ ଯେଉଁ ବିଦେଶୀ ମଦ ଦୋକାନ ରହିଛି, ସେହି ଦୋକାନର ୨୦୦ ମିଟର ପରିଧି ମଧ୍ୟରେ ବାଳିକା ହାଇସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର ଆଦି ଶିକ୍ଷାନୁଷ୍ଠାନ ରହିଛି। ସେହି ମଦ ଦୋକାନରେ ସବୁବେଳେ ମଦ୍ୟପଙ୍କ ଆଡ୍ଡା ଜମି ରହୁଥିବା ଯୋଗୁ ଛାତ୍ରୀଛାତ୍ର ତଥା ସ୍ଥାନୀୟ ଲୋକେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ସକାଳୁ ରାତି ୧୧ଟା ପର୍ଯ୍ୟନ୍ତ ମଦ ଦୋକାନ ସମ୍ମୁଖରେ ସେଭଳି ପରିସ୍ଥିତି ଉପୁଜୁଥିବା ଯୋଗୁ ସେହି ରାସ୍ତା ଦେଇ ମହିଳାମାନେ ମଧ୍ୟ ଯାତାୟାତ କରିବାକୁ ନିଜକୁ ନିରାପଦ ମଣୁ ନାହାନ୍ତି । ଏପରିକି ବିଭିନ୍ନ ସମୟରେ ମଦ୍ୟପମାନେ ମହିଳାଙ୍କ ପ୍ରତି ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି । ଫଳରେ ସେହି ସ୍ଥାନରେ ସମ୍ପୃକ୍ତ ମଦ ଦୋକାନକୁ ଅନ୍ୟତ୍ର ଉଚ୍ଛେଦ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଫାଇଟ୍ ଅନ ରାଇଟ୍‌ର ସଭାପତି ଦେବବ୍ରତ ମିଶ୍ରଙ୍କ ନେତୃତ୍ୱରେ ପଡ଼ାବାସୀ ଜିଲାପାଳ ଅଫିସ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ବିଞ୍ଝାଲ ସମାଜର ସମ୍ବର୍ଦ୍ଧନା ସଭା

ଝାରବନ୍ଧ, ୧୭।୬ (ଡି.ଏନ.ଏ)

ଝାରବନ୍ଧ ବ୍ଲକ ସ୍ଥିତ ସର୍ବ ଭାରତୀୟ ସ୍ୱରାଖ ବିନ୍ଧ୍ୟଗିରୀବାସୀ ବିଞ୍ଝାଲ ସମାଜ ତରଫରୁ କୋତନାଠାରେ ବାର୍ଷିକ ସମ୍ବର୍ଦ୍ଧନା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟଅତିଥି, ଲାଟ ସଭାପତି ହୃଷିକେଶ ବରିହା, ଆଶାରାମ ବରିହା, ଜୋନ ସଭାପତି ଗୋପାଳ ବରିହା, ହାରାଧନ ବରିହା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଚଳିତ ବର୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଉପଢ଼ୌକନ ସହିତ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ସମାଜର ସମ୍ପାଦକ ତ୍ରିଲୋଚନ ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

# ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ଦିବ୍ୟାଙ୍ଗ

ବରଗଡ଼ ଅଫିସ୍,୧୭।୬


ଜିଲାପାଲଙ୍କୁଁ ଫେରାଦ ହେବାର ଲାଗି ଆସିଥିବା ଦିବ୍ୟାଙ୍ଗମାନେ।

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅଧୀନ ଲୌଡ଼ିଦରା ପଁଚେତ୍‌ର ଦିବ୍ୟାଙ୍ଗମାନକୁ ସରକାରୀ ସୁବିଧା ସୁଯୋଗ ଅପହଁଚ୍ ହେଇଥିବାର ଅଭିଯୋଗ ହେଇଛେ। ଏନ୍‌ତା ଅଭିଯୋଗ କରି ଅଂଚଲର ଦିବ୍ୟାଙ୍ଗମାନେ ଅସନ୍‌ତୋଷ ପରକାଶ କରିଛନ୍। ଇଥିରଲାଗି ସୋମବାର ସେମାନେ ବରଗଡ଼ ଜିଲାପାଲଙ୍କୁଁ ଫେରାଦ ହେଇଥିଲେ। ଜିଲାପାଲ ଇନ୍ଦ୍ରମଣି ତ୍ରିପାଠି କେହେନ୍‌ସି କାରନ୍‌ରୁ ଅନୁପସ୍ଥିତ ଥିଲାରୁ ସେମାନେ ଜିଲାପାଲ ଅଫିସ ଡାକ ସେକ୍ସନରେ ଜିଲାପାଲକଁର ଉଦେଶ୍‌ରେ ଗୁଟେ ସ୍ମାରକପତର ଦେଇଥିଲେ। ସରକାରୀ ଯୋଜନାରେ ଦିବ୍ୟାଙ୍ଗମାନକର ଲାଗି ଯେନ୍‌ସବୁ ସୁବିଧା ସୁଯୋଗ ରିହିଛେ ସେସବୁ ଯୁଗେଇ ଦେବାକେ ସ୍ମାରକପତରରେ ଗୁହାରି କରିଛନ୍।
ସେମାନେ ମଧୁବାବୁ ପେନସନ ଯୋଜନାରେ ଭତା ପାଉଛନ୍। ହେଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ କୁଡ଼ିଆ, ବିଜୁ ପକ୍କାଘର ଯୋଜନାରେ ସେମାନକୁ ଆଏଜ୍‌ତକ୍ ସାମିଲ ନାଇଁ କରାଯାଇ। ଏନ୍‌ତା ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେବାର ଲାଗି ଦିବ୍ୟାଙ୍ଗମାନେ ବହୁତ୍ ହଇରାନ ହରକତ୍ ହେଉଥିବାର ସେମାନେ ସ୍ମାରକପତର ଜରିଆରେ ଅଭିଯୋଗ କରିଛନ୍। ସେଥିରଲାଗି ଯେତେ ଜଲଦି ହେବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ କୁଡ଼ିଆ, ବିଜୁ ପକ୍କାଘର ଯୋଜନାରେ ସାମିଲ କରି ସରକାରୀ ସୁବିଧା ସୁଯୋଗ ଯୁଗେଇ ଦେବାକେ ସେମାନେ ଜିଲାପାଲଙ୍କୁଁ ନିବେଦନ କରିଛନ୍। ବିଷ୍ଣୁ ପ୍ରଧାନ, କିଶୋରୀ ଭୋଇ, ୱାରିସ ଚନ୍ଦ୍ର ଲୁହାର, ଗଣାନନ୍ଦ ଭଏଁସା, ବିଜେ ଭୋଇ ପରମୁଖ ସ୍ମାରକପତର ଦେବାର ଲାଗି ଜିଲାପାଲକଁର ଅଫିସକେ ଆସିଥିଲେ।

# ଜିଲାସ୍ତରୀୟ ମରୁଡ଼ି ନିରାକରଣ ଦିବସ

ବରଗଡ଼ ଅଫିସ୍,୧୭।୬



ଜିଲାସ୍ତରୀୟ ମରୁଡ଼ି ନିରାକରଣ ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ପତ୍ରାପାଲି ସରକାରୀ ଗ୍ରାମପଞ୍ଚାୟତ ହାଇସ୍କୁଲରେ ସୋମବାର ଜିଲାସ୍ତରୀୟ ବିଶ୍ୱ ମରୁଭୂମି ଓ ମରୁଡ଼ି ନିରାକରଣ ଦିବସ ପାଳିତ ହୋଇଛି । ଏହି ଅବସରରେ କାର୍ଯ୍ୟକ୍ରମ ଆରମ୍ଭରୁ ସ୍ଥାନୀୟ ହାଇସ୍କୁଲ, ମଧ୍ୟ ଇଂରାଜୀ ବିଦ୍ୟାଳୟ, ଗରିଆଟିକ୍ରା ମଧ୍ୟ ଇଂରାଜୀ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକ, ସ୍କୁଲ ପରିଚାଳନା କମିଟିର ସଭ୍ୟ, ବରଗଡ଼ ବନଖଣ୍ଡ କର୍ମଚାରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା । ଶୋଭାଯାତ୍ରା ସ୍କୁଲର ବାହାରି ଗ୍ରାମ ପରିକ୍ରମା ସହିତ ସଚେତନତା ସୃଷ୍ଟି କରିଥିଲା। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସାଧାରଣ ସଭାରେ ହାଇସ୍କୁଲର ପ୍ରଧାନଶିକ୍ଷକ ନରେଶ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ । ବରଗଡ଼ ସହକାରୀ ବନ ସଂରକ୍ଷକ ଶୁଭଦତ୍ତ ଚମ୍ପତିରାୟ ମୁଖ୍ୟଅତିଥି, ବରଗଡ଼ ବନାଞ୍ଚଳ ଅଧିକାରୀ ମହେନ୍ଦ୍ର ପାତ୍ର ମୁଖ୍ୟବକ୍ତା, ଜିଲା ମାଷ୍ଟର ଟ୍ରେନର ସଞ୍ଜୀବ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଇକୋ କ୍ଲବ ସଂଯୋଜକ ଗିରିଜା ପ୍ରସାଦ ନାଥଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଦୁଇଟି ଲେଖାଏଁ ବୃକ୍ଷଚାରା ରୋପଣ ପାଇଁ ଶପଥ ନେଇଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ସହଯୋଗ କରିଥିଲେ । ଟୁନା କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଳୁନି ହାଇମାକ୍ସ ଲାଇଟ

ଭେଡ଼େନ,୧୭।୬(ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ଗ୍ରାମପଞ୍ଚାୟତର ଧୁବେନପାଲି ଲକ୍ଷ୍ମୀପୂଜା ପଡ଼ିଆରେ ଏକ ହାଇମାଷ୍ଟ ଲାଇଟ ଲାଗିଛି । ଉକ୍ତ ଲାଇଟ୍ ଦୀର୍ଘ ଏକ ମାସ ଧରି ଜଳୁନାହିଁ। ଏ ସମ୍ପର୍କରେ ପଞ୍ଚାୟତ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହେଉଛି ।

# ଗ୍ରାମ ସଡ଼କ ଶିଳାନ୍ୟାସ କଲେ ବିଧାୟିକା

ଭେଡ଼େନ, ୧୭।୬(ଡ଼ି.ଏନ.ଏ)


ବିଧାୟିକା ଛୁରିଆ କୁଶନପୁରୀରେ ଗ୍ରାମ ସଡ଼କର ଶିଳାନ୍ୟାସ କରୁଛନ୍ତି ।

ଭେଡ଼େନ ବ୍ଲକ ଅନ୍ତର୍ଗତ ବକଟି ଗ୍ରାମପଞ୍ଚାୟତ କୁଶନପୁରୀ ଗ୍ରାମରୁ ଚିଚିଣ୍ଡା ଗ୍ରାମପଞ୍ଚାୟତର ଚିଚିଣ୍ଡା ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ ସଡ଼କର ଶିଳାନ୍ୟାସ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି । ୧ କୋଟି ୨୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ରାସ୍ତାକୁ ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ପୂର୍ବତନ ସରପଞ୍ଚ ଅରବିନ୍ଦ ହୋତାଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଧାୟିକା ଛୁରିଆ ମୁଖ୍ୟଅତିଥି, ଭେଡ଼େନ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି, ଉପାଧକ୍ଷା ସୁପ୍ରଭା ପ୍ରଧାନ, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ପୂର୍ବତନ ଜିଲା ପରିଷଦ ସଭ୍ୟ ରଣଜିତ ଭୋଇ, ଚିଚିଣ୍ଡା ସରପଞ୍ଚ ସୁଶାନ୍ତ ପ୍ରଧାନ, ସମିତିସଭ୍ୟ ମୁକେଶ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ରାସ୍ତା ନିର୍ମାଣ ଫଳରେ ଚିଚିଣ୍ଡା ସହ କୁଶନପୁରୀ ଏବଂ ଉଭୟ ଗ୍ରାମ ମଝିରେ ଥିବା ମହାକୁରଟିକ୍ରା, ବଘାରଟିକ୍ରା, ଡ଼ାଙ୍ଗଟିକ୍ରା ଆଦି ପଡ଼ାଗ୍ରାମବାସୀ ଉପକୃତ ହେବେ । ଏହି ଅବସରରେ ବିଧାୟିକା ଛୁରିଆ କୁଶନପୁରୀରେ ଏକ ଟ୍ରାନ୍ସଫର୍ମର ଉଦଘାଟନ କରିଥିଲେ ।

# ଏସ୍‌ପିଙ୍କୁ ଭେଟିଲେ ଭାଜପା କାର୍ଯ୍ୟକର୍ତ୍ତା

ବରଗଡ଼ ଅଫିସ୍,୧୭।୬



ଭାଜପା କାର୍ଯ୍ୟକର୍ତ୍ତା ବରଗଡ଼ ଏସ୍‌ପିଙ୍କୁ ଫେରାଦ ହୋଇଛନ୍ତି।

ବରଗଡ଼ ଜିଲା ଭଟଲି ଓ ବିଜେପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆପରାଧିକ କାର୍ଯ୍ୟକଳାପ ନେଇ ଭାଜପା ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ସୋମବାର ଭାଜପାର ଏକ ପ୍ରତିନିଧି ଦଳ ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁଙ୍କୁ ଫେରାଦ ହୋଇଥିଲେ । ଉପରୋକ୍ତ ନିର୍ବାଚନ ମଣ୍ଡଳୀରେ ଅପରାଧ ନିୟନ୍ତ୍ରଣ ତଥା ଭାଜପା କାର୍ଯ୍ୟକର୍ତ୍ତାଙ୍କ ଉପରେ ଆକ୍ରମଣ ମାମଲାର ଅଭିଯୁକ୍ତଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଭାଜପା ନେତା ଅଶ୍ୱିନୀ ଷଡ଼ଙ୍ଗୀ, ଡା. ଅରୁପାନନ୍ଦ ସାହୁ, ଇରାସିସ ଆଚାର୍ଯ୍ୟ, ସୁବ୍ରତ ହୋତା ପ୍ରମୁଖ ସ୍ମାରକପତ୍ରରେ ନିବେଦନ କରିଛନ୍ତି । ସେମାନେ ଏସ୍‌ପିଙ୍କୁ ନିବେଦନ କରିଥିଲେ । ନିର୍ବାଚନ ପୂର୍ବରୁ ଏବଂ ପରେ ମୁଖ୍ୟତଃ ଉପରୋକ୍ତ ନିର୍ବାଚନ ମଣ୍ଡଳୀ ଅଧୀନ ଗ୍ରାମ ଗୁଡ଼ିକରେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଉପରେ ଆକ୍ରମଣ ହେଉଛି।



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
- ଜନ୍ ରସ୍କିନ୍

## ସଂକ୍ଷେପରେ

### ଡ୍ରେନ୍ ସଫେଇ କାର୍ଯ୍ୟ ତଦାରଖ କଲେ ଜିଲାପାଳ

**ସୋନପୁର,୧୭।୬(ନି.ପ୍ର.):** ଆସୁଛି ମୌସୁମୀ। ଦିନେ ଦୁଇ ଦିନ ଭିତରେ ଓଡିଶାରେ ଆରମ୍ଭ ହେବ ମୌସୁମୀ ବର୍ଷା। ପୁଣି ଆଗକୁ ପ୍ରସିଦ୍ଧ ରଥଯାତ୍ରା। କିନ୍ତୁ ସୁବର୍ଣ୍ଣପୁର ସହରର ସବୁ ଡ୍ରେନ୍‌ରେ ମାଟି, ଆବର୍ଜନା ଭର୍ତ୍ତି। ପୌରପାଳିକା ପକ୍ଷରୁ ଡ୍ରେନ୍ ସଫା କରାଯାଉନି। କେତେକେ ସ୍ଥାନରେ ଡ୍ରେନ୍‌କୁ ଜବର ଦଖଲ କରି କୋଠା ନିର୍ମାଣ କରା ଯାଇଥିବାରୁ ସଫା କରିବା ପାଇଁ ସମସ୍ୟା ସୃଷ୍ଟି ହେଉଛି। ସାମାନ୍ୟ ବର୍ଷା ହେଲେ ସହର ଜଳାବର୍ଣ୍ଣ ହେବ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ସହରବାସୀଙ୍କ ଅସନ୍ତୋଷକୁ ଅନୁଭବ କରି ଜିଲାପାଳ ତଥା ପୌରପାଳିକାର ପ୍ରଶାସକ ମଧୁସୂଦନ ମିଶ୍ର ସୋମବାର ଅପରାହ୍ନରେ ପଟାଭାଡି, ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱ, ଖଦାଲପଡା, ଗୁଣ୍ଡିଚାମନ୍ଦିର ପାର୍ଶ୍ୱ ଓ ବଡବଜାର ସମେତ ବିଭିନ୍ନ ୱାର୍ଡ ବୁଲି ଡ୍ରେନ୍ ସଫେଇ କାର୍ଯ୍ୟର ତଦାରଖ କରିଥିଲେ। ଡ୍ରେନ୍‌ରେ ଆବର୍ଜନା, ପଙ୍କ ଓ କାଦୁଅ ଭର୍ତ୍ତି ହୋଇ ରହିଥିବା ଦେଖିବା ସହ ସଫେଇ କାର୍ଯ୍ୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ମଙ୍ଗଳବାରଠାରୁ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଛୋଟ ନାଳ ଓ ଡ୍ରେନ୍‌ଗୁଡିକର ସଫେଇ କାର୍ଯ୍ୟ ସାରିବାକୁ ଏବଂ କଠିନ ବର୍ଜ୍ୟବସ୍ତୁର ପରିଚାଳନା ସକାଶେ ପୌର ନିର୍ବାହୀ ଅଧିକାରୀ ଡ. ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ସହିତ ଅତିରିକ୍ତ ଜିଲାପାଳ ତଥା ପିଡି ଡୁଡା ଶରତ ଚନ୍ଦ୍ର ପଣ୍ଡା ବିଭିନ୍ନ ୱାର୍ଡ ପରିଦର୍ଶନ କରି ଡ୍ରେନ୍‌ର ସ୍ଥିତି, ପରିମଳ ବ୍ୟବସ୍ଥା ଓ ଡ୍ରେନ୍ ଜବରଦଖଲ ସମ୍ପର୍କରେ ଅବଗତ ହୋଇଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ବଳଦ ମୃତ

**କୋକସରା,୧୭।୬ (ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା କଲ୍ୟାଣ ଉଣ୍ଡପ ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ନିକଟରେ ରବିବାର ସକାଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୋଟିଏ ବଳଦର ମୃତ ଘଟିଥିବା ଦେଖିବାକୁ ମିଳିଛି। ବିଦ୍ୟୁତ ବିଭାଗ ଦାୟିତ୍ୱହୀନତା ଓ ଅପାରଗତା ଯୋଗୁ ବିଦ୍ୟୁତ୍ ସଂପର୍ଶରେ ଆସି ବଳଦର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ଟ୍ରାନ୍ସଫର୍ମର ଚାରିକଡ଼ରେ ବାଡ଼ ନ ଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜଣେ ଚାଷୀ ନିମାଉ ଧଙ୍ଗଡ଼ାମାଝିଙ୍କ ଏକ ବଳଦ ବର୍ଷା ହେଉଥିବା ଯୋଗୁ ଏହି ଟ୍ରାନ୍ସଫର୍ମର ନିକଟ ଦେଇ ଯାଉଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରାଜିବ ଦଣ୍ଡସେନାଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଗତବର୍ଷ ଏହି ଟ୍ରାନ୍ସଫର୍ମର ସ୍ଥାପନ ହୋଇଥିବା ବେଳେ ଚାରିପଟେ ବାଡ଼ ଦେବା ପାଇଁ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ୧ ବର୍ଷ ବିତିଯାଇଥିଲେ ବାଡ଼ ଦିଆଯାଇ ନ ଥିବାରୁ ବିଭିନ୍ନ ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପଶୁମାନେ ମୃତ୍ୟୁବରଣ କରୁଛନ୍ତି। ଅତି ନିକଟରେ ଫ୍ୟୁଜ ପଏଣ୍ଟ ଥିବା ଯୋଗୁ ଜନସାଧାରଣଙ୍କ ପାଇଁ ମଧ୍ୟ ବିପଦ ରହିଛି। ଏ ନେଇ ଗଡ଼ରାମାଲ ସବଷ୍ଟେଶନ ସରକାରୀ ଯନ୍ତ୍ରୀ ପ୍ରଦୀପ ଦାସଙ୍କୁ ଯୋଗାଯୋଗ କରିବାରୁ ଆଗାମୀ ଦିନରେ ସୁରକ୍ଷା ଦିଗ ପ୍ରତି ଧ୍ୟାନ ଦିଆଯିବ ବୋଲି କହିଥିଲେ। ଅନ୍ୟପଟେ ମୃତ ବଳଦର କ୍ଷତିପୂରଣ ପାଇଁ ଚାଷୀ ଦାବି କରିଛନ୍ତି।

# ମଣ୍ଡିରୁ ଉଠୁନି ଧାନ

**ଅମରପାଲି, ୧୭।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ କରାଯାଇଥିବା ଡାଲୁଅ ଚାଷର ଉତ୍ପାଦିତ ଧାନ ସହାୟକ ମୂଲ୍ୟରେ ବିକ୍ରି କରିବା ପାଇଁ ସ୍ଥାନୀୟ ଚାଷୀ ଦୁର୍ଦ୍ଦିନର ସମ୍ମୁଖୀନ ହୋଇଛନ୍ତି। ମଣ୍ଡିକୁ ବିକ୍ରି ସକାଶେ ଆସିଥିବା ଧାନ ମଧ୍ୟରୁ ଏବେବି ବହୁଧାନ ବିକ୍ରି ହୋଇ ନ ପାରି ଗଦା ହୋଇ ରହିଛି। ମିଲର୍ସଙ୍କ ଅସହଯୋଗ ହେତୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଚାଷୀମାନେ ପ୍ରଚଣ୍ଡ ଖରାରେ ସେମାନଙ୍କ ଧାନବସ୍ତାଗୁଡିକ ଜଗି ରହିଥିବା ବେଳେ ଏବେ ବର୍ଷା ଆସିଯାଇଥିବାରୁ ଚିନ୍ତାରେ ପଡିଯାଇଛନ୍ତି। ଏ ସମ୍ପର୍କରେ ଯୋଗାଣ ବିଭାଗ କଥା ହେଲା ପଡି ରହିଥିବା ଧାନର ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାପାଇଁ ଜିଲା ମିଲର୍ସଙ୍କ ବ୍ୟତୀତ ସମ୍ବଲପୁର ମିଲର୍ସ ମାନଙ୍କୁ ଯୋଡାଯାଇଛି।

ସଂଗୃହୀତ ତଥ୍ୟ ଅନୁଯାଇ ଚଳିତ ବର୍ଷ ରବିଧାନ ସଂଗ୍ରହ ନିମନ୍ତେ ବୀରମହାରାଜପୁର ଉପଖଣ୍ଡ ପାଇଁ ଉଲୁଣ୍ଡା ବ୍ଲକରେ ୯ ଏବଂ ବୀରମହାରାଜପୁର ବ୍ଲକରେ ୬ଟି ମଣ୍ଡି ଖୋଲାଯାଇଛି। ଏସବୁ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ମାଧ୍ୟମରେ ରାଜ୍ୟ ଯୋଗାଣ ନିଗମ ୧କୋଟି ୫୭ ଲକ୍ଷ ୬୭ ହଜାର ୩୫୭ କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ କିଣା ସରିଛି। ଏହିକ୍ରମରେ ଉଲୁଣ୍ଡା ବ୍ଲକର ଏସ୍.ପତ୍ରାପାଲି ପ୍ୟାକ୍ସ ସମୁଦାୟ ୧୫୭୩୪.୨୦ କୁଇଣ୍ଟାଲ, କୋଟସମଲାଇ ୨୪୨୯୯.୧୧ କୁଇଣ୍ଟାଲ, ମହଦା ୭୬୪୮.୭୬ କୁଇଣ୍ଟାଲ, ଚଡେଇପଙ୍କ ୨୭୫୬୧.୩୮ କୁଇଣ୍ଟାଲ, ରକ୍ସା ୨୫୦୫.୧୪ କୁଇଣ୍ଟାଲ, କଳାପଥର ୧୪୧୧୪.୭୬ କୁଇଣ୍ଟାଲ, ବିସିପଡା ୯୦୩୪.୨୩ କୁଇଣ୍ଟାଲ, ଜାଲଏ ୧୯୨୦୪.୬୦ କୁଇଣ୍ଟାଲ ଏବଂ ପଞ୍ଚମହଲା ପ୍ୟାକ୍ସ ୧୭୨୦୨.୫୦ କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ ସଂଗ୍ରହ କରି ସାରିଥିବା ଅତିରିକ୍ତ ଯୋଗାଣ ଅଧିକାରୀ ସୁବୋଧ କୁମାର ହୋତାଙ୍କଠାରୁ ପ୍ରକାଶ। ତାଙ୍କଠାରୁ ମିଳିଥିବା ସୂଚନାମତେ ବୀରମହାରାଜପୁର ବ୍ଲକର ମୁଷ୍ଟୁଣୀ ପ୍ୟାକ୍ସ ଜରିଆରେ ୧୮୦୯.୧୮ କୁଇଣ୍ଟାଲ, ହିଲୁଙ୍ଗରେ ୨୨୫୯.୦୬ କୁଇଣ୍ଟାଲ, କେଞ୍ଚୁରିଆପାଲି ୪୧୪୧.୬୫ କୁଇଣ୍ଟାଲ, ବହଲପଦର ୧୧୨୪୨.୪୮ କୁଇଣ୍ଟାଲ, ଉଫୁଲା ୬୧୭.୨୭ କୁଇଣ୍ଟାଲ ଏବଂ ବାଗବର ପ୍ୟାକ୍ସ ୨୯୯.୨୫ କୁଇଣ୍ଟାଲ ଧାନ କିଣା ସରିଛି। ତାସତ୍ତ୍ୱେ ଏବେବି ବିଭିନ୍ନ ମଣ୍ଡିରେ ପଡି ରହିଥିବା ଧାନବସ୍ତା ଗୁଡିକ ସରକାରଙ୍କ ସହାୟକ ମୂଲ୍ୟରେ କିଣିବାକୁ ତ୍ୱରାନ୍ୱିତ ପଦକ୍ଷେପ ନିଆଯାଇଛି। ଗତ ଶୁକ୍ରବାରଠାରୁ ସମ୍ବଲପୁର ମିଲର୍ସଙ୍କ ଗାଡି ବିଭିନ୍ନ ମଣ୍ଡିରେ ପହଞ୍ଚିବା ଆରମ୍ଭ କରିଛନ୍ତି ବୋଲି ଏସିଏସ୍‌ଓ ହୋତା ସୂଚିତ କରିଛନ୍ତି। ତେବେ ବିଗତ ତିନିଦିନ ହେଲା ସାରା ଅଞ୍ଚଳରେ ବିକ୍ଷିପ୍ତ ବର୍ଷା ଆରମ୍ଭ ହୋଇଥିବାରୁ ଖୋଲା ଆକାଶତଳେ ପଡି ରହିଥିବା ଧାନ ବସ୍ତାଗୁଡିକ ନଷ୍ଟ ହେବାର ଆଶଙ୍କା ରହିଛି। ସେଥିଯୋଗୁଁ ଚାଷୀକୂଳ ଛାନିଆ ହୋଇ ପଡିଛନ୍ତି।



ହିଲୁଙ୍ଗ ପ୍ୟାକ୍ସରେ ବିକ୍ରିପାଇଁ ଆସି ପଡି ରହିଥିବା ଧାନବସ୍ତା।

- ବୀରମହାରାଜପୁର ଉପଖଣ୍ଡ
- ଦୁର୍ଦ୍ଦିନରେ ଚାଷୀକୁଳ
- ପଡିରହିଛି ହଜାର ହଜାର ବସ୍ତା ଧାନ



କୁଆଦେଇ କରୁଆଁଙ୍କୁ ଲାଠୋର ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଭତା ଦେଉଛନ୍।

# ବୁଢ଼ାବୁଢ଼ି ଭତା ପାଏଲେ କୁଆଦେଇ

**ଲାଠୋର ୧୭।୬(ଡି.ଏନ.ଏ.)**

**ଧରିତ୍ରୀ ପ୍ରଭାବ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଗାଁର ୮୩ ବଛରିଆ ବିଧବା ବୁଢ଼ି କୁଆଦେଇଙ୍କୁଁ ଶେଷେ ଲାଠୋର ପଁଚେତ୍ ପରଶାସନ ଭତା ଟଁକା ଦେଇଛେ। ଆପ୍‌ନେର ମୁର୍‌ଦୁ ଉତାରୁ ସେ ଲାଠୋରରେ ଥିବାର ନିଜର ବିଧବା ଝିଁ ଘରେ ଆଶ୍‌ରେ ନେଇ ରହୁଥିଲେ। ସେ ବିଧବା ଆର ବଏସ୍ ଅଧିକା ହେଇଥିଲେ ବି ଭତାରୁ ବଁଚିତ୍ ହେଇ ରହିଥିଲେ। ଇ ବାବ୍‌ଦେ ଗଲା ୯ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ବଢୁଛେ ବଏସ୍, କମୁଛେ ଆଶ୍' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ବରଗଡ଼ ଜିଲା ବିଜେପୁର ବ୍ଲକ ଜୋଖିପାଲି ଗାଁର ୟୁଥ ଏଗେନଷ୍ଟ କରପସନ ସଂଗଠନ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାର, ମହିଳା ଓ ଶିଶୁ ବିକାଶ ଆର ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ଜିଲାପାଳ ବଲାଙ୍ଗୀରଙ୍କୁଁ ଟ୍ୱିଟର ଜରିଆରେ ଅବଗତ୍ କରିଥିଲେ। ସେ କୁଆଦେଇଙ୍କୁଁ ଯେତେ ଜଲଦି ହେବା ବୁଢ଼ାବୁଢ଼ି ଭତା ଯୁଗେଇ ଦେବାକେ ଅନୁରୋଧ କରିଥିଲେ। ତାକର ଅନୁରୋଧରେ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ ଖପ୍ରାଖୋଲ ବିଡିଓଙ୍କୁଁ ଘଟନାର ତଦଁତ୍ କରି ରିପୋର୍ଟ ଦେବାକେ ନିରଦେଶ ଦେଇଥିଲେ। ବିଡିଓ ତରଣୀ ସୁନା ତଦଁତ୍ ରିପୋର୍ଟ ଦେଲା ଉତାରୁ ଗଲା ୧୧ ତାରିଖ୍ ନିସାହା ବିଧବା କୁଆଦେଇଙ୍କୁଁ ଭତା ଦେବାର ଲାଗି ମଂଜୁରି ମିଳିଥିଲା। ସୋମବାର କୁଆଦେଇଙ୍କୁଁ ଲାଠୋର ପଁଚେତ୍ ଅଫିସରେ ଭତା ଦିଆଯାଇଛେ।

### କାଳବୈଶାଖୀ ବର୍ଷା

**ରିଷିଡା,୧୭।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ରିଷିଡା ଓ ଗଜବାହାଲ ଅଞ୍ଚଳରେ ରବିବାର ରାତିରେ କାଳବୈଶାଖୀ ବର୍ଷା ହୋଇଯାଇଛି। ବଜ୍ରାଘାତରେ ଗଜବାହାଲ ଅଞ୍ଚଳର ଗୋଟିଏ ଗଛ ଚିରି ହୋଇଯାଇଛି। ଏହି ବର୍ଷ ଯୋଗୁ ତାପମାତ୍ରା ସାମାନ୍ୟ ହ୍ରାସ ହୋଇଥିବା ବେଳେ ବିଜୁଳି ବିଭ୍ରାଟ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି।

ରିଜର୍ଭ ପ୍ରିମିୟର ଲିଗ୍

## ଆଦ୍ୟାଶ୍ରୀ ଷ୍ଟ୍ରାଇକର, ଖୁସି ଫାଇଟର ବିଜୟୀ

**ସୋନପୁର,୧୭।୬(ନି.ପ୍ର.)**

ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆରେ ରିଜର୍ଭ ପ୍ରମିୟର ଲିଗ୍(ଆରପିଏଲ-୪)ରେ ସୋମବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଦ୍ୟାଶ୍ରୀ ଷ୍ଟ୍ରାଇକର ଓ ଖୁସି ଫାଇଟର ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ଆଦ୍ୟାଶ୍ରୀ ଷ୍ଟ୍ରାଇକର ଓ ପୱନ ହିରୋଜ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୱନ ହିରୋଜ୍ ଟସ୍ ଜିତି ପ୍ରଥମେ ଫିଲ୍‌ଡିଂ ପାଇଁ ନିଷ୍ପତ୍ତି ନେଇଥିଲା। ଆଦ୍ୟାଶ୍ରୀ ଷ୍ଟ୍ରାଇକର ୧୦ ଓଭର ଖେଳି ୫ ଉଇକେଟ ବିନିମୟରେ ୯୨ ରନ ସଂଗ୍ରହ କରିଥିଲା। ଜବାବରେ ପୱନ ହିରୋଜ୍ ୧୦ ଓଭରରେ ୭୮ ରନ କରିବାକୁ ସକ୍ଷମ ହୋଇଥିଲା। ଯଦୁଲାଲ ନନ୍ଦ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସୁଶାନ୍ତ ମିଶ୍ର ଓ କୁନା ନାୟକ ଖେଳ ପରିଚାଳନା କରିଥିଲେ। ଦ୍ୱିତୀୟ ମ୍ୟାଚ୍ ମାନ୍‌ଭି ବ୍ଲାଷ୍ଟର ଓ ଖୁସି ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାନ୍‌ଭି ବ୍ଲାଷ୍ଟର ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା। ଦଳ ୧୦ ଓଭରରେ ୬ ଉଇକେଟ୍ ହରାଇ ୫୯ ରନ୍ ସଂଗ୍ରହ କରିଥିଲା। ଖୁସି ଫାଇଟର ୮ ଓଭରରେ ୩ ଉଇକେଟ୍ ହରାଇ ୬୫ ରନ୍ ସଂଗ୍ରହ କରିଥିଲା। ବିଜୟୀ ଖୁସି ଫାଇଟରର ଇଲୁ ବିଶିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜେଶ କୁମାର ପାଣ୍ଡେ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଦୀନେଶ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ଆଲୋକ ପାତ୍ର, ଜିତୁ ସାହୁ ଓ ଜ୍ୟୋତିରଞ୍ଜନ ମିଶ୍ର ସହଯୋଗ କରିଥିଲେ।




ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଭିଲେଜର୍ସ ଇଣ୍ଡିଆ ପାର୍ଟି ଓ ଆଦିବାସୀ ଅଧିକାର ମହାସଂଘ ପକ୍ଷରୁ ୨୩ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳୀନ ଧାରଣା ଦିଆଯାଇଛି।

# ସମସ୍ୟା ଜଣାଇଲେ ଗାଁ ସାଥୀସଂଘ

**ଲୋଇସିଂହା,୧୭।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀର ଲୋଇସିଂହା, ଆଗଲପୁର ଏବଂ ପୁଇଁତଲା ବ୍ଲକରେ କାର୍ଯ୍ୟରତ ଗାଁ ସାଥୀ(ମେଟ) ସଂଘ ଲୋଇସିଂହା ବିଧାୟକ ଡ଼. ମୁକେଶ ମାହଲିଙ୍ଗଙ୍କୁ ସାକ୍ଷାତ କରିଥିଲେ। ସଂଘର ପ୍ରତିନିଧି ଦଳ ନବ ନିଯୁକ୍ତ ବିଧାୟକଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ସେମାନେ ଜଣାଇଥିଲେ ଯେ, ୨୦୦୮ ରୁ ପଞ୍ଚାୟତସ୍ତରରେ ଥିବା ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ୨ଜଣ ଗାଁ ସାଥୀଙ୍କୁ ସରକାର ନିଯୁକ୍ତ କରିଛନ୍ତି। ଗ୍ରାମ୍ୟସ୍ତରରେ ହେଉଥିବା ଏମ୍‌ଜିଏନଆରଇଜିଏସ୍ କାମ ତଦାରଖ କରିବା ଗାଁ ସାଥୀଙ୍କ କାମ। ହେଲେ ପଞ୍ଚାୟତସ୍ତରରେ ସେମାନଙ୍କୁ ଏକ ପ୍ରକାର ଅଣଦେଖା କରାଯାଉଛି। ଏ ନେଇ ସଂଘ ଜିଲାପାଳଠାରୁ ସଚିବ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ସୁଫଳ ପାଇନାହିଁ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବ୍ଲକ ପ୍ରଶାସନକୁ ଚିଠି କରିଥିଲେ ସୁଦ୍ଧା ବିଡିଓମାନେ କାର୍ଯ୍ୟକାରୀ କରୁନାହାନ୍ତି। ସରକାର ଗାଁ ସାଥୀ ନିଯୁକ୍ତ କରିବାର କୌଣସି ମାନେ ରହୁନାହିଁ। ସେମାନଙ୍କୁ ଏମଜିଏନଆରଇଜିଏସ୍ କାମରେ ନିୟୋଜିତ କରିବା ଓ ଉପଯୁକ୍ତ ପ୍ରାପ୍ୟ ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅବଗତ କରିବା ପାଇଁ ସଂଘ ପକ୍ଷରୁ ବିଧାୟକଙ୍କୁ ଲିଖିତ ଭାବେ ଫେରାଦ ହୋଇଛନ୍ତି। ଜିଲା ସଭାପତି ସଞ୍ଜୟ ଗଡତ୍ୟା, ଉପସଭାପତି ହିମାଞ୍ଚଳ ମେହେର, ଲୋଇସିଂହା ବ୍ଲକ ସମ୍ପାଦକ ଆନନ୍ଦ ମିଶ୍ର, ଆଗଲପୁର ବ୍ଲକ ସମ୍ପାଦକ ଆନନ୍ଦ ପଧାନ, ପୁଇଁତଲା ବ୍ଲକର ଦେବକୀ ମିଶ୍ର, ରମେଶ ବିଶ୍ୱାଳ, ନବଘନ ସିଂ, ଅମ୍ରିଶ ନାଏକ, ମୀନତି ମିଶ୍ର ପ୍ରମୁଖ ବିଧାୟକଙ୍କୁ ସାକ୍ଷାତ କରିଥିଲେ।



ଲୋଇସିଂହା ବିଧାୟକଙ୍କୁ ଭେଟିଥିବା ଗାଁ ସାଥୀସଂଘ ପ୍ରତିନିଧି ଦଳ।

- ବ୍ରିଜରେ ଜମୁଛି ପାଣି

# ନିଷ୍କାସନ ପାଇଁ ନିଆଯାଉନି ପଦକ୍ଷେପ

**ସଇଁତଲା, ୧୭।୬(ଡି.ଏନ.ଏ.)**

ବରଗଡ଼-ବୋରିଗୁମ୍ମା ଜାତୀୟ ରାଜପଥ ୨୬ ସଇଁତଲା ଦେଇ ଯାଇଛି। ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଯାନବାହାନ ଯିବା ଆସିବା କରୁଛି। ବରଗାଁ ନିକଟ ଦେଇଯାଇଥିବା ଲାନ୍ଥନଦୀ ଉପରେ ରାଜପଥ ବିଭାଗ ତରଫରୁ ଏକ ବ୍ରିଜ ନିର୍ମାଣ ହୋଇଛି। ଏହି ବ୍ରିଜ ନିର୍ମାଣ ବହୁ ବର୍ଷ ହେଲା ସରିଥିବାବେଳେ ବର୍ଷକ ତଳେ ଏହାର ମରାମତି କାମ ହୋଇଥିଲା। ମରାମତି କାମ ହେବା ପରେ ମଧ ବ୍ରିଜ ଉପରେ ଖାଲଖମା ହୋଇଯାଇଛି। ବର୍ଷାପାଣି ନିଷ୍କାସନ ପାଇଁ ବ୍ରିଜ ଉପରେ କରାଯାଇଥିବା ଗାତଗୁଡ଼ିକ ଧୂଳିବାଲିରେ ପୋତି ହୋଇଯାଇଛି। ଯାହା ଫଳରେ ଟିକିଏ ବର୍ଷା ହେଲେ ବ୍ରିଜ ଉପରେ ଆଣ୍ଠୁଏ ପାଣି ଜମା ହୋଇରହୁଛି। ପାଣି ଜମିବାରୁ ବ୍ରିଜରେ ହୋଇଥିବା ଖାଲଖମାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ବର୍ଷା ପରେ ଏହି ରାସ୍ତା ଦେଇ ଯିବାଆସିବା କରୁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ବିଶେଷ କରି ଚାରିଚକିଆ ଯାନ ବ୍ରିଜ ଦେଇ ପାସ୍ କରୁଥିବା ବେଳେ ଜମି ହୋଇଥିବା ପାଣି ପାର୍ଶ୍ୱରେ ଯାଉଥିବା ଲୋକଙ୍କ ଉପରେ ପଡୁଛି। ତୁରନ୍ତ ବ୍ରିଜରେ ଜମିଥିବା ବାଲି ସଫା କରିବା ସହ ବର୍ଷା ପାଣି ନିଷ୍କାସନ ପାଇଁ ଜରୁରୀ ହୋଇ ପଡିଛି। ଏଥି ସହିତ ବ୍ରିଜରେ ହୋଇଥିବା ଖାଲଖମାକୁ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।



ନିଷ୍କାସନ ହୋଇ ନ ପାରି ବ୍ରିଜରେ ଜମି ରହିଥିବା ପାଣି।

# ପୋଲିସ, ଅବକାରୀ ଜାଣତରେ ନିଶାଦ୍ରବ୍ୟ କାରବାର

**ବେଲପଡା,୧୭।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ଅଞ୍ଚଳ ନିଶା କାରବାରର ପେଣ୍ଠସ୍ଥଳ ପାଲଟିଛି। ନିଶା ପାଇଁ ଯୁବ ସମାଜ ପଥଭ୍ରଷ୍ଟ ହେଉଛନ୍ତି। ପ୍ରତିଦିନ ଗଣ୍ଡଗୋଳ, ଦୁର୍ଘଟଣା ବଢ଼ିବା ସହ ବିଭିନ୍ନ ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ମୁଖ୍ୟ ରାସ୍ତା କଡରେ ବିଭିନ୍ନ ଦୋକାନରେ ଦେଶୀ ଓ ବିଦେଶୀ ମଦ ମିଳୁଛି। ବେଲପଡା ଥାନାର ୨୦୦ମିଟର ଦୂରରେ ଚାଲିଛି ମଦ ବେପାର। ହେଲେ ପୋଲିସ ଓ ଅବକାରୀ ବିଭାଗ ଜାଣି ମଧ ଅଜଣା ରହୁଛି। ଅଭିଯୋଗ କଲେ କିଛି ଲାଭ ମିଳୁନି। ଚଢାଉ ପୂର୍ବରୁ ମଦ ମାଫିଆ ଖବର ପାଇ ଯାଉଛନ୍ତି। ଏଣୁ କେବଳ ଲୋକ ଦେଖାଣିଆ ଚଢାଉ କରାଯାଉଛି। ସ୍କୁଲ କଲେଜ ଯାଉଥିବା ଝିଅମାନେ ରାସ୍ତାରେ ଗଲାବେଳେ ଭୟ କରୁଛନ୍ତି। ଏଣୁ ଅଭିଭାବକମାନେ ଚିନ୍ତାରେ ରହୁଛନ୍ତି। କାଶ ପାଇଁ ବ୍ୟବହାର କରାଯାଉଥିବା କଫସିରପ ନିଶା ପାଇଁ ଚୋରାରେ ମିଳୁଛି। ବେଲପଡା ସହରକୁ କେତେକ ମାଫିଆ ହିରୋଇନ, ଚରସ ଭଳି ମାରାତ୍ମକ ନିଶା ଆଣୁଛନ୍ତି। ଏହି ନିଶା ବ୍ୟୟବହୁଳ। ଏଣୁ ଟଙ୍କା ପାଇଁ ଚୋରି ଡକାୟତି କରା ଯାଉଛି। ବେଲପଡାରେ ଲାଇସେନ୍ସପ୍ରାପ୍ତ ବିଦେଶୀ, ଦେଶୀ ମଦ ଦୋକାନ ଥିଲେ ମଧ୍ୟ ମଦ ଦୋକାନୀ ମାଲିକମାନେ ବାଇକ ଯୋଗେ ଗାଁ ଗାଁକୁ ଚୋରା ମଦ ଚାଲାଣ କରୁଛନ୍ତି। ଅନ୍ୟପକ୍ଷେ ଦେଶୀ ମଦ ଭାଟିରେ ନକଲି ବିଦେଶୀ ମଦ ତିଆରି ହେଉଥିବାର ଅଭିଯୋଗ ହେଉଛି। ୩ମାସ ତଳେ ବେଲପଡା ନିକଟ ଏକ ଦେଶୀ ମଦ ଭାଟିରେ ବେଆଇନ ଭାବେ ବିଭିନ୍ନ ନାମୀଦାମୀ କମ୍ପାନୀର ବିଦେଶୀ ମଦ ଠିପି ଓ ବୋତଲ ଲେବୁଲ ଲଗାଇ ତିଆରି କରାଯାଉଥିଲା। ଏ ନେଇ ଅଭିଯୋଗ ହେବାପରେ ବେଲପଡା ପୋଲିସ ପକ୍ଷରୁ ରାତି ଅଧିଆ ଚଢାଉ କରା ଯାଇଥିଲା। ହେଲେ ମାମଲାର ରଫାଦଫା ହୋଇଯାଇଥିଲା। ଅନ୍ୟପକ୍ଷେ ଦେଶୀ ମଦ ପାଉଚରେ ବେଶୀ ନିଶା ପାଇଁ ନିଶା ବଟିକା, ୟୁରିଆ ସାରର ପ୍ରୟୋଗ କରାଯାଉଥିବା ମଧ ଅଭିଯୋଗ ହେଉଛି। ତେବେ ବେଲପଡା ବ୍ଲକ ଜିଲାରର ମୁଖ୍ୟ ଦାଦାନ ପ୍ରବଳ ଅଞ୍ଚଳ ଭାବରେ ଜଣାଶୁଣା। ଏଠାରେ ଗରିବ ଲୋକେ ବହୁକଷ୍ଟରେ ଧନ ଉପାର୍ଜନ କରୁଥିଲାବେଳେ ନିଶା କବଳରୁ ମୁକ୍ତି ମିଳୁନାହିଁ। ଘାଗୁର୍ଲୀ, ମଣ୍ଡଳ, ଧୁମାଭଟା, ଖଲିପଥର, ଗମ୍ଭାରୀ, କାନୁଟ ଅଞ୍ଚଳରେ ଏହି ନିଶା କାରବାର ବେଧଡ଼କ ଚାଲିଛି। ନିକଟସ୍ଥ ମୁରିବାହାଲ, କଣ୍ଟାବାଞ୍ଜି, ଖପ୍ରାଖୋଲ ଅଞ୍ଚଳରୁ ଲୋକେ ବେଲପଡାକୁ ନିଶା ପାଇଁ ଆସୁଛନ୍ତି। ତେବେ ନିଶାକାରବାର ଉପରେ ରୋକ୍ ଲାଗି ନ ପାରିବା ସମ୍ପର୍କରେ ପୋଲିସ ଓ ଅବକାରୀ ବିଭାଗ ଅତି ଚତୁରତାର ସହ ସଫେଇ ଦେଇ ଖସି ଯିବାକୁ ଚେଷ୍ଟା କରିଛି। ଅବକାରୀ ଅଧିକାରୀ ଅନ୍ନପୂର୍ଣ୍ଣା ରଥ କହିଛନ୍ତି ଯେ, ଏଭଳି କିଛି ଅଭିଯୋଗ ଆସିନାହିଁ। ଯଦି ଅଭିଯୋଗ ହୁଏ ତେବେ ଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିଭଳି ବେଲପଡା ଥାନା ଆଇଆଇସି ସଚ୍ଚିଦାନନ୍ଦ ବରିହା କହିଛନ୍ତି ଯେ, ପୋଲିସ ଚଢାଉ କରୁଛି। ଅଭିଯୁକ୍ତ ଧରା ପଡୁଛନ୍ତି। ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଉଛି। ତେବେ ନିଶାବଟିକା ଓ କୋରେକ୍ସ କାରବାର ଚାଲିଥିବା ସମ୍ପର୍କରେ ସେ ଶୁଣିଛନ୍ତି। ଏହା ଉପରେ ପୋଲିସ ଚଢାଉ କରିବ।



ଗଦା ହୋଇଥିବା କଫସିରପ ବୋତଲ।



କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍



## ସଂକ୍ଷେପରେ

### ପ୍ରାକ୍ ମୌସୁମୀ ବର୍ଷା, ତାତିରୁ ଆଶ୍ୱସ୍ତି

**ଟିକ୍ରାପଡା, ୧୭।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡା, ଝିଙ୍କିଡୁଙ୍ଗୁରି, ଜୁରାବନ୍ଧ, କରମତଲା ପଞ୍ଚାୟତ ଅଞ୍ଚଳରେ ରବିବାର ରାତିରେ ପ୍ରାକ୍ ମୌସୁମୀ ବର୍ଷା ହୋଇଯାଇଛି । ଫଳରେ ଲୋକେ ତାତିରୁ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି। କୃଷି କାର୍ଯ୍ୟପାଇଁ କୃଷକ ମହଲରେ ତତ୍ପରତା ପ୍ରକାଶ ପାଇଛି । ନୂଆ ଲଙ୍ଗଳ ନିର୍ମାଣ ସହ ଆନୁଷଙ୍ଗିକ ବ୍ୟବସ୍ଥାରେ ବ୍ୟସ୍ତ ରହୁଥିବା ଦେଖାଯାଇଛି । ସୋମବାର ଦିନ ସାରା ତାପମାତ୍ରାରେ ହ୍ରାସ ଅନୁଭବ କରାଯାଇଛି ।

### ପୋଲିସ ଏନ୍କାଉଣ୍ଟରରେ ଦୁର୍ଦ୍ଦାନ୍ତ ସୀତାରାମ ଗୁରୁତର, ପିସ୍ତଲ ଜବତ



**ବଲାଙ୍ଗୀର ଅଫିସ, ୧୭।୬:** ପୋଲିସ ଏନ୍କାଉଣ୍ଟରରେ ମୋଷ୍ଟ ୱାଣ୍ଟେଡ ଦୁର୍ଦ୍ଦାନ୍ତ ଅଭିଯୁକ୍ତ ସୀତାରାମ ରଣା ଗୁରୁତର ହୋଇଛନ୍ତି। ପୁଇଁନ୍ତଲା ଥାନା ଅନ୍ତର୍ଗତ ମହୀମୁଣ୍ଡା-ଦୁହେଲ ରାସ୍ତାରେ ପୋଲିସକୁ ଚକ୍ମା ଦେଇ ରବିବାର ରାତ ପ୍ରାୟ ୧୧ଟାରେ ଫେରାର ହେବାକୁ ସେ ଉଦ୍ୟମ କରୁଥିବା ବେଳେ ପୋଲିସ ଏନ୍କାଉଣ୍ଟର କରିଥିଲା । ଅଭିଯୁକ୍ତଙ୍କ ବାମ ଗୋଡରେ ଗୁଳି ବାଜିବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବୁର୍ଲା ମେଡିକାଲ ପଠାଯାଇଥିଲା । ଅଭିଯୁକ୍ତଙ୍କ ସୀତାରାମଙ୍କଠାରୁ ପୋଲିସ ଏକ ପିସ୍ତଲ, ମୋବାଇଲ ଓ ଏକ ବାଇକ୍ ଜବତ କରିଥିଲା। ଏ ନେଇ ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ପୁଇଁନ୍ତଲା ଥାନାରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଥିଲେ । ବଲାଙ୍ଗୀର, ସୁବର୍ଣ୍ଣପୁର ଏବଂ କୋରାପୁଟ ଜିଲାର ଅନେକ ସଙ୍ଗୀନ ମାମଲାର ମୋଷ୍ଟ ୱାଣ୍ଟେଡ ସୀତାରାମଙ୍କୁ ରବିବାର ରାତିରେ ପୁଇଁନ୍ତଲା ପୋଲିସ ଟିମ୍ ମହୀମୁଣ୍ଡା ଗାଁ ନିକଟରେ ଘେରିଯାଇଥିଲେ । ଆତ୍ମସମର୍ପଣ କରିବାକୁ ତାଙ୍କୁ ପୋଲିସ କହିବା ପରେ ଅଭିଯୁକ୍ତ ପୋଲିସ ଉପରକୁ ଗୁଳିଚାଳନା କରିଥିଲା । ଫଳରେ ପୋଲିସ ବାଧହୋଇ ସୀତାରାମଙ୍କ ଉପରକୁ ଗୁଳିଚାଳନା କରିଥିଲା । ପୋଲିସ ଗୁଳି ସୀତାରାମଙ୍କ ବାମ ଗୋଡରେ ବାଜିବା ପରେ ଗୁରୁତର ଆହତ ହୋଇପଡିଥିଲା । ସୀତାରାମଙ୍କ ନାଁରେ ହତ୍ୟା, ଡକାୟତି, ଲୁଟ୍, ଛିନ୍ତାଇ ଓ ଅନ୍ୟାନ୍ୟ ବହୁ ଆପରାଧିକ ମାମଲା ରହିଛି ।

### ସାପ କାମୁଡାରେ ଯୁବକ ମୃତ

**ଲାଞ୍ଜିଗଡ଼,୧୭।୬(ଡି.ଏନ.ଏ.)** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗାଁର ସନ୍ତୋଷ ଦଣ୍ଡସେନା (୩୬)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ରବିବାର ସନ୍ଧ୍ୟାରେ ସେ ସ୍ଥାନୀୟ ଶିବ ମନ୍ଦିରରେ ଦର୍ଶନ ସାରି ନିକଟରେ ଥିବା ବିଷ୍ଣୁ ମନ୍ଦିର ଭିତରରେ ପଶି ସାଷ୍ଟାଙ୍ଗ ପ୍ରଣିପାତ କରୁଥିଲେ। ଏହି ସମୟରେ ଏକ ବିଷାକ୍ତ ସାପ ତାଙ୍କୁ ଚୋଟ ମାରିଥିଲା ।

# ସାହାଯ୍ ଆଶ୍ରେ ପକ୍ଷାଘାତ ରୁଗୀ

**ଭୁବନେଶ୍ୱର ବାରିକ**
**ଲାଠୋର ୧୭।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଁଚେତ୍ ଅଧୀନ କହ୍ନେଇଛାପର ଗାଁର ଖଇରାପଡ଼ା । ଇ ପଡ଼ାରେ ଆଦିବାସୀ ସମାଜର ଉଦ୍ଧବ ଭୋଇ(୫୨)କଁର ଘର। ମାଏକିନା ବତୀ ଭୋଇ ଆର ଝିଁ ପ୍ରେମଶୀଳାକେ ନେଇ ତାକର ସୁଖର ସଁସାର। ଜମିବାଡ଼ି ବଲି କହିଛି ନାଇଁ, ମୂଲୁ ସୁଖ୍ବାସୀ ଆନ୍। ପରହର ଘରେ କାମ୍‌ବୁତା କରବାର ସଂଗେ ଜଂଗ୍‌ଲୁ ସରଗୀ ପତର ଠୁଲେଇ ଖଲିଦନା ଟିପି ସେଟା ବିକାଭଂଗା କରି ପରିବାରଟା ଖୁସିରେ ଚଲୁଥିଲେ। ହେଲେ ଦୁଖର କଥା ଆଏଜ୍‌କେ ୬ ବଛର ତଲେ ହଠାତ୍ ଉଦ୍ଧବ ପକ୍ଷାଘାତ ରୋଗ୍‌ରେ ଆକ୍ରାଁତ ହେଲେ। ଘରର ଗୁଟେ ବଲି ରୁଜ୍‌ଗାରିଆ ଲୋକ୍ ଖଟେ ପଡ଼ି ରହିଲାବେଲେ ପରିବାର ଲୋକ ଦୁଖେ ଭାଂଗିପଡ଼ଲେ। ସେ ଝିଁ ବିହା କରବାର ଲାଗି ଯାହା ଠୁଲେଇ କରି ରଖିଥିଲେ ଆର ଲାଗେଲେସରମାନକରନ୍ତୁ ଧାର ଉଧାର କରି ଭିନେ ଭିନେ ଡାକ୍ତରଖାନା ଯାଇ ଚିକିତ୍ସା କରାଲେ। ହେଲେ କିଛି ଲାଭ ନାଇଁ ହେଲା। ଇଆଡ଼େ ଅଭାବ ଅନାଟନ ଲାଗି ପରିବାର ଲୋକ ଉଦ୍ଧବକେ ଉଷୋକଷା କାଣା ଦେବେ ଭଲକରି ମୁଠେ ଖାଏବାକେ ନାଇଁ ଦେଇପାରବାର। ଘରର ମୁରଧନିଆଁ ଲୋକ୍ ରୋଗ୍‌ରେ ଖଟେ ପଡ଼ି ରହିଲାବେଲେ ପରିବାରଟା ପୂରା ଅସାହା ହେଇଯାଇଛନ୍। ଉଦ୍ଧବ ଉଠାବସା ନାଇଁ କରିପାରବାର ଲାଗି ମାଏକିନା ବତୀ ତାକର ଖାନାପିନାନୁ ମୂଲ କରି ଝାଡ଼ାଝପଟ, ଗଧାମଖା କଥା ବୁଝୁଛନ୍। ପରିବାର ସରକାରୀ ଯୋଜନାରେ ଗୁଟେ ପ୍ରଧାନମନ୍ତ୍ରୀ ଆବାସ ଘର ପାଇଥିଲାବେଲେ ମାସିକ ୧୫ କେ.ଜି. ଚାଉଲ ପାଉଛନ୍। ହେଲେ ଇ ଅଭାବ ଅନାଟନରେ ଉଦ୍ଧବକଁର ଚିକିତ୍ସା ଆର ଝିଁର ବିହାଘର କେନ୍‌ଥେଇ ହେବା ସେ ଚିନ୍ତାରେ ବତୀ ହରମେଶା ଘାରି ହେଉଛନ୍। ଏନ୍ତା ଦୁରଦିନ୍‌ରେ ଗତି କରୁଥିବାର ପରିବାରକେ ପରଶାସନ ଦୁରୁଷ୍ଟି ଦେଇ ଯେତେ ଜଲଦି ହେବା ସାହାଯ୍ ଯୁଗେଇ ଦେବାକେ ପଡ଼ାବାସୀ ଦାବି କରିଛନ୍।



ପକ୍ଷାଘାତ୍‌ରେ ରୁଗୀ ଉଦ୍ଧବ ଖଟେ ପଡ଼ିରହିଛନ୍।

**ଚିକିତ୍ସା ଲାଗି ଟଁକା ବାଧକ୍**
- ଉଦ୍ଧବ ଘରର ଗୁଟେ ବଲି କମାନିଆଁ ଲୋକ୍
- ୬ ବଛର ହେଲା ରୋଗ୍‌ରେ ଖଟେ ପଡ଼ିଛନ୍
- ଠିକ୍‌ସେ ମୁଠେ ଖାଏବାକେ ନାଇଁ ପାଏବାର
- ଅଭାବ ଅନାଟନ ଲାଗି ଝିଁର ବିହା ଅଟକିଛେ



ଫଟାମୁଣ୍ଡା ଗ୍ରାମବାସୀ ଖୋଳିଥିବା ଜଳାଶୟ।

# ନିଜସ୍ୱ ଅର୍ଥରେ ଲୋକେ ଖୋଳିଲେ ଜଳାଶୟ

**ଟିକ୍ରାପଡା, ୧୭।୬(ଡି.ଏନ.ଏ.)**

ସଇଁତଲା ବ୍ଲକ ଟିକ୍ରାପଡା ପଞ୍ଚାୟତ ଅଧିନ ଫଟାମୁଣ୍ଡା ଗ୍ରାମବାସୀ ସ୍ନାନ ପାଇଁ ନିଜ ହାତରୁ ଖର୍ଚ୍ଚ କରି ନିକଟସ୍ଥ ମନ୍ତ୍ରୀକଟାରେ ଜଳାଶୟ ନିର୍ମାଣ କରିଛନ୍ତି। ଗ୍ରୀଷ୍ମଋତୁରେ ଜଳାଭାବ ହେତୁ ସ୍ନାନ ପାଇଁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ଯୋଗୁଁ ଏଭଳି ପଦକ୍ଷେପ ନେଇଥିବା ପ୍ରକାଶ କରିଛନ୍ତି। ଜଳାଶୟ ନିର୍ମାଣ ପରେ ସ୍ନାନ ପାଇଁ ଜଳର ଅଭାବ ଦୂର ହୋଇଥିବା ସେମାନେ କହିଛନ୍ତି। ଗ୍ରାମବାସୀ ଅର୍ଥ ସଂଗ୍ରହ କରି ସଂଗୃହୀତ ରାଶିରେ ଜେସିବି ଯୋଗେ ଜଳାଶୟ ଖୋଳିଥିଲେ । ଲୋଚନ ଭୋଇ, ଧନୁର୍ଜୟ ଭୋଇ, ଐବନ ଭୋଇ, ସତ୍ୟବାନ ଭୋଇ, ନକୁଳ ବାଗ, ମାଷ୍ଟର୍ ଷାଣ୍ଡ, ଅର୍ଜୁନ ବୁଡେକ, ନାରାୟଣ ନାଏକ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ । ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରଯାଇଛି ।

### ଦୁଇଭାଇଙ୍କୁ ଅପହରଣ, ମାଡ଼ ଘଟଣା
# ମୁଖ୍ୟ ସହଯୋଗୀ ଗିରଫ

**ବଲାଙ୍ଗୀର ଅଫିସ, ୧୭।୬**

ବଲାଙ୍ଗୀର ସହରରେ ଦୁର୍ଦ୍ଦାନ୍ତ ଜମିମାଫିଆ ଟିମନ୍ କୁମ୍ଭାର ଓ ଗ୍ୟାଙ୍ଗ ପୁଣି ଥରେ ସକ୍ରିୟ ହୋଇଛନ୍ତି । ଗତ ୧୪ ତାରିଖ ଦିନ ଟିମନ୍ ଓରଫ୍ ଶ୍ରୀକାନ୍ତ କୁମ୍ଭାର, ଦିଲୀପ କୁମ୍ଭାର, ଡାନିଏଲ କୁମ୍ଭାର ଓ ତାଙ୍କ ସହଯୋଗୀମାନେ ସଦର ଥାନା ବାରପୁଡିଗିଆ ଛକରେ ସାଇକେଲ ଦୋକାନୀ ଦୁଇଭାଇ ପର୍ଶୁରାମ ପଟେଲ ଓ ଘନଶ୍ୟାମ ପଟେଲଙ୍କୁ ଅପହରଣ କରି ମାଡ ମାରିବା ସହ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ । ଏନେଇ ପର୍ଶୁରାମ ଅଭିଯୋଗ କରିବା ପରେ ପୋଲିସ ଟିମନ୍‌ଙ୍କ ମୁଖ୍ୟ ସହଯୋଗୀ ଦିଲୀପ କୁମ୍ଭାର(୪୫)ଙ୍କୁ ଗିରଫ କରିଛି । ଅଭିଯୁକ୍ତ ଟିମନ୍, ଡାନିଏଲ କୁମ୍ଭାର ଓ ଅନ୍ୟ ସହଯୋଗୀମାନେ ଫେରାର ହୋଇଯାଇଛନ୍ତି । ବଲାଙ୍ଗୀର ସହର ଉପକଣ୍ଠ ଧୁମାମରାଠାରେ ଖୁଣ୍ଟପାଲି ଗ୍ରାମର ପର୍ଶୁରାମଙ୍କ ମାତାଙ୍କ ପୈତୃକ ୧୧ ଏକର ଜମି ରହିଛି । ଏହି ଜମି କିଣିବାକୁ ଚାହୁଁଥିବା ଟିମନ୍‌ଙ୍କୁ ଦୁଇଭାଇ ପର୍ଶୁରାମ ଓ ଘନଶ୍ୟାମ ବିରୋଧ କରିଥିଲେ। ଜମି ଭାଗବଣ୍ଟା ପରେ ଏହା ବିକ୍ରି ହୋଇପାରିବ ବୋଲି କହିବା ପରେ ଟିମନ୍ ଗତ ୧୪ତାରିଖ ସ୍କର୍ପିଓରେ ସହଯୋଗୀଙ୍କ ସହ ବାରପୁଡଗିଆ ଛକକୁ ଯାଇ ପର୍ଶୁରାମ ଓ ଘନଶ୍ୟାମଙ୍କୁ ବସାଇ ଅପହରଣ କରିଆଣିଥିଲେ । ପଥରଚେପା ଘାଟି ନିକଟ ଜଙ୍ଗଲକୁ ନେଇ ଉଭୟଙ୍କୁ ଜୀବନରେ ମାରିଦେବା ଉଦ୍ୟମ କରିଥିଲେ। ଏହାକୁ ନେଇ ପର୍ଶୁରାମ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୨୫/୧୯) ରୁଜୁ କରି ଟିମନ୍‌ଙ୍କ ମୁଖ୍ୟ ସହଯୋଗୀ ଦିଲୀପଙ୍କୁ ଗିରଫ କରିଛି । ଫେରାର ଅଭିଯୁକ୍ତ ଟିମନ୍, ଡାନିଏଲ ଓ ଅନ୍ୟ ସହଯୋଗୀଙ୍କୁ ଖୋଜା ଚାଲିଥିବା ସଦର ଥାନା ଆଇଆଇସି ଯୋଗେଶ୍ୱର ପଣ୍ଡା କହିଛନ୍ତି । ଦାଦାଗିରି କରି ସରକାରୀ ଜମି ସହ ଘରୋଇ ଜମି ଲୁଟ୍ କରୁଥିବା ଟିମନ୍ କୁମ୍ଭାରଙ୍କ ବିରୋଧରେ ୨୦୧୫-୧୬ ମସିହାରେ ପୋଲିସ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ତେବେ ଜେଲରୁ ମୁକୁଳିବା ପରେ ସେ ପୁଣି ଥରେ ଦାଦାଗିରି କରି ଆରମ୍ଭ କରିଦେଇଛନ୍ତି।



ଗିରଫ ଅଭିଯୁକ୍ତ ଦିଲୀପ କୁମ୍ଭାର ।

- ମୁଖ୍ୟ ସହଯୋଗୀ ଗିରଫ, ଦୁର୍ଦ୍ଦାନ୍ତ ଟିମନ୍ ଫେରାର
- ବଲାଙ୍ଗୀରରେ ପୁଣି ମାତିଲେଣି ଜମି ମାଫିଆ
- ପୋଲିସକୁ ଦେଉଛନ୍ତି ଖୋଲା ଚ୍ୟାଲେଞ୍ଜ

# ଜିଲାପାଳ ଅଫିସ ଘେରିଲା କଂଗ୍ରେସ

**ବଲାଙ୍ଗୀର ଅଫିସ, ୧୭।୬**

ବଲାଙ୍ଗୀରରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି । ଗୁଣ୍ଡା, ମାଫିଆଙ୍କ ଉତ୍ପାତ ବଢୁଛି । ସବୁଠାରୁ ସଙ୍ଗୀନ ହେଲା କେତେକ ପୋଲିସ କର୍ମଚାରୀ ଏହି ଗୁଣ୍ଡାମାଫିଅଙ୍କ ଗୁପ୍ତଚର ସାଜିଛନ୍ତି ବୋଲି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ କହିଛନ୍ତି । ବଲାଙ୍ଗୀରରେ ଅଘୋଷିତ ବିଜୁଳି କାଟ, ଉତ୍କଟ ପାନୀୟ ଜଳ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ନଗର କଂଗ୍ରେସ ପକ୍ଷରୁ ସୋମବାର ଜିଲାପାଳ ଅଫିସ ଘେରାଉ କରାଯାଇଥିଲା । ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ମିଶ୍ର ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଥିଲେ। ବଲାଙ୍ଗୀର ସଦର ଥାନାରେ ସରକାରୀ ଦଳର ମାଫିଆ କିଭଳି ପୋଲିସ କର୍ମଚାରୀଙ୍କୁ ହାତ କରି ଅବାଧରେ ଆପରାଧିକ କାର୍ଯ୍ୟ କରୁଛନ୍ତି ଓ ପୋଲିସ ଏଥିରେ ଅପରାଧିକୁ ସହାୟତା କରୁଛି ସେ ଉପରେ କହିଥିଲେ। ବାରପୁଡଗିଆ ଠାରେ ସଂଘଟିତ ଏକ ଅପହରଣ ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ କର୍ମଚାରୀ ସହାୟତା କରୁଛନ୍ତି ବୋଲି କହିଥିଲେ । ୨୦୧୫ ମସିହାରେ ସହରର ଗୁଣ୍ଡା, ଜମି ମାଫିଆଙ୍କ ସାମ୍ରାଜ୍ୟକୁ ନଷ୍ଟ କରାଯାଇଥିଲା । ଏବେ ପୁଣି ଥରେ ସେହିମାନେ କେତେକ ପୋଲିସ କର୍ମଚାରୀଙ୍କ ସହ ହାତ ମିଳାଇ ଅପରାଧ ସାମ୍ରାଜ୍ୟ ବିସ୍ତାର କରୁଛନ୍ତି ବୋଲି କହିଥିଲେ।

୨୦୧୪ରେ ବଲାଙ୍ଗୀରର ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଥିଲା। ମାତ୍ର ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଅପାରଗତା ଯୋଗୁଁ ଏବେ ସହରରେ ପୁଣି ଥରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ବିଜୁଳି ବିଭାଗର ଦୂରଦୃଷ୍ଟି, ସମ୍ବେଦନଶୀଳତାର ଅଭାବ ଏବଂ ଅଧିକାରୀଙ୍କ ଅପାରଗତା ଯୋଗୁଁ ଦିନକୁ ୧୫ରୁ ଉର୍ଦ୍ଧ୍ୱ ଥର ବିଜୁଳି କାଟ କରାଯାଉଛି । ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ ନହେଲେ ଲୋକେ ରାସ୍ତାକୁ ଓହ୍ଲାଇବେ ଓ ଏଥିପାଇଁ ସରକାର ଓ ବିଭାଗୀୟ ଅଧିକାରୀମାନେ ଦାୟୀ ରହିବେ ବୋଲି ବିଧାୟକ ମିଶ୍ର କହିଥିଲେ । ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ଚାଷୀନେତା ଡା. ସୁଧୀର କୁମାର ପରିଚ୍ଛା, ଅଶୋକ ନନ୍ଦ, ଅସୀମ ପଟ୍ଟନାୟକ, ସନ୍ତକ ବହିଦାର, ପବିତ୍ର ବେହେରା, ଉମାଶଙ୍କର ପଣ୍ଡା, ଅଜୟ ବାଲି, ବ୍ରଜ ସେଠୀ, ନିଶିକାନ୍ତ କୁମ୍ଭାର, ସାନନ୍ଦ ମିଶ୍ର, ପ୍ରେମ ପ୍ରକାଶ ମିଶ୍ର, ଅରୁଣ ବାଗ, ସୁରେନ୍ଦ୍ର ହଂସପାଲ, ଅମୂଲ୍ୟ ସେଠ, ମଳୟ ବାବୁ ବକ୍ତବ୍ୟ ରଖି ସମାଲୋଚନା କରିଥିଲେ। ପ୍ରତିବାଦସ୍ଥଳରେ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ୩ ଦଫା ଦାବିପତ୍ର ଦିଆଯାଇଥିଲା। ପରେ ସର୍କିଟ ହାଉସ ଠାରେ ଜିଲାପାଳ, ଉପଜିଲାପାଳ ଓ ବିଦ୍ୟୁତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ଆରଡବ୍ଲୁଏସ୍‌ଏସ୍ ଯନ୍ତ୍ରୀ ଏବଂ ପୋଲିସ ଏସ୍‌ଡିପିଓଙ୍କ ଉପସ୍ଥିତିରେ ବିଧାୟକ ମିଶ୍ର ଉପରୋକ୍ତ ସମସ୍ୟାକୁ ନେଇ ଆଲୋଚନା କରିଥିଲେ । ୧୫ ଦିନ ଭିତରେ ଉପରୋକ୍ତ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବେ ବୋଲି ବିଧାୟକ ମିଶ୍ରଙ୍କୁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।



ବଲାଙ୍ଗୀର ଜିଲାପାଳଙ୍କୁ ବିଧାୟକ ନରସିଂହ ମିଶ୍ର ଦାବିପତ୍ର ପ୍ରଦାନ କରୁଛନ୍ତି ।

- ବିଜୁଳି କାଟ୍, ପାନୀୟ ଜଳସମସ୍ୟା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ପ୍ରତିବାଦ
- କେତେକ ପୋଲିସ କର୍ମଚାରୀ ଗୁଣ୍ଡାଙ୍କ ଗୁପ୍ତଚର ସାଜିଛନ୍ତି: ନରସିଂହ
- ୧୫ ଦିନ ଭିତରେ ସମାଧାନ ନହେଲେ ଆନ୍ଦୋଳନ ଚେତାବନୀ

### ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ

**ଖପ୍ରାଖୋଲ, ୧୭।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିସରରେ ନାବାର୍ଡ, ବଲାଙ୍ଗୀର ଆନୁକୂଲ୍ୟରେ ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଧଣ୍ଡାମୁଣ୍ଡା ୟୁଜିବି ବ୍ୟାଙ୍କ ଶାଖା ପରିଚାଳକ ରସରାଜ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ୟୁଜିବି ମୁଖ୍ୟ କାର୍ଯ୍ୟାଳୟ ଆଡଭାନ୍ସ ମ୍ୟାନେଜର କିଶୋର ଚନ୍ଦ୍ର ସାହୁ ଯୋଗଦେଇଥିଲେ। ତାଲିମଦାତାଭାବେ ଲିଡ ବ୍ୟାଙ୍କ ଏଫଏଲସି ଓମ୍ ପ୍ରକାଶ ମୁଣ୍ଡ, ଗମ୍ଭାରୀ ଶାଖା ପରିଚାଳକ ସୁବ୍ରତ ପାତ୍ର, ଖପ୍ରାଖୋଲ ଶାଖା ଫିଲ୍ଡ ଅଫିସର ଦୁଷ୍ମନ୍ତ ନାଏକ ପ୍ରମୁଖ ଯୋଗଦେଇଥିଲେ। ଚାଷୀମାନେ କିଭଳି ଆର୍ଥିକ ଦେଣନେଣ, ଠିକ୍ ସମୟରେ ଋଣ ପରିଶୋଧ, ସରକାରଙ୍କ ବିଭିନ୍ନ ଯୋଜନା, କିଷାନ କ୍ରେଡିଟ କାର୍ଡ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସହିତ ଅନ୍ୟାନ୍ୟ ଯୋଜନାର ସୁଫଳ ପାଇପାରିବେ ସେ ନେଇ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅତସୀ ସାହୁ, ପ୍ରଦୀପ ପଣ୍ଡା ପ୍ରମୁଖ ବ୍ୟାଙ୍କ କର୍ମଚାରୀ ସହିତ ଚାଷୀ କ୍ଷମାନିଧି ଭୋଇ, ପଞ୍ଚାନନ ସାହୁ, ସନ୍ତୋଷ ପଟେଲ, ସତ୍ୟନାରାୟଣ ସାହୁ, ବୃନ୍ଦାବନ ବରିହା, ଭୋଜରାଜ ଭୋଇ, ନାରାୟଣ ସାହୁ, ଟଙ୍କଧର ସାହୁ, ପଞ୍ଚାନନ ମିଶ୍ର ପ୍ରମୁଖ ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ ।

# ଗାଁ ସଭାପରେ ସ୍ନାନଉତ୍ସବ ସମ୍ପନ୍ନ

**ଦେଓଗାଁ,୧୭।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁରେ ଜଗନ୍ନାଥ ମହାପ୍ରଭୁଙ୍କ ନୀତିନିର୍ଘଣ୍ଟରେ ବ୍ୟତିକ୍ରମକୁ ନେଇ କିଛିଦିନ ହେଲା ଗାଁରେ ଅସନ୍ତୋଷ ଦେଖାଦେଇଥିଲା। ଏହାର ସମାଧାନ ଓ ରଥଯାତ୍ରାକୁ ଆଡମ୍ବରପୂର୍ଣ୍ଣ କରିବା ପାଇଁ ଗ୍ରାମବାସୀଙ୍କ ତରଫରୁ ଉଦ୍ୟମ ଆରମ୍ଭ ହୋଇଛି । ସୋମବାର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନ ଉତ୍ସବରେ ପୁଣି ବ୍ୟତିକ୍ରମ ଦେଖାଦେଇଥିଲା । ଶତାଧିକ ଗ୍ରାମବାସୀ ଓ ନବଗଠିତ ୫୧ଜଣିଆ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଦସ୍ୟ ଏହି ଦିନ ସନ୍ଧ୍ୟାରେ ଏକ ବୈଠକରେ ଏକତ୍ରିତ ହୋଇଥିଲେ। ପରିଚାଳନା କମିଟି ସଭାପତି ଭାବେ ସିଦ୍ଧେଶ୍ୱର ସାହୁ, ଉପସଭାପତି ବିଶ୍ୱଜିତ ପାତ୍ର, ସମ୍ପାଦକ ରଜନୀକାନ୍ତ ଦାସ, ସହସମ୍ପାଦକ ଅମୂଲ୍ୟ ବାରିକ ଓ କୋଷାଧ୍ୟକ୍ଷ ଭାବେ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା । ପରେ ସନ୍ଧ୍ୟାରେ ମହାପ୍ରଭୁଙ୍କ ସ୍ନାନ ଉତ୍ସବ ଆରମ୍ଭ ହୋଇଥିଲା । ଏଥିରେ ପୂଜକଭାବେ ପ୍ରଦ୍ୟୁମ୍ନ ପାଣିଗ୍ରାହୀ, ଗୌନ୍ତିଆ ଭକ୍ତ ଚରଣ ସାହୁ ଓ ଅର୍ଜୁନ ମାଝୀ ପ୍ରମୁଖ ସହଯୋଗ କରିଥିଲେ।



ଦେଓଗାଁ ଜଗନ୍ନାଥ ମନ୍ଦିରରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନ ଉତ୍ସବ ଚାଲିଛି ।

# ସ୍ନାନବେଦୀରେ ଶ୍ରୀଜୀଉ

## ଅଣସର ଘରେ ବିଜେ କଲେ ତିନି ଠାକୁର

**ଟିଟିଲାଗଡ଼, ୧୭।୬ (ଡି.ଏନ.ଏ.)**

ଶ୍ରୀ ଦଧିବାମନ ଧବଳେଶ୍ୱର ଟ୍ରଷ୍ଟ ବୋର୍ଡ ଟିଟିଲାଗଡ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ଦେବସ୍ନାନ ନୀତି ନିର୍ଘଣ୍ଟ ସହ ସମ୍ପନ୍ନ ହୋଇଯାଇଛି। ମୁଖ୍ୟ ପୂଜକ ସନତ ପାଢୀ, ସୁମନ୍ତ ପାଢୀ, ଆଦିତ୍ୟ ପାଣ୍ଡିଆ, ସୁଧାଂଶୁ ପାଢୀ, ମନ୍ଧର ପଣ୍ଡା ପ୍ରମୁଖ ମହାପ୍ରଭୁଙ୍କ ନୀତି ବିଧି ସମ୍ପନ୍ନ ପରେ ତିନି ଠାକୁରଙ୍କୁ ସ୍ନାନ ମଣ୍ଡପରେ ଉପବିଷ୍ଟ ହୋଇଥିଲେ। ସେଠାରେ ତିନି ଠାକୁରଙ୍କୁ ପବିତ୍ର ଜଳରେ ସ୍ନାନଲାଗି କରାଯାଇଥିଲା। ଏହା ପରେ ହାତୀବେଶରେ ତିନି ଠାକୁର ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସ୍ନାନ ପରେ ଠାକୁରଙ୍କୁ ଜ୍ୱର ହେବା ନେଇ ତିନି ଠାକୁର ଅଣସର ଗୃହରେ ବିରାଜମାନ କରିଛନ୍ତି। ବିଧି ସମ୍ପନ୍ନରେ ମୁଖ୍ୟ ସେବକ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ତଥା ଉପଜିଲାପାଳ ସୁଧାକର ନାୟକ, ଭବାନୀ ପ୍ରସାଦ ହୋତା, ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ସଞ୍ଜୀବ ପାଢୀ, ଅଲେଖ ଦଳବେହେରା, ଜଗନ୍ନାଥ ପଣ୍ଡା, ରାଜୁ ମିଶ୍ର, ଡ. ଶିବପ୍ରସାଦ ବେହେରା, ମନୋଜ ବାରିକ, ହେମନ୍ତ ନାଗ, ପ୍ରେମ ଜୈନ, ବୃନ୍ଦାବନ ପାଢୀ, ସୁବୋଧ ଦାଶ, ରଣଜିତ ପୃଷ୍ଟି, ଧ୍ରୁବଲେ ଦଳବେହେରା, କମଳାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ମୁରସିଂ ସ୍ୱର୍ଣ୍ଣଗଡସ୍ଥିତ ସ୍ନାନ ମଣ୍ଡପରେ ତିନିଠାକୁରଙ୍କ ଛେରାପହଁରା କାର୍ଯ୍ୟ ଚାଲିଛି ।

**ଲୋଇସିଂହା(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ସୋମବାର ପାଳିତ ହୋଇଯାଇଛି । ଚତୁର୍ଦ୍ଧା ମୂର୍ତ୍ତିଙ୍କ ଗଜାନନ ବେଶ ସ୍ନାନ ବେଦୀରେ ଅନୁଷ୍ଠିତ ହୋଇଥିଲା । ଏଥିପୂର୍ବରୁ ସକାଳେ ୩ ଠାକୁରଙ୍କୁ ଅର୍ଣ୍ଣ ଭୋଗଲାଗି, ଷୋଡଶ ଉପଚାର ହୋଇଥିଲା । ଆପରାହ୍ନରେ ମହାପ୍ରଭୁଙ୍କୁ ମହାସ୍ନାନ କରାଯାଇଥିଲା । ମନ୍ଦିର ପୂଜକ ସୁଧାଂଶୁ ଶେଖର ପାଣ୍ଡିଆ ପୂଜାର୍ଚ୍ଚନା କରିଥିବାବେଳେ ଶଶୀଲାଲ ଶର୍ମା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ସେହିପରି ଯୋଗୀସର୍ଡା ଓ ବୁର୍ଡା ଜଗନ୍ନାଥ ମନ୍ଦିରେ ଯଥାରୀତି ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି।

**ଟିକ୍ରାପଡା (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡାସ୍ଥିତ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି । ସକାଳ ଧୂପ ପରେ ଠାକୁରଙ୍କୁ ସ୍ନାନ ମଣ୍ଡପକୁ ଅଣାଯାଇଥିଲା । ପୂଜକ ଅକ୍ଷୟ ସୁଆର, ଗୌନ୍ତିଆ ଅନ୍ତର୍ଯ୍ୟାମୀ ରାଜପଲିଆ ସ୍ନାନ ପୂର୍ଣ୍ଣିମା ନୀତି ସମ୍ପନ୍ନ କରାଇଥିଲେ । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଠାକୁରଙ୍କ ସ୍ନାନ ଓ ହାତୀ ବେଶ ଦେଖି ପୂଜାର୍ଚ୍ଚନା କରିଥିଲେ। ଘଣ୍ଟ, ଶଙ୍ଖ, ସଂକୀର୍ତ୍ତନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

**ଦେଓଗାଁ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ ମୁରସିଂ ରେଙ୍ଗାଳପଡାସ୍ଥିତ ଅଭିନବ ଶ୍ରୀକ୍ଷେତ୍ରରେ ସୋମବାର ତିନି ଠାକୁରଙ୍କ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପ୍ରତିଷ୍ଠାତା ବିଜୟ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବାହ୍ନ ୧୨ଟାରେ ପହଣ୍ଡିବିଜେ କରାଯାଇଥିଲା । ଦିନ ୨ ଟାରେ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ୫ଟାରେ ଛେରାପହଁରା କରାଯାଇଥିଲା । ଟିକେଶ୍ୱର ଗୁରୁ ଯୋଗଦେଇ ଛେରାପହଁରା କରିଥିଲେ। ଡୁଷୁରାର ଗୌନ୍ତିଆ ସାଧୁଚରଣ ପ୍ରଧାନ, ଶୁଭାଶିଷ ପଟ୍ଟନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ । ମୁଖ୍ୟ ପୂଜକ ଭାବେ ପ୍ରକାଶ ପୂଝାରୀ ଦାୟିତ୍ୱ ନିର୍ବାହ କରିଥିଲେ । ଏ ଅବସରରେ ସମସ୍ତ ସେବାୟତ,ସଂକୀର୍ତ୍ତନ ମୁଖ୍ୟ, ୩୨ ଜଣ ଦଇତାପତି ତଥା ସହଯୋଗୀଙ୍କୁ ପରିଚାଳନା ତରଫରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସନ୍ଧ୍ୟାରେ ଠାକୁର ହାତୀବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ରାତ୍ର ୧୦ଟାରେ ଦିଅଁଙ୍କୁ ଗମ୍ଭୀରାବିଜେ କରାଯାଇଥିଲା ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୮ ଜୁନ, ୨୦୧୯



ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍‌ଲର



# ହାତୀବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

**ସୁନ୍ଦରଗଡ଼,୧୭।୬ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ରାଜବାଟିସ୍ଥିତ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ସ୍ନାନପୂର୍ଣ୍ଣିମା ମହୋତ୍ସବ ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି । ପ୍ରଭୁ ବଳଭଦ୍ର, ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଓ ସୁଦର୍ଶନ ପହଣ୍ଡି ହୋଇ ସ୍ନାନବେଦୀକୁ ବିଜେ କରିଥିଲେ। ପୂଜାର୍ଚ୍ଚନା ପରେ ଶ୍ରୀଜୀଉମାନଙ୍କୁ ସୁଗନ୍ଧିତ ଜଳରେ ସ୍ନାନ କରାଯାଇଥିଲା। ଉତ୍ସବରେ ସୁନ୍ଦରଗଡ଼ର ରାଜା ସମରେନ୍ଦ୍ର ଶେଖର ଦେଓ ଉପସ୍ଥିତ ରହି ଶ୍ରୀଜୀଉଙ୍କ ଆଳତି କରିଥିଲେ। ରାଜମାତା ପଦ୍ମିନୀ ଶେଖର ଦେଓ, ରାଜପୁରୋହିତ ମାନସ ପୂଜାରୀ, ବ୍ରାହ୍ମଣ ସମାଜର ସଭାପତି ଚିନ୍ମୟ ପାଣିଗ୍ରାହୀ, ସମ୍ପାଦକ ବେଣୁମାଧବ ତ୍ରିପାଠୀ, ଜଗନ୍ନାଥ ଟ୍ରଷ୍ଟ ବୋର୍ଡ ସଭାପତି ଅବନୀ ପୁରୋହିତ, ମୁଖ୍ୟ ପୂଜକ କେଶବ ସା, ଆଲୋକ ପୂଜାରୀ, ଲିଙ୍କନ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଶ୍ରୀଜୀଉଙ୍କ ହାତୀ ବେଶ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



ତିନି ଠାକୁର ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

**ବାଲିଶଙ୍କରା,(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକର

### ସ୍ନାନ ଯାତ୍ରା

ବାଲିଶଙ୍କରା, ମହଳ ଗାଁ, ବନ୍ଦବାହାଲ, ତିଲଡେଗା, କିଞ୍ଝିରକେଲା, ଶୌକନପାଲି, ଧୁଡିନୂଆଗାଁ, ଖମପୁର, କୁରାଇ, ଶାଗବାହାଲ, ରାଉଲଡେଗା, ତଲସରା, ଡୁମୁଲିଆ, ଭଣ୍ଡାରୀଶଙ୍କରା ସହ ବ୍ଲକର ବିଭିନ୍ନ ସ୍ଥାନରେ ଦେବସ୍ନାନ ପୂର୍ଣ୍ଣିମା ମହାସମାରୋହରେ ପାଳିତ ହୋଇଯାଇଛି। ବାଲିଶଙ୍କରା ଡାକ୍ତରଖାନାପଡ଼ାରେ ଦେବ ମଣ୍ଡପରେ ତିନି ଠାକୁରଙ୍କୁ ନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ସହ ପବିତ୍ର ଜଳରେ ପଣ୍ଡାମାନଙ୍କ ଦ୍ୱାରା ସ୍ନାନ କରାଯାଇଥିଲା। କର୍ତ୍ତା ଭାବେ ବରାମ ନାଏକ ଏବଂ ଚୁଡାମଣି ନାଏକ ରହିଥିବା ବେଳେ ପୂଜାକାର୍ଯ୍ୟ ସନ୍ତୋଷ ନାଏକ ତୁଲାଇଥିଲେ।



ବନ ବିଭାଗ ପକ୍ଷରୁ ଉଦ୍ଧାର ହୋଇଥିବା ନାଗସାପ।

# ୨ ନାଗସାପ ଉଦ୍ଧାର

**ବଡ଼ଗାଁ,୧୭।୬ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡଗାଁ ଅଞ୍ଚଳରୁ ସୋମବାର ବନ କର୍ମଚାରୀମାନେ ୨ଟି ନାଗସାପ ଉଦ୍ଧାର କରି ଜଙ୍ଗଲରେ ଛାଡିଛନ୍ତି। ମଧ୍ୟାହ୍ନରେ ଭୋଇପାଲି ଗ୍ରାମର ବସନ୍ତ ନାଏକଙ୍କ ଘରେ ଏକ ସାଗ ସାପ ଦେଖାଦେଇଥିଲା। ଖବର ପାଇ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସାଢ଼େ ୫ ଫୁଟ ଲମ୍ବର ଏକ ନାଗସାପ ଉଦ୍ଧାର କରିଥିଲେ। ସେହିପରି ସନ୍ଧ୍ୟା ସାଢ଼େ ୬ଟାରେ ଆଇଟିଆଇ ଗାର୍ଲ୍ସ ହଷ୍ଟେଲ ପରିସରରେ ଏକ ନାଗସାପ ଦେଖିବାକୁ ମିଳିଥିଲା। ଖବର ପାଇ ବନ କର୍ମଚାରୀ ପହଞ୍ଚି ୬ ଫୁଟ ଲମ୍ବର ଏକ ନାଗସାପ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ଫରେଷ୍ଟର ଅନୁପ ଲାକ୍ରା, ଜେ.ପି. ପ୍ରଧାନଙ୍କ ସହିତ ବନ କର୍ମଚାରୀ କ୍ଷୀରୋଦ ନାଏକ, ଅନିମେଷ ଷଡଙ୍ଗୀ, ଆଭିନ ସୁନ୍ଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବେକରେ ଗାମୁଛା ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

**ଲହୁଣୀପଡ଼ା,୧୭।୬ (ଡି.ଏନ.ଏ.)-** ସୁନ୍ଦରଗଡ଼ ଜିଲା ଲହୁଣିପଡ଼ା ଥାନା ଅଧୀନ ବ୍ରାହ୍ମଣଗାଁ ଗ୍ରାମରେ ସୋମବାର ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି। ସେ ହେଲେ ଲହୁଣିପଡ଼ା ଥାନା ଅଧୀନ ଖୁଣ୍ଟଗାଁ ଗ୍ରାମର କାଣ୍ଡେ କାଳିନ୍ଦୀ (୪୦)। ମିଳିଥିବା ସୂଚନା ମୁତାବକ, କାଣ୍ଡେ ରବିବାର ବ୍ରାହ୍ମଣ ଗ୍ରାମର ସମ୍ପର୍କୀୟ ଝିଆରୀଙ୍କ ଘରେ ଥିଲେ। ହେଲେ ଝିଆରୀ ତାଙ୍କ ଭାଇଙ୍କ ଘରକୁ ଯାଇଥିଲେ। ଏନେଇ କାଣ୍ଡେ ଏକାକି ରହିଥିଲେ। ଏହାର ସୁଯୋଗ ନେଇ କାଣ୍ଡେ ରବିବାର ରାତିରେ ଘରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ଏହା ଦେଖି ପଡୋଶୀ କାଣ୍ଡେଙ୍କ ଝିଆରୀଙ୍କୁ ଖବର ଦେଇଥିଲେ। ସେ ଘରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ଲହୁଣିପଡ଼ା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ହେଲେ ଆତ୍ମହତ୍ୟାର କାରଣ ଜଣାପଡି ନାହିଁ ।

### ମୂଲ୍ୟବାନ କାଠ ଜବତ, ୨ ଗିରଫ

**ଲହୁଣୀପଡ଼ା, ୧୭।୬ (ଡି.ଏନ.ଏ)-** ସୁନ୍ଦରଗଡ଼ ଜିଲା ଲହୁଣିପଡ଼ା ବ୍ଲକ କୁଲିପୋଷ ରେଞ୍ଜ ଅଧୀନ କୁଡେଇକଳା ପଞ୍ଚାୟତ ଆମରୁଡି ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ମୂଲ୍ୟବାନ କାଠ ଚୋରା ଚାଲାଣ କରୁଥିବା ବେଳେ ବନ ବିଭାଗ କର୍ମଚାରୀ ୨ଜଣଙ୍କୁ ଧରିବାରେ ସଫଳ ହୋଇଛନ୍ତି। ସେମାନେ ହେଲେ କୁଡେଇକଳା ଗ୍ରାମର ଯୁଗଳ କିଶୋର ମାହାନ୍ତ ଏବଂ ରାଇକଲାପୋଷର ଭରତଚରଣ ମାହାନ୍ତ। ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ମୁତାବକ, କୁଲିପୋଷ ରେଞ୍ଜ ଅଧୀନ କୁଡେଇକଳା ପଞ୍ଚାୟତ ଆମରୁଡ ସଂରକ୍ଷିତ ଜଙ୍ଗଲରୁ ରବିବାର ବିଳମ୍ବିତ ରାତିରେ କାଠ ଚୋରା ଚାଲାଣ ହେଉଥିବା ନେଇ ବନ ବିଭାଗକୁ ଖବର ମିଳିଥିଲା। ଏ ନେଇ କୁଲିପୋଷ ଫରେଷ୍ଟର କୈଳାସ ଚନ୍ଦ୍ର କିଷାନ, ଡଳେଇସରା ଫରେଷ୍ଟର କିଶୋର ପାତ୍ର, ବନରକ୍ଷୀ ସସ୍ମିତା ପେଣ୍ଟେଇ, ଡେରୁଲାଗଡ ନାୟକଙ୍କ ସହ ବନ କର୍ମଚାରୀ ଚଢାଉ କରିଥିଲେ। ଚଢାଉ ବେଳେ ଅଧିକାରୀମାନେ କାଠ ଚୋରା ଚାଲାଣ ହେଉଥିବା ଏକ ଟ୍ରାକ୍ଟର(ନଂ.ଓଆର୍ ୧୪ ଆର୍- ୧୮୭୮) ଏବଂ ଟ୍ରଲି (ନଂ. ଓଆର୍ ୧୪ ଆର- ୧୮୭୯) ଜବତ କରିଥିଲେ। ଏଥିରେ ମୂଲ୍ୟବାନ ଶାଳ ଓ ଅସନ ୯୭ ଖଣ୍ଡ କାଠ ରହିଥିଲା। ପରେ ବନ କର୍ମଚାରୀମାନେ କିଶୋର ଏବଂ ଭରତଙ୍କୁ ଧରି କୁଲିପୋଷ ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। ଜବତ କାଠର ଅନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡିଛି।

# ଜିଲା ଓକିଲ ସଂଘର ସାଧାରଣ ପରିଷଦ ବୈଠକ

**ସୁନ୍ଦରଗଡ଼,୧୭।୬ (ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ଓକିଲ ସଂଘର ସାଧାରଣ ପରିଷଦ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଦୁଷ୍ମନ୍ତ କୁମାର ନାଏକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ତଥା ସଂଘ ସଦସ୍ୟ ଅଶୋକ କୁମାର ଦାଶ ସିଏସିର ଆବାହକ ଭାବେ ମନୋନୀତ ହୋଇଥିବାରୁ ସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସେହିପରି ରବିବାର ଅନୁଷ୍ଠିତ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ବୈଠକରେ ଗୃହୀତ ପ୍ରସ୍ତାବ ଓ ଆଗାମୀ କାର୍ଯ୍ୟ ପନ୍ଥା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ବୈଠକ ପ୍ରାରମ୍ଭରେ ଉତ୍ତରପ୍ରଦେଶ ବାର୍ କାଉନସିଲର ମହିଳା ସଭାପତି ଦର୍ଭେଶ ସିଂଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ସୁନ୍ଦରଗଡ଼ ସହରରେ ଦେଖା ଦେଇଥିବା ପାନୀୟଜଳ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏକରି କି ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ବୈଠକକୁ ଡାକି ତୁରନ୍ତ ପାନୀୟଜଳ ସାମସ୍ୟାର ସମାଧାନ ନେଇ ଆଲୋଚନା କରାଯାଇଥିଲା। ସହରର ସମସ୍ତ ୱାର୍ଡକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ଅନୁରୋଧ କରାଯାଇଥିଲା। ଶେଷରେ ସମ୍ପାଦକ ଅଶୋକ କୁମାର ସ୍ୱାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ।

### ପଶ୍ଚିମବଙ୍ଗରେ ଡାକ୍ତରଙ୍କ ଉପରେ ଆକ୍ରମଣ ଘଟଣା

# ପ୍ରତିବାଦରେ ସୁନ୍ଦରଗଡ଼ରେ ଡାକ୍ତରଙ୍କ ଧର୍ମଘଟ

**ସୁନ୍ଦରଗଡ଼,୧୭।୬ (ଡି.ଏନ୍.ଏ.)**

ପଶ୍ଚିମବଙ୍ଗ ଏନ୍‌ଆରଏସ, ଏମ୍‌ସିଏ ମେଡିକାଲ କଲେଜରେ ମୃତ ରୋଗୀଙ୍କ ଦୁଇ ସମ୍ପର୍କୀୟ ଡାକ୍ତରଙ୍କୁ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦରେ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏଶନ (ଓମ୍‌ସା) ସୁନ୍ଦରଗଡ଼ ଜିଲା ଶାଖା ପକ୍ଷରୁ ଜିଲା ସଦରମହକୁମା ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରମାନେ କଳା ବ୍ୟାଜ ପରିଧାନ କରି ଧାରଣା ଦେଇଛନ୍ତି। ଜିଲା ଓମ୍‌ସା ସଭାପତି ଡା. ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଡାକ୍ତରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାର ଡାକ୍ତରମାନଙ୍କ ପ୍ରତି ଏକ ସୁରକ୍ଷା ବିଲ ଆଣିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏପରିକି ସଂଘ ପକ୍ଷରୁ ପଶ୍ଚିମବଙ୍ଗ ଡାକ୍ତରମାନଙ୍କୁ ସମର୍ଥନ କରି ଆକ୍ରମଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା।



ଆନ୍ଦୋଳନରେ ସାମିଲ ହୋଇଥିବା ଡାକ୍ତରମାନେ।

ଓମ୍‌ସାର ଜିଲା ସମ୍ପାଦକ ଡା.ସୋମ ଶୁଭଙ୍କର, ଡା. ମନୋଜ କୁମାର ପାଣିଗ୍ରାହୀ, ଡା. ସଞ୍ଜୟ କୁମାର ଦାଶ, ଡା. ପ୍ରଫୁଲ୍ଲ କୁମାର ନାଏକ, ଡା. ଶଶୀ ଶେଖର ଶେଠ, ଦୀପକ ପ୍ରଧାନ , ଡା. ସାଗର ଦଳେଇ, ଡା. ଏସ୍.ଭିତ୍ରିଆ, ଡା. ସୁଭାଷିନୀ ପାଣ୍ଡେ, ଡା. ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ପୁସ୍ତକ ଜୀବନ ରଙ୍ଗ ଉନ୍ମୋଚିତ: ଗଳ୍ପ କହିବା ଆମ ପରମ୍ପରା

**ରାଉରକେଲା ଅଫିସ,୧୭।୬**

ଇସ୍ପାତ ସାହିତ୍ୟ ସଂସଦରେ ପ୍ରବୋଧ ସାମଲଙ୍କ ଲିଖିତ ପୁସ୍ତକ ଜୀବନ ରଙ୍ଗ ଉନ୍ମୋଚିତ ହୋଇଛି। ସଂସଦ ସଭାପତି ହରମୋହନ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଏହି ପୁସ୍ତକ ଉନ୍ମୋଚନ କରିଥିଲେ। ଏଥିରେ ମୁଖ୍ୟଅତିଥି ରୂପେ ଡ. ପ୍ରଭାତ ମଲ୍ଲିକ, ମୁଖ୍ୟବକ୍ତା କବି ରାଜୀବ ପାଣି ଓ ସମୀକ୍ଷକ ରୂପେ କବି ସ୍ୱରୂପ ମହାପାତ୍ର ଯୋଗଦେଇଥିଲେ। ସଂସଦ ସାଧାରଣ ସମ୍ପାଦକ ନୃସିଂହ ବିଶ୍ୱାଳ, ଲେଖକ ପ୍ରବୋଧ ସାମଲ, ପ୍ରକାଶିକା ଝରଣା ସାମଲ ଏଥିରେ ମଞ୍ଚାସୀନ ଥିଲେ। ଖଗେନ୍ଦ୍ର ବେହେରା ମଞ୍ଚ ସଂଯୋଜନା କରିଥିଲେ। ବିଧାୟକ ତରାଇ ନିଜ ବକ୍ତବ୍ୟରେ କହିଥିଲେ, ମଣିଷ ନିଜ ବ୍ୟବହାର ମାଧ୍ୟମରେ ପରିଚୟ ସୃଷ୍ଟି କରିପାରେ। ବିନା ସାହିତ୍ୟରେ ଏକ ସଭ୍ୟ ସମାଜ ବାବଦରେ ଚିନ୍ତା କରିବା ନିରର୍ଥକ ବୋଲି ତରାଇ କହିଥିଲେ। ମୁଖ୍ୟଅତିଥି ମଲ୍ଲିକ କହିଥିଲେ, ସାହିତ୍ୟ ମଣିଷକୁ ଶିକ୍ଷା ପ୍ରଦାନ କରେ। ଗଳ୍ପ କହିବା ଆମ ପରମ୍ପରା। ସାମ୍ପ୍ରତିକ ଅବସ୍ଥା ତଥା ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ଗଳ୍ପ ରଚନା କରାଯାଏ। ଗଳ୍ପରେ ଆଞ୍ଚଳିକ ଭାଷା ଏହାକୁ ସାର୍ଥକ କରେ ବୋଲି ମଲ୍ଲିକ ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ପାଣି ନିଜ ବକ୍ତବ୍ୟରେ କହିଥିଲେ, ପୁସ୍ତକ ପାଇଁ ପାଠକୀୟ ଶ୍ରଦ୍ଧା ସୃଷ୍ଟି ହେବା ଦରକାର। ଲେଖନୀ ଓ ପାଠକଙ୍କ ଶ୍ରଦ୍ଧା ଫଳରେ ସାହିତ୍ୟ କାଳଜୟୀ ହୋଇପାରିବ। ମୂଲ୍ୟବୋଧଭିତ୍ତିକ ସାହିତ୍ୟ ହୃଦୟସ୍ପର୍ଶୀ ହୋଇଥାଏ। ସାହିତ୍ୟ ମାନବୀୟ ମୂଲ୍ୟବୋଧ ସହ ସେତୁ ଭଳି କାମ କରିଥାଏ ବୋଲି ପାଣି କହିଥିଲେ। ମହାପାତ୍ର ଏହି ପୁସ୍ତକଟିକୁ ସମୀକ୍ଷା କରି କହିଥିଲେ, ଲେଖକ ମୁକ୍ତ ଭାବେ ଶବ୍ଦ ସଂଯୋଜନା କରିଥିବା ବେଳେ ମାନବୀୟ ମୂଲ୍ୟବୋଧ ପ୍ରତି ଦୃଷ୍ଟି ଦେବା ବିଶେଷ ଉଲ୍ଲେଖନୀୟ ଅଟେ। କବି କୁଞ୍ଜବିହାରୀ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।



ଇସ୍ପାତ ସାହିତ୍ୟ ସଂସଦରେ ଆୟୋଜିତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# କୋଡ଼ିଏ ଘର କୈବର୍ତ୍ତ ସମାଜର ଜିଲା କମିଟି ବୈଠକ

**ସୁନ୍ଦରଗଡ଼,୧୭।୬ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୋଡିଏ ଘର କୈବର୍ତ୍ତ ସମାଜର ଜିଲାସ୍ତରୀୟ ବୈଠକ ସୁନ୍ଦରଗଡ଼ ସ୍ଥିତ ସୁଧିଲାଲ ଧର୍ମଶାଳାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସଦର ବିଧାୟିକା କୁସୁମ ଟେଟେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜର ବିକାଶ ପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଜିଲା ସଭାପତି ରୁଦ୍ର ପ୍ରସାଦ ଦଣ୍ଡସନା ସଭାପତିତ୍ୱ କରିଥିଲେ।

ଜିଲା ସାଧାରଣ ସମ୍ପାଦକ ଧନଞ୍ଜୟ ନାଏକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏପରି କି ସମାଜର ଜିଲାସ୍ତରରେ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ଉପଦେଷ୍ଟା ପରମେଶ୍ୱର ବେରିହା, ଛବିଳ ସେଟ, ଜିଲା ଉପସଭାପତି ଭେଷଜ ବାରିକ, ଯୁଗ୍ମ ସମ୍ପାଦକ ସୁରେଶ ସେଠ, ଲେଫ୍ରିପଡ଼ା ବ୍ଲକ ସଭାପତି ପ୍ରେମାନନ୍ଦ ବେହେରା, କୋଷାଧ୍ୟକ୍ଷ ସୁକଦେବ ବଢ଼େଇ, ପ୍ରଶାନ୍ତ କାଲୋ, ନାରେନ ରାଉତ, ଗୋକୁଳ ମହାଲିଙ୍ଗ, ଭକ୍ତବନ୍ଧୁ ନାଏକ, ମଳିକ ସେଟ, କିଶୋର କୁମାର ଦେହୁରୀ, ଯୁଧିଷ୍ଠିର ନାଏକ, ବାଲ୍ମିକି ସେଟଙ୍କ ସହ ସମାଜର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଶେଷରେ ଭେଷଜ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ସାହାଜବାହାଲ କ୍ରିକେଟ ଲିଗ

# ଏ ୱାନ ଲାୟନ ଚାମ୍ପିୟନ

**ବଡ଼ଗାଁ, ୧୭।୬ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଧୀନ ସାହାଜବାହାଲ ଗ୍ରାମରେ ଚାଲିଥିବା କ୍ରିକେଟ ଲିଗ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଫାଇନାଲ ମ୍ୟାଚ ଏସ୍.ଟାଇଗର ଦଳ ଏବଂ ଏ ୱାନ ଲାୟନ ଦଳ ମଧ୍ୟରେ ହୋଇଥିଲା। ଏସ୍ ଟାଇଗର ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୪୪ ରନ୍ କରିଥିଲା। ଜବାବରେ ଏ ୱାନ ଲାୟନ ୪.୨ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଫଳରେ ଏ ୱାନ ଲାୟନ ଟୁର୍ନାମେଣ୍ଟରେ ଚାମ୍ପିୟନ ବିବେଚିତ ହୋଇଥିଲା। ରନର୍ସ ଅପ୍ ଏସ୍. ଟାଇଗର ଦଳର ଅମୀର ୧୨ ରନ୍ କରିଥିବା ବେଳେ ବିକାଶ ୧୧ ଏବଂ ସୁନିଲ ୧୦ ରନ୍ କରିଥିଲେ । ଚାମ୍ପିୟନ ଦଳର ବିକ୍କୁ ୧୭ ରନ୍ କରି ଗୋଟିଏ ଉଇକେଟ ଅକ୍ତିଆର କରିଥିବା ବେଳେ ବିପୁଲ ୧୧ ରନ୍ କରିଥିଲେ। ବିକ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିବା ବେଳେ ଟପ ସ୍କୋରର ଓ ସିକ୍ସର ଭାବେ ବୁଲୁ ସାଙ୍କୁ ପୁରସ୍କୃତ କରାଯାଇଥିଲା। ସେ ଟୁର୍ନାମେଣ୍ଟରେ ୧୫୨ ରନ୍ କରି ୧୨ଟି ଛକା ମାରିଥିଲେ। ବୀରବଲ ଟପ ଉଇକେଟ ଟେକର ଭାବେ ପୁରସ୍କୃତ ହୋଇଥିଲେ । ସେ ୧୦ ଉଇକେଟ ଅକ୍ତିଆର କରିଥିଲେ। ନରେଶ ବେଷ୍ଟ କେଚର ଭାବେ ପୁରସ୍କୃତ ହୋଇଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ତଳସରା ବିଧାୟକ ଭବାନୀଶଙ୍କର ଭୋଇ ମୁଖ୍ୟଅତିଥି, ବସନ୍ତ ସାହୁ, ବିକାଶ ନାରାୟଣ ନାୟକ, ଦିଲୀପ ସେନାପତି, ଗୋପାଳ ବେଜି, ସ୍ଥାନୀୟ ସରପଞ୍ଚ ବିକ୍ରମ ଟପ୍ପୋ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ବର୍ଷା ହେବାରୁ ନିର୍ଦ୍ଧାରିତ ୧୦ ଓଭର ମ୍ୟାଚକୁ ୫ ଓଭରରେ ସୀମିତ ରଖାଯାଇଥିଲା।



ତଳସରା ବିଧାୟକ ଭବାନୀଶଙ୍କର ଭୋଇଙ୍କ ସହ ଉଭୟ ଦଳର ଖେଳାଳିମାନେ।

### ହରସମରା ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଭାଲୁମୁଣ୍ଡା ନୂଆଗାଁ ଚାମ୍ପିୟନ

**ବାଲିଶଙ୍କରା,୧୭।୬ (ଡି.ଏନ୍.ଏ.)**

ଲେଫ୍ରିପଡ଼ା ବ୍ଲକ ଗୁଡିଆଡିହି ପଞ୍ଚାୟତର ହରସମରା ଜାଗୃତି କ୍ଲବ ଆନୁକୂଲ୍ୟରେ ଗୁଣ୍ଡିଆଡିହିଠାରେ ଚାଲିଥିବା ହରସମରା ହକି ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି । ଏହି ଅବସରରେ ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ବିଳାସପୁର ରେଳ ବିଭାଗର ସଫ୍ଟୱେର ଇଞ୍ଜିନିୟର ତଥା ସମାଜସେବୀ ଇଲିଆସ ତିର୍କୀ ଯୋଗଦେଇ ଜିଲାର ଜାତୀୟସ୍ତରରେ ଖେଳୁଥିବା ଖେଳାଳିମାନଙ୍କ ଉଦାହରଣ ଦେଇ ଟୁର୍ନାମେଣ୍ଟରେ ଯୋଗଦେଇଥିବା ଖେଳାଳିମାନଙ୍କୁ ଉତ୍ସାହିତ କରି ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ଗୁଣ୍ଡିଆଡିହି ସରପଞ୍ଚ ନିକୋଲାସ ସରେଙ୍ଗ, ଫାଦର ସୁନୀଲ କୁଜୁର, ଫାଦର ସୁନିଆ ବାରୁଆ, ଫାଦର ରଞ୍ଜିତ ବୈଦ୍ୟ, ହରସମରା ଜାଗୃତି କ୍ଲବ ସଭାପତି ମାରିଆନୁସ କୁଜୁର ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ କଠିନ ପରିଶ୍ରମ କରି ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଟୁର୍ନାମେଣ୍ଟରେ ମୋଟ ୭୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଭାଲୁମୁଣ୍ଡା ନୂଆଗାଁ ଦଳ ସହ ହରସମରା ଜାଗୃତି କ୍ଲବ ମଧ୍ୟରେ ହୋଇଥିଲା। ଟାଇବ୍ରେକର ଜରିଆରେ ୪-୧ ଗୋଲରେ ଭାଲୁମୁଣ୍ଡା ନୂଆଗାଁ ଚାମ୍ପିୟନ ବିବେଚିତ ହୋଇଥିଲା। ଚାମ୍ପିୟନ ଭାଲୁମୁଣ୍ଡା ନୂଆଁଗାଁ ଦଳକୁ ଖାସି ସହ ଆର୍ଥିକ ରାଶି ଏବଂ ରନର୍ସ ଅପ୍ ହରସମରା, ତୃତୀୟ ଟୁଙ୍ଗୁରିଟୋଲା ଓ ଚତୁର୍ଥ ଦଳ ମଙ୍ଗରକୁଣ୍ଡାଙ୍କୁ ଖାସି ସହ ଅର୍ଥ ରାଶି ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଇଲିଆସ ତିର୍କୀ ଏବଂ ସଞ୍ଜୀବ ଖାଲଖୋ ଖେଳ ପରିଚାଳନା କରିଥିଲେ ।



ଅତିଥିଙ୍କ ସହ ଖେଳାଳିମାନେ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଲଖନପୁର,୧୭।୬(ଡି.ଏନ୍.ଏ.)
ଝାରସୁଗୁଡ଼ା ଜିଲା ବନହରପାଲି ଥାନା ନୂଆଛର୍ଲା ଗ୍ରାମ ପୋଖରୀରୁ ସୋମବାର ବନ୍ଧବାହାଲ ଫାଣ୍ଡି ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ନୂଆଛର୍ଲା ଗ୍ରାମର ଉଜ୍ଜ୍ୱଳ ପ୍ରଧାନ (୮୦)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୯/୧୯) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଉଜ୍ଜ୍ୱଳ ସକାଳ ସାଢ଼େ ୧୧ଟାରେ ପୋଖରୀକୁ ଗାଧୋଇବା ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ପୋଖରୀରେ ଖୋଜାଖୋଜି କରି ମୃତଦେହ ଉଦ୍ଧାର କରିଥିଲେ।

### ପୂର୍ବତନ ବିଧାୟକ ପ୍ରସନ୍ନ ପଣ୍ଡାଙ୍କ ଜୟନ୍ତୀ

କୋଲାବିରା,୧୭।୬(ଡି.ଏନ୍.ଏ.)
ଝାରସୁଗୁଡା ଜିଲା କୋଲାବିରାସ୍ଥିତ ସମଲେଶ୍ୱରୀ ସାହିତ୍ୟ ସଂସଦ ଅସ୍ଥାୟୀ କାର୍ଯ୍ୟାଳୟ ପରିସରରେ ଜନନେତା ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ରସନ୍ନ ପଣ୍ଡାଙ୍କ ୯୭ତମ ଜୟନ୍ତୀ ପାଳିତ ହୋଇଛି। ଏଥିରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂସଦ ସଭାପତି ଶୋଭଚନ୍ଦ୍ର ନାଏକଙ୍କ ଅଧକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କୋଲାବିରା ଜମିଦାର ତଥା ଶହୀଦ ବୀର କରୁଣାକର ସିଂହ ନାଏକ ସ୍ମୃତି ଟ୍ରଷ୍ଟ ସଭାପତି ବୀର ଅମରେନ୍ଦ୍ର ପ୍ରତାପ ସିଂହ, ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବୀରେନ୍ଦ୍ର କୁମାର ମହାପାତ୍ର, ଉପସଚିବ ସୁରେନ୍ଦ୍ର ଟଣକାର, ସଭ୍ୟ ଗୋବିନ୍ଦ ଚନ୍ଦ୍ର ଭୋଇ, ପ୍ରଦ୍ୟୁମ୍ନ ପୁରୋହିତ, ପ୍ରଧାନ ଶିକ୍ଷକ ଲଲିନ୍ଦ୍ର ଗୋଖରା, ଶିକ୍ଷକ ସରୋକ କୁମାର ଟଣକାର, ମୋନାଲିସା ଟଣକାର, ବିଜୟ ପୁଝାରୀ, ଅଙ୍କିତ ବହିଦାର, ବିଶୁ ପଟ୍ଟନାୟକ, ଶୁଭାଶିଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

■ଆଇଏମ୍ଏ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

# ଡାକ୍ତରଙ୍କୁ ସୁରକ୍ଷା ଯୋଗାଇ ଦିଅ

ରାଉରକେଲା ଅଫିସ,୧୭।୬

ଡାକ୍ତରମାନଙ୍କୁ ସୁରକ୍ଷା ଯୋଗାଇଦେବା ଦାବିରେ ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍ଏ) ରାଉରକେଲା ଶାଖା ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ ସହ ଚିନ୍ତା ବ୍ୟକ୍ତ କରାଯାଇଛି। କର୍ମ କ୍ଷେତ୍ରରେ ବାରମ୍ବାର ଅକ୍ରମଣର ଶିକାର ହେଉଥିବା ଡାକ୍ତରଙ୍କୁ ସରକାର ସୁରକ୍ଷା ଦେବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏ ନେଇ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧିଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ ଦେଶରେ ରୋଗୀ ସେବା ନିମନ୍ତେ ଯେଉଁ ଡାକ୍ତର ନିଷ୍ଠାପର ଭାବେ କାମରେ ଲାଗିଛନ୍ତି ସେମାନଙ୍କୁ ବିନା କାରଣରେ ଆକ୍ରମଣ କରାଯାଉଛି। ଆକ୍ରମଣକାରୀଙ୍କୁ ବିଭିନ୍ନ ସମୟରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ସରକାର ସୁରକ୍ଷା ଦେଉଛନ୍ତି। ନିକଟରେ କୋଲକାତାଠାରେ ଘଟିଥିବା ଘଟଣାକୁ ଉଦାହରଣ ଭାବେ ନିଆଯାଇପାରେ। ଏମିତି ପରିସ୍ଥିତିରେ ରୋଗୀ ସେବା କରିବା ଅସମ୍ଭବ ହେଲାଣି। ଦିନକୁ ଦିନ ଦେଶରେ ଏଭଳି ଆକ୍ରମଣ ଯୋଗୁ ଡାକ୍ତରଙ୍କ ମଧ୍ୟରେ ଚିନ୍ତା ବଢ଼ିବାରେ ଲାଗିଛି। ଏପରି ଅବସ୍ଥାରେ କେନ୍ଦ୍ର ସରକାର ଏ ନେଇ ଆଇନ ଆଣିବାର ଯଥେଷ୍ଟ ଆବଶ୍ୟକତା ରହିଛି। ଚିକିତ୍ସା ସେବା ନେଇ ସରାକରଙ୍କ ପ୍ରତ୍ୟେକ ଯୋଜନାକୁ ସଫଳ କରୁଥିବା ଡାକ୍ତରଙ୍କ ପ୍ରତି ଭବିଷ୍ୟତରେ ଯେଭଳି ଅମାନବୀୟ ବ୍ୟବହାର ନ ହୁଏ ସେଥିପ୍ରତି ସରକାର ଦୃଷ୍ଟି ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହାକୁ ସବୁ ବର୍ଗର ଡାକ୍ତରୀ ସଂଘ ସମର୍ଥନ କରିଛି।



ଆଇଏମ୍ଏ ପକ୍ଷରୁ ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


ଗୁମାଡେରା ଷ୍ଟେଟ ବ୍ୟାଙ୍କ ଓ ପୋଷ୍ଟ ଅଫିସ ନିକଟ ରାସ୍ତାରେ ଆବର୍ଜନା ପାଣି ।

### ରାସ୍ତାରେ ଭାସୁଛି ଆବର୍ଜନା ପାଣି

ବେଲପାହାଡ଼,୧୭।୬(ଡି.ଏନ୍.ଏ.)
ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳ ଅନ୍ତର୍ଗତ ଗୁମାଡେରା ଷ୍ଟେଟ ବ୍ୟାଙ୍କ ଓ ପୋଷ୍ଟ ଅଫିସ ଶାଖା ନିକଟ ତଥା ମୁଖ୍ୟ ରାସ୍ତା ପାର୍ଶ୍ୱରେ ସେପ୍‌ଟି ଟାଙ୍କିରୁ ଅନବରତ ଆବର୍ଜନା ପାଣି ନିର୍ଗତ ହୋଇ ରାସ୍ତାରେ ଭାସୁଛି। ଏଥିପାଇଁ ପଥଚାରୀ ଓ ସ୍ଥାନୀୟ ବାସିନ୍ଦା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପୌର କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି।


ରାଜଗାଙ୍ଗପୁର କିଟିଣ୍ଡାରେ ଭିଏଚ୍‌ପି ପକ୍ଷରୁ ଆୟୋଜିତ ଧର୍ମରକ୍ଷା ଯଜ୍ଞରେ ଉପସ୍ଥିତ କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ।

■କିଟିଣ୍ଡାରେ ଭିଏଚ୍‌ପିର ଧର୍ମରକ୍ଷା ଯଜ୍ଞ

## ଜଗନ୍ନାଥ ସଂସ୍କୃତି ବିଶ୍ୱ ଶାନ୍ତିରେ ସହାୟକ ହେବ

ରାଉରକେଲା ଅଫିସ,୧୭।୬

ଭାରତ ସମେତ ସମଗ୍ର ବିଶ୍ୱରେ ଦିନକୁ ଦିନ ଅଶାନ୍ତି ବଢ଼ିବାରେ ଲାଗିଛି। କେବଳ ଜଗନ୍ନାଥ ସଂସ୍କୃତି ହିଁ ଶାନ୍ତି ପ୍ରତିଷ୍ଠା କରିବାରେ ସହାୟକ ହୋଇପାରିବ ବୋଲି ରାଜଗାଙ୍ଗପୁର କିଟିଣ୍ଡାରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ଆୟୋଜିତ ଧର୍ମରକ୍ଷା ଯଜ୍ଞରେ ମତ ପ୍ରକାଶ ପାଇଛି। ଜଗନ୍ନାଥ ସଂସ୍କୃତି ବସୁଧୈବ କୁଟୁମ୍ବକମର ବାର୍ତ୍ତା ବହନ କରି ଆସିଛି। ସର୍ବେ ଭବନ୍ତୁ ସୁଖୀନଃରେ ଆସ୍ଥା ପ୍ରକଟ କରିଛି। ଦେବସ୍ନାନ ପୂର୍ଣ୍ଣିମା ଅବସରରେ ବଣପାହାଡ଼ ଘେରା ଆଦିବାସୀ ବହୁଳ କିଟିଣ୍ଡାରେ ଆୟୋଜିତ ଧର୍ମରକ୍ଷା ଯଜ୍ଞରେ ବହୁ ଅନୁଗାମୀ ଏକତ୍ରିତ ହୋଇଥିଲେ। ଏଥିରେ ପଶ୍ଚିମ ଓଡ଼ିଶା ଧର୍ମପ୍ରଚାର ସମ୍ପାଦକ ଶାନ୍ତନୁ କୁସୁମ ଯୋଗଦେଇ କହିଲେ, ବିଶ୍ୱରେ ଅନେକ ରାଷ୍ଟ୍ର ଶକ୍ତି ହିନ୍ଦୁତ୍ୱ ଉପରେ କୁଠାରାଘାତ କରିବାକୁ ଯୋଜନା ଚଳାଇଛନ୍ତି। ଆମ ସଂସ୍କୃତି ଓ ଐତିହ୍ୟକୁ ଲୋପ କରିବାକୁ ଷଡ଼ଯନ୍ତ୍ର ଚାଲିଛି। ଶାନ୍ତ ସରଳ ବନବାସୀ ଆଦିବାସୀ ଭଉଣୀଭାଇଙ୍କୁ ପ୍ରଲୋଭିତ କରି ଧର୍ମାନ୍ତରୀକରଣ କରାଯାଉଛି। ଏମାନଙ୍କୁ ଠିକ୍ ଭାବେ ଚିହ୍ନି ରଖିବା ସହ କଡ଼ା ଜବାବ ଦେବାକୁ କୁସୁମ ଉପସ୍ଥିତ ଗ୍ରାମବାସୀଙ୍କୁ ଆହ୍ୱାନ ଦେଇଥିଲେ। ସୋମବାର ସକାଳ ୧୦ଟାରେ ସ୍ଥାନୀୟ ମହିଳାମାନେ ପାଖ ନାଳରୁ ପବିତ୍ର ଜଳ ସଂଗ୍ରହ କରି ଯଜ୍ଞ ମଣ୍ଡପକୁ ଫେରିବା ପରେ କଳସ ସ୍ଥାପନ ସହ ପୂଜାପାଠ କରାଯାଇଥିଲା। ପୂର୍ଣ୍ଣାହୁତି ପରେ ଧର୍ମ ସଭା ଆୟୋଜନ କରାଯାଇଥିଲା। ଏଥିରେ କୁସୁମ ବକ୍ତବ୍ୟ ପ୍ରଦାନ କରି ଜଗନ୍ନାଥ ସଂସ୍କୃତିକୁ ଜୀବନରେ ଧାରଣ କରି ଭବିଷ୍ୟତ ବାଟ ଚାଲିବାକୁ ଆହ୍ୱାନ ଦେଇଥିଲେ। ହୀରାଲାଲ କୁଜୁରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କର୍ଯ୍ୟକ୍ରମରେ ରାୟମନି କୁଜୁର, ସନ୍ତୋଷ ଏକ୍କା, ପୁରଞ୍ଜନ ମାଝି, ଅଞ୍ଜନା କୁଜୁର, ଅନୀତା କୁଜୁର, ଲକ୍ଷ୍ମୀ ଲାକ୍ରା, ରୁପା ଲାକ୍ରା, ପୂଜା ଲାକ୍ରା, ଆସବିନ ଲାକ୍ରା, ବିଶାଖା ଦଲଦଲିଆ, କଳ୍ପନା ଦଲଦଲିଆ, କର୍ଣ୍ଣ ଦଲଦଲିଆ, ଗାର୍ବୁ ଲାକ୍ରା, ଦିନୁ କୁଜୁର ପ୍ରମୁଖ ଉପସ୍ଥିତ ଥିଲେ।

## ମାଟି ଓ ମେଘର ମହାମିଳନ ରଜ ପର୍ବ

ରାଉରକେଲା ଅଫିସ,୧୭।୬

ଅଗ୍ରଣୀ ସାହିତ୍ୟାନୁଷ୍ଠାନ ବେଦବ୍ୟାସ ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ରଜ ମହୋତ୍ସବ ପାଳିତ ହୋଇଛି। ଶେଷ ରଜକୁ ନିରାଡ଼ମ୍ବର ଭାବେ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଡାକ୍ତର ରାହାସବିହାରୀ ମହାପାତ୍ର କହିଥିଲେ, ରଜ ହେଉଛି ଓଡ଼ିଶାର ପାରମ୍ପରିକ ତଥା କୃଷିଭିତ୍ତିକ ପର୍ବ। ଏହି ମହୋତ୍ସବ ପାଳନ ପଛରେ ରହିଥିବା ଉଦ୍ଦେଶ୍ୟ ଆମ ପରମ୍ପରାକୁ ସର୍ବଦା ଉଜ୍ଜୀବିତ କରି ଆସିଛି। ଏହା ଏମିତି ଏକ ପର୍ବ ଯେଉଁଠି ସଜବାଜ ହେବାକୁ ଦିନ ଧାର୍ଯ୍ୟ କାରାଯାଇଛି। ଦୋଳି, ମେଳି, ପୁଚି ଖେଳ, ବାଡ଼ି ଓ ବାଗୁଡ଼ି ଖେଳ, ପାନଖିଆ, ପିଠାପଣାର ମହକ ଏହି ପର୍ବକୁ ସ୍ୱତନ୍ତ୍ରତା ପ୍ରଦାନ କରିଛି। ରଜ ପର୍ବ ହେଉଛି ମାଟି ମେଘର ମହାମିଳନ। ଏହା ପ୍ରଚୀନ ସ୍ନେହ ସୌହାର୍ଦ୍ଦ୍ୟ ଓ ଭ୍ରାତୃଭାବର ନିଦର୍ଶନକୁ ସାବ୍ୟସ୍ତ କରିଆସିଛି ବୋଲି ମହାପାତ୍ର ମତ ପ୍ରକାଶ କରିଥିଲେ। ପଣ୍ଡିତ ହରିହର ବେହେରା, ଅଧାପକ କମଲକିଶୋର ନାୟକ, ଶିକ୍ଷାବିତ୍ ସଚ୍ଚୀନ୍ଦ୍ର ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ରଜ ମହୋତ୍ସବର ଗୌରବମୟ ଗାରିମା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ସାଧାରଣ ସମ୍ପାଦକ ଗୌରାଙ୍ଗ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଚଳିତବର୍ଷ ଦୁଇ ଜଣ ଉଦୀୟମାନ ମାଟ୍ରିକ ଛାତ୍ର ସୁବ୍ରତ ସାମଲ ଓ ରୁଦ୍ରନାରାୟଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ କବି କୁଞ୍ଜବିହାରୀ ରାଉତ କବିତା ପାଠ କରିଥିଲେ। ଏହି ଅବସରରେ ସମସ୍ତଙ୍କୁ ରଜ ପିଠାରେ ଆପ୍ୟାୟିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ନନ୍ଦ, ସମାଇ ସୋରେନ, ଦିଲ୍ଲୀପ ନାୟକ, ସନ୍ତୋଷ ବେହେରା, ବସନ୍ତ ଦାସ, ଦାମ ଧଳ ଓ ଦେବାଶିଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅରୁଣ ପରିଡ଼ା ଧନ୍ୟବାଦ ପ୍ରଦାନ କରିଥିଲେ।

## ଜଳାଶୟ ସଫାକଲେ ଗ୍ରାମବାସୀ

ଲଖନପୁର,୧୭।୬(ଡି.ଏନ୍.ଏ.)
ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସୁନାରୀ ପଞ୍ଚାୟତ ପତ୍ରାପାଲି ଗ୍ରାମର ପ୍ରଧାନବନ୍ଧ (ଜଳାଶୟ)କୁ ରବିବାର ଗ୍ରାମବାସୀ ସଫା କରିଛନ୍ତି। ଏହି ସଫେଇ କାର୍ଯ୍ୟକ୍ରମରେ ଗାଁ କଲ୍ୟାଣ ସମିତି ଓ ଗ୍ରାମର ମହାନଦୀ ଯୁବକ ସଂଘ ସଦସ୍ୟମାନେ ସାମିଲ ହୋଇଥିଲେ। ଗାଁ କଲ୍ୟାଣ ସମିତି ସଭାପତି ଥଣ୍ଡାରାମ ସାହୁ, ସୁନ୍ଦର ଖଡ଼ିଆ, ମହେନ୍ଦ୍ର ଗୌନ୍ତିଆ, ଟିକେଟ ସାହୁ, ରୋହିତ ଖଡ଼ିଆ, ଶଶି ଭୁଏ, ଜୟକୃଷ୍ଣ ପୂଜାରୀ ପ୍ରମୁଖ ସଫେଇ କାର୍ଯ୍ୟରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଗ୍ରାମର ଏକମାତ୍ର ଏହି ଜଳାଶୟ ଉପରେ ସମଗ୍ର ଗ୍ରାମବାସୀ ନିର୍ଭର କରନ୍ତି। ହେଲେ ଏଥିରେ ଦଳ, ଘାସ ବହୁମାତ୍ରାରେ ବଢ଼ିଯାଇଛି। ଫଳରେ ଲୋକେ ଗାଧେଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ହାର ପୁନରୁଦ୍ଧାର ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


ପତ୍ରାପାଲି ଗ୍ରାମବାସୀ ଜଳାଶୟ ସଫେଇ କରୁଛନ୍ତି।

■ଦେବସ୍ନାନ ପୂର୍ଣ୍ଣିମା

# ହାତୀ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି


ବେଲପାହାଡ଼ ଗୁମାଡେରା ଶ୍ରୀଜଗନ୍ନାଥ ମନ୍ଦିର।


କୋଲାବିରା ଜଗନ୍ନାଥ ମନ୍ଦିର।


ଲଖନପୁର ବନ୍ଧବାହାଲ ଶ୍ରୀଜଗନ୍ନାଥ ମନ୍ଦିର।

ବେଲପାହାଡ଼,୧୭।୬(ଡି.ଏନ୍.ଏ.)

ଦେବସ୍ନାନ ପୂର୍ଣ୍ଣିମାରେ ସୋମବାର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନେ ସୁବାସିତ ଜଳରେ ସ୍ନାନ କରିବା ସହ ହାତୀ ବେଶରେ ଦର୍ଶନ ଦେଇଛନ୍ତି। ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ଅପରାହ୍ନରେ ହାତୀ ବେଶ ସମାପନ ହେଲା ପରେ ସନ୍ଧ୍ୟାରେ ମନ୍ଦିରରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳେ ଗୁମାଡେରା ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନଙ୍କ ଦୈନନ୍ଦିନ ନୀତିକାନ୍ତି ହୋଇଥିଲା। ପରେ ପୂଜକ ଓ ଶ୍ରଦ୍ଧାଳୁମାନେ ଗୋଟି ପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନବେଦୀକୁ ନେଇଥିଲେ। ସେଠାରେ ବଳଭଦ୍ରଙ୍କୁ ୩୫, ଜଗନ୍ନାଥଙ୍କୁ ୩୩, ସୁଭଦ୍ରାଙ୍କୁ ୨୨ ଓ ସୁଦର୍ଶନଙ୍କୁ ୧୮ ମୋଟ ୧୦୮ କଳସ ସୁବାସିତ ଜଳରେ ସ୍ନାନ କରାଇଥିଲେ। ଅପରାହ୍ନରେ ପୂଜକ ବ୍ରଜସୁନ୍ଦର ଶତପଥୀ ଓ ରଙ୍ଗାଧର ପଣ୍ଡା ଶ୍ରୀଜିଉମାନଙ୍କୁ ହାତୀ ବେଶରେ ସଜ୍ଜିତ କରିଥିଲେ। ଜଗନ୍ନାଥ ସେବାସଂଘ ସଭାପତି ତୁଷାରକାନ୍ତି ଦାଶ, ସମ୍ପାଦକ ସୁବ୍ରତ ମହାପାତ୍ର ଓ ବରିଷ୍ଠ ସଦସ୍ୟ ଯୁଧିଷ୍ଠିର ସେଣାଙ୍କ ସମେତ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସେହିପରି ସମଡ଼ା ଜଗନାଥ ମନ୍ଦିରରେ ମଧ୍ୟ ସୋମବାର ଶ୍ରୀଜୀଉମାନଙ୍କ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଛି।

**କୋଲାବିରା,(ଡି.ଏନ୍.ଏ.)**
କୋଲାବିରା ଜଗନ୍ନାଥ ମନ୍ଦିରରେ ରଥଯାତ୍ରାର ଆଦ୍ୟପର୍ବ ଦେବସ୍ନାନ ପୂର୍ଣ୍ଣିମା ରବିବାର ସମ୍ପନ୍ନ ହୋଇଛି। କୋଲାବିରା ଜମିଦାର ବଂଶଜ କୁମାର ବୀର ଅମରେନ୍ଦ୍ର ପ୍ରତାପ ସିଂ ଏଥିରେ କର୍ତ୍ତା ରୂପେ ଯୋଇଦେଇଥିଲେ। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଠାକୁରମାନଙ୍କ ସ୍ନାନ କରାଯାଇଥିଲା। ପୂଜକ ବିଜୟ କୁମାର ପୂଜାରୀ ଏବଂ ଓମ୍‌ପ୍ରକାଶ ପୂଝାରୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭ୍ୟ, କର୍ମକର୍ତ୍ତା, ମହାଦେବ ମନ୍ଦିର ପରିଚାଳନା କମିଟି, କୀର୍ତ୍ତନ ମଣ୍ଡଳୀ ସଭ୍ୟଙ୍କ ସମେତ ପରମେଶ୍ୱର ବେହେରା, ଯଯାତି କେଶରୀ ବେହେରା, ସୁରେନ୍ଦ୍ର ଟଣକାର, ଅଶୋକ କୁମାର ବେହେରା, ଭୀଷ୍ମଦେବ ହୋତା, ବିନୋଦ ବିହାରୀ ହୋତା, ଶଙ୍କର ବୁଢୁଲା, ବଦ୍ରିପ୍ରସାଦ ରଣାଗୋବିନ୍ଦ ଧୁରୁଆ, ଗୋବିନ୍ଦ ଚନ୍ଦ୍ର ଭୋଇ, ଶୁଭେନ୍ଦୁ ଦାସ, ଅଦିତ ପଟେଲ, ସଲିତ କୁଅଁର, ଗିରିଶ ସାହୁ, ବୁଲୁ ଟଣକାର, ଶଙ୍କର ମରାଇ, ମହେନ୍ଦ୍ର ସାହୁ, ପ୍ରଦ୍ୟୁମ୍ନ ପୁରୋହିତ ପ୍ରମୁଖ ଯୋଗଦେଇଥିଲେ।

**ବ୍ରଜରାଜନଗର,(ଡି.ଏନ୍.ଏ.)**
ବ୍ରଜରାଜନଗର ସହରରେ ଥିବା ଜଗନ୍ନାଥ ମନ୍ଦିରରେ ରୀତିନୀତି ଅନୁଯାୟୀ ଦେବସ୍ନାନ ପୂର୍ଣ୍ଣିମା ପାଳନ କରାଯାଇଛି। ମନ୍ଦିର ପରିଚାଳନା କମିଟି ଦାୟିତ୍ୱରେ ଥିବା ଅର୍ଜୁନ ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ କରାଯାଇ ଅଣସର ଗୃହକୁ ନିଆଯାଇଛି। ଏହି ଅବସରରେ ଶତାଧିକ ଶ୍ରଦ୍ଧାଳୁ ଠାକୁରଙ୍କୁ ଦର୍ଶନ କରିଥିଲେ। କମିଟି ସଦସ୍ୟ ବ୍ୟାସଦେବ ପଣ୍ଡା, ଲାଲଅସୀମ ରାଏ, ତ୍ରିଲୋଚନ ଦାଶ, ଭୀମଦାସ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

**ଲଖନପୁର,(ଡି.ଏନ୍.ଏ.)**
ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ଜଗନ୍ନାଥ ମନ୍ଦିର ଦୀନବାନ୍ଧବ କ୍ଷେତ୍ରରେ ରୀତିନୀତି ଅନୁଯାୟୀ ଶ୍ରୀଜୀଉଙ୍କ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଛି। ରବିବାର ପୂର୍ବାହ୍ନରେ ମନ୍ଦିର ପରିସରରେ ଥିବା ନରେନ୍ଦ୍ର ପୋଖରୀରୁ ୧୧୮ କଳସରେ ପବିତ୍ର ଜଳଆଣି ସ୍ନାନ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଜ୍ୟେଷ୍ଠ ପୂର୍ଣ୍ଣିମା ସୋମବାର ପୂର୍ବାହ୍ନରେ ଶ୍ରୀଜୀଉଙ୍କ ଦ୍ୱାରଫିଟା, ଅବକାଶ, ମଙ୍ଗଳ ଆଳତି ଓ ଅନ୍ୟାନ୍ୟ ନୀତି କରାଯାଇଥିଲା। ଏଥିରେ ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ପ୍ରବନ୍ଧକ ଅନୀଲ କୁମାର ସିଂହ କର୍ତ୍ତା ଭାବେ ରାଜକାର୍ଯ୍ୟ ତୁଲାଇଥିଲେ। ପରେ ଶ୍ରୀଜୀଉଙ୍କୁ ଧାଡ଼ି ପହଣ୍ଡିରେ ସ୍ନାନ ମଣ୍ଡପକୁ ଅଣାଯାଇ ସ୍ନାନ କରାଯାଇଥିଲା। ଏହି ଅବସରରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମନ୍ଦିର ପରିସରରେ ନାମସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରାହ୍ମଣ ସମାଜ ସଭାପତି ବାଳକୃଷ୍ଣ ମିଶ୍ର, ସମ୍ପାଦକ ରାମଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ନିରଞ୍ଜନ ପତି, ରଥଯାତ୍ରା କମିଟି ସଭାପତି ବିଜୟ କୁମାର ଦାସ, ସମ୍ପାଦକ ଦୋଳଗୋବିନ୍ଦ ପ୍ରଧାନ, କୋଷାଧ୍ୟକ୍ଷ ଲଳିତ ମୋହନ କିଷାନ, ମନ୍ଦିର କମିଟି କର୍ମକର୍ତ୍ତା କବିରାଜ ବେହେରା, ରମେଶ ମଲ୍ଲିକ ସଚ୍ଚିକାନ୍ତ ସାହୁ, ପୂଜକ ବିଶ୍ୱନାଥ ତ୍ରିପାଠୀ, ପ୍ରଫୁଲ୍ଲ ପାଢ଼ୀ, ବିଭୂତି ମହାପାତ୍ର, ରମାକାନ୍ତ ନାୟକ ପ୍ରମୁଖ ଶ୍ରୀଜୀଉଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ।

## ବିରଜା କ୍ଷେତ୍ର ସଂଘ ପକ୍ଷରୁ ଜଳ ଛତ୍ର ଉଦ୍‌ଯାପିତ

ରାଉରକେଲା ଅଫିସ,୧୭।୬
ଷ୍ଟିଲ ସିଟିର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ସଂଗଠନ ବିରଜା କ୍ଷେତ୍ର ସଂଘ ପକ୍ଷରୁ ବାସନ୍ତୀ କଲୋନୀ ଡିଏଭି ଛକରେ ଗତ ମହାବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ଜଳଛତ୍ର ରବିବାର ଉଦ୍‌ଯାପିତ ହୋଇଛି। ସଂଘ ସଭାପତି ଅଭୟ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ନାୟକ ଅତିଥି ରୂପେ ଯୋଗଦେଇ ସଂଘ କର୍ମକର୍ତ୍ତାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ୨୦୧୦ରୁ ନିରବଚ୍ଛିନ୍ନ ଭାବେ ଏଠାରେ ଜଳଦାନ ବ୍ୟବସ୍ଥା କରି ଆସୁଥିବା ସଂଗଠନର କର୍ମକର୍ତ୍ତା ତଥା ଏଥିରେ ସହଯୋଗ କରିଥିବା ସମସ୍ତ ବ୍ୟକ୍ତିଙ୍କୁ ସଂଘ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସାମଲ ଧନ୍ୟବାଦ ଜଣାଇଥିଲେ। ପ୍ରତିଦିନ ଜଳଦାନରେ ସହଯୋଗ କରିଥିବା ସରସ୍ୱତୀ ସୁବେଦୀ କ୍ଷେତ୍ରୀ ଓ ତାଙ୍କ ସ୍ୱାମୀ ବାହାଦୁରଙ୍କୁ ଅନୁଷ୍ଠାନ ପକ୍ଷରୁ ଶାଢ଼ି, ଗାମୁଛା, ଧୋତି ଆଦି ବସ୍ତ୍ର ସହ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ଦେବକାନ୍ତ ଧଳ, ମନୋରଞ୍ଜନ ସାମଲ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଚିତ୍ତରଞ୍ଜନ ଦାସ, ଅକ୍ଷୟ ଜେନା, ବୈଦ୍ୟନାଥ ଦାସ, ଅନିରୁଦ୍ଧ ସାମଲ, ଅଲେଖ ନାୟକ, ନବଘନ ପାଣି, କୀର୍ତ୍ତନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଂଗ୍ରାମ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

## ସୁବାସିତ ଜଳରେ ସ୍ନାନ କଲେ ଶ୍ରୀଜୀଉ

ରାଉରକେଲା ଅଫିସ,୧୭।୬
ଷ୍ଟିଲ ସିଟିର ସର୍ବପୁରାତନ ସେକ୍ଟର-୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ସମେତ ଉଦିତନଗର, ବାସନ୍ତୀ କଲୋନୀ, ଦେଓଗାଁ, ଛେଣ୍ଡ, ସେକ୍ଟର-୨୨ ପ୍ରଭୃତି ଜଗନ୍ନାଥ ମନ୍ଦିରରେ ସୋମବାର ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଛି। ତିନି ଠାକୁରଙ୍କ ସ୍ନାନଯାତ୍ରା ଓ ସନ୍ଧ୍ୟାରେ ଗଜ ବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରୀଜୀଉମାନଙ୍କୁ ପହଣ୍ଡିରେ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ସ୍ନାନ ବିଧି ସମ୍ପନ୍ନ ପରେ ଠାକୁରଙ୍କ ନୀତିକାନ୍ତି କରାଯାଇଥିଲା। ପରେ ଠାକୁରମାନଙ୍କୁ ଅଣସର ଘରକୁ ନିଆଯାଇଥିଲା। ଘଣ୍ଟ, ଶଙ୍ଖ ଓ ଭଜନ କୀର୍ତ୍ତନ ଭିତରେ ମନ୍ଦିର ପରିସରରେ ଅଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।


ସେକ୍ଟର-୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନ ନୀତି କରାଯାଉଛି।

## ସଂକ୍ଷେପରେ



### ମନମୁଣ୍ଡା ଅଞ୍ଚଳରେ ଜଗନ୍ନାଥଙ୍କ ସ୍ନାନଯାତ୍ରା

ମନମୁଣ୍ଡା, ୧୭।୬ (ଡି.ଏନ.ଏ)
ବୌଦ୍ଧ ଜିଲା ମନମୁଣ୍ଡା ସ୍ଥିତ ଦଧିବାମନ ଜୀଉ ମନ୍ଦିରରେ ପୂଜକ ଗୋପୀନାଥ ହୋତା ସକାଳେ ଶ୍ରୀ ଜଗନ୍ନାଥଙ୍କ ମଙ୍ଗଳାର୍ପଣ, ଡେରାଲାଗି ଓ ପୁଷ୍ପାଞ୍ଜଳି କରିଥିଲେ । ପରେ ବ୍ରାହ୍ମଣ ନିରଞ୍ଜନ ହୋତା ଏବଂ ଶିବପ୍ରସାଦ ରଥ ମହାପ୍ରଭୁଙ୍କୁ ରତ୍ନବେଦୀରୁ ସ୍ନାନବେଦୀକୁ ପହଣ୍ଡି କରି ଆଣିଥିଲେ । ସ୍ନାନ ମଣ୍ଡପରେ ବିଶ୍ୱନିୟନ୍ତାଙ୍କ ନୀତିକାନ୍ତି ସରିବା ପରେ ଜଗନ୍ନାଥଙ୍କୁ ୩୩ ଗଡୁ ପବିତ୍ର ଜଳରେ ସ୍ନାନ କରାଯାଇଥିଲା । ପରେ ଜଗନ୍ନାଥଙ୍କୁ ଅଣସର ପିଣ୍ଡିକୁ ପହଣ୍ଡି କରି ବିଜେ କରାଇଥିଲେ । ମନ୍ଦିର କମିଟି ସଭ୍ୟ ଗଣେଷ ଚନ୍ଦ୍ର ତ୍ରିପାଠୀ, ବିପ୍ର ଚରଣ ବେହେରା, ବ୍ରାହ୍ମଣ ସମାଜ ସଭାପତି ସତ୍ୟନାରାୟଣ ପାଣିଗ୍ରାହୀ, ସମ୍ପାଦକ ବୈଦ୍ୟନାଥ ହୋତା ପ୍ରମୁଖ ସହଯୋଗ କରିଥିଲେ ।

# ମଣ୍ଡିରୁ ଉଠୁନି ଧାନ

ଅମରପାଲି, ୧୭।୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ କରାଯାଇଥିବା ଡାଲୁଆ ଚାଷର ଉତ୍ପାଦିତ ଧାନ ସହାୟକ ମୂଲ୍ୟରେ ବିକ୍ରି କରିବା ପାଇଁ ସ୍ଥାନୀୟ ଚାଷୀ ଦୁର୍ଦ୍ଦିନର ସମ୍ମୁଖୀନ ହୋଇଛନ୍ତି। ମଣ୍ଡିକୁ ବିକ୍ରି ସକାଶେ ଆସିଥିବା ଧାନ ମଧ୍ୟରୁ ଏବେବି ବହୁଧାନ ବିକ୍ରି ହୋଇ ନ ପାରି ଗଦା ହୋଇ ରହିଛି। ମିଲର୍ସଙ୍କ ଅସହଯୋଗ ହେତୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଚାଷୀମାନେ ପ୍ରଚଣ୍ଡ ଖରାରେ ସେମାନଙ୍କ ଧାନବସ୍ତାଗୁଡିକ ଜଗି ରହିଥିବା ବେଳେ ଏବେ ବର୍ଷା ଆସିଯାଇଥିବାରୁ ଚିନ୍ତାରେ ପଡିଯାଇଛନ୍ତି। ଏ ସମ୍ପର୍କରେ ଯୋଗାଣ ବିଭାଗ କଥା ହେଲା ପଡି ରହିଥିବା ଧାନର ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାପାଇଁ ଜିଲା ମିଲର୍ସଙ୍କ ବ୍ୟତୀତ ସମ୍ବଲପୁର ମିଲର୍ସ ମାନଙ୍କୁ ଯୋଡାଯାଇଛି।

ସଂଗୃହୀତ ତଥ୍ୟ ଅନୁଯାଇ ଚଳିତ ବର୍ଷ ରବିଧାନ ସଂଗ୍ରହ ନିମନ୍ତେ ବୀରମହାରାଜପୁର ଉପଖଣ୍ଡ ପାଇଁ ଉଲୁଣ୍ଡା ବ୍ଲକରେ ୯ ଏବଂ


ହିଲୁଙ୍ଗ ପ୍ୟାକ୍ସରେ ବିକ୍ରିପାଇଁ ଆସି ପଡି ରହିଥିବା ଧାନବସ୍ତା।

- ବୀରମହାରାଜପୁର ଉପଖଣ୍ଡ
- ଦୁର୍ଦ୍ଦିନରେ ଚାଷୀକୁଳ
- ପଡିରହିଛି ହଜାର ହଜାର ବସ୍ତା ଧାନ

ବୀରମହାରାଜପୁର ବ୍ଲକରେ ୬ଟି ମଣ୍ଡି ଖୋଲାଯାଇଛି। ଏସବୁ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ମାଧ୍ୟମରେ ରାଜ୍ୟ ଯୋଗାଣ ନିଗମ ୧କୋଟି ୫୭ ଲକ୍ଷ ୬୭ ହଜାର ୩୫୭ କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ କିଣା ସରିଛି। ଏହିକ୍ରମରେ ଉଲୁଣ୍ଡା ବ୍ଲକର ଏସ୍.ପତ୍ରାପାଲି ପ୍ୟାକ୍ସ ସମୁଦାୟ ୧୫୭୩୪.୨୦ କୁଇଣ୍ଟାଲ, କୋଟସମଲାଇ ୨୪୨୯୯.୧୧ କୁଇଣ୍ଟାଲ, ମହଦା ୭୬୪୮.୭୬ କୁଇଣ୍ଟାଲ, ଚଡେଇପଙ୍କ ୨୭୫୬୧.୩୮ କୁଇଣ୍ଟାଲ, ରକ୍ସା ୨୫୦୫.୧୪ କୁଇଣ୍ଟାଲ, କଳାପଥର ୧୪୧୧୪.୭୬ କୁଇଣ୍ଟାଲ, ବିସିପଡା ୯୦୩୪.୨୩ କୁଇଣ୍ଟାଲ, ଜାଲଏ ୧୯୨୦୪.୬୦ କୁଇଣ୍ଟାଲ ଏବଂ ପଞ୍ଚମହଲା ପ୍ୟାକ୍ସ ୧୭୨୦୨.୫୦ କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ ସଂଗ୍ରହ କରି ସାରିଥିବା ଅତିରିକ୍ତ ଯୋଗାଣ ଅଧିକାରୀ ସୁବୋଧ କୁମାର ହୋତାଙ୍କଠାରୁ ପ୍ରକାଶ। ତାଙ୍କଠାରୁ ମିଳିଥିବା ସୂଚନାମତେ ବୀରମହାରାଜପୁର ବ୍ଲକର ମୁଷୁଣ୍ଡୀ ପ୍ୟାକ୍ସ ଜରିଆରେ ୧୮୦୯.୧୮ କୁଇଣ୍ଟାଲ, ହିଲୁଙ୍ଗରେ ୨୨୫୯.୦୬ କୁଇଣ୍ଟାଲ, କେଞ୍ଝରିଆପାଲି ୪୧୪୧.୬୫ କୁଇଣ୍ଟାଲ, ବହଲପଦର ୧୧୨୪୨.୪୮ କୁଇଣ୍ଟାଲ, ଉଫୁଲା ୬୧୭.୨୭ କୁଇଣ୍ଟାଲ ଏବଂ ବାଗବର ପ୍ୟାକ୍ସ ୨୯୯.୨୫ କୁଇଣ୍ଟାଲ ଧାନ କିଣା ସରିଛି। ତାସତ୍ତ୍ୱେ ଏବେବି ବିଭିନ୍ନ ମଣ୍ଡିରେ ପଡି ରହିଥିବା ଧାନବସ୍ତା ଗୁଡିକ ସରକାରଙ୍କ ସହାୟକ ମୂଲ୍ୟରେ କିଣିବାକୁ ତ୍ୱରାନ୍ୱିତ ପଦକ୍ଷେପ ନିଆଯାଇଛି। ଗତ ଶୁକ୍ରବାରଠାରୁ ସମ୍ବଲପୁର ମିଲର୍ସଙ୍କ ଗାଡି ବିଭିନ୍ନ ମଣ୍ଡିରେ ପହଞ୍ଚିବା ଆରମ୍ଭ କରିଛନ୍ତି ବୋଲି ଏସିଏସ୍ଓ ହୋତା ସୂଚିତ କରିଛନ୍ତି। ତେବେ ବିଗତ ତିନିଦିନ ହେଲା ସାରା ଅଞ୍ଚଳରେ ବିକ୍ଷିପ୍ତ ବର୍ଷା ଆରମ୍ଭ ହୋଇଥିବାରୁ ଖୋଲା ଆକାଶତଳେ ପଡି ରହିଥିବା ଧାନ ବସ୍ତାଗୁଡିକ ନଷ୍ଟ ହେବାର ଆଶଙ୍କା ରହିଛି। ସେଥିଯୋଗୁଁ ଚାଷୀକୂଳ ଛାନିଆ ହୋଇ ପଡିଛନ୍ତି।


ସୋନପୁର ଗଡଭିତର ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ମହାସ୍ନାନ।

## ସୁବର୍ଣ୍ଣପୁରରେ ଶ୍ରୀଜୀଉଙ୍କ ମହାସ୍ନାନ

ସୋନପୁର,୧୭।୬(ନି.ପ୍ର.)

ପବିତ୍ର ଦେବସ୍ନାନ ପୂର୍ଣ୍ଣମୀ ଅବସରରେ ସୁବର୍ଣ୍ଣପୁରରେ ଶ୍ରୀଜୀଉଙ୍କ ମହାସ୍ନାନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସହରର ଗଡଭିତର ଜଗନ୍ନାଥ ମନ୍ଦିର, ଘୋଟାଘାଟପଡାର ଦଧିବାମନ ମନ୍ଦିର ଓ ରାୟଗୁରୁପଡାର ବୃନ୍ଦାବନ ବିହାରୀ ମନ୍ଦିର ଅଧିକ ଚଳଚଞ୍ଚଳ ହୋଇ ଉଠିଥିଲା। ସକାଳେ ତିନି ଠାକୁରଙ୍କୁ ସ୍ନାନ ମଣ୍ଡପକୁ ନିଆଯାଇଥିଲା। ମନ୍ଦିରର ପୂଜକମାନେ ଚନ୍ଦନ, ଖୁଆ କର୍ପୁର ଓ କେଶର ଇତ୍ୟାଦି ସୁଗନ୍ଧ ମିଶ୍ରିତ ୧୦୮ କଳସ ଜଳରେ ବିଧି ଅନୁଯାୟୀ ମହାପ୍ରଭୁଙ୍କୁ ସ୍ନାନ କରାଇଥିଲେ। ପରେ ନୀତି ଅନୁସାରେ ପୂଜା ହେବା ସହିତ ବାଲଭୋଗ ଲାଗିଥିଲା। ଶତାଧିକ ମହିଳା ପୁରୁଷ ଆରତୀ ସମୟରେ ଦର୍ଶନ କରିଥିଲେ। ମଧ୍ୟାହ୍ନରେ ଅନ୍ନଭୋଗ ଲାଗିଥିଲା। ତେବେ ସ୍ନାନ ପରେ ଠାକୁର ଜ୍ୱରରେ ପଡିବାରୁ ସେମାନଙ୍କୁ ଅନବସର ବା ଅଣସର ଘରକୁ ନିଆଯାଇଛି। ଆଜିଠାରୁ ମହାପ୍ରଭୁଙ୍କ ଅନବସର ଆରମ୍ଭ ହୋଇଛି। ଏହି ସମୟରେ ଠାକୁରଙ୍କ ପାଖରେ ଅନ୍ନପ୍ରସାଦ ଭୋଗ ହୁଏ ନାହିଁ। ପନ୍ଦର ଦିନ ଧରି ଅନବସର ପରେ ଜୁଲାଇ ୨ରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ, ୪ରେ ମହାପ୍ରଭୁଙ୍କ ପହଣ୍ଡି ବିଜେ, ୫ ତାରିଖରେ ରଥଟଣା ହୋଇ ମାଉସୀ ମା’ ମନ୍ଦିରରେ ବିଜେ ହେବେ। ଗଡଭିତର ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ରାମଗୋପାଳ ପୂଜାହାରୀଙ୍କ କହିବା ଅନୁଯାୟୀ କୋଟସମଲେଇର ପାତାଳି ଶ୍ରୀକ୍ଷେତ୍ରରୁ ମହାପ୍ରଭୁଙ୍କ ବ୍ରହ୍ମପୁରୀକୁ ନିଆ ଯାଇଥିବା ବେଳେ ଦାରୁଙ୍କୁ ସୋନପୁର ମହାରାଜା ଆଣି ଏଠାରେ ପ୍ରତିଷ୍ଠା କରିଥିଲେ। ତେଣୁ ଏଠାରେ ଠାକୁରଙ୍କ ନବକଳେବର ହୁଏ ନାହିଁ। ରାଜାରାଜୁଡା ସମୟରେ ରାଜପ୍ରସାଦର ଭଣ୍ଡାର ଘରୁ ଭୋଗ ଓ ପୂଜା ସାମଗ୍ରୀ ଆସୁଥିଲା। ଏବେ ରଥଯାତ୍ରା ସମୟରେ ଦୋବୋତ୍ତର ବିଭାଗ ତାହା ଯୋଗାଇ ଆସୁଛି ବୋଲି ପୂଜାହାରୀ କହିଛନ୍ତି। ୨୦୧୩ରେ ଦେବସ୍ନାନ ପୂର୍ଣ୍ଣମୀ ସୋନପୁରବାସୀଙ୍କ ପାଇଁ ଏକ ସ୍ମରଣୀୟ ଦିନ ଥିଲା । ସହର ପାର୍ଶ୍ୱ ଦେଇ ବହି ଯାଇଥିବା ଚିରସ୍ରୋତା ମହାନଦୀ ଗର୍ଭରୁ ଜଗନ୍ନାଥଙ୍କର ଏକ ଦାରୁବ୍ରହ୍ମ ମୂର୍ତ୍ତି ଅକ୍ଷତ ଅବସ୍ଥାରେ ଉଦ୍ଧାର ହୋଇଥିଲେ। ଏହି ମୂର୍ତ୍ତି ଏବେ ବୃନ୍ଦାବନ ବିହାରୀ ମନ୍ଦିରରେ ପୂଜା ପାଇବା ସହିତ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି । ଜିଲାର ପାତାଳି ଶ୍ରୀକ୍ଷେତ୍ର, ବିନିକା, ବୀରମହାରାଜପୁର, ତରଭା, ଖର୍ଜୁରା, ନାରାୟଣପୁର, ଦେଉଳପଦର, ଗଡିଆ, ମଲିକମୁଣ୍ଡା, ଲଛିପୁର ଓ ଖଲିଆପାଲିସ୍ଥିତ ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣମା ନୀତି ଅନୁଯାୟୀ ଅନୁଷ୍ଠିତ ହୋଇଛି।

## ବିଭିନ୍ନ ସ୍ଥାନରେ ଦେବସ୍ନାନ ପୂର୍ଣ୍ଣିମା

ଅମରପାଲି, ୧୭।୬ (ଡି.ଏନ.ଏ.)
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ବିଭିନ୍ନ ଜଗନ୍ନାଥ ମନ୍ଦିର ଗୁଡ଼ିକରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ବୀରମହାରାଜପୁରସ୍ଥିତ ଜଗନ୍ନାଥ ମନ୍ଦିରରେ ଏଥିପାଇଁ ହୋଇଥିଲା ବ୍ୟାପକ ପ୍ରସ୍ତୁତି। ପୂର୍ବସୂଚୀମତେ ରବିବାର ରାତ୍ରି ୮ଟାରୁ ଆରମ୍ଭ ହୋଇଥିଲା ନୀତିକାନ୍ତି। ସୋମବାର ଭୋର ସାଢ଼େ ୪ଟାରେ ଦ୍ୱାରଫିଟା ହୋଇଥିଲା। ପରେ ଦଶଦିଗପାଳ ପୂଜା, ସୂର୍ଯ୍ୟ ପୂଜା କରାଯାଇଥିଲା। ଚତୁର୍ଦ୍ଧା ବିଗ୍ରହଙ୍କୁ ବେଶ କରି ଛେରାପହଁରା କରି ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ବିଷ୍ଣୁ ପଣ୍ଡା ଛେରାପହଁରା କରିଥିଲେ। ସ୍ନାନ ମଣ୍ଡପରେ ଶ୍ରୀଜୀଉଙ୍କୁ ସ୍ନାନ କରି ଯଥାରୀତି ପୂଜାର୍ଚ୍ଚନା ହୋମ ଆଦି କରାଯାଇଥିଲା। ପୂଜକଭାବେ ମନୋରଞ୍ଜନ ଦାଶ କାର୍ଯ୍ୟ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ବାଡଗ୍ରାହୀ ଭଗବାନ ମିଶ୍ର, ପହଣ୍ଡି ମୁଖ୍ୟ ଦ୍ୱିତୀକୃଷ୍ଣ ପଣ୍ଡା, ଉପମୁଖ୍ୟ ଯୁଗଳ ମିଶ୍ର, ସମ୍ପାଦକ ଶମ୍ଭୁପ୍ରସଦ ହୋତା ପ୍ରମୁଖ ପରିଚାଳନା କରିଥିଲେ । ସ୍ନାନଯାତ୍ରାରେ ପ୍ରାୟ ୬୦ରୁ ଅଧିକ ବ୍ରାହ୍ମଣ ନୀତିକାନ୍ତି କରିବା ସହିତ ପହଣ୍ଡି କରିଥିଲେ। ଭୂଷଣ ପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ ।


ବୀରମହାରାଜପୁରରେ ସ୍ନାନପୂର୍ଣ୍ଣିମା ଅବସରରେ ଚତୁର୍ଦ୍ଧା ବିଗ୍ରହ ।

### ସ୍ୱାମୀଙ୍କ ଶୁଦ୍ଧିକ୍ରିୟା ପାଇଁ ଝିଅ ବିକିବା ପ୍ରସଙ୍ଗ

## ସହାୟତା ଦେଲେ ବିଡିଓ, ସଙ୍ଗଠନ

ମନମୁଣ୍ଡା, ୧୭।୬ (ଡି.ଏନ.ଏ)

ବୌଦ୍ଧ ଜିଲା ଗୁଡଭେଲିପଦର ଅଞ୍ଚଳରେ ସ୍ୱାମୀଙ୍କ ଶୁଦ୍ଧିକ୍ରିୟା ପାଇଁ ଝିଅ ବିକିବାକୁ ନିଷ୍ପତ୍ତି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଧବା ପୂର୍ଣ୍ଣିମାଙ୍କ ପରିବାରକୁ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତି ବିଶେଷ ସହାୟତାର ହାତ ବଢାଇଛନ୍ତି। ରବିବାର ସୋନପୁର-ମନମୁଣ୍ଡା ସ୍ୱଚ୍ଛ ଭାରତ ଅଭିଯାନ ସଭାପତି ଲକ୍ଷ୍ମୀ ମେହେର, ମନୋରଞ୍ଜନ ତ୍ରିପାଠୀ, ଗରିବ ଭୋଇ, ଲଡୁ କିଶୋର, ଅଲିଭୁଲ ଇସଲାମ ପୂର୍ଣ୍ଣିମାଙ୍କୁ ଭେଟି ୫ଶହ ଲେଖାଏଁ ଟଙ୍କା ଆର୍ଥିକ ସାହାଯ୍ୟ ଦେଇଥିଲେ। ବଲାଙ୍ଗୀରର ସମାଜସେବୀ ତଥା ଶ୍ରମିକ ନେତା ଲଳିତ କୁମାର ନାୟକ ୨ କୁଇଣ୍ଟାଲ ଚାଉଳ ଓ ୧ ହଜାର ଟଙ୍କା ପୂର୍ଣ୍ଣିମାଙ୍କ ଘରକୁ ଯାଇ ପ୍ରଦାନ କରିଛନ୍ତି। ସେହିପରି କିସ୍ ଅନୁଷ୍ଠାନର କର୍ମଚାରୀ ସୁରେଶ ସାହୁ ଏବଂ ମଧୁସୂଦନ ସାହୁ ପୂର୍ଣ୍ଣିମାଙ୍କ ସ୍ୱାମୀଙ୍କ ଶୁଦ୍ଧିକ୍ରିୟା ପାଇଁ ୨ ହଜାର ଟଙ୍କା ଦେଇଥିଲେ। ଏହାସହିତ ତାଙ୍କ ଝିଅମାନଙ୍କୁ କିସ୍ ଅନୁଷ୍ଠାନରେ ବିନାମୂଲ୍ୟରେ ପାଠ ପଢ଼ାଇବା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟପକ୍ଷରେ କଟକ, ଯାଜପୁର, ଭୁବନେଶ୍ୱର, ବଲାଙ୍ଗୀର, ସୋନପୁର ଆଦି ଅଞ୍ଚଳରୁ ବଦାନ୍ୟ ବ୍ୟକ୍ତିମାନେ ପୂର୍ଣ୍ଣିମାଙ୍କୁ ଆର୍ଥିକ ସାହାଯ୍ୟ ଦେବାକୁ ବ୍ୟାଙ୍କ ଆକାଉଣ୍ଟ ନମ୍ବର ମାଗିବା ସହ ଯୋଗାଯୋଗ କରୁଥିବା ଜାଣିବାକୁ ମିଳିଛି। ସେହିପରି ସୋମବାର ସକାଳ ୯ଟା ସମୟରେ କଣ୍ଟାମାଳ ବିଡିଓ ରବୀନ୍ଦ୍ର କଅଁର, ଜିପିଇଓ ସୁନୀଲ କୁମାର ନାଏକ, ମୁଖ୍ୟ କିରାଣୀ କୁବେର ତନ୍ତୀ, ବରିଷ୍ଠ କିରାଣୀ ହେମନ୍ତ କୁମାର ନାଏକ ପ୍ରମୁଖ ପୂର୍ଣ୍ଣିମାଙ୍କ ସ୍ୱାମୀଙ୍କ ଶୁଦ୍ଧିକ୍ରିୟାରେ ଯୋଗ ଦେଇଥିଲେ । ଏହାସହ ବିଡିଓ କଅଁର ଶୁଦ୍ଧିକ୍ରିୟା ପାଇଁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା, ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ପୂର୍ଣ୍ଣିମାଙ୍କୁ ପ୍ରଦାନ କରିଥିଲେ। ଆସନ୍ତା ମାସରୁ ତାଙ୍କୁ ବିଧବା ଭତ୍ତା ପ୍ରଦାନ କରାଯିବ ବୋଲି କହି ନିର୍ଦ୍ଧାରିତ ଫର୍ମରେ ତାଙ୍କ ହସ୍ତଖତ ନେଇଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଶେଷ ବିଲ୍ ବାବଦ ୩୦ ହଜାର ଟଙ୍କା ପୂର୍ଣ୍ଣିମାଙ୍କ ସ୍ୱାମୀଙ୍କ ଆକାଉଣ୍ଟକୁ ପଠାଇ ଦିଆଯାଇଛି। ବକେୟା ଥିବା ମନରେଗା ଯୋଜନାରେ ଶ୍ରମିକ ପାଉଣା ସାତଦିନ ମଧ୍ୟରେ ମିଳିଯିବ ଏବଂ ଆତ୍ମସାତ ହୋଇଥିବା ପାଇଖାନା ବିଲ୍‌ର ତଦନ୍ତ କରି ଶୀଘ୍ର ପ୍ରଦାନ କରାଯିବ ବୋଲି ବିଡିଓ କଅଁର କହିଛନ୍ତି ।


କଣ୍ଟାମାଳ ବିଡିଓ ପୂର୍ଣ୍ଣିମାଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରୁଛନ୍ତି ।

## ଗଜ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧା ମୂର୍ତ୍ତି

ବୌଦ୍ଧ,୧୭।୬(ସ୍ୱ.ପ୍ର)

ବୌଦ୍ଧ ଜଗନ୍ନାଥ ମନ୍ଦିର ସ୍ଥିତ ସ୍ନାନମଣ୍ଡପରେ ସୋମବାର ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନ କରାଯାଇଛି । ଏହାପରେ ଶ୍ରୀଜୀଉ ଭକ୍ତଙ୍କୁ ଗଜ ବେଶରେ ଦର୍ଶନ ଦେଇଛନ୍ତି । ପ୍ରଥମେ ସୁଦର୍ଶନ ଓ ପରେ ତିନିଠାକୁରଙ୍କୁ ପହଣ୍ଡି ବିଜେ କରାଇ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ୧୦୮ କଳସ ପବିତ୍ର ଜଳରେ ଠାକୁରମାନଙ୍କୁ ମହାସ୍ନାନ କରାଯାଇଥିଲା । ପରେ ପରମ୍ପରା ଅନୁଯାୟୀ ପୂଜା ଓ ମହାଆଳତୀ କରି ଭକ୍ତମାନଙ୍କ ଦର୍ଶନ ନିମନ୍ତେ ଦିନ ତମାମ ଠାକୁରମାନଙ୍କୁ ସ୍ନାନ ମଣ୍ଡପରେ ରଖାଯାଇଥିଲା। ମହାସ୍ନାନ ପରେ ବେଶକାରୀମାନେ ଠାକୁରଙ୍କୁ ଗଜବେଶରେ ସଜ୍ଜିତ କରିଥିଲେ। କୁହାଯାଏ ତିନିଠାକୁରଙ୍କ ଗଜବେଶରେ ଦର୍ଶନ ଦ୍ୱାରା ଜନ୍ମ ଜନ୍ମାନ୍ତର ପାପ ନାଶ ହୋଇଥାଏ।


ଗଜ ବେଶରେ ଦର୍ଶନ ଦେଉଛନ୍ତି ମହାବାହୁ ।

## ପୁରୁଷୋତ୍ତମ ଦିବ୍ୟଧାମରେ ସ୍ନାନପୂର୍ଣ୍ଣିମା

### ମହାପ୍ରଭୁଙ୍କ ଗଜାନନ ବେଶ

ପୁରୁଣାକଟକ,୧୭।୬(ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଠିଡିକାଯୋର ସ୍ଥିତ ପୁରୁଷୋତ୍ତମ ଦିବ୍ୟଧାମରେ ସୋମବାର ଦେବସ୍ନାନ ପୂର୍ଣ୍ଣିମା ଓ ପ୍ରଭୁଙ୍କ ଗଜାନନ ବେଶ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିପାଇଁ ଭୋର୍‌ରୁ ଶ୍ରଦ୍ଧାଳୁ ଭକ୍ତମାନେ ମହାନଦୀର ଧଳପୁର ଘାଟରୁ ପୂଜାର୍ଚ୍ଚନା ପରେ ଜଳ ଆଣିଥିଲେ । ମହାପ୍ରଭୁଙ୍କୁ ପହଣ୍ଡି କରି ସ୍ନାନ ମଣ୍ଡପରେ ବିଜେ କରାଇବା ପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥିଲା । ସ୍ନାନ ପରେ ମହାପ୍ରଭୁ ଗଜାନନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ । ଏଥିରେ ବାମଦେବ ଦାଶ, ସତ୍ୟଜିତ ପୁରୋହିତ, ଶୁଭ୍ରାଂଶୁ ଶେଖର ଦାଶ, ସଚ୍ଚିଦାନନ୍ଦ ପଣ୍ଡା, ଶଙ୍କର ମିଶ୍ର ପ୍ରମୁଖ ପୂଜାପଣ୍ଡା ଓ ଦଇତାପତି ସେବକ ସହଯୋଗ କରିଥିଲେ । ଦେବୋତ୍ତର ଅଧିକାରୀ ତଥା ତହସିଲଦାର ବବିତାରାଣୀ ଦଳବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟେକ କାର୍ଯ୍ୟ ସମାପନ ହେଇଥିଲା। ମହାପ୍ରଭୁଙ୍କ ଗଜାନନ ହାତୀ ବେଶ ଦର୍ଶନ ପାଇଁସନ୍ଧ୍ୟା ପର୍ଯ୍ୟନ୍ତ ଗହଳିଲାଗି ରହିଥିଲା।

## ହରଭଙ୍ଗା ବ୍ଲକରେ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି

ତଳଗାଁ,୧୭।୬(ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ଜିଲାପାଳ ସୀତାଂଶୁ କୁମାର ରାଉତ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ, ହରଭଙ୍ଗା ବିଡିଓ ରବିନ୍ଦ୍ର କୁମାର ଶତପଥି ପ୍ରମୁଖ ଯୋଗ ଦେଇ ଅଭିଯୋଗର ଶୁଣାଣି କରିଥିଲେ । ଏହି ଶିବିରରେ ୩୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କୂଅ, ଓ ଗୁହାଳ ବାବଦରେ ହିତାଧିକାରୀମାନେ ଅଭିଯୋଗ କରିଥିଲେ । ୯ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ପ୍ରଦାନ କରାଯାଇଥିଲା। ସରସ୍ୱତୀ ଦାସ, ମାଣିକ ଯାନୀ, ଅନୁ ବେହେରା, ଚମ୍ପେଶ୍ୱର ମହାକୁଡ, କୃଷ୍ଣ ନାଏକ, ଆର୍ତ୍ତବନ୍ଧୁ ସାହୁ, ରାଧା ବେହେରା, ଅର୍ଜୁନ ପ୍ରଧାନ, ବେଟିଖାଇ ସାହୁ ପ୍ରମୁଖଙ୍କୁ ଜିଲାପାଳ ନଗଦ ଆକାରରେ ଭତ୍ତା ଅର୍ଥ ପ୍ରଦାନ କରିଥିଲେ । ନିର୍ବାଚନ ଆଚରଣ ବିଧି ଯୋଗୁ ଦୀର୍ଘ ୩/୪ମାସ ପରେ ଅଭିଯୋଗ ଶୁଣାଣି ହୋଇଥିବା ବେଳେ ବହୁ ଜନସାଧାରଣ ଏହା ଉପରେ ଜାଣି ପାରି ନ ଥିଲେ। ଶିବିରରେ ଜିଲା ସ୍ତରୀୟ ବହୁ ଅଧିକାରୀ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା ।

## ତରଭା: ଦଧିବାମନଙ୍କ ସ୍ନାନଯାତ୍ରା

ତରଭା, ୧୭।୬ (ଡି.ଏନ.ଏ.)
ସୁବର୍ଣ୍ଣପୁର ଜିଲା ତରଭା ଶ୍ରୀ ଦଧିବାମନଙ୍କ ସ୍ନାନ ଯାତ୍ରା ରୀତିନୀତି ଅନୁଯାଇ ସମ୍ପନ୍ନ ହୋଇଛି । ସୋମବାର ସକାଳ ୮।୩୦ରେ ମନ୍ଦିରର ମୁଖ୍ୟ ପୂଜକ ଜଗଦୀଶ ପଜାହାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଡପ ମଣ୍ଡପରେ ପୂଜାର୍ଚ୍ଚନା ପରେ ସ୍ନାନ ମଣ୍ଡପକୁ ପହଣ୍ଡିବିଜେ କରାଯାଇଥିଲା। କଳସ ପୂଜା ପରେ ମହାପ୍ରଭୁଙ୍କୁ ସୁବାଷିତ ଜଳ ଓ ପଞ୍ଚାମୃତ ଜଳରେ ସ୍ନାନ କରାଯାଇଥିଲା । ତରଭା ରଥଯାତ୍ରା ପରିଚାଳନା କମିଟି ସଭାପତି ରତନଲାଲ ଅଗ୍ରୱାଲ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ସ୍ନାନ ପରେ ଗମ୍ଭିରା ଘରେ ଗୁପ୍ତ ନୀତି ପରେ ମହାପ୍ରଭୁ ଅଣସର ଗୃହକୁ ବିଜେ କରିଥିଲେ।

## ଡ୍ରେନ୍ ସଫେଇ କାର୍ଯ୍ୟ ତଦାରଖ କଲେ ଜିଲାପାଳ

ସୋନପୁର,୧୭।୬(ନି.ପ୍ର.)

ଆସୁଛି ମୌସୁମୀ। ଦିନେ ଦୁଇ ଦିନ ଭିତରେ ଓଡିଶାରେ ଆରମ୍ଭ ହେବ ମୌସୁମୀ ବର୍ଷା। ପୁଣି ଆଗକୁ ପ୍ରସିଦ୍ଧ ରଥଯାତ୍ରା। କିନ୍ତୁ ସୁବର୍ଣ୍ଣପୁର ସହରର ସବୁ ଡ୍ରେନ୍‌ରେ ମାଟି, ଆବର୍ଜନା ଭର୍ତ୍ତି। ପୌରପାଳିକା ପକ୍ଷରୁ ଡ୍ରେନ୍ ସଫା କରାଯାଉନି। କେତେକେ ସ୍ଥାନରେ ଡ୍ରେନ୍‌କୁ ଜବର ଦଖଲ କରି କୋଠା ନିର୍ମାଣ କରା ଯାଇଥିବାରୁ ସଫା କରିବା ପାଇଁ ସମସ୍ୟା ସୃଷ୍ଟି ହେଉଛି। ସାମାନ୍ୟ ବର୍ଷା ହେଲେ ସହର ଜଳାବର୍ଣ୍ଣ ହେବ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ସହରବାସୀଙ୍କ ଅସନ୍ତୋଷକୁ ଅନୁଭବ କରି ଜିଲାପାଳ ତଥା ପୌରପାଳିକାର ପ୍ରଶାସକ ମଧୁସୂଦନ ମିଶ୍ର ସୋମବାର ଅପରାହ୍ନରେ ପଟାଭାଡି, ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱ, ଖଦାଳପଡା, ଗୁଣ୍ଡିଚାମନ୍ଦିର ପାର୍ଶ୍ୱ ଓ ବଡବଜାର ସମେତ ବିଭିନ୍ନ ୱାର୍ଡ ବୁଲି ଡ୍ରେନ୍ ସଫେଇ କାର୍ଯ୍ୟର ତଦାରଖ କରିଥିଲେ। ଡ୍ରେନ୍‌ରେ ଆବର୍ଜନା ଭର୍ତ୍ତି ହୋଇ ରହିଥିବା ଦେଖିବା ସହ ସଫେଇକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ମଙ୍ଗଳବାରଠାରୁ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଛୋଟ ନାଳ ଓ ଡ୍ରେନ୍‌ର ସଫେଇ କାର୍ଯ୍ୟ ସାରିବାକୁ ଏବଂ କଠିନ ବର୍ଜ୍ୟବସ୍ତୁର ପରିଚାଳନା ସକାଶେ ପୌର ନିର୍ବାହୀ ଅଧିକାରୀ ଡ. ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲାପାଳଙ୍କ ସହିତ ଅତିରିକ୍ତ ଜିଲାପାଳ ତଥା ପିଡି ଡୁଡା ଶରତ ଚନ୍ଦ୍ର ପଣ୍ଡା ବିଭିନ୍ନ ୱାର୍ଡ ପରିଦର୍ଶନ କରି ଡ୍ରେନ୍‌ର ସ୍ଥିତି, ପରିମଳ ବ୍ୟବସ୍ଥା ଓ ଡ୍ରେନ୍ ଜବରଦଖଲ ସମ୍ପର୍କରେ ଅବଗତ ହୋଇଥିଲେ ।


ଜିଲାପାଳ ଓ ଅତିରିକ୍ତ ଜିଲାପାଳ ଡ୍ରେନ୍ ସଫେଇ କାର୍ଯ୍ୟର ତଦାରଖ କରୁଛନ୍ତି ।

### ଆସୁଛି ମୌସୁମୀ

## ଆଦ୍ୟାଶ୍ରୀ ଷ୍ଟ୍ରାଇକର, ଖୁସି ଫାଇଟର ବିଜୟୀ

ସୋନପୁର,୧୭।୬(ନି.ପ୍ର.)

### ରିଜର୍ଭ ପ୍ରିମିୟର ଲିଗ୍

ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆରେ ରିଜର୍ଭ ପ୍ରମିୟର ଲିଗ୍(ଆରପିଏଲ-୪)ରେ ସୋମବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଦ୍ୟାଶ୍ରୀ ଷ୍ଟ୍ରାଇକର ଓ ଖୁସି ଫାଇଟର ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ଆଦ୍ୟାଶ୍ରୀ ଷ୍ଟ୍ରାଇକର ଓ ପୱନ ହିରୋଜ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୱନ ହିରୋଜ୍ ଟସ୍ ଜିତି ପ୍ରଥମେ ଫିଲ୍‌ଡିଂ ପାଇଁ ନିଷ୍ପତ୍ତି ନେଇଥିଲା। ଆଦ୍ୟାଶ୍ରୀ ଷ୍ଟ୍ରାଇକର ୧୦ ଓଭର ଖେଳି ୫ ଉଇକେଟ ବିନିମୟରେ ୯୨ ରନ ସଂଗ୍ରହ କରିଥିଲା । ଜବାବରେ ପୱନ ହିରୋଜ୍ ୧୦ ଓଭରରେ ୭୮ ରନ କରିବାକୁ ସକ୍ଷମ ହୋଇଥିଲା। ଯଦୁଲାଲ ନନ୍ଦ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସୁଶାନ୍ତ ମିଶ୍ର ଓ କୁନା ନାୟକ ଖେଳ ପରିଚାଳନା କରିଥିଲେ। ଦ୍ୱିତୀୟ ମ୍ୟାଚ୍ ମାନ୍‌ଭି ବ୍ଲାଷ୍ଟର ଓ ଖୁସି ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାନ୍‌ଭି ବ୍ଲାଷ୍ଟର ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା। ଦଳ ୧୦ ଓଭରରେ ୬ ଉଇକେଟ୍ ହରାଇ ୫୯ ରନ୍ ସଂଗ୍ରହ କରିଥିଲା। ଖୁସି ଫାଇଟର ୮ ଓଭରରେ ୩ ଉଇକେଟ୍ ହରାଇ ୬୫ ରନ୍ ସଂଗ୍ରହ କରିଥିଲା। ବିଜୟୀ ଖୁସି ଫାଇଟରର ଇଲୁ ବିଶିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜେଶ କୁମାର ପାଣ୍ଡେ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଦୀନେଶ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ଆଲୋକ ପାତ୍ର, ଜିତୁ ସାହୁ ଓ ଜ୍ୟୋତିରଞ୍ଜନ ମିଶ୍ର ସହଯୋଗ କରିଥିଲେ।



ଖୁସି ଫାଇଟରର ଇଲୁ ବିଶିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।